R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୭୭
ତିଥି : ପ୍ରତିପଦ
୨୧ ଡିସେମ୍ବର ୨୦୨୫, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ ତରଙ୍ଗ ଟାବଲଏଡ ସହ

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 77
21 December 2025, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ହାତୀପଲକୁ ଧକ୍କା ଦେଲା ଟ୍ରେନ

# ୭ ହାତୀ ମୃତ



ନୂଆଦିଲ୍ଲୀ,୨୦।୧୨: ସାଇରଙ୍ଗ-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ ଆସାମର ନାଗାଓଁଠାରେ ଏକ ହାତୀପଲଙ୍କୁ ଧକ୍କା ଦେଇଛି । ଫଳରେ ୭ ହାତୀଙ୍କର ମୃତ୍ୟୁ ଘଟିଛି । ଆସାମର ହୋଜାଇ ଜିଲ୍ଲାରେ ଏଭଳି ଘଟଣା ଘଟିଥିବା ସୂଚନା ମିଳିଛି । ହାତୀପଲଙ୍କୁ ଧକ୍କା ଦେବା ପରେ ୫ ବଗୀ ଲାଇନଚ୍ୟୁତ ହୋଇଛି । ତେବେ କୌଣସି ଯାତ୍ରୀ ମୃତାହତ ହୋଇନାହାନ୍ତି ।

ପ୍ରଥମେ ୮ ଜଣ ହାତୀ ମୃତ୍ୟୁବରଣ କରିଥିବା ସୂଚନା ମିଳିଥିଲା । କେବଳ ପରେ ୭ ମୃତ୍ୟୁବରଣ କରିଛନ୍ତି ଓ ଜଣେ ଆହତ ହୋଇଥିବା ସୂଚନା କୁହାଯାଇଛି । ୨୦ ତାରିଖ ରାତି ୨.୧୭ ମିନିଟରେ ଏହି ଦୁର୍ଘଟଣା ଘଟିଥିଲା । ନାଗାଓଁ ଡିଜିଜନର ଜଙ୍ଗଲ ଅଧିକାରୀ ସୁହାସ କାଡାମ କହିଛନ୍ତି ଯେ, ଚାଙ୍ଗ୍ୟୁରାଇ ଗ୍ରାମ ନିକଟରେ ଏହି ଘଟଣା ଘଟିଛି । ଯେତେବେଳେ ରେଲଧାରଣ ଅତିକ୍ରମ କରିଯାଉଥିଲେ ସେ ସମୟରେ ଏହି ଘଟଣା ଘଟିଛି । ତୁରନ୍ତ ସ୍ଥାନୀୟ ଭେଟେନାରୀ ଡାକ୍ତର ଆହତ ହୋଇଥିବା ହାତୀଙ୍କର ଚିକିତ୍ସା କରିଥିଲେ । ଏନଏଫଆର୍ ମୁଖପାତ୍ର କିଶୋର ( ୯ ପୃଷ୍ଠାରେ )

### ▲ ୫ ବଗି ଲାଇନଚ୍ୟୁତ
### ▲ ସମସ୍ତ ଯାତ୍ରୀ ସୁରକ୍ଷିତ

## ପ୍ରଦୂଷଣ ପ୍ରମାଣପତ୍ର ନଥିଲେ ମିଳିବନି ତେଲ



### ସବୁ କମ୍ପାନୀକୁ ପରିବହନ ବିଭାଗ ଚିଠି

ଭୁବନେଶ୍ୱର,୨୦।୧୨,(ସବ୍ୟୁ) : ବାୟୁଗୁଣାବତ୍ତାର ସ୍ଥିତିକୁ ଦୃଷ୍ଟିରେ ରଖି ପରିବହନ କ୍ଷେତ୍ରରେ ପରିବେଶର ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯାଉଛି । ଏଣିକି ବୈଧ ପ୍ରଦୂଷଣ ପ୍ରମାଣ ପତ୍ର ନଥିଲେ ଏଣିକି ପେଟ୍ରୋଲ ପମ୍ପରୁ ତେଲ ମିଳିବ ନାହିଁ । ମୋଟରଯାନ ନିୟମ ଉଲ୍ଲଂଘନ କରି ପ୍ରଦୂଷଣ ସୃଷ୍ଟି କରୁଥିବା ଯାନବାହାନ ଉପରେ ଅଙ୍କୁଶ ଲଗାଇବାକୁ ପଦକ୍ଷେପ ନେଇଛନ୍ତି । ବିଭାଗୀୟ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶକ୍ରମେ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ଆରମ୍ଭ ହୋଇଛି ।

ଏହି ମର୍ମରେ ତୈଳ ବିକ୍ରୟକାରୀ କମ୍ପାନୀକୁ ଚିଠି ଲଖାଯାଇଛି । ଏଥିରେ ଉଲ୍ଲେଖ କରାଯାଉଛି ଯେ, ଯେଉଁ ଗାଡିର ବୈଧ ପ୍ରଦୂଷଣ ପ୍ରମାଣପତ୍ର ନଥିବା କୌଣସି ପେଟ୍ରୋଲ ପମ୍ପ ଉକ୍ତ ଗାଡିକୁ ତେଲ ଦେବ ନାହିଁ । ବିଭିନ୍ନ ଜିଲ୍ଲାରେ ବାୟୁଗୁଣବତାମାନଙ୍କୁ ଉନ୍ନତ ରଖାଯିବ ଓ ପରିବହନ ଯୋଗୁଁ ହୋଇଥିବା ପ୍ରଦୂଷଣକୁ କମ କରାଯାଇପାରିବ । ମୋଟର ଯାନ ଆଇନ ଅନୁଯାୟୀ ବୈଧ ପ୍ରଦୂଷଣ ପ୍ରମାଣପତ୍ର ରଖିବା ବାଧ୍ୟତାମୂଳକ । ଏଥିପାଇଁ ଗାଡ଼ି ଗୁଡିକ ନିୟମିତ ବ୍ୟବଧାନରେ ପଞ୍ଜିକୃତ ପ୍ରଦୂଷଣ ପରୀକ୍ଷା କେନ୍ଦ୍ରରେ ଯାଞ୍ଚ କରିବାକୁ ହୋଇଥାଏ । ଏହା ନଥିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନର ମଧ୍ୟ ବ୍ୟବସ୍ଥା ରହିଛି । ସମସ୍ତ ଟୋଲଗେଟରେ ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚ ଲାଗି ଇ-ଡିଟେକ୍ସନ ବ୍ୟବସ୍ଥାରେ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି । ବିଭାଗ ପକ୍ଷରୁ କୁହାଯାଇଛି ଯେ, ସର୍ବଦା ଗାଡିର ବୈଧ ପ୍ରଦୂଷଣ ପ୍ରମାଣପତ୍ର ରଖନ୍ତୁ, ପ୍ରଦୂଷଣ ସୃଷ୍ଟି କରୁଥିବା ଯାନକୁ ବ୍ୟବହାର କରନ୍ତୁ ନାହିଁ । ରାଜ୍ୟର ବିଭିନ୍ନ ଜିଲ୍ଲାର ବାୟୁ ଗୁଣବାତାମାନଙ୍କୁ ଉନ୍ନତ ରଖାଯିବ ବୋଲି ବିଶେଷକରି ପରିବହନ ଯୋଗୁଁ ହୋଇଥିବା ପ୍ରଦୂଷଣ କମାଯାଇପାରିବ ବୋଲି ଆଶା କରାଯାଇଛି ।

## ଓପିଆର୍‌ବି ଏସ୍‌ପିଙ୍କୁ ଜେରା, ୩ ଅଫିସରଙ୍କୁ ନୋଟିସ୍

ଭୁବନେଶ୍ୱର,୨୦।୧୨,(ସବ୍ୟୁ): ଏସ୍‌ଆଇ ନିଯୁକ୍ତି ଘୋଟାଲାରେ ଓପିଆର୍‌ବିର ଏସ୍‌ପିଙ୍କୁ ସିବିଆଇ ଜେରା କରିଥିବା ବେଳେ ଆଉ ୩ ଅଫିସରଙ୍କୁ ହାଜର ହେବାକୁ ନୋଟିସ୍ ହୋଇଥିବା ସୂଚନା ମିଳିଛି । ଶଙ୍କର ପୃଷ୍ଟି ସହ ଓପିଆର୍‌ବି ଏସ୍‌ପିଙ୍କ କ୍ରସ ଜେରା କରାଯାଇଥିଲା ।

ଶଙ୍କର ପୃଷ୍ଟି, ସାଗର ଗୌଡ ଓ ସୁରେଶ ନାୟକଙ୍କୁ ଚାରିଦିନିଆ ରିମାଣ୍ଡରେ ସିବିଆଇ ଆଣି ଅବିଶ୍ରାନ୍ତ ଜେରା କରୁଛି । ସୁରେଶ ନାୟକ ସିଲିକନ ଟେକ୍ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ । ସେହିପରି ଗୁଜରାଟର ଆଇଟିଆଇ ଲିମିଟେଡ୍‌ର ଜଣେ ମହିଳା କର୍ମକର୍ତ୍ତାଙ୍କୁ ସିବିଆଇ ଗିରଫ କରି ଜେରା କରି ତଥ୍ୟ ସଂଗ୍ରହ କରିଛି । ଓପିଆର୍‌ବି ଗୁଜରାଟର ଆଇଟିଆଇ ଲିମିଟେଡ୍‌କୁ କିପରି ଏସ୍‌ଆଇ ନିଯୁକ୍ତି ଟେଣ୍ଡର ଦେଇଥିଲେ ତାହାର ତଥ୍ୟ ମଧ୍ୟ ସିବିଆଇ ହାତରେ ଲାଗିଛି । ଆଇଟିଆଇ ଲିମିଟେଡ୍ ସିଲିକନ୍ ଟେକ୍ ଏଜୁକେସନ ପ୍ରାଇଭେଟ୍ ଲିମିଟେଡ୍‌କୁ ନିଯୁକ୍ତି ଦାୟିତ୍ୱ ପାଇଁ ସବ୍‌ଟେଣ୍ଡର ଦେଇଥିଲା । ସିଲିକନ୍ ଟେକ୍‌ରେ କର୍ମଚାରୀ ନଥିବା ବେଳେ ସେ

### ଏସ୍‌ଆଇ ନିଯୁକ୍ତି ଘୋଟାଲା

କିପରି ଏସ୍‌ଆଇ ନିଯୁକ୍ତିକୁ ପରିଚାଳନା କରିବ ତାହା ମଧ୍ୟ ଉପିଆର୍‌ବି ଅନୁଧାନ କଲାନାହିଁ । ଘୋଟାଲାର ମାଷ୍ଟରମାଇଣ୍ଡ୍ ଶଙ୍କର ପୃଷ୍ଟିକୁ ସିଲିକନ୍ ଟେକ୍ ଦାୟିତ୍ୱ ଦେଇଥିଲା । ଶଙ୍କର ସଂସ୍ଥା ପରୀକ୍ଷା କରାଇବା ଠାରୁ ଆରମ୍ଭ କରି ଆଶାୟୀ ଯୋଗାଡ କରିବା ପର୍ଯ୍ୟନ୍ତ କାର୍ଯ୍ୟକୁ ପରିଚାଳନା କରୁଥିଲା । ଶଙ୍କରର ସୂଚନା ଅନୁଯାୟୀ ହଜାରେ କୋଟି ଟଙ୍କାର ଘୋଟାଲା ହୋଇଛି । ଶଙ୍କର ପିଲା ଯୋଗାଡ କରିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରେ ଏଜେଣ୍ଟ ନିଯୁକ୍ତ କରିଥିଲା । ୨୫ଲକ୍ଷ ଟଙ୍କାରୁ ୧୦ଲକ୍ଷ ଅଗ୍ରୀମ ନେବା ସହ ସାର୍ଟିଫିକେଟ୍ ଆଦାୟ କରୁଥିଲେ ଶଙ୍କର ଦ୍ୱାରା ନିଯୁକ୍ତ ଦଲାଲ । ଓପିଆର୍‌ବିର ୪ ଅଫିସରଙ୍କ ସମ୍ପର୍କରେ ସିବିଆଇ ତଥ୍ୟ ସଂଗ୍ରହ କରି ଏସ୍‌ପିଙ୍କୁ ଶନିବାର ଜେରା କରିଥିବା ବେଳେ ଆଉ ତିନିଜଣ ଅଫିସରଙ୍କୁ ନୋଟିସ୍ କରିଛି ହାଜର ହେବାକୁ । ସେମାନେ ହାଜର ହେଲେ ଦଲାଲଙ୍କ ଠାରୁ ମିଳିଥିବା ତଥ୍ୟ ଅନୁଯାୟୀ ତାଙ୍କୁ ଜେରା କରାଯିବ । ଆବଶ୍ୟକ ହେଲେ ଘୋଟାଲାରେ ସମ୍ପୃକ୍ତି ଥିବା ଅଫିସରଙ୍କୁ ଗିରଫ କରାଯାଇପାରେ ।

## ଷ୍ଟାଚ୍ୟୁ ଅଫ୍ ଇକ୍ୱାଲିଟି ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୦।୧୨,(ସବ୍ୟୁ): ହାଇଦ୍ରାବାଦରେ ଥିବା ଜଗତଗୁରୁ ଶ୍ରୀ ରାମାନୁଚାର୍ଯ୍ୟଙ୍କ ଷ୍ଟାଚ୍ୟୁ ଅଫ୍ ଇକ୍ୱୋଲିଟି (ସମାନତାର ପ୍ରତୀକ) ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଜି ପରିଦର୍ଶନ କରିଛନ୍ତି । ମୁଖ୍ୟମନ୍ତ୍ରୀ ସେଠାରେ ଏହି ସନ୍ଥ, ଦାର୍ଶନିକଙ୍କୁ ତାଙ୍କ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ସେଠାକୁ ଯାଇଥିଲେ ।

ଏହି ଗସ୍ତ ସମୟରେ ଏହି ପ୍ରତିନିଧି ଦଳ ଶ୍ରୀ ଶ୍ରୀ ତ୍ରିଦଣ୍ଡି ଚିନ୍ନା ଶ୍ରୀମନ୍ନ ନାରାୟଣ ରାମାନୁଜ ଜେଆର୍ ସ୍ୱାମୀଜୀଙ୍କୁ ସାକ୍ଷାତ କରିଥିଲେ । ଏମାନଙ୍କ ମଧ୍ୟରେ ଅନେକ ଭାବପୂର୍ଣ୍ଣ ମତବିନିମୟ ହୋଇଥିଲା । ବିଶେଷ କରି ଭାରତର ଆଧ୍ୟାତ୍ମିକ ପରମ୍ପରା ସମନ୍ୱିତ ଦର୍ଶନ ଏବଂ ରାମାନୁଚାର୍ଯ୍ୟଙ୍କ ସମାଜ ପାଇଁ ଥିବା ଶିକ୍ଷା ସମ୍ପର୍କରେ ଆଲୋଚନା ହୋଇଥିଲା । ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାମୀଜୀ ଆଶୀର୍ବାଦ କରିବା ସହ ଓଡ଼ିଶାବାସୀଙ୍କ ଶାନ୍ତି,ପ୍ରଗତୀ ଓ ସମୃଦ୍ଧି ପାଇଁ ଶୁଭକାମନା ଜଣାଇଥିଲେ । ଏହି ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ମଧ୍ୟ ଶ୍ରୀ ରାମାଚାର୍ଯ୍ୟଙ୍କ ସମ୍ପର୍କରେ ଲେଖାଯାଇଥିବା ଏକ ଓଡ଼ିଆ ଭଜନକୁ ଉନ୍ମୋଚନ କରିଥିଲେ । ଏହାକୁ ଶ୍ରୀ ସ୍ୱାମୀଜୀ ଲେଖିଥିଲେ । ଏହି ଗୀତରେ ଜୀବନ, ଦର୍ଶନ ଓ ଆଧ୍ୟାତ୍ମିକତା ( ୯ ପୃଷ୍ଠାରେ)

## ବାଂଲାଦେଶ ସେନା ମୁଖ୍ୟଙ୍କ ସହ କଥା ହେଲେ ଭାରତୀୟ ସେନା ମୁଖ୍ୟ

ନୂଆଦିଲ୍ଲୀ,୨୦।୧୨: ବାଂଲାଦେଶରେ ହିଂସା ପରିସ୍ଥିତି ସୃଷ୍ଟି ହୋଇଛି । ତେବେ ଇତିମଧ୍ୟରେ ଭାରତୀୟ ସେନା ମୁଖ୍ୟ ଓ ବାଂଲାଦେଶ ସେନା ମୁଖ୍ୟଙ୍କ ସହ ସିଧାସଳଖ ଯୋଗାଯୋଗ କରି ସ୍ଥିତି କିଭଳି ଅଛି ସେ ସମ୍ପର୍କରେ ପଚାରି ବୁଝିଛନ୍ତି । ବାଂଲାଦେଶ ସେନା ମୁଖ୍ୟ ଭାରତକୁ ଆଶ୍ୱସ୍ଥ କରିଛନ୍ତି ଯେ ବାଂଲାଦେଶରେ ଥିବା ଭାରତୀୟ ସମ୍ପତି ଗୁଡିକ ସୁରକ୍ଷିତ ରହିଛି । ଢ଼ାକା ପକ୍ଷରୁ ଏହି ପ୍ରତିବଦ୍ଧତା ରହିଛି ଏବଂ ଉତ୍ତେଜନା ପ୍ରବଣ ଅଞ୍ଚଳରେ ସୁରକ୍ଷାକୁ ଜୋରଦାର କରାଯାଇଛି ।

ଭାରତ ବିରୋଧୀ କୁହାଯାଉଥିବା ସରିଫ ଉସମାନ ହବିବଙ୍କ ମୃତ୍ୟୁ ପରେ ବାଂଲାଦେଶ ସ୍ଥିତି ଖରାପ ହୋଇଥିଲା । ସେକ ହାସିନାଙ୍କ ସରକାରକୁ ହଠାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରାଯାଇଥିଲା । ତାଙ୍କୁ ହତ୍ୟା କରାଯିବା ପରେ ବାଂଲାଦେଶରେ ହିଂସା ଘଟିଥିଲା । ଭାରତ ଓ ବାଂଲାଦେଶ ସମ୍ପର୍କରେ ଅନ୍ତରୀଣ ସରକାର ମହମ୍ମଦ ୟୁନିସଙ୍କ ନେତୃତ୍ୱରେ ଗଠନ ହେବା ପରେ ତିକ୍ତତା ବଢ଼ିଛି । ବିଶେଷ କରି ସେଠାରେ ଥିବା ସଂଖ୍ୟାଲଘୁ ହିନ୍ଦୁମାନଙ୍କ ( ୯ ପୃଷ୍ଠାରେ)

## ଭିଜିଲାନ୍ସ ଜାଲରେ ରେଞ୍ଜର ରାଜେନ୍ଦ୍ର କୁମାର

ଜଗତସିଂହପୁ,୨୦।୧୨,(ସବ୍ୟୁ): ଆୟ ବର୍ହିଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଜଗତସିଂହପୁର ଜିଲ୍ଲା ରାହାମା ବନ

### ବିପୁଳ ନଗଦ ଟଙ୍କା ସହିତ ସୁନା ଅଳଙ୍କାର ଓ ଦାମୀ ପ୍ଲଟ ଠାବ

ବିଭାଗର ରେଞ୍ଜର ରାଜେନ୍ଦ୍ର କୁମାର ସାମନ୍ତରାୟଙ୍କ ଘରେ ଭିଜିଲାନସ ପକ୍ଷରୁ ଚଢ଼ାଉ କରାଯାଉଛି । ରେଞ୍ଜରଙ୍କର ସଦର ଥାନା ଚାଟରା ସ୍ଥିତ ବାସ ଭବନ,ତିର୍ତ୍ତୋଲ ଥାନା ସାମନ୍ତରାୟପୁର ସ୍ଥିତ ପୈତୃକ ବାସ ଭବନ,ସାଁପୁର ସ୍ଥିତ ଅଫିସ କାର୍ଯ୍ୟାଳୟ ଓ ସରକାରୀ ବାସ ଭବନକୁ ମିଶାଇ ମୋଟ ୪ଟି ସ୍ଥାନରେ ଏକ ସାଙ୍ଗରେ ଚଢାଉ କରାଯାଇଥିଲା । କଟକ ଭିଜିଲାନ୍‌ସ ବିଭାଗର ସ୍ୱତନ୍ତ୍ର ବିଚାରପତିଙ୍କ ନିର୍ଦ୍ଦେଶ କ୍ରମେ କଟକ ଭିଜିଲାନସ ବିଭାଗର ଅତିରିକ୍ତ ଏସପି ହରପ୍ରୀୟା ନାୟକଙ୍କ ନେତୃତ୍ୱରେ ୨ଜଣ ଅତିରିକ୍ତ ଏସପି, ୫ ଜଣ ଡିଏସପି,୮ ଜଣ ଡିଏସପି ଓ ଅନ୍ୟାନ୍ୟ କର୍ମଚାରୀଙ୍କୁ ନେଇ ଏକ ସଙ୍ଗରେ ଚଢାଉ କରାଯାଇଥିଲା ।

ଏହି ଚଢାଉ ସମୟରେ ରାଜେନ୍ଦ୍ରଙ୍କ ଚାଟରା ଠାରେ ଏକ ୫୫୦୦ ବର୍ଗ ଫୁଟର ଜାଗା ଉପରେ ୩ ମହଲା ଆଲିସାନ ବଙ୍ଗଳା,ପୈତୃକ ଗ୍ରାମ ସାନ୍ତରାୟପୁର ଠାରେ ୨୫୦୦ ବର୍ଗଫୁଟର ୨ ମହଲା ଘର,୨ଟି ଜଗତସିଂହପୁରରେ ଓ ୧ଟି କଟକ ଟାଉନରେ ଦାମୀ ପ୍ଲଟ,ନଗଦ ୩ଲକ୍ଷ ୫୦ ହଜାର ଟଙ୍କା,୬୭ ଲକ୍ଷର ବ୍ୟାଙ୍କ ଓ ପୋଷ୍ଟାଲ ଡିପୋସିଟ,୨୦୦ ଗ୍ରାମ ସୁନା ଅଳଙ୍କାର,୧ଟି ବୋଲେରୋ ଓ ୨ଟି ଦୁଇ ଚକିଆ ଯାନକୁ ( ୯ ପୃଷ୍ଠାରେ)

## କର୍ଣ୍ଣେଲ ଶର୍ମାଙ୍କୁ ଗିରଫ କଲା ସିବିଆଇ

ନୂଆଦିଲ୍ଲୀ,୨୦।୧୨: କର୍ଣ୍ଣେଲ ଦୀପକ କୁମାର ଶର୍ମାଙ୍କୁ ଲାଞ୍ଚ ନେବା ଓ କେତେକ ବ୍ୟବସାୟୀଙ୍କୁ ଅନୁଚ୍ୟୁତ ଅନୁଗ୍ରହ ଦେଖାଇବା ଅଭିଯୋଗରେ ସିବିଆଇ ଗିରଫ କରିଛି । ସିବିଆଇ ପକ୍ଷରୁ ବେଙ୍ଗାଲୁରୁ, ଜାମ୍ମୁ ଓ ଶ୍ରୀଗଙ୍ଗନଗରରେ ଆଦି ଚଢ଼ାଉ କରାଯାଇ ବିପୁଳ ପରିମାଣର ଅର୍ଥ ଜବତ ହୋଇଛି । ଚଢ଼ାଉ ସମୟରେ ତାଙ୍କ ଘରୁ ୩ ଲକ୍ଷ ଲାଞ୍ଚ ନେଇଥିବା ଅର୍ଥ ସମେତ ୨ କୋଟି ୨୩ ଲକ୍ଷ ନଗଦ ଅର୍ଥ ଜବତ ହୋଇଛି । ଅଭିଯୋଗ ଅନୁଯାୟୀ

### ଯାଞ୍ଚ ବେଳେ ବିପୁଳ ଟଙ୍କା ଜବତ

କର୍ଣ୍ଣେଲ ଦୀପକ କୁମାର ଶର୍ମା ପ୍ରତିରକ୍ଷା ମନ୍ତ୍ରଣାଳୟର ପ୍ରତିରକ୍ଷା ଉତ୍ପାଦନ ବିଭାଗରେ କାର୍ଯ୍ୟ କରୁଥିଲେ । ଶ୍ରୀ ଶର୍ମା ଅଭ୍ୟାସଗତ ଭାବେ ଦୁର୍ନୀତି ବେଆଇନ କାରବାର ଓ ଅପରାଧିକ ଷଡଯନ୍ତ୍ର ସହ ବିଭିନ୍ନ ଘରୋଇ କମ୍ପାନୀର ପ୍ରତିନିଧିମାନଙ୍କୁ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ ଓ ରପ୍ତାନୀରେ ଅନୁଚିତ ଅନୁଗ୍ରହ ଦେଖାଇଥିଲେ । ଅଭିଯୋଗ ଅନୁଯାୟୀ ବାଙ୍ଗାଲୋରର ଏକ କମ୍ପାନୀ ଯିଏ ଭାରତରେ ତାର ଅପରେସନ ଦେଖୁଥିଲା ଏହି କମ୍ପାନୀର ରାଜୀବ ଯାଦବ ଓ ରବଜିତ ସିଂ କର୍ଣ୍ଣେଲ ଶର୍ମାଙ୍କ ସହ ନିୟମିତ ସମ୍ପର୍କରେ ଥିଲେ । ସେମାନଙ୍କୁ ଅନୁଗ୍ରହ ଦେଖାଉଥିଲେ ।

## ରାସ୍ତା ଅବରୋଧ କରି ଖୁଚୁରାରେ ଧାନ ବିକିଲେ




ସୋନପୁର,୨୦।୧୨,(ସବ୍ୟୁ) : ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ପଣ୍ଡକିଟାଲ ସଂସାମୁରା ରାସ୍ତା କଉଡିଆମୁଣ୍ଡା ଛକ ଠାରେ ଶନିବାର ଧାନର ଅଭାବୀ ବିକ୍ରି ଏବଂ ଟୋକନ୍ ସମସ୍ୟାକୁ ନେଇ ଚାଷୀଙ୍କ ଧାନ ବସ୍ତା ରଖି ରାସ୍ତା ଅବରୋଧ କରିବା ସହିତ ଭିନ୍ନ ପ୍ରକାରେ ଆନ୍ଦୋଳନ କରିଥିଲେ । ହାତରେ ନିକିତି ବଟକରା ଧରି ଧାନ କେଜି ୧୦ ଟଙ୍କାରେ କିଣ କୋହଭରା କଣ୍ଠରେ ଉଚ୍ଚ ସ୍ୱରରେ ଡାକିବାର ଓ ସରକାର ଆମ ଧାନ କିଣ କହି ରାସ୍ତା ଉପରେ ମୁଣ୍ଡିଆ ମାରିବା ଦେଖା ଯାଇଥିଲା । ଚାଷୀଙ୍କ କହିବା ଅନୁଯାଇ ଶଙ୍କରା ପ୍ୟାକ୍ସରେ ଗତ ୯ ତାରିଖରୁ ମଣ୍ଡି ଖୋଲା ହୋଇଥିଲେ ହେଁ ଧାନ କିଣା ହେଉନାହିଁ । ରବି ଚାଷ ପାଇଁ ତଳି ପକାଇବାକୁ ବିହନ କିଣିବା ଜରୁରୀ ଥିଲେ ହେଁ ପଇସା ଅଭାବରୁ ବିହନ କିଣି ପାରୁନାହାନ୍ତି । ବ୍ଲକର ବିଭିନ୍ନ ମଣ୍ଡିରେ ନାମକୁ ମାତ୍ର ମଣ୍ଡି ଖୋଲି ଧାନ କିଣା ହେଉନଥିବାରୁ ଚାଷୀଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ । ଚାଷୀ ମାନେ ରାଜରାସ୍ତାକୁ ଓହ୍ଲାଇ ବାକୁ ବାଧ ହେଲେଣି ସୂଚନା ଅନୁସାରେ ଗତମାସ ୯ ତାରିଖରୁ ଜିଲ୍ଲାରେ ଧାନ ମନ୍ଦିର ଶୁଭାରମ୍ଭ ହୋଇଥିବା ବେଳେ ମଣ୍ଡିରୁ ଧାନ ଉଠିନାହିଁ ଏବଂ ଚାଷୀଙ୍କ ଟୋକନ ଆସିନାହିଁ । ଫଳରେ ଚାଷୀ ନିଜର ଉପାର୍ଜିତ ଧାନକୁ ବିକ୍ରି କରିବା ଚିନ୍ତାରେ ପକାଇ ଦେଇଛି । ଏଣୁ ଯଥାଶୀଘ୍ର ଚାଷୀଙ୍କ ଧାନ କ୍ରୟ କରିବା ପାଇଁ ଚାଷୀ ମାନେ ଆକୁଳ ନିବେଦନ କରିଛନ୍ତି । ଦୁଃଖର ବିଷୟ ଯେ ଚାଷୀଙ୍କ ପାଖକୁ କୌଣସି ପ୍ରଶାସନ ଅଧିକାରୀ ଯାଇନଥିଲେ । ଫଳରେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି ।

ସେହିପରି ପୂର୍ବରୁ ପୂର୍ବତନ ପିସିସି ସଭାପତି ନିରଞ୍ଜନ ( ୯ ପୃଷ୍ଠାରେ)

### ଚାଷୀଙ୍କ ଅଭିନବ ପ୍ରତିବାଦ

## ଗରିବଙ୍କ ଅଧିକାର ପାଇଁ ଲଢ଼େଇ ଜାରି ରହିବ



ନୂଆଦିଲ୍ଲୀ,୨୦।୧୨: ଏମଜିନରେଗା ପରିବର୍ତ୍ତେ ପାରିତ ହୋଇଥିବା ଭିବି-ଜି-ରାମ- ଜି ବିଲ ସଂସଦରେ ପାରିତ ହେବା ପ୍ରସଙ୍ଗ କଂଗ୍ରେସ ସଂସଦୀୟ ଦଳର ଅଧକ୍ଷା ସୋନିଆ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି । ସେ କହିଛନ୍ତି ଯେ, ଗରିବଙ୍କ ଅଧିକାର ପାଇଁ କଂଗ୍ରେସ ପୂର୍ବରୁ ଲଢ଼େଇ କରୁଥିଲା ଓ ଏହି ଲଢ଼େଇ ପୁଣି ଜାରି ରହିବ । ବିଲଟି ଗରିବ ବିରୋଧୀ ହୋଇଥିବାରୁ ସେ ଏହାକୁ କଳା ଆଇନ ବୋଲି ଦର୍ଶାଇଛନ୍ତି ।

ଦଳର କର୍ମୀ ଓ ସମର୍ଥକଙ୍କୁ ଏକ ଭିଡ଼ିଓ ବାର୍ତ୍ତାରେ ଉଦବୋଧନ ଦେଇ ଶ୍ରୀମତୀ ଗାନ୍ଧୀ କହିଛନ୍ତି ଯେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି ଆଇନ ଦୀର୍ଘ ୨୦ ବର୍ଷ ପୂର୍ବେ ସ୍ୱର୍ଗତଃ ମନମୋହନ ସିଂଙ୍କ ପ୍ରଧାନମନ୍ତ୍ରୀଙ୍କ କାଳରେ ପାରିତ ହୋଇଥିଲା । ସଂସଦରେ ଏହା ପାରିତ ହେବା ସମୟରେ ସବୁ ଦଳ ଗୁଡିକର ସହମତି ଥିଲା । କୋଟି କୋଟି ଗରିବ ପରିବାରକୁ ଏହି ବୈପ୍ଲବିକ ପଦକ୍ଷେପ ଯୋଗୁଁ ସୁବିଧା ପାଉଥିଲେ । ବିଶେଷକରି ବଞ୍ଚିତ ଓ ଶୋଷିତ ହେଉଥିବା ସମାଜ ଏହି ଯୋଜନାରୁ ସୁବିଧା ପାଉଥିଲେ । ଏହି ଯୋଜନାରେ ଗ୍ରାମୀଣ ପରିବାରକୁ ଜୀବନ ଜୀବିକା ଯୋଗାଇ ଦିଆଯାଉଥିଲା । ଫଳରେ ଦାଦନ ସଂଖ୍ୟା ହ୍ରାସ ପାଇଥିଲା ଓ ନିଜ ଗାଁରେ କାର୍ଯ୍ୟ ମିଳୁଥିଲା । ମନେରେଗା ପଞ୍ଚାୟତ ଗୁଡିକ ଶକ୍ତିଶାଳୀ କରିଥିଲା ଓ ମହାତ୍ମା ଗାନ୍ଧିଙ୍କ ଦୂରଦୃଷ୍ଟି ଗ୍ରାମସ୍ୱରାଜକୁ ପ୍ରତିଫଳନ କରିଥିଲା । ( ୯ ପୃଷ୍ଠାରେ)

### ଏମଜିନରେଗାର ନାମ ପରିବର୍ତ୍ତନକୁ ନେଇ ସୋନିଆଙ୍କ କ୍ଷୋଭ

## ଇତିହାସ

୧୮୯୮ – ରେଡିୟମର ଆବିଷ୍କାର ହୋଇଥିଲା ।

୧୯୧୦ – ଇଂଲଣ୍ଡର ହୁଲେଟେନ୍‌ରେ କୋଇଲା ଖଣିରେ ବିସ୍ଫୋରଣ ଘଟି ୩୪୪ ଶ୍ରମିକଙ୍କ ମୃତ୍ୟୁ ।

୧୯୧୪ – ଆମେରିକାର ପ୍ରଥମ ନିର୍ବାକ ହାସ୍ୟ ଫିଚର ଫିଲ୍ମ ଟିଲ୍ଲୀସ ପଞ୍ଚର୍ଡ ରୋମାନ୍ସ ରିଲିଜ୍ ହୋଇଥିଲା ।

୧୯୪୯ – ପର୍ତ୍ତୁଗିଲ ଶାସକ ଇଣ୍ଡୋନେସିଆକୁ ସ୍ୱାଧୀନ ରାଷ୍ଟ୍ର ଘୋଷଣା କରିଥିଲେ ।


୧୯୬୩ – ବଲିଉଡ ଅଭିନେତା ଗୋବିନ୍ଦାଙ୍କ ଜନ୍ମଦିନ ।

୧୯୭୫ – ମାଡାଗାସ୍କରରେ ସମ୍ବିଧାନ ଲାଗୁହୋଇଥିଲା ।

୧୯୯୮ – ନେପାଳ ପ୍ରଧାନମନ୍ତ୍ରୀ ଗିରିଜା ପ୍ରସାଦ କୋଇରାଲାଙ୍କର ଇସ୍ତଫା ।

୨୦୧୧ – ଦେଶର ପରିଚିତ ପରମାଣୁ ବୈଜ୍ଞାନିକ ପି.କେ ଆୟଙ୍ଗରଙ୍କର ନିଧନ ।

## ରଖନ୍ତୁ ଖାଦ୍ୟ ବ୍ୟାୟାମର ଧ୍ୟାନ



ଶୀତଦିନେ ସାଧାରଣତଃ କୌଣସି କାର୍ଯ୍ୟ କରିବାକୁ ଇଚ୍ଛା ହୋଇନଥାଏ । ଏପରିକି କେଉଁଆଡେ ଯିବା କିମ୍ବା ବାହାରକୁ ଯାଇ ବ୍ୟାୟାମ କରିବା ସମ୍ଭବ ହୋଇନଥାଏ । ତେଣୁ ଏହିଦିନେ ଅନେକ ଲୋକ ନିଜର ବ୍ୟାୟାମକୁ ବନ୍ଦ କରିଦେଇଥାଆନ୍ତି । ହେଲେ ଏଭଳି ନକରି ଘରେ ଛୋଟମୋଟ ବ୍ୟାୟାମ କରି ଆପଣ ଏହି ଦିନେ ସୁସ୍ଥ ରହିପାରିବେ । ଏହିଦିନେ ଘରେ ପ୍ଲାଙ୍କ, ପୁସଅପ, ସ୍କ୍ୱାଟ, ସ୍ପଟ ଜଗିଂ, ସୂର୍ଯ୍ୟନମସ୍କାର, ସିଡି ଚଢିବା, ଯୋଗ, ପ୍ରାଣାୟମ ଆଦି କରିପାରିବେ । ଯେଉଁଗୁଡିକ କରିବା ପାଇଁ ଘରୁ ବାହାରକୁ ଯିବାକୁ ପଡିନଥାଏ, ଏସମସ୍ତ ବ୍ୟାୟାମ ଘରେ ବସି ଆରାମରେ କରିହୋଇଥାଏ । ଶୀତରୁ ରକ୍ଷା ମିଳିବା ସହିତ ଶରୀର ସୁସ୍ଥ ରହିଥାଏ । ସେହିଭଳି ବ୍ୟାୟାମ ସହିତ ଏହିଦିନେ ଖାଦ୍ୟର ମଧ୍ୟ ଅଧିକ ଧ୍ୟାନ ରଖନ୍ତୁ । ଏହିଦିନେ ମିଳୁଥିବା ଋତୁକାଳୀନ ଫଳ ଓ ପନିପରିବା ଖାଆନ୍ତୁ ଯାହାଦ୍ୱାରା ଶରୀରକୁ ଆବଶ୍ୟକ ପୋଷଣ ମିଳିବ । ଏହିଦିନେ ନିଜ ଖାଦ୍ୟରେ କମଳା,ପିଜୁଳି, ଗାଜର, ପାଳଙ୍ଗ ଶାଗ, ମେଥି ଶାଗ ଆଦି ସାମିଲ କରନ୍ତୁ ଏଥିରୁ ଶରୀରକୁ ବିଭିନ୍ନ ପୋଷଣ ମିଳିବ । ସେହିଭଳି ଖାଦ୍ୟରେ ହେଲଦି ଫ୍ୟାଟ ପାଇଁ ଘିଅ, ବାଦାମ, ବିଭିନ୍ନ ମଞ୍ଜିଯାତୀୟ ଖାଦ୍ୟ, ପ୍ରୋଟିନରେ ଅଣ୍ଡା, ଡାଲି, ପନିର, ଚିକେନ ଆଦି ସାମିଲ କରନ୍ତୁ । ସେହିଭଳି ଏହିଦିନେ ବିଭିନ୍ନ ଡ୍ରିଙ୍କ ପିଅନ୍ତୁ ଯେପରି ଅଦା ଚା, ହଳଦୀ କ୍ଷୀର, ସୁପ ଆଦି । ଏଗୁଡିକ ଶରୀରକୁ ଗରମ ରଖିବା ସହିତ ରୋଗପ୍ରତିରୋଧକ ଶକ୍ତି ବଢାଇଥାଏ ।



## ସୋସିଆଲ କୋଟ୍ସ



"କାଶୀ ଆସିବା ନିଷ୍ପତ୍ତି ମୋର ଠିକ ଥିଲା । ଏଠାକୁ ଆସି ମୋର ମନ ଶାନ୍ତ ହୋଇଗଲା । ଏଠାରେ ଆଧ୍ୟାତ୍ମିକ ଏନର୍ଜି ରହିଛି, ଯାହା ମନକୁ ଖୁବ ଶାନ୍ତ କରିଥାଏ ।

ପୂଜା ଚୋପଡା, ଅଭିନେତ୍ରୀ



"ଦେଶର ବିଭିନ୍ନ ଷ୍ଟେସନରେ ବର୍ତ୍ତମାନ ସ୍ୱଚ୍ଛତା ଦେଖିବାକୁ ମିଳୁଛି । ଏଭଳି ସକରାତ୍ମକ ପରିବର୍ତ୍ତନ ଦେଖି ଖୁବ ଗର୍ବ ଅନୁଭବ ହେଉଛି । ଟ୍ରେନରେ ଯାତ୍ରା କରିବାର ଅନୁଭୂତି ଖୁବ ଭଲ ଥିଲା ।

ଅନୁପମ ଖେର, ଅଭିନେତା



"ମୋର କିଛି କାମ ବାକି ଥିଲା ଯାହାକୁ ମୁଁ ଏବେ ସୋସିଆଲ ମିଡିଆରେ ପୋଷ୍ଟ କରୁଛି । ଦୟାକରି ମୋ ମନ ଅବସ୍ଥାକୁ ବୁଝନ୍ତୁ । ମୁଁ ନିକଟରେ ମୋ ବାପାଙ୍କୁ ହରାଇଛି, ଜୀବନସାରା ମୁଁ ସେ ଦୁଃଖରୁ ବାହାରି ପାରିବି ନାହିଁ ।

ଇଶା ଦେଓ୍ୱଲ, ଅଭିନେତ୍ରୀ

## ବୟସ କମାଇବାକୁ ୧୮ କୋଟି ଖର୍ଚ୍ଚ




ଆମେରିକୀୟ ଟେକ ଆରବପତି ବ୍ରାୟନ ଜନସନ୍‌ଙ୍କ ଦାବି ଅନୁସାରେ ସେ ନିଜର ବୟସକୁ ବଢିବାରୁ ରୋକିଦେଇଛନ୍ତି । ୪୮ ବର୍ଷୀୟ ବ୍ରାୟନଙ୍କ ମତରେ ତାଙ୍କ ଶରୀର ୧୮ ବର୍ଷୀୟ ଯୁବକଙ୍କ ଭଳି କାର୍ଯ୍ୟ କରୁଛି । ତାଙ୍କ ଲକ୍ଷ ୨୦୩୯ ପର୍ଯ୍ୟନ୍ତ ଜୀବନ୍ତ ରହିବାକୁ । ବ୍ରାୟନ ନିଜର ଖାଦ୍ୟଶୈଳୀ, ଶୋଇବାର ରୁଟିନ ଓ ସ୍ୱାସ୍ଥ୍ୟକ୍ଷେତ୍ରରେ ବର୍ଷକୁ ପାଖାପାଖି ୧୮ କୋଟିଟଙ୍କା ଖର୍ଚ୍ଚ କରୁଛନ୍ତି । ତାଙ୍କ ବୟସ ୪୮ ବର୍ଷ ହେଲେ ମଧ ତାଙ୍କର ଭିତରର ଅଙ୍ଗଙ୍କର ବୟସ ୧୮ ବର୍ଷ । ଏପରିକି ସୂଚନା ଅନୁସାରେ ସେ ନିଜ ଅଙ୍ଗମାନଙ୍କର କ୍ଲୋନ ଅଙ୍ଗ ଲାବରେ ପ୍ରସ୍ତୁତ କରୁଛନ୍ତି, ଯାହା ଉପରେ ସେ ବିଭିନ୍ନ ଔଷଧକୁ ପ୍ରଥମେ ଉପଯୋଗ କରିପାରିବେ । ଏହାପୂର୍ବରୁ ୨୦୨୩ରେ ସେ ନିଜର ୧୭ ବର୍ଷର ପୁଅର ରକ୍ତ ଓ ପ୍ଲାଜମା ନିଜ ରକ୍ତସହ ମିଶାଇଥିଲେ । ତାଙ୍କର ଏହି ପ୍ରକ୍ରିୟା ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବଜୋରରେ ଭାଇରାଲ ହେବାରେ ଲାଗିଛି ।

## ହାହାଃ.. ହାହାଃ..



ପୁଅ– ମା' ମୁଁ କ'ଣ ଭଗବାନଙ୍କ ଭଳି ଦେଖାଯାଏ ?

ମାଆ – ନା ତ । ଏମିତି କ'ଣ ପାଇଁ ପଚାରୁଛୁ ?

ପୁଅ – ନାଁ ମୁ ଯେଉଁଆଡେ ଯାଉଛି, ସେମାନେ କହୁଛନ୍ତି, ହେ ଭଗବାନ ପୁଣି ଆସିଗଲା ।

## ଭିନ୍ନ ଭୂମିକାରେ ମାଧୁରୀ



ନିକଟରେ ରିଲିଜ ହୋଇଥିବା ସିରିଜ ମିସେସ ଦେଶପାଣ୍ଡେରେ ମାଧୁରୀ ଦିକ୍ଷିତଙ୍କୁ ଏକ ଭିନ୍ନ ଚରିତ୍ରରେ ଦେଖିବାକୁ ମିଳିଛି । ସିରିଜଟିକୁ ନେଇ ସୋସିଆଲ ମିଡିଆରେ ଅନେକ ଚର୍ଚ୍ଚା ଜାରି ରହିଛି । ସିରିଜର କାହାଣୀ ମନୋବୈଜ୍ଞାନିକ ଥ୍ରିଲର ଉପରେ ଆଧାରିତ । କାହାଣୀରେ କ୍ରାଇମ, ଥ୍ରିଲର, ସସ୍‌ପେନ୍ସ ଭରପୂରମାତ୍ରାରେ ଦେଖିବାକୁ ମିଳୁଛି । କାହାଣୀଟି ସମ୍ପୂର୍ଣ୍ଣଭାବେ ମିସେସ ଦେଶପାଣ୍ଡେଙ୍କୁ କେନ୍ଦ୍ରିତ କରି ନିର୍ମାଣ କରାଯାଇଛି । ମାଧୁରୀଙ୍କୁ ପ୍ରଥମରୁ ହିଁ ଜେଲରେ ଦେଖିବାକୁ ମିଳୁଛି । ଅନେକ ହତ୍ୟାକାଣ୍ଡରେ ଦୋଷୀ ହୋଇ ସେ ଜେଲରେ ରହିଛନ୍ତି, ଯାହାକୁ ନେଇ କାହାଣୀ ଆଗକୁ ବଢିଛି । ତେବେ ଚୁଲବୁଲି ମାଧୁରୀଙ୍କର ଏଭଳି ଏକ ଭିନ୍ନ ଅବତାର ଫ୍ୟାନଙ୍କୁ ଖୁବ ଉତ୍ସାହିତ କରିଛି । ନିଜ ପ୍ରିୟ ନାୟିକାଙ୍କୁ ଏକ ଭିନ୍ନ ରୋଲରେ ଦେଖି ମାଧୁରୀଙ୍କର ପ୍ରଂଶସା କରୁଥିବା ସୋସିଆଲ ମିଡିଆରେ ନଜର ଆସୁଛି । ତେବେ କାହାଣୀକୁ ନେଇ ମିଶ୍ର ପ୍ରତକ୍ରିୟା ଦେଖିବାକୁ ମିଳୁଛି । କିଛି ଲୋକ ଏହାକୁ ପସନ୍ଦ କରୁଥିବାବେଳେ କିଛି ଲୋକ କାହାଣୀ ଆଉଟିକେ ଭଲ ହୋଇ ପାରିଥାଆନ୍ତା ବୋଲି ମତ ଦେଉଛନ୍ତି ।

## ଆମିଷ ନଡିଆ କେକ୍

ଓଡ଼ିଆ ରୁଚି



**ସାମଗ୍ରୀ–** ମଇଦା ୧କପ, ଅଣ୍ଡା ୨ଟି, ଚିନି ଅଧାକପ, କ୍ଷୀର ଅଧାକପ, ରିଫାଇନ ତେଲ ଅଧାକପ, ବେକିଂ ପାଉଡର ୧ ଚାମଚ, ଭାନିଲା ଏସେନ୍ସ ୧ ଚାମଚ, ଲୁଣ, ନଡିଆ କୋରା ୨କପ ।

**ପ୍ରଣାଳୀ–** ମଇଦା ସହିତ ବେକିଂ ପାଉଡରକୁ ଭଲଭାବରେ ମିଶାନ୍ତୁ । ନଡିଆ କୋରାରେ ଦୁଇଟି ଅଣ୍ଡା ଭାଙ୍ଗି ଭଲକରି ମିଶାଇ ଦିଅନ୍ତୁ । ଏହାପରେ ଏଥିରେ ତେଲ, କ୍ଷୀର, ଏସେନ୍ସ, ଲୁଣ, ଚିନି ମିଶାଇ ଫେଣ୍ଟନ୍ତୁ । ଶେଷରେ ମିଶ୍ରଣରେ ମଇଦା ପକାଇ ଫେଣ୍ଟନ୍ତୁ । ଏହାପରେ ଓଭେନ୍‌ରେ ଘିଅ ମାରି ମିଶ୍ରଣକୁ ଢାଳନ୍ତୁ । କିଛି ସମୟ ପରେ ପ୍ରସ୍ତୁତ ହୋଇଯିବ ଆମିଷ ନଡିଆ କେକ ।

## ମରୁଭୂମିରେ ବରଫ ବର୍ଷା



ସଦାବେଳେ ସାଉଦି ଆରବର ନାଁ ଶୁଣିଲେ ମରୁଭୂମି କଥା ମନେ ପଡିଯାଏ । ଏଠାରେ ସବୁବେଳେ ଖରା ଓ ଗରମର ଅନୁମାନ ସମସ୍ତେ କରନ୍ତି । ହେଲେ ନିକଟରେ ଏଠାରେ ବରଫ ବର୍ଷା ହେଉଥିବା ସୂଚନା ମିଳିଛି । ସାଉଦି ଆରବର ପାଣିପାଗ ବିଭାଗ ପକ୍ଷରୁ ଅନେକ ଅଞ୍ଚଳରେ ବରଫପାତ ହେବାନେଇ ଆଗୁଆ ସୂଚନା ପ୍ରଦାନ କରାଯାଇଥିବା ଜଣାପଡିଛି । ଏଠାରେ ବରଫପାତ କାରଣରୁ ସାଉଦିର ଜବଲ ଅଲ ଲଞ୍ଜ ପାହାଡ ଉପରେ ପାରା ମାଇନସ ୪ ଡିଗ୍ରୀ ପର୍ଯ୍ୟନ୍ତ ପହଞ୍ଚିଛି । ଏହାସହିତ ଏଠାରେ ଘନ କୁହୁଡି ଓ ଖୁବ ଅଧିକ ପବନ ବୋହୁଥିବାର ମଧ୍ୟ ଦେଖିବାକୁ ମିଳୁଛି । ଘଟଣାଟି ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି ।

## ଆଜିର ପଞ୍ଜିକା

ପୌଷ ଦ୍ୱିତୀୟା

ତା୨୧–୧୨–୨୦୨୫ ରବିବାର

**ମେଷ–** ଘାତବାର ପ୍ରଭାବ ହେତୁ କାର୍ଯ୍ୟରେ ବିଳମ୍ବ, ନୂତନ ଖବର ପ୍ରାପ୍ତି, ଶତ୍ରୁ ପରାଭବ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଦୂରସ୍ଥାନକୁ ଯାତ୍ରା, ପାରିବାରିକ ଖୁସି, ଶରୀର ସୁସ୍ଥ, ଭୂସମ୍ପତ୍ତିରେ ଗଣ୍ଡଗୋଳ, ଅର୍ଥସମସ୍ୟା ଦେଖାଦେବ, ଶୁଭରଙ୍ଗ–ବାଇଗଣି, ସଂଖ୍ୟା–୫, କୃତ୍ତିକାନକ୍ଷତ୍ର ସାବଧାନ, ଆରାଧନା–ମା ଭଗବତୀ ।

**ବୃଷ–** ଶରୀର ପୀଡ଼ା, କର୍ମପ୍ରତି ବିମୁଖ, ଅର୍ଥସମସ୍ୟା, ବ୍ୟବସାୟରେ ଖୁସି, ପରିବାରରେ ମନାନ୍ତର, ଦୂରସ୍ଥାନକୁ ଯାତ୍ରା, ଗାଡ଼ିଚଳାଚଳରେ ସାବଧାନ, ଶତ୍ରୁପୀଡ଼ା, ମାନସିକ ଅସ୍ଥିରତା, ଭୋଜନରେ ବିଳମ୍ବ, ବିଦ୍ୟାରେ ଅବନତି, ବହୁସମସ୍ୟା ରହିବ, ମୃଗଶିରା ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ–ନୀଳ, ସଂଖ୍ୟା–୧୨, ଆରାଧନା ମା ବଗଳାମୁଖୀ ।

**ମିଥୁନ–** ସୁଖପ୍ରାପ୍ତି, ଶରୀର ସୁସ୍ଥ, କର୍ମପ୍ରତି ଆଗ୍ରହ, ବ୍ୟବସାୟରେ ଉନ୍ନତି, ଶୁଭକାର୍ଯ୍ୟ, ତୀର୍ଥାଟନ, ସମ୍ମାନପ୍ରାପ୍ତି, ଉଚ୍ଚଆଶା ସଫଳ, ଶତ୍ରୁ ପରାଜିତ, ଶୁଭଖବର ପ୍ରାପ୍ତି, ପିଲାଙ୍କ ପ୍ରତି ଆସକ୍ତି, ବନ୍ଧୁଲାଭ, ବିବାଦର ସମାଧାନ, ପୁନର୍ବସୁ ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ–ଧଳା, ସଂଖ୍ୟା–୩, ଆରାଧନା– ପ୍ରଭୁ ଜଗନ୍ନାଥ ।

**କର୍କଟ–** ମାନସିକ ଶାନ୍ତି, ନୂତନ କାର୍ଯ୍ୟଲାଭ, ବାଣିଜ୍ୟରେ ଉନ୍ନତି, କିଛି ବିବାଦ ଦେଖାଦେବ, ଗୃହଶତ୍ରୁ, ନ୍ୟାୟିକ ବ୍ୟବସ୍ଥାରେ କଷ୍ଟ, ଉଚ୍ଚସମ୍ମାନ, ବନ୍ଧୁସ୍ନେହ, ଶ୍ରଦ୍ଧା ମିଳିବ, ଉଚ୍ଚବ୍ୟକ୍ତିଙ୍କ ସହ ମିତ୍ରତା, ଯାନବାହନ ପ୍ରାପ୍ତି, ସୁସମ୍ବାଦ ପ୍ରାପ୍ତି, ପାରିବାରିକ ଦୁଶ୍ଚିନ୍ତା, ଅଶ୍ଳେଷା ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ–ସିଲଭର, ସଂଖ୍ୟା–୮, ଆରାଧନା– ମା କିଚକେଶ୍ୱରୀ ।

**ସିଂହ–** ବିଦ୍ୟାଲାଭ, ବନ୍ଧୁରେ ଆଗ୍ରହ, ଅର୍ଥସମସ୍ୟା, ବ୍ୟବସାୟରେ ବିରୋଧ, ନୂତନ କର୍ମେ ଅଶାନ୍ତି, ପିଲାଙ୍କ ଚିନ୍ତା, ପୁରାତନ ରୋଗରେ ଆକ୍ରାନ୍ତ, ସମ୍ମାନବୋଧ, ମାନସିକ ଅସ୍ଥିରତା, ଦୂରସ୍ଥାନକୁ ଯାତ୍ରା, ଅଭିଳାଷରେ ଚିନ୍ତିତ, ଗୃହଶତ୍ରୁ ଦେଖାଦେବେ, ମଘା ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ–ହଳଦୀ, ସଂଖ୍ୟା–୪, ଆରାଧନା– ପିତାମାତାଙ୍କ ସେବା ।

**କନ୍ୟା–** ବ୍ୟବସାୟରେ କ୍ଷତି, ମାନସିକ ଅସ୍ଥିରତା, ନୂତନ ଆୟ, ବନ୍ଧୁଦର୍ଶନ, ପାରିବାରିକ ସହଯୋଗ, ଆଶାପୂର୍ଣ୍ଣ, ସୁସମ୍ବାଦ, ଉଚ୍ଚବ୍ୟକ୍ତିଙ୍କ ସହ ସାକ୍ଷାତ, ବିଦେଶ ଭ୍ରମଣ, ସନ୍ତାନ ସୁଖ, ବୟସ୍କଙ୍କ ପାଇଁ ଚିନ୍ତିତ, ଅଣ୍ଡାଜନିତ ରୋଗ, ଅର୍ଥ ସମସ୍ୟା, ଗୃହେ ଉତ୍ସବର ଆଲୋଚନା, ସ୍ୱାତୀ ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ–ଆକାସି, ସଂଖ୍ୟା–୧୦, ଆରାଧନା– ଭଗବାନ ଗଣେଶ ।

**ତୁଳା–** ଧନପ୍ରାପ୍ତି, ବିପଦମୁକ୍ତ, ରାଜସମ୍ମାନ, ଦୂରଯାତ୍ରା, ସ୍ୱାଦିଷ୍ଟ ଭୋଜନ, ପିଲାଙ୍କ ଖୁସି, ସୁସମ୍ପର୍କ, ଉଚ୍ଚଆଶା ପୂର୍ଣ୍ଣ, ଶତ୍ରୁ ବିନାଶ, ଭୂସମ୍ପତ୍ତି ଲାଭ, ବିଦ୍ୟାରେ ଉନ୍ନତି, କର୍ମକ୍ଷେତ୍ରେ ସ୍ଥାନାନ୍ତର, ଗୃହେ ଉତ୍ସବ, ବିବାଦ ସମାଧାନ, ଅନୁରାଧା ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ–ଧଳା, ସଂଖ୍ୟା–୨, ଆରାଧନା– ଭଗବାନ ଶଙ୍କର ।

**ବିଛା–** ଅଘଟଣ, ପାରିବାରିକ ଅସହଯୋଗ, କର୍ମେ ଅଶାନ୍ତି, ସମ୍ମାନ ହାନି, ଶରୀର ଅସୁସ୍ଥ, ଯାତ୍ରାରେ ସତର୍କ ଶତ୍ରୁଦ୍ୱାରା ଆଘାତ, ଉଚ୍ଚଆଶାରେ କଷ୍ଟ, ଦୂରସ୍ଥାନକୁ ଯାତ୍ରା ବନ୍ଧୁମିଳନ, ଅଧିକ ଖର୍ଚ୍ଚ, ବ୍ୟବସାୟ ମଧ୍ୟମ, ଦେବଦର୍ଶନ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ– ଧଳା, ସଂଖ୍ୟା–୬, ଆରାଧନା– ଭଗବାନ ବିଷ୍ଣୁ ।

**ଧନୁ–** ଜନ୍ମଚନ୍ଦ୍ର ହେତୁ ମାନସିକ ଶାନ୍ତି, ଶତ୍ରୁ ପରାଜିତ, ଉଚ୍ଚଆଶାରେ ସଫଳ, ଦ୍ରବ୍ୟଲାଭ, ବନ୍ଧୁଦର୍ଶନ, ସ୍ୱାସ୍ଥ୍ୟରେ ଉନ୍ନତି, ବାଣିଜ୍ୟେ ଲାଭ, ନୂତନ କର୍ମେ ଶାନ୍ତି, ଗୃହେ ଶୁଭ ଆଲୋଚନା, ଭୂସମ୍ପତ୍ତି ଲାଭ, ବନ୍ଧୁଦର୍ଶନ, ଋଣମୁକ୍ତ, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ–ହଳଦୀ, ସଂଖ୍ୟା–୨, ଆରାଧନା– ପ୍ରଭୁ ମହେଶ୍ୱର ।

**ମକର–** ବ୍ୟୟ ବୃଦ୍ଧି, ଶରୀର କଷ୍ଟ, ଶତ୍ରୁ କଷ୍ଟ, ଉଚ୍ଚଆଶାରେ ବିଳମ୍ବ, ସ୍ୱଜନ ବିରୋଧ, ପରିବାରରେ ଉତ୍ସବ, ବିଦ୍ୟାଲାଭ, ନୂତନ ଖବର ପ୍ରାପ୍ତି, ବ୍ୟବସାୟରେ ସାମାନ୍ୟ ଲାଭ, ଦୂରଯାତ୍ରା, ବନ୍ଧୁଙ୍କ ସହ ବିରୋଧ, ଯାତ୍ରାରେ ବିଳମ୍ବ, ଅତିଥି ସତ୍କାର, ଗୃହେ ଅଶାନ୍ତି, ପୁନର୍ବସୁ ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ–ଧଳା, ସଂଖ୍ୟା–୩, ଆରାଧନା– ପ୍ରଭୁ ଜଗନ୍ନାଥ ।

**କୁମ୍ଭ–** ଶାନ୍ତିପ୍ରଦ ଶୁଭକାର୍ଯ୍ୟ, ଅର୍ଥପ୍ରାପ୍ତି, ଆଭୂଷଣପ୍ରାପ୍ତି, ସମ୍ପତ୍ତି ଲାଭ, ଦୂରଯାତ୍ରା, ଉତ୍ସବରେ ଖୁସି, ବନ୍ଧୁସହଯୋଗ, ଶୁଭଖବର, ବ୍ୟବସାୟରେ ଲାଭ, ଅଚାନକ ନିଷ୍ପତ୍ତିରେ ବିଳମ୍ବ, ବିଦ୍ୟାରେ ଉନ୍ନତି, ସ୍ୱାସ୍ଥ୍ୟସମସ୍ୟା, ଦେବଦର୍ଶନ, ତୀର୍ଥାଟନ, ଶତଭିଷା ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ–ନିଳ ସଂଖ୍ୟା–୫, ଆରାଧନା– ପ୍ରଭୁ ହନୁମାନ ।

**ମୀନ–** ବନ୍ଧୁସାହାଯ୍ୟ, ପାରିବାରିକ ଖୁସି, ଅର୍ଥଲାଭ, ବିବିଧ କାର୍ଯ୍ୟରେ ଅସ୍ଥିରତା, ଇଚ୍ଛାପୂର୍ତ୍ତି, ସ୍ୱଜନଙ୍କ ବିରୋଧ, ଶରୀର ଅସୁସ୍ଥ, ଶତ୍ରୁ ଦେଖାଦେବେ, କର୍ମକ୍ଷେତ୍ରେ ବାଧା, ଉଚ୍ଚଆଶାରେ ଅଶାନ୍ତି, ଦେବତାଙ୍କ ପ୍ରତି ଆଗ୍ରହ, ନ୍ୟାୟିକ ବ୍ୟବସ୍ଥାରେ ପଡ଼ିପାରନ୍ତି, ରେବତୀ ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ–ଲାଲ, ସଂଖ୍ୟା–୪, ଆରାଧନା– ମହାଲକ୍ଷ୍ମୀ



ପଣ୍ଡିତ– ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

# ସମୁଦ୍ର ବାଲିରେ ବିରଳ ପଦାର୍ଥ, ବିଭିନ୍ନ ସଂସ୍ଥାଙ୍କ ନଜର

ଭୁବନେଶ୍ୱର,(ତଥ୍ୟ) ଓଡିଶାର ସାମୁଦ୍ରିକ ବେଳାଭୂମିରେ ପ୍ରଚୁର ପରିମାଣର ଥୋରିୟମ ଓ ଟିଟାନିୟମ ଭଳି ବିରଳ ପଦାର୍ଥମାନ ରହିଛି। ସମୁଦ୍ର ବାଲିରୁ ଏହା ମିଳୁଥିବାରୁ ବିଶେଷକରି ପୁରୀ-କୋଣାର୍କ ବେଳାଭୂମିକୁ କବ୍‌ଜା କରିବାଲାଗି ବହୁ ସଂସ୍ଥା ଉଦ୍ୟମକରି ଆସୁଛନ୍ତି। ଓଡିଶା ଉପକୂଳରେ ଉପଲବ୍ଧ ବିରଳ ମୃତ୍ତିକା ସଂଗ୍ରହ କରିବାଲାଗି ଅବଶ୍ୟ ଗୋପାଳପୁର ନିକଟରେ ଭାରତୀୟ ବିରଳ ମୃତ୍ତିକା କେନ୍ଦ୍ର ରହିଛି। ଏହା ଗବେଷକମାନଙ୍କୁ ଅବଶ୍ୟ ବେଶ୍ ସହାୟତା ଯୋଗାଉଛି। ଆର୍ନ୍ତଜାତିକ ଖ୍ୟାତି ସମ୍ପନ୍ନ ଜଣେ ପଦାର୍ଥ ବିଜ୍ଞାନବିତ୍ କହିଛନ୍ତି ଯେ ସମୁଦ୍ର ବାଲିରୁ ମିଳୁଥିବା ଥୋରିୟମ ଆଣବିକ ଶକ୍ତି ଉତ୍ପନ୍ନ କରିବାପାଇଁ ଆବଶ୍ୟକ। ବିଶେଷକରି ଏହା ଆଣବିକ ରିଆକ୍ଟରରେ ବ୍ୟବହୃତ ହୋଇଥାଏ। ଥୋରିୟମ ଭଳି ସମୁଦ୍ର ବାଲିରୁ ମିଳୁଥିବା ଟିଟାନିୟମ ମହାକାଶଯାନ ନିର୍ମାଣରେ ମଧ୍ୟ ବ୍ୟବହୃତ ହୋଇଥାଏ। ଦେଶର ପ୍ରତିରକ୍ଷା ବ୍ୟବସ୍ଥା ପାଇଁ ଏହା ଏକ ମୂଲ୍ୟବାନ ପଦାର୍ଥ। ଉଭୟ ପଦାର୍ଥ ବିଜ୍ଞାନୀ ଓ ଚିକିତ୍ସା ବିଜ୍ଞାନୀମାନେ ସ୍ୱୀକାର କରନ୍ତି ଯେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମଧ୍ୟ ଏହି ବିରଳ ମୃତ୍ତିକାର ବ୍ୟାପକ ଉପଯୋଗ ହୋଇଥାଏ। ଦନ୍ତ ପୀଡା ଦୂର କରିବାପାଇଁ ଅସଲି ଦାନ୍ତ କାଢି କୃତ୍ରିମ ଦାନ୍ତ ପ୍ରସ୍ତୁତ ଲାଗି ଟିଟାନିୟମ ମଧ୍ୟ ଆବଶ୍ୟକ ପଡେ। ସେହିଭଳି ହୃଦଯନ୍ତ୍ରର ଧମନୀ ଅବରୋଧ ହୋଇଯାଇଥିଲେ ତାହାକୁ ପରିଷ୍କାର କରିବାପାଇଁ ଆଞ୍ଜିଓପ୍ଲାଷ୍ଟ ମାଧ୍ୟରେ ଯେଉଁ ଷ୍ଟେଣ୍ଟ ଲଗାଯାଉଛି ତାହାର ପ୍ରସ୍ତୁତି କ୍ଷେତ୍ରରେ ମଧ୍ୟ ଏହି ବିରଳ ମୃତ୍ତିକାର ଆବଶ୍ୟକତା ପଡିଥାଏ। କେବଳ ସେତିକି ନୁହେଁ କିଡ୍‌ନୀ ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ମଧ୍ୟ ଟିଟାନିୟମ ବିଜ୍ଞାନ ସମ୍ମତ ପଦ୍ଧତିରେ ବ୍ୟବହୃତ ହୋଇଥାଏ।

ପରିବେଶ ବିଜ୍ଞାନୀମାନେ ଆଶଙ୍କାବ୍ୟକ୍ତ କରୁଛନ୍ତି ଯେ ଓଡିଶା ଉପକୂଳରେ ଯେତେ ପରିମାଣର ଟିଟାନିୟମ, ଥୋରିୟମ ଭଳି ବିରଳ ମୃତ୍ତିକାମାନ ରହିଛି ଏଯାବତ୍ ତାହାର ପୂର୍ଣ୍ଣ ଉପଯୋଗ କରାଯାଇନାହିଁ। ଆର୍ନ୍ତଜାତିକ ବଜାରରେ ଏହାର ଚାହିଦା ଓ ମୂଲ୍ୟ ଢେର ଉଚ୍ଚ ରହୁଥିବାରୁ ବହୁ ବ୍ୟବସାୟିକ ସଂସ୍ଥାର ନଜର ମଧ୍ୟ ଏହି ବିରଳ ମୃତ୍ତିକା ଉପରେ ରହିଛି। ଅତୀତରେ ବହୁ ବ୍ୟବସାୟିକ ସଂସ୍ଥା ସାମୁଦ୍ରିକ ବେଳାଭୂମିକୁ କବ୍‌ଜା କରିବାପାଇଁ ଶିକ୍ଷାନୁଷ୍ଠାନ, ପର୍ଯ୍ୟଟନ ଆଦି ନାମରେ ସମୁଦ୍ର ଉପକୂଳରେ ହଜାର ହଜାର ଏକର ସମ୍ପତ୍ତି ନେଇଛନ୍ତି। ତେବେ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ଅବଶ୍ୟ ଗୋଟିଏ ବ୍ୟବସାୟିକ ସଂସ୍ଥାର ବିଶ୍ୱବିଦ୍ୟାଳୟ ପରିକଳ୍ପନା ମଉଳି ଯାଇଛି। ଏବେ ଜଣାପଡୁଛି ଯେ କେନ୍ଦ୍ରାପଡା ଜିଲ୍ଲାରେ କେତେକ ସଂସ୍ଥା ସମୁଦ୍ର ଭିତରେ ଥିବା ଦ୍ୱୀପ ଓ ବେଳାଭୂମିକୁ ଶାଗମାଛ ଦରରେ କିଣି ନେଇଛନ୍ତି। ଏହା ଜଣାପଡିବା ପରେ ସରକାରୀ ସ୍ତରରେ ଖୋଳତାଡ ଚାଲିଛି। ଏହା ପଛରେ ବି ବିରଳ ମୃତ୍ତିକା ର୍ୟାକେଟ୍ କାମ କରୁଥାଇପାରେ ବୋଲି ସନ୍ଦେହ କରାଯାଉଛି। ବିରଳ ମୃତ୍ତିକା ସହିତ ଓଡିଶାର ସାମୁଦ୍ରିକ ବେଳାଭୂମିର ବିଭିନ୍ନ ସ୍ଥାନରେ ବିରଳ ନାଲି କଙ୍କଡାମାନ ଦୃଶ୍ୟମାନ ହୁଅନ୍ତି। ବିଶେଷକରି ଚିଲିକାର ସାମୁଦ୍ରିକ ଉପକୂଳ ଏବଂ ଗହୀରମଥା, ସାତଭାୟା ଆଦି ଅଞ୍ଚଳରେ ବହୁ ସଂଖ୍ୟକ ନାଲି କଙ୍କଡା ସମୁଦ୍ରବାଲିରେ ଦେଖାଯାଆନ୍ତି। ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ କେତେକ ନିର୍ଦ୍ଦିଷ୍ଟ ରୋଗପାଇଁ ଏହି ନାଲି କଙ୍କଡାଙ୍କୁ ବ୍ୟବହାର କରି ଉନ୍ନତମାନର ଔଷଧ ପ୍ରସ୍ତୁତ କରାଯାଇଥାଏ।

## କମିଶନରେଟ୍ ପୁଲିସର ନୂଆ ଯୋଜନା

# ନୂଆ ବର୍ଷରୁ ପୁଲିସ କରିବ 'ଇ-ବିଟ୍ ପାଟ୍ରୋଲିଂ ସିଷ୍ଟମ୍'

କଟକ(ସବ୍ୟୁ): ନୂଆ ବର୍ଷରେ ଲାଗୁ ହେବାକୁ ଯାଉଛି ନୂଆ ଯୋଜନା । ୨୦୨୬ ଜାନୁଆରି ପହିଲାରୁ ଏହା କାର୍ଯ୍ୟକାରୀ ହେବ । ପରିବର୍ଦ୍ଧିତ ଜନସଂଖ୍ୟା ଓ ଅପରାଧକୁ ଦୃଷ୍ଟିରେ ରଖି କଟକ ୟୁପିଡିରେ କାର୍ଯ୍ୟକାରୀ ହେବାକୁ ଯାଉଛି 'ଇ-ବିଟ୍ ପାଟ୍ରୋଲିଂ ସିଷ୍ଟମ୍' । କମିଶନରେଟ୍ ପୁଲିସ ଅଧିନରେ ରହିଥିବା ସମସ୍ତ ଥାନା ଅଞ୍ଚଳରେ ଅପରାଧିକସ୍ଥଳୀ ଚିହ୍ନଟ ହେବା ସହିତ ଏହି ସ୍ୱତନ୍ତ୍ର ଇ-ପାଟ୍ରୋଲିଂ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ । ଏନେଇ ବିଭାଗୀୟ ନିଷ୍ପତ୍ତି ହୋଇଥିବା ବେଳେ ଖୁବଶୀଘ୍ର କଟକ ୟୁପିଡିକୁ ଅନୁମୋଦନ ମିଳିବ ବୋଲି ଜଣାପଡ଼ିଛି । ସହରର ପ୍ରମୁଖ ସମ୍ବେଦନଶୀଳ ସ୍ଥାନ ଚିହ୍ନଟ କରାଯିବା ସହିତ ବିଟ୍-ହାଉସ ଗୁଡ଼ିକ ନିର୍ମାଣ କରାଯିବ । ଏଥି ସହିତ ପାଟ୍ରୋଲିଂକୁ କଡାକଡି କରାଯିବ । ସହରାଞ୍ଚଳ ପୁଲିସକୁ ଆଧୁନିକୀକରଣ କରିବା, ଜନସାଧାରଣଙ୍କ ସୁରକ୍ଷା ବୃଦ୍ଧି କରିବା ଓ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅପରାଧୀଙ୍କୁ କାବୁ କରିବାକୁ ଏପରି ପଦକ୍ଷେପ ନିଆଯାଉଛି । ଏହି ସିଷ୍ଟମରେ ୧୦୦ରୁ ଅଧିକ ସ୍ୱତନ୍ତ୍ର ପୁଲିସଙ୍କୁ ନିୟୋଜିତ କରାଯିବ । କଟକ ସହରରେ ଥିବା ବିଭିନ୍ନ ଏଟିଏମ୍, ଧାର୍ମିକ ସ୍ଥଳ, ପାର୍କ, ବଜାର, ବରିଷ୍ଠ ନାଗରିକଙ୍କ ଘର ସମେତ ସମ୍ବେଦନଶୀଳ ସ୍ଥାନକୁ ଚିହ୍ନଟ କରାଯାଇ ସେଠାରେ ଏହି ବ୍ୟବସ୍ଥା ଲାଗୁ ହେବ ବୋଲି ସୂଚନା ମିଳିଛି ।

କମିଶନରେଟ୍ ପୁଲିସ ପକ୍ଷରୁ ୪୦ରୁ ଅଧିକ ବିଟ୍-ହାଉସ କରାଯାଇ ୧୦୦ଜଣ ପୁଲିସଙ୍କୁ ଦାୟିତ୍ୱ ଦିଆଯିବ ବୋଲି ପ୍ରାଥମିକ ପର୍ଯ୍ୟାୟରେ ଆଲୋଚନା କରାଯାଇଛି । କୁଖ୍ୟାତ ଅପରାଧୀଙ୍କ ଗତିବିଧି ଅନୁଧ୍ୟାନ କରିବା ଏବଂ ସ୍ଥାନୀୟ ବାସିନ୍ଦାଙ୍କ ସହିତ ଯୋଗାଯୋଗ କରି ଅପରାଧୀଙ୍କ ସମ୍ପର୍କରେ ସୂଚନା ସଂଗ୍ରହ କରବା ବିଟ୍ ଅଧିକାରୀଙ୍କ ପ୍ରମୁଖ କାର୍ଯ୍ୟ ରହିବ । ପ୍ରତ୍ୟେକ ବିଟ୍ ସ୍ଥାନର ଜିଓ ମ୍ୟାପିଂ କରାଯିବ । ବିଟ୍ ଅଧିକାରୀ ମାନଙ୍କ ପାଇଁ ଏକ ସ୍ୱତନ୍ତ୍ର 'ମୋବାଇଲ ଆପ୍' ପ୍ରଦାନ କରାଯିବ । ଏଥିରେ ସହରର ବିଭିନ୍ନ ସ୍ଥାନର ଲୋକେସନ୍ ଟ୍ରାକିଙ୍ଗ କରାଯିବ । ପାଟ୍ରୋଲିଂ ସମୟରେ ଯଦି ସମ୍ପୃକ୍ତ ଅଧିକାରୀ ଅସମ୍ପୂର୍ଣ୍ଣ ରାଉଣ୍ଡ ବା ପାଟ୍ରୋଲିଂ କରନ୍ତି ତେବେ ଏଥିପାଇଁ ସ୍ୱୟଂ ଚାଳିତ ସତର୍କତା ବ୍ୟବସ୍ଥା କରାଯିବ । ଏହି ବ୍ୟବସ୍ଥାରେ ଦାୟିତ୍ୱରେ ଥିବା ପଦାଧିକାରୀ

### ଅନଲାଇନ୍ ମ୍ୟାପ୍ ସାଙ୍ଗକୁ ଟ୍ରାକିଂ ବ୍ୟବସ୍ଥା ଭିତରେ ରହିବେ ବିଟ୍-ଅଧିକାରୀ

ଅନଲାଇନ୍‌ରେ ଅବଗତ ହୋଇ ପାରିବେ । ଫଳରେ କର୍ତ୍ତବ୍ୟରେ ଢିଲା କରୁଥିବା ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଆଗାମୀ ଦିନରେ ପ୍ରତ୍ୟେକ ଥାନା ଅଧିନରେ ଏହି ସିଷ୍ଟମ କାର୍ଯ୍ୟକାରୀ ହେବ । ଏହି ଅତ୍ୟାଧୁନିକ ପାଟ୍ରାଲିଂ ବ୍ୟବସ୍ଥା କରାଗଲେ ଅପରାଧିମାନେ ଅପରାଧ ଘଟାଇ ସହର ଛାଡି ଫେରାର୍ ହୋଇ ପାରିବେ ନାହିଁ ବୋଲି ପୁଲିସ ପକ୍ଷରୁ କୁହାଯାଉଛି । ଅନ୍ୟପଟେ କଟକ କମିଶନରେଟ୍ ପୁଲିସ ବ୍ୟବସ୍ଥାରେ ଏବେ ସମୁଦାୟ ୨୪ଟି ପିସିଆର୍ ଭ୍ୟାନ୍‌କୁ ଡ୍ୟୁଟିରେ ନିୟୋଜିତ କରାଯାଇଛି । ସେଗୁଡ଼ିକ ନିୟମିତ ବ୍ୟବଧାନରେ ସଜଡା ଯାଉନଥିବାରୁ ଅନେକ ସମୟରେ ଗାଡି ଖରାପ ହେବା ସହିତ ଥାନା ସମ୍ମୁଖରେ ପଡ଼ି ରହୁଛି । ଏଭଳି ସ୍ଥିତିରେ କର୍ତ୍ତବ୍ୟରତ ପୁଲିସ କର୍ମଚାରୀ ଘଟଣାସ୍ଥଳରେ ତୁରନ୍ତ ପହଞ୍ଚି ପାରୁ ନାହାନ୍ତି । ଦିନକୁ ଦିନ କଟକର ପରିସୀମା ପରିବ୍ୟାପ୍ତ ହେବା ସହିତ ଜନସଂଖ୍ୟା ମଧ୍ୟ ବୃଦ୍ଧି ଘଟୁଛି । ଏହାକୁ ଦୃଷ୍ଟି ଦେଲେ, ସେହି ତୁଳନାରେ ସହରରେ ପାଟ୍ରୋଲିଂ ପାଇଁ ଥିବା ପିସିଆର୍ ଭ୍ୟାନ୍‌ର ଅଭାବ ପରିଲକ୍ଷିତ ହେଉଛି । ସହରରେ ସର୍ବନିମ୍ନ ୬୦ଟି ପିସିଆର୍ ଭ୍ୟାନ୍ ଆବଶ୍ୟକତା ରହିଥିବା ବେଳେ ମାତ୍ର ୨୪ଟିରେ କାମ ଚଳାଯାଉଛି । ଯେଉଁ କାରଣରୁ ଉଭୟ ଡେ' ଓ ନାଇଟ୍ ପାଟ୍ରୋଲିଂ ଠିକ୍ ଭାବେ ହୋଇ ପାରୁନାହିଁ । ଇ-ବିଟ୍ ପାଟ୍ରୋଲିଂ ସିଷ୍ଟମ୍ କାର୍ଯ୍ୟକ୍ଷମ କରାଗଲେ, କଣ୍ଟ୍ରୋଲ୍ ରୁମ୍ ଦାୟିତ୍ୱରେ ଜଣେ ଆଇପିଏସ୍ ର୍‌ୟାଙ୍କର ଅଧିକାରୀ ରହିବେ । ତାଙ୍କ ଅଧିନରେ ୩ଜଣ ଇନ୍ସପେକ୍ଟର, ୧୫ଜଣ ଏସ୍‌ଆଇ ଓ ଏଏସଆଇ କାର୍ଯ୍ୟ କରିବେ । କଣ୍ଟ୍ରୋଲ୍ ରୁମ୍ ଏବଂ ପିସିଆର୍ ଭ୍ୟାନ୍ ମଧ୍ୟରେ ଠିକ୍ ଯୋଗସୂତ୍ର ରଖାଯାଇ ପାଟ୍ରୋଲିଂକୁ କଡାକଡି କରାଯିବ । ସହରକୁ ଶୂନ୍ୟ ଅପରାଧପ୍ରବଣ କରିବା ନିମନ୍ତେ ଥାନା ଗୁଡ଼ିକରେ ଏହି ବ୍ୟବସ୍ଥା ଲାଗୁ କରାଯିବାକୁ ସ୍ଥିର କରାଯାଇଛି । ପୁଲିସ କଣ୍ଟ୍ରୋଲ୍ ରୁମ୍ ଏବଂ ପିସିଆର୍ ଭ୍ୟାନ୍ ମଧ୍ୟରେ ଅତ୍ୟାଧୁନିକ ଜ୍ଞାନକୌଶଳ ମାଧ୍ୟମରେ ତାଳମେଳ ରଖାଯାଇ ସାରା ସହରରେ ପାଟ୍ରୋଲିଂ କରାଯିବ ବୋଲି ପୁଲିସ ସୂଚନା ଦେଇଛି ।

## ଅବସରକାଳୀନ ଭତ୍ତାକୁ କେନ୍ଦ୍ରକରି

# ଦୁଇ ପୁଅ କଲେ ବୃଦ୍ଧ ବାପାଙ୍କୁ ମରଣାନ୍ତକ ଆକ୍ରମଣ, ଜଣେ ଗିରଫ

ଜଟଣୀ, (ସବ୍ୟୁ) : ବୃଦ୍ଧ ପିତାଙ୍କ ଅବସରକାଳୀନ ଭତ୍ତା ବଣ୍ଟନକୁ କେନ୍ଦ୍ରକରି ପାରିବାରିକ ବିବାଦ ଘଟି ରାତିରେ ବୃଦ୍ଧ ପିତା ଓ ଭଉଣୀଙ୍କୁ ମରଣାନ୍ତକ ଆକ୍ରମଣ ଓ ହତ୍ୟା ଉଦ୍ୟମ ଘଟଣାରେ ପୁଲିସ ଅଭିଯୋଗକାରିଣୀ ଝିଅ ପ୍ରିୟଙ୍କା ବେହେରା (୨୯ବର୍ଷ)ଙ୍କ ଦ୍ୱାରା ଦାଖଲ କରାଯାଇଥିବା ଲିଖିତ ରିପୋର୍ଟ ଆଧାରରେ ଜଟଣୀ ଥାନାରେ ୫୫୬/୨୫ ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ପୁଅ ପ୍ରତାପ କୁମାର ବେହେରା ଓରଫ ପପି (୩୩) କୁ ଗିରଫ କରିଥିବା ବେଳେ ଆଉ ଜଣେ ପୁଅକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିବା ଜଣାପଡିଛି । ଅଭିଯୋଗକାରିଣୀଙ୍କ ବାପା ତାଙ୍କ ଅବସରକାଳୀନ ସମସ୍ତ ଟଙ୍କା ଅଭିଯୋଗକାରିଣୀଙ୍କ ନାମରେ କରିଥିବା ଓ ତାଙ୍କ ଦୁଇପୁଅଙ୍କୁ ଏହାରୁ ବାଦଦେଇ ଥିବାରୁ ଏହି ବିବାଦ ଉପୁଜିଥିଲା ।



ଏହି ଘଟଣାରେ ଗତ ୧୭ ତାରିଖ ରାତି ପ୍ରାୟ ୧୦.୦୦ଘଟିକା ସମୟରେ ଅଭିଯୋଗକାରିଣୀ ଚିନ୍ତାମଣି ନଗର (ନାଳିମଠ) ସ୍ଥିତ ତାଙ୍କ ଘରର କୋଠରୀରେ ଶୋଇଥିବା ବେଳେ ତାଙ୍କ ଭାଇ ତଥା ଅଭିଯୁକ୍ତ ପ୍ରତାପ ଓ ପ୍ରଭାତ ଜୋରଜବରଦସ୍ତ ଭାବରେ କୋଠରୀରେ ପ୍ରବେଶ କରି ତାଙ୍କୁ ଆକ୍ରମଣ କରିବାକୁ ପ୍ରୟାସ କରିଥିଲେ । ଏହାକୁ ଦେଖି ଅଭିଯୋଗକାରିଣୀଙ୍କ ବାପା ଓ ଜେଜେମା ହସ୍ତକ୍ଷେପ କରି ବିରୋଧ କରିବାରୁ ଅଭିଯୁକ୍ତ ମାନେ ଲାଠି ସାହାଯ୍ୟରେ ସେମାନଙ୍କୁ ଆକ୍ରମଣ କରିଥିଲେ । ଫଳସ୍ୱରୂପ ତାଙ୍କ ବାପାଙ୍କ ମୁଣ୍ଡରେ ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା, ଗୋଡରେ ଆଘାତ ଲାଗିଥିଲା ଏବଂ ତାଙ୍କ ଜେଜେମାଙ୍କ ହାତରେ ମଧ୍ୟ ଆଘାତ ଲାଗିଥିଲା । ଅଭିଯୁକ୍ତ ମାନେ ଅଭିଯୋଗକାରିଣୀଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ତାଙ୍କ ବେକକୁ ଚାପି ଦେଇଥିଲେ ଏବଂ ତାଙ୍କ ହାତକୁ ମଧ୍ୟ ଆକ୍ରମଣ କରିଥିଲେ । ଏହା ସହିତ ଘଟଣା ସମୟରେ ଅଭିଯୁକ୍ତ ମାନେ ଅଭିଯୋଗକାରିଣୀଙ୍କ ବାପାଙ୍କ ବେକକୁ ଚାପି ହତ୍ୟା କରିବାକୁ ମଧ୍ୟ ଚେଷ୍ଟା କରିଥିଲେ । ପଡ଼ୋଶୀ ମାନଙ୍କ ହସ୍ତକ୍ଷେପରେ ଅଭିଯୁକ୍ତମାନେ ଅଭିଯୋଗକାରିଣୀ ଓ ତାଙ୍କ ପରିବାରକୁ ଭୟଙ୍କର ପରିଣାମ ଦେବାକୁ ଧମକ ଦେଇ ଘଟଣାସ୍ଥଳରୁ ପଳାଇ ଯାଇଥିଲେ । ଆହତଙ୍କୁ ପ୍ରଥମେ ଜଟଣୀ ରେଳବାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ପରେ ଅଭିଯୋଗକାରିଣୀଙ୍କ ପିତାଙ୍କ ଅବସ୍ଥା ଗୁରୁତର ହୋଇ ପଡ଼ିବାରୁ ତାଙ୍କୁ ସମ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ଏହି ଘଟଣାର ତଦନ୍ତ ଚାଲିଥିଲା ବେଳେ ନିର୍ଭର ଯୋଗ୍ୟ ସୂଚନା ପାଇ ଚିନ୍ତାମଣିନଗର ଅଞ୍ଚଳରେ ଚଢ଼ଉ କରାଯାଇ ଅଭିଯୁକ୍ତ ପ୍ରତାପ କୁମାର ବେହେରା ଓରଫ ପପିକୁ ଗିରଫ କରାଯାଇଥିଲା । ପଚରାଉଚରା ସମୟରେ ଅଭିଯୁକ୍ତ ଅପରାଧରେ ନିଜ ସମ୍ପୃକ୍ତି ସ୍ୱୀକାର କରିଥିଲା । ପ୍ରାଥମିକ ପ୍ରମାଣ ସୁଦୃଢ଼ ଭାବରେ ପ୍ରତିଷ୍ଠିତ ହୋଇଥିବାରୁ ସମସ୍ତ ଆଇନଗତ ଔପଚାରିକତା ପୂରଣ କରି ଆଜି ଅଭିଯୁକ୍ତଙ୍କୁ କୋର୍ଟକୁ ଚାଲାଣ କରାଯାଇଛି । ବର୍ତ୍ତମାନ ଅଧିକ ତଦନ୍ତ ଜାରି ରହିଛି ।

## କମିଶନରେଟ୍ ପୁଲିସର ବସ୍ତିକୁ ଚାଲ ଅଭିଯାନ

# ନୂଆପଡ଼ା ବାଲିସାହିରେ ମେଗା ସ୍ୱାସ୍ଥ୍ୟସେବା ଶିବିର

କଟକ,(ସବ୍ୟୁ): କମିଶନରେଟ୍ ପୁଲିସ ପକ୍ଷରୁ ବସ୍ତିକୁ ଚାଲ ଅଭିଯାନ ଆରମ୍ଭ ହୋଇଛି । ପୁଲିସ କମିଶନର, ଅତିରିକ୍ତ ପୁଲିସ କମିଶନର ଓ କଟକ ଡିସିପିଙ୍କ ନିର୍ଦ୍ଦେଶ କ୍ରମେ କଟକ ମଧୁପାଟଣା ଥାନା ଅନ୍ତର୍ଗତ ନୂଆପଡ଼ା ବାଲି ସାହିରୁ ଆରମ୍ଭ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି ଅବସରରେ ଏକ ମେଗା ସ୍ୱାସ୍ଥ୍ୟ ଚିକିତ୍ସା ଶିବିରର ଆୟୋଜନ କରାଯାଇଥିଲା । ଏଥିରେ ମେଡ଼ିସିନ୍, ଚକ୍ଷୁ, ସ୍ତ୍ରୀ ଓ ପ୍ରସୂତି, ହୃଦ୍‌ରୋଗ, ମଧୁମେହ, ରକ୍ତଚାପ ଭଳି ରୋଗର ବିଭିନ୍ନ ପରୀକ୍ଷା ନିରୀକ୍ଷା ସାଙ୍ଗକୁ ଉପଯୁକ୍ତ ଔଷଧ ବିତରଣ କରାଯାଇଥିଲା । ଏଥିରେ ସ୍ଥାନୀୟ ଅଞ୍ଚଳ ରୁ ପ୍ରାୟ ୭୦୦ ରୁ ୧୦୦୦ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ।

ଏଠାରେ ସୂଚନାଯୋଗ୍ୟ, ପୁଲିସ ଓ ବସ୍ତିରେ ବାସ କରୁଥିବା ଲୋକଙ୍କ ମଧ୍ୟରେ ସମ୍ପର୍କ କିଭଳି ଆହୁରି ମଜବୁତ ହୋଇପାରିବ ଏହି ଲକ୍ଷ ନେଇ ୨୦ତ୍ରୁ ବସ୍ତିକୁ ଚାଲ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା ।

# ଆଦର୍ଶ ଥାନାର ଅତିରିକ୍ତ ଥାନାଅଧିକାରୀ ଭାଗ୍ୟଶ୍ରୀ ବେହେରା

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଆଦର୍ଶ ଥାନାର ଅତିରିକ୍ତ ଥାନା ଅଧିକାରୀ ଭାବେ ଭାଗ୍ୟଶ୍ରୀ ବେହେରା ଯୋଗଦେଇଛନ୍ତି। ଶ୍ରୀମତୀ ବେହେରା ପୂର୍ବରୁ ଜଙ୍କିଆ ଥାନାରେ ୪ବର୍ଷ ଏବଂ ଶିଳ୍ପାଂଚଳ ଥାନାରେ ୬ମାସ ଦକ୍ଷତା ସହିତ କାର୍ଯ୍ୟ କରିଛନ୍ତି। ତେବେ ଶ୍ରୀମତୀ ବେହେରାଙ୍କ ଯୋଗଦାନ ପରେ ସେ ପ୍ରଥମେ ଥାନା ଅଧିକାରୀ ସଞ୍ଜୟ ନାୟକଙ୍କୁ ଭେଟିଥିବାବେଳେ ପରେ ଥାନାର କର୍ମଚାରୀ ଓ ଶୁଭେଚ୍ଛୁ ତାଙ୍କୁ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଇଥିଲେ। ଜିଲ୍ଲା ଆରକ୍ଷୀ



ଅଧିକ୍ଷକ, ଉପଖଣ୍ଡ ପୁଲିସ ଅଧିକାରୀ ଓ ଥାନା ଅଧିକାରୀଙ୍କ ପରାମର୍ଶ କ୍ରମେ ଲୋକଙ୍କୁ ନ୍ୟାୟ ପ୍ରଦାନ କରିବାରେ ସଦାସର୍ବଦା କାର୍ଯ୍ୟ କରିବେ ବୋଲି ଶ୍ରୀମତୀ ବେହେରା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

ଫୁଲନଖରା, (ସବ୍ୟୁ): ପ୍ରାଚୀ ଜଳସେଚନ ବିଭାଗ ପ୍ରତାପନଗରୀ ଜଳସେଚନ ଉପ ନିର୍ବାହୀ ଯନ୍ତ୍ରୀଙ୍କ ଅଧିନସ୍ଥ ଗୁଆଳୀ ମାଇନର କେନାଲ ୨୦ ତାରିଖ ପୂର୍ବାହ୍ନ ୧୧ ଟା ସମୟରେ ନିଆଳୀ ବିଧାୟକ ଇଂ. ଛବି ମଲ୍ଲିକ ୨୦ ଲକ୍ଷ ଟଙ୍କା ବିନିମୟରେ ଉକ୍ତ ବନ୍ଧକୁ ଶିଳାନ୍ୟାସ କରାଯାଇଛି । ଏହି ଶିଳାନ୍ୟାସ ଉତ୍ସବରେ ପ୍ରାଚୀ ଡିଭିଜନ ଅଧିକ୍ଷଣ ଯନ୍ତ୍ରୀ ଇଂ. ରଘୁନାଥ ସ୍ୱାଇଁ, ପ୍ରତାପନଗରୀ ଜଳ ସମ୍ପଦ ବିଭାଗ ଉପନିର୍ବାହୀ ଯନ୍ତ୍ରୀ ଇଂ. ଅଜୟ କୁମାର ବେହେରା, ମହିଧରପଡ଼ା ଜଳ ସେଚନର କନିଷ୍ଠ ଯନ୍ତ୍ରୀ ଆର୍ଯ୍ୟ ପଡ଼ିଆରୀ, ସହକାରୀ ଯନ୍ତ୍ରୀ ପ୍ରସନ୍ନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଭାବେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନସ୍ଥ ଉଲ୍ଲାରଠାରୁ ରାୟପୁର ରାସ୍ତାର ଉନ୍ନତିକରଣ ଯାହାର ଅଟକଳ ମୂଲ୍ୟ ୨ କୋଟି ୪୦ ଲକ୍ଷ ଓ କୁରାଙ୍ଗ ପ୍ରଧାନଠାରୁ ଭିଙ୍ଗାରପୁର ରାସ୍ତାର ଉନ୍ନତିକରଣ ଯାହାର ଅଟକଳ ମୂଲ୍ୟ ୪ କୋଟି ୫ ଲକ୍ଷ । ସୂଚନାଯୋଗ୍ୟ ଯେ, ଏହି ୩ ଗୋଟି ରାସ୍ତାର ର୍ନିମାଣ ଓ ଉନ୍ନତିକରଣ ନିମନ୍ତେ ଦୀର୍ଘ ଦିନରୁ ଦାବି ହୋଇ ଆସୁଥିଲା । ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଧୀରେନ୍ଦ୍ର ବାରିକ,ଦିଲ୍ଲିପ କୁମାର ପାତ୍ର,ଜୟନ୍ତ କୁମାର ଜେନା,ବିଜୟ କୁମାର ସାହୁ,ରାଜ କିଶୋରସ୍ୱାଇଁ,ଆଲୋକ ଗଜେନ୍ଦ୍ର,ଅଶିନୀ କାଣ୍ଡି,ପ୍ରତାପ ଚନ୍ଦ୍ର ପଣ୍ଡା,ସୁରେନ୍ଦ୍ର ଛୋଟରାୟ ପ୍ରମୁଖ ଉପସ୍ଥିତ ଥିଲେ ।

# ଟ୍ରାନ୍ସଫର୍ମରରୁ ଯନ୍ତ୍ରାଂଶ ଚୋରି

ବାରଙ୍ଗ, (ସବ୍ୟୁ): ଏକ କାର୍ଯ୍ୟକ୍ଷମ ବିଦ୍ୟୁତ ଟ୍ରାନ୍ସଫରମର ଭାଙ୍ଗି ତାମଧରୁ ଦୁର୍ବୃତମାନେ ଯନ୍ତ୍ରାଂଶ ଚୋରି କରିନେଇଥିବାର ଶୁକ୍ରବାର ଗୋଡିସାହି ଫାଣ୍ଡିରେ ଅଭିଯୋଗ ହୋଇଛି । ଗୁରୁବାର ବିଳମ୍ବିତ ରାତିରେ ନରାଜମାର୍ଥାପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନିକଟସ୍ଥ ଯାତ୍ରା ପଡ଼ିଆଠାରେ ଏକ ଟ୍ରାନ୍ସଫରମର ରହିଛି । ଏହି ଟ୍ରାନ୍ସଫରମରରୁ ନରାଜମାର୍ଥାପୁର ଗ୍ରାମକୁ ବିଦ୍ୟୁତ ଯୋଗାଣ ହେଉଛି । ଗୁରୁବାର ବିଳମ୍ବିତ ରାତିରେ ହଠାତ ଲାଇନ କଟି ଯାଇଥିଲେ ମଧ୍ୟ ଆଉ ଆସିନଥିଲା । ଟ୍ରାନ୍ସଫରମରକୁ ଭାଙ୍ଗି ଦୁବୃର୍ତ୍ତମାନେ ସେଥିରୁ ଯନ୍ତ୍ରାଂଶ ଚୋରି କରି ନେବାରୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇଥିବାର ଶୁକ୍ରବାର ସକାଳେ ଗ୍ରାମବାସୀମାନେ ଦେଖିବାକୁ ପାଇଥିଲେ । ଗ୍ରାମବାସୀଙ୍କ ଠାରୁ ଖବରପାଇ ଗୋଡିସାହି ବିଦ୍ୟୁତ ବିଭାଗ ଅଧିକାରୀମାନେ ଘଟଣାସ୍ଥଳକୁ ଆସି ଅନୁଧ୍ୟାନ କରି ଯନ୍ତ୍ରାଂଶ ଚୋରି ନେଇ ଗୋଡିସାହି ଫାଣ୍ଡିରେ ଅଭିଯୋଗ କରିଥିଲେ । ପୋଲିସ ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ କରିଛି ।




## ୩୩୫୨କେଜି ଗଞ୍ଜେଇ ଜବତ

# ୨୦୦ ମାମଲାରେ ୨୯୯ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଟ୍ରେନ୍‌ରେ ନିଶାଦ୍ରବ୍ୟ ଚାଲାଣକୁ ରୋକିବା ପାଇଁ ଜିଆର୍‌ପି ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଡ୍ରାଇଭ୍ ଜାରି ରହିଛି । ଚଳିତବର୍ଷ ଜିଆର୍‌ପି ପୋଲିସ ୩୩୫୨ କେଜି ଗଞ୍ଜେଇ ଜବତ କରିବା ସହ ୨୦୦ ମାମଲା ରୁଜୁ କରି ୨୯୯ଜଣଙ୍କୁ ଗିରଫ କରିଛି । କଟକରେ ୮୭ଟି ମାମଲା ରୁଜୁ କରାଯିବା ସହ ୧୪୮୯କେଜି ଗଞ୍ଜେଇ ଜବତ କରାଯାଇ ୧୧୬ଜଣଙ୍କୁ ଗିରଫ କରାଯାଇଛି । ସେହିପରି ରାଉରକେଲା ଜିଆର୍‌ପି ୧୧୩ଟି ମାମଲା ରୁଜୁ କରି ୧୮୬୩କେଜି ଗଞ୍ଜେଇ ଜବତ କରିଛି । ଏହି ମାମଲାରେ ୧୮୩ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ସେହିପରି ୨.୬୧ଗ୍ରାମ୍ ବ୍ରାଉନସୁଗର ଜବତ କରାଯାଇଛି ।

ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତ ଝାଡଖଣ୍ଡ, ବିହାର, ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ, ରାଜସ୍ଥାନ, ମହାରାଷ୍ଟ୍ର ଏବଂ ଗୁଜରାଟ ରାଜ୍ୟର ବୋଲି ପୋଲିସ କହିଛି । ସମସ୍ତ ମାମଲାର ତଦନ୍ତ ଜାରି



ରହିଛି । ଏହା ପଛରେ ଥିବା ଚୋରାଚାଲାଣ ନେଟ୍‌ଓ୍ୱାର୍କକୁ ଭାଙ୍ଗିବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି । ରେଳପଥକୁ ମାଦକଦ୍ରବ୍ୟ ଚୋରାଚାଲାଣରୁ ମୁକ୍ତ ରଖିବା ପାଇଁ ଆର୍‌ପିଏଫ୍, ଜିଆର୍‌ପି ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରାଯାଇ କଠୋର ଯାଞ୍ଚ କରାଯାଉଛି । ରାଜ୍ୟର ବହୁ ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନ ଯଥା-ଭୁବନେଶ୍ୱର, କଟକ, ସମ୍ବଲପୁର, ପୁରୀ, ରାଉରକେଲା ଆଦି ରେଳ ଷ୍ଟେସନରେ ମିଳିତ ଅଭିଯାନ କରାଯାଉଛି । ଟ୍ରେନ୍‌ରେ ସନ୍ଦେହଜନକ ଅନୁଭବ ହେଉଥିବା ବ୍ୟାଗ୍, ପାର୍ସଲ, ତନ ତନ କରି ଯାଞ୍ଚ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି ।

ବିଭିନ୍ନ ସମୟରେ ସନ୍ଧାନୀ କୁକୁର ଦ୍ୱାରା ଷ୍ଟେସନ ଓ ଟ୍ରେନ୍ ବଗି ମଧ୍ୟରେ ଯାଞ୍ଚ କରାଯାଇ ମାଦକଦ୍ରବ୍ୟ ଠାବ କରାଯାଉଛି । ସାଧାରଣ ଲୋକଙ୍କୁ ମାଦକ ବିରୋଧୀ ଅଭିଯାନରେ ସହଯୋଗ କରିବା ଓ ସନ୍ଦେହଜନକ ଘଟଣା ସମ୍ପର୍କରେ ତୁରନ୍ତ ପୋଲିସକୁ ଜଣାଇବାକୁ ଅନୁରୋଧ କରାଯାଇଛି । ରେଳପଥକୁ ନିଶାଦ୍ରବ୍ୟ ଚାଲାଣରୁ ମୁକ୍ତ କରିବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ପ୍ରୟାସ ଜାରି ରହିଛି । ଜିଆର୍‌ପି, ଆର୍‌ପିଏଫ୍ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ କଠୋର ଯାଞ୍ଚ ପ୍ରକ୍ରିୟା ଜାରି ରହିଛି । ନିଶା ମାଫିଆଙ୍କ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରାଯାଉଛି । ଅପରାଧରେ ଜଡିତ ଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଜିପି ଯୋଗେଶ ମହାଦୂର ଖୁରାନିଆ କହିଛନ୍ତି ।

# ଗାଡ଼ି ଚୋରି ର୍‌ୟାକେଟ୍ ଠାବ: ୪ଗିରଫ

କଟକ,(ସବ୍ୟୁ): ଲାଲବାଗ ଥାନା ପୁଲିସ ଏକ ଗାଡ଼ିଚୋରି ର୍‌ୟାକେଟ୍‌କୁ ଠାବ କରିଛି । କଟକ ସହରର ବିଭିନ୍ନ ଅଞ୍ଚଳରୁ ଏହି ର୍‌ୟାକେଟ୍ ଗାଡ଼ି ଚୋରି କରି ଏହାକୁ ବିଭିନ୍ନ ଅଞ୍ଚଳରେ ବିକ୍ରୟ କରି ଦେଉଥିଲେ । ଗତ ୬ ତାରିଖରେ ଆର୍‌ଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଏକ ସ୍କୁଟି ଚୋରି ହୋଇଥିଲା । ପୁଲିସ ଏହି ସ୍କୁଟିକୁ ଜବତ କଲା ପରେ ସମ୍ପୂର୍ଣ୍ଣ ର୍‌ୟାକେଟ୍‌ର ପର୍ଦ୍ଦାଫାସ୍ ହୋଇଛି । ଏହି ଚୋରି ଘଟଣାରେ ପୁଲିସ ୪ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ ଆଠଗଡ଼ର ରଞ୍ଜିତ୍‌କୁମାର ବେହେରା ଓରଫ୍ ବଣ୍ଟି(୨୧), ଶକ୍ତିପ୍ରସାଦ ନାୟକ(୧୯), ଢେଙ୍କାନାଳ ଗୋବିନ୍ଦପୁର ଅଞ୍ଚଳର ସିପୁନ୍ ନାୟକ(୨୦) ଏବଂ ଖୁଣ୍ଟୁଣୀ ଅଞ୍ଚଳର ରାଜା ନାଏକ(୨୧) । ଏମାନଙ୍କ ଠାରୁ ୨ଟି ଆକ୍ଟିଭା ଏବଂ ୩ଟି ବାଇକ୍ ଜବତ କରାଯାଇଛି । ଗତ ୬ତାରିଖ ଦିନ ୧୨ଟାରେ ଆରଡିସିଙ୍କ କାର୍ଯ୍ୟାଳୟ ସମ୍ମଖରୁ ଅଭିଯୁକ୍ତ ବଣ୍ଟି ଧଳା ରଙ୍ଗର ହୋଣ୍ଡା ଆଭିଏଟର(ଓଡି-୦୫-ଜେଡ୍-୪୭୩)ଚୋରି କରି ନେଇଥିଲା । ଏହି ଗାଡ଼ିକୁ ସେ ଆଠଗଡ଼ ଥାନା ଅନ୍ତର୍ଗତ ଜେନାପଡ଼ାର ଶକ୍ତିପ୍ରସାଦକୁ ବିକ୍ରି କରି ଦେଇଥିଲା । ପୁଲିସ ଏହି ଘଟଣାରେ ଅଭିଯୁକ୍ତ ବଣ୍ଟିକୁ ଗିରଫ କରିବା ପରେ ସେ ର୍‌ୟାକେଟ୍ ବିଷୟରେ ସମ୍ପୂର୍ଣ୍ଣ ସୂଚନା ଦେଇଥିଲା । ଏହାପରେ ପୁଲିସ ବିଭିନ୍ନ ଅଞ୍ଚଳରେ ଚଢ଼ଉ କରି ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ସୂଚନା ମିଳିଛି ।

# ପୁରୀ ପୋଲିସ ପକ୍ଷରୁ ରକ୍ତଦାନ ଶିବିର : ୧୦୪ ୟୁନିଟ ରକ୍ତ ସଂଗ୍ରହ



ପୁରୀ, (ସବ୍ୟୁ): ଶୁକ୍ରବାର ପୂର୍ବାହ୍ନରେ ସମୁଦ୍ରକୂଳ ଥାନା ପକ୍ଷରୁ ଜିଲ୍ଲା ପାଳଙ୍କ ସଦଭାବନା ସଭା ଗୃହରେ ଏକ ରକ୍ତ ଦାନ ଶିବିର ଆୟୋଜନ କରାଯାଇ ଥିଲା। ଜିଲା ଏସପି ପ୍ରତୀକ ସିଂ ମୂଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ରକ୍ତ ଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ଆଜିର ଏହି ରକ୍ତ ଦାନ ଶିବିର ରେ ମୋଟ ୧୦୪ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ପୂର୍ବାହ୍ନ ୧୦ ଟା ରୁ ଅପରାହ୍ନ ୨ ଟା ପର୍ଯ୍ୟନ୍ତ ରକ୍ତ ଦାନ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ପୋଲିସ ଅଧିକାରୀ, ସମାଜସେବୀ, ସାଧାରଣ ଲୋକ ଓ ବିଭିନ୍ନ ସାମାଜିକ ସଂଗଠନ କର୍ମକର୍ତ୍ତାମାନେ ଯୋଗ ଦେଇ ରକ୍ତ ଦାନ କରି ଥିଲେ। ଏହି ଶିବିରରେ ଟାଉନ ଥାନା ଆଇଆଇସି ଗୋକୁଳ ରଂଜନ ଦାସଙ୍କଙ୍କ ସମେତ ବହୁ ପୋଲିସ ଅଧିକାରୀମାନେ ରକ୍ତ ଦାନ କରି ଥିଲେ। ରକ୍ତ ଦାନ ଶିବିରକୁ ଉଦଘାଟନ କରି ଏସ୍ପି ଶ୍ରୀ ସିଂହ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ରକ୍ତଦାନ ଏକ ମହାଦାନ ଅଟେ। ଗୋଟିଏ ବିନ୍ଦୁ ରକ୍ତ କଣିକା ଗୋଟିଏ ଜୀବନକୁ ବଞ୍ଚାଇ ଥାଏ। ରକ୍ତ ଦାନ ଦ୍ୱାରା ଅନେକ ମୂଲ୍ୟବାନ ଜୀବନକୁ ବଞ୍ଚାଇ ହେବ। ପୋଲିସ କେବଳ ଆଇନ ଓ ଶୃଙ୍ଖଳା ରକ୍ଷାରେ ସୀମିତ ନୁହେଁ, ସାମାଜିକ ଦାୟିତ୍ୱ ପାଳନ ଓ ମାନବିକ ସେବାରେ ମଧ୍ୟ ସକ୍ରିୟ ଭାବେ ଅଂଶଗ୍ରହଣ କରୁଛି। ଭବିଷ୍ୟତରେ ଏପରି ସାମାଜିକ ଓ ସ୍ୱାସ୍ଥ୍ୟମୂଳକ କାର୍ଯ୍ୟକ୍ରମ ଆହୁରି ବେଶି ପରିମାଣରେ ଆୟୋଜନ କରାଯିବ ବୋଲି ଏସପି କହି ଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଡିଏସ୍ପି ସିଟି ପ୍ରଶାନ୍ତ ସାହୁ, ଟ୍ରାଫିକ୍ ଆଇଆଇସି ଜୟଦୀପ ମହାନ୍ତି, ଟାଉନ୍ ଥାନା ଆଇଆଇସି ଗୋକୁଳ ରଞ୍ଜନ ଦାସ, ସିବିଚ୍ ଥାନା ଆଇଆଇସି ମାନସ ଚକ୍ର, ସିଂହଦ୍ୱାର ଥାନା ଆଇଆଇସି ଶ୍ୱେତପଦ୍ମା ଦାଶ, ବାଳିଆପଣ୍ଡା ଥାନା ଆଇଆଇସି ଶ୍ରୀମତୀ ସଂଗୀତା ଦାଶ ଓ ତାଳବଣିଆ ଥାନା ଆଇଆଇସି ଗୀତାଞ୍ଜଳି ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ମୁଖ୍ୟମନ୍ତ୍ରୀ ବସ୍ ସେବା ସମ୍ପର୍କିତ ରାଜ୍ୟସ୍ତରୀୟ ଷ୍ଟିଅରିଂ କମିଟି ବୈଠକ

# ସାର୍ବଜନିକ ପରିବହନ ସୁଦୃଢ଼ କରିବା ପାଇଁ ମୁଖ୍ୟ ସଂସ୍କାର ଉପରେ ସମୀକ୍ଷା

ଭୁବନେଶ୍ୱର, (ସୁବ୍ୟ): ମୁଖ୍ୟମନ୍ତ୍ରୀ ବସ୍ ସେବା (ଏମ୍‌ବିଏସ୍) ସମ୍ପର୍କିତ ରାଜ୍ୟସ୍ତରୀୟ ଷ୍ଟିୟରିଂ କମିଟି ବୈଠକ ଖାରବେଳ ଭବନରେ ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସାର୍ବଜନୀନ ପରିବହନ ପ୍ରଣାଳୀକୁ ଅଧିକ ସୁଦୃଢ଼ କରିବା ପାଇଁ ଜାରିରହି ଥିବା ସଂସ୍କାର ପ୍ରକ୍ରିୟା ଓ ଆଗାମୀ ପର୍ଯ୍ୟାୟର ରୂପରେଖ ଉପରେ ସମୀକ୍ଷା କରାଯାଇଥିଲା। ବୈଠକରେ ସହର ଓ ଗ୍ରାମାଞ୍ଚଳରେ ସେବା କ୍ଷମତା ବୃଦ୍ଧି, ସହଜ ଓ ଶସ୍ତା ପରିବହନ ସୁନିଶ୍ଚିତ କରିବା ସହ ଶେଷ ମାଇଲ୍ ସଂଯୋଗ ସୁଦୃଢ଼ କରିବାକୁ ଲକ୍ଷ୍ୟ କରି ବିଭିନ୍ନ ନୀତିଗତ ଓ ପ୍ରଚାଳନାତ୍ମକ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା। ମୁଖ୍ୟ ଆଲୋଚ୍ୟ ବିଷୟମାନଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ ବସ୍ ସେବାରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜିଙ୍କ ଭୂମିକା, ଯେଉଁଠାରେ ଏସ୍‌ଏଚ୍‌ଜି କଣ୍ଡକ୍ଟରମାନେ ସେବା ପ୍ରଦାନକୁ ସୁଦୃଢ଼ କରିବା ସହ ମହିଳା



ଜୀବିକାକୁ ପ୍ରୋତ୍ସାହନ ଦେଉଛନ୍ତି, ଟିକେଟ୍ ଦର ପୁନଃନିର୍ଦ୍ଧାରଣ ଓ ଯାତ୍ରୀ ରିହାତି, ସହଜତା ଓ ଆର୍ଥିକ ସ୍ଥାୟୀତ୍ୱ ମଧ୍ୟରେ ସମତୁଳନ ରଖିବା ପାଇଁ ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ବସ୍ ଯାତ୍ରା ଜାରି ରଖିବା, ଯାହା ଶିକ୍ଷା ଓ ଗତିଶୀଳତାରେ ସମାନ ସୁଯୋଗ ପ୍ରତି ରାଜ୍ୟ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

ସଂସ୍ଥାଗତ ବ୍ୟବସ୍ଥାର ପୁନଃସଂରଚନା, ସମନ୍ୱୟ, ନିରୀକ୍ଷଣ ଓ ଦାୟିତ୍ୱବୋଧ ସୁଦୃଢ଼ କରିବା; ବସ୍ ରୁଟ୍‌ଗୁଡ଼ିକର ଯୁକ୍ତିସଂଗତ ପୁନର୍ବ୍ୟବସ୍ଥା, ଆବରଣ ବୃଦ୍ଧି, ପୁନରାବୃତ୍ତି କମାଇବା ଓ ପ୍ରଚାଳନା କ୍ଷମତା ଉନ୍ନତ କରିବା ଏବଂ ପିପିପି ଅପରେଟରମାନଙ୍କ ପାଇଁ ଜିସିସି ଦର ପୁନଃନିର୍ଦ୍ଧାରଣ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ବୈଠକରେ ଅଧ୍ୟକ୍ଷତା କରି ପ୍ରମୁଖ ସଚିବ ଶ୍ରୀମତୀ ପାଢ଼ୀ ଜିଲ୍ଲାସ୍ତରରୁ ଆସୁଥିବା ପ୍ରସ୍ତାବ ଆଧାରରେ ବସ୍ ରୁଟ୍‌ଗୁଡ଼ିକୁ ପୁନଃସଂଗଠିତ କରି ବିଦ୍ୟାଳୟ, ଚିକିତ୍ସାଳୟ ଓ ଅନ୍ୟାନ୍ୟ ଆବଶ୍ୟକ ସାର୍ବଜନିକ ସଂସ୍ଥା ସହ ସଂଯୋଗ ସୁଦୃଢ଼ କରିବା ଉପରେ ଜୋର ଦେଇଥିଲେ। ସେ ମିଶନ ଶକ୍ତି ଓ ମହିଳା ଏସ୍‌ଏଚ୍‌ଜିଙ୍କ ଅଧିକ ସକ୍ରିୟ ସଂଲଗ୍ନତା ଉପରେ ମଧ୍ୟ ଗୁରୁତ୍ୱ ଦେଇ, ମୁଖ୍ୟମନ୍ତ୍ରୀ ବସ୍ ସେବା ଓଡ଼ିଶାର ସହଜ, ସୁରକ୍ଷିତ ଓ ସସ୍ଥାୟୀ ସାର୍ବଜନିକ ପରିବହନ ଦୃଷ୍ଟିକୋଣର ଏକ ମୁଖ୍ୟ ଆଧାର ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ବସ୍ ସେବାର କାର୍ଯ୍ୟଦକ୍ଷତା ଓ ଆଗାମୀ କାର୍ଯ୍ୟଯୋଜନା ଉପରେ ସମୀକ୍ଷା କରାଯାଇ, ସାର୍ବଜନିନ ପରିବହନକୁ ନିର୍ଭରଯୋଗ୍ୟ, ସାମାବେଶୀ ଓ ଲୋକକେନ୍ଦ୍ରିକ ଗତିଶୀଳତା ସମାଧାନ ଭାବେ ସୁଦୃଢ଼ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

ଏହି ବୈଠକରେ ସୌମେନ୍ଦ୍ର ପ୍ରିୟଦର୍ଶୀ, ଏଡିଜି, ଓପିଏଚ୍ ଏବଂ ଡବ୍ଲ୍ୟୁସି; ଅମିତାଭ ଠାକୁର, ପରିବହନ ଆୟୁକ୍ତ; ଏନ୍‌ବିଏସ୍ ରାଜପୁତ, ସିଏମ୍‌ଡି, ଓଏସ୍‌ଆରଟିସି,ଗିରିଶ ଏସ୍. ଏନ କମିଶନର-କମ୍-ସଚିବ, ମିଶନ ଶକ୍ତି ବିଭାଗ ଏବଂ ସଞ୍ଜୟ ବିଶ୍ୱାଳ, ଜିଏମ୍ , ଓ ଏସ୍ ଆର୍ ଟି ସିଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକର ଶେଷରେ ଚିହ୍ନଟ ସଂସ୍କାରଗୁଡ଼ିକୁ ତ୍ୱରିତ କାର୍ଯ୍ୟାନ୍ୱୟନ କରିବା ଓ ରାଜ୍ୟ ଏବଂ କ୍ଷେତ୍ରସ୍ତରରେ ସମନ୍ୱିତ ପ୍ରୟାସ ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା, ଯାହା ଦ୍ୱାରା ସାରା ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ବସ୍ ସେବାର ପ୍ରଭାବ ଓ ପହଞ୍ଚ ଅଧିକ ସୁଦୃଢ଼ ହେବ।

# ଯୁବ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ

ଭୁବନେଶ୍ୱର,(ସବ୍ୟୁ): ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରାଉ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଗୃହ ବିଭାଗ ଚଳାଇବାରେ ସଂପୂର୍ଣ୍ଣ ଅସମର୍ଥ ହୋଇଥିବା ପ୍ରମାଣିତ ବୋଲି ପ୍ରଦେଶ ଯୁବ କଂଗ୍ରେସ ସଭାପତି ଶ୍ରୀ ପାତ୍ର ଅଭିଯୋଗ କରିବା ସହ ଆଜି ଓଡ଼ିଶା ସରକାରଙ୍କର ୪୪ଟି ମୁଖ୍ୟ ବିଭାଗ ମଧ୍ୟରୁ ଗୃହ ବିଭାଗଟି ସଂପୂର୍ଣ୍ଣ ଅଚଳ ହୋଇପଡ଼ିଛି ବୋଲି କହିଥିଲେ । ଅନିୟନ୍ତ୍ରିତ ଅପରାଧ ପାଇଁ ଓଡ଼ିଶାବାସୀ ତ୍ରାହି ତ୍ରାହି ଡାକୁଛନ୍ତି । ମାତ୍ର ଓଡ଼ିଶାର ମୁଖ୍ୟମନ୍ତ୍ରୀ ନିଦକ, ନିଶ୍ଚଳ, ନିଦାବିଷ୍ଟ ଓ ଅପ୍ରଭାବିତ ହୋଇ ବସିଛନ୍ତି । ଓଡ଼ିଶାବାସୀଙ୍କର ଯନ୍ତ୍ରଣା ମୁଖ୍ୟମନ୍ତ୍ରୀଙ୍କର ବିବେକ ଓ ହୃଦୟକୁ ପ୍ରଭାବିତ କରିପାରୁ ନାହିଁ ।

ଶ୍ରୀ ପାତ୍ର କହିଛନ୍ତି ଯେ ଆମ ମୁଖ୍ୟମନ୍ତ୍ରୀ ମୋହନ, ଓଡ଼ିଶାକୁ କରୁଛନ୍ତି ଦହନ ଛ ଧଉଳିଗିରିର ନାବାଳିକା ଦୁଷ୍କର୍ମ ଘଟଣା ଓଡ଼ିଶାରେ ପର୍ଯ୍ୟଟନସ୍ଥଳ ମାନଙ୍କରେ ମହିଳା ନିରାପତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି । ଧଉଳି ପାହାଡ଼ ତଳେ ଥାନା ଏବଂ ଥାନା ପାଖରୁ ଯଦି ଜଣେ ମହିଳାଙ୍କୁ ଭିଡ଼ି ନେଇ ଗଣଦୁଷ୍କର୍ମ କରାଯାଉଛି ତେବେ ମାଲକାନଗିରି ଓ ମୟୁରଭଞ୍ଜର ପର୍ଯ୍ୟଟନ ସ୍ଥଳରେ ମହିଳାଙ୍କର ସୁରକ୍ଷା ବ୍ୟବସ୍ଥା କ'ଣ ଥିବା ତାହା ଚିନ୍ତାର ବିଷୟ । ମୋହନ ସରକାର



ଆସିବାପରେ ୪୦ ହଜାର ମହିଳା ଅତ୍ୟାଚାର କେସ ଦରଜ ହୋଇଥିବା ବେଳେ ୪୦ଟା କେସର ଅପରାଧିଙ୍କୁ ଦଣ୍ଡ ଦିଆଯାଇ ପାରିନି । ବିରୋଧି ଦଳ ପ୍ରଶ୍ନ କଲେ, ଆନ୍ଦୋଳନ କଲେ ପୋଲିସ ଲଗାଇ ଦମନ କରାଯାଉଛି । ମାତ୍ର ପରିସ୍ଥିତିକୁ ସୁଧାରିବାପାଇଁ ସରକାର ପ୍ରଚେଷ୍ଟା କରୁନାହାନ୍ତି । ଯେଉଁଦିନ ପ୍ରଧାନମନ୍ତ୍ରୀ ଓଡ଼ିଶା ଗସ୍ତ କରିଥିଲେ ସେହିଦିନ ମଧ୍ୟ ଭୁବନେଶ୍ୱରରେ ହତ୍ୟାକାଣ୍ଡ ହୋଇଥିଲା ଛ ଓଡ଼ିଶାରେ ଭାରତୀୟ ଜନତାପାର୍ଟି ଶାସନରେ ମହିଳାଙ୍କ ଉପରେ ୩୭,୬୧୧ ଟି ଅପରାଧିକ ଘଟଣା ଘଟିବାର କେସ ଦରଜ ହୋଇଛି ଛ ୮୨୭୭ ମହିଳାଙ୍କୁ ଅପହରଣ କରାଯାଇଛି । ୨୦୯୩୩ ଜଣଙ୍କୁ ଦୁଷ୍କର୍ମ କରାଯିବା ସହ ୧୨୭୮ ଜଣଙ୍କୁ ଯୌନଉତ୍ପୀଡ଼ ଦିଆଯାଇଛି । ଗୋଟେ ଦିନରେ ୧୫ ଜଣ ମହିଳା ଦୁଷ୍କର୍ମର ଶିକାର ହେବା ତଥ୍ୟ ମଧ୍ୟ ରହିଛି । ସରକାରୀ ଓ ବେସରକାରୀ ସ୍କୁଲ, କଲେଜ,ୟୁନିଭରସିଟି, ହଷ୍ଟେଲ, ଆଶ୍ରମରେ ମଧ୍ୟ ଛାତ୍ରଛାତ୍ରୀ ସୁରକ୍ଷିତ ନାହାନ୍ତି । ଦଶମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହେଉଛି । ଭୁବନେଶ୍ୱରରେ ୬୭ ଟ ଓ୍ୱାର୍ଡରେ ଧଳା ଜହର କାରବାର ହେଉଛି । ୬୦ ହଜାର ମହିଳା ଓ ଶିଶୁ ନିଖୋଜ ହୋଇଥିବା ବେଳେ ଏ ସରକାର ସେମାନଙ୍କୁ ଠାବ କରିବାର ଦାୟିତ୍ୱ ନେଉନାହାନ୍ତି ।

ଭୁବନେଶ୍ୱର କଂଗ୍ରେସ ସାଂସଦ ପ୍ରାର୍ଥୀୟାସିର ନଓ୍ୱାଜ କହିଥିଲେ ଯେ ବିଜେପି ରାମଙ୍କୁ ଜପକରି ରାବଣର ପକ୍ଷ ନେଉଛି । କାର୍ଯ୍ୟକ୍ରମରେ ପୋଲିସ ଓ ଯୁବ କଂଗ୍ରେସ କର୍ମକର୍ତ୍ତାଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ୧ ଘଂଟା ଧରି ଠେଲାପେଲା ହେବାପରେ ପୋଲିସ ଯୁବ କଂଗ୍ରେସ କର୍ମୀମାନଙ୍କୁ ସେଠାରୁ ଭ୍ୟାନ ଯୋଗେ ଉଠାଇନେଇଥିଲା । ଆନ୍ଦୋଳନ ସ୍ଥଳରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତଳିକା ଦାହ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମନୋଜ ବିଶ୍ୱାଳ, ସୁଦିପ ସାମଲ, ସତ୍ୟଜିତ ପଟ୍ଟନାୟକ, ଅଭିଜିତ ଜେନା, ଜାଭେଦ ଅକତାର, ମହମ୍ମଦ ଗୁଲଫାମ, ଅମରେଶ ପରିଡ଼ା, କେଦାର ଦଳାଇ, ଶିକ୍ସିଶ୍ରୀ ହରିଚନ୍ଦନ, ଲକ୍ଷ୍ମୀପ୍ରିୟା ନାୟକ, ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## କୋର୍ଟ ସ୍ଥାନାନ୍ତରକୁ ପୁରୀ ଜିଲ୍ଲା ଓକିଲ ସଂଘ ପକ୍ଷରୁ ବିରୋଧ

# ଅଠରନଳା ଠାରେ ବିକ୍ଷୋଭ, ରାସ୍ତାରୋକ

ପୁରୀ, (ସବ୍ୟୁ): ପୁରୀର ସର୍ବ ପୁରାତନ ଐତିହ୍ୟ କୋର୍ଟ ସ୍ଥାନାନ୍ତରକୁ ବିରୋଧ କରି ପୁରୀ ଜିଲ୍ଲା ଓକିଲ ସଂଘ ପକ୍ଷରୁ ଶନିବାର ପୂର୍ବାହ୍ନରେ ପୁରୀ ଭୁବନେଶ୍ୱର ଜାତୀୟ ରାଜପଥ ପ୍ରବଶେ ପଥ ଅଠରନଳା ଠାରେ ଦୃଢ଼ ପ୍ରତିବାଦ କରା ଯାଇଛି। ପ୍ରତିବାଦ ସ୍ୱରୂପ ଓକିଲ ସଂଘ ପକ୍ଷରୁ ଆଇନ ଜିବୀ ମାନେ ରାସ୍ତାରେ ଆନ୍ଦୋଳନ କରିବା ସହିତ ରାସ୍ତାରୋକ କରା ଯାଇଛି। ପୂର୍ବାହ୍ନ ୧୦ ଟା ରୁ ଅପରାହ୍ନ ୧ ଟା ପର୍ଯ୍ୟନ୍ତ ରାସ୍ତା ରୋକ ହୋଇ ଥିଲା। ଯାହା ଫଳରେ ପୁରୀ ଓ ଭୁବନେଶ୍ୱର ଆଡୁ ଆସୁଥିବା ଯାନ ବାହନ ଚଳାଚଳ ବାଧାପ୍ରାପ୍ତ ହୋଇ ଥିଲା। କେବଳ ଆମ୍ବୁଲାନ୍ସ, ସ୍କୁଲ ଓ କଲେଜ ଯାନ ଗୁଡ଼ିକ ବ୍ୟତୀତ ଅନ୍ୟ ଘରୋଇ ଯାନ ବାହନ ଚଳାଚଳ ବାଧାପ୍ରାପ୍ତ ହୋଇ ଥିଲା। ଶତାଧିକ ଓକିଲ ହାତରେ ପ୍ଲାକାର୍ଡ ଓ ବ୍ୟାନର ଧରି ଅଠରନଳା ଠାରେ ସରକାରଙ୍କ ବିରୋଧରେ ନାରା ବାଜି ଦେବା ସହ କଡ଼ା ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କିଛି ମାସ ପୂର୍ବରୁ ଓକିଲ ସଂଘ ପକ୍ଷରୁ କୋର୍ଟ ସ୍ଥାନାନ୍ତରକୁ ବିରୋଧ କରି ଶ୍ରୀମନ୍ଦିରର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରା ଯାଇଥିଲା । ତେବେ କୋର୍ଟ ସ୍ଥାନାନ୍ତର ନିଷ୍ପତି ରାଜ୍ୟ ସରକାର




ଓ ହାଇକୋର୍ଟ ପ୍ରତ୍ୟାହାର ନକରିବାରୁ ସଂଘ ପକ୍ଷରୁ ଧାରଣା ଦିଆଯାଇଛି। ରାସ୍ତା ରୋକ କାର୍ଯ୍ୟକ୍ରମ ପୁରୀ ଓକିଲ ସଂଘ ସଭାପତି ପ୍ରେମା ନନ୍ଦ ମହାନ୍ତି ଓ ସମ୍ପାଦକ ଶରତ ଚନ୍ଦ୍ର ରାଏଗୁରୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇ ଥିବା ବେଳେ ବରିଷ୍ଠ ଆଇନଜିବୀ ଶୁଭେନ୍ଦୁ ଦାସ, ଭଗବାନ ମିଶ୍ର, ବିରଞ୍ଚି ନାରାୟଣ ପାଢୀ, ପ୍ରଶାନ୍ତ କୁମାର ମିଶ୍ର, ଶରତ ଚନ୍ଦ୍ର ରଥଙ୍କ ସମେତ ବହୁ ଆଇନଜିବୀ ଉପସ୍ଥିତ ଥିବା ବେଳେ ପୂର୍ବତନ ସାଧାରଣ ସମ୍ପାଦକ ବିଭୂତି ଭୂଷଣ ତ୍ରିପାଠି, ଶାରଦା ପ୍ରସାଦ ସାମଲ, ଗୋପାଳ କୃଷ୍ଣ ପଣ୍ଡା, ଯୁବ ଅଧିବକ୍ତା ତପନ କୁମାର ବାରିକ, ଅନିଲ ସାହୁ, ଭାଗବତ ପଟ୍ଟନାୟକ, କର୍ଣ୍ଣ ବୀର ମହାପାତ୍ର, ତାପସ ବଳିଆରସିଂ, ଦୀପକ ପଣ୍ଡା, ଅଭିଜିତ ପଟ୍ଟନାୟକ, ବୈଭଭ ଚିନେରାଙ୍କ ପ୍ରମୁଖ ଉପସ୍ଥିତ ରହି ଭାଗ ନେଇ ଥିଲେ।

# ଗିରଫ ପରେ ଛାତ୍ର ନେତା ଇତିଶଙ୍କୁ ମିଳିଲା ଜାମିନ୍

ଭୁବନେଶ୍ୱର, (ସବ୍ୟୁ) : ଛାତ୍ରନେତା ଇତିଶ ପ୍ରଧାନଙ୍କୁ ଲକ୍ଷ୍ମୀସାଗର ଥାନା ପୋଲିସ ଶନିବାର ଗିରଫ କରି କୋର୍ଟଚାଲାଣ କରିଥିଲା । ତେବେ କୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି। ସୋସିଆଲ୍ ମିଡିଆରେ ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇରାଲ କରିବା ଅଭିଯୋଗରେ ତା'ବିରୋଧରେ ଲକ୍ଷ୍ମୀସାଗର ଥାନାରେ ମାମଲା ରୁଜୁ ହୋଇଥିଲା । ସେହି ମାମଲାରେ ଅଦାଲତ ଏନ୍‌ବିଡବ୍ଲ୍ୟୁ ଇସ୍ୟୁ କରିଥିବାରୁ ପୋଲିସ ଗିରଫ କରି କୋର୍ଟଚାଲାଣ କଲା । ଇତିଶ୍ରୀଙ୍କ କହିବାନୁଯାୟୀ ମିଛ ମାମଲାରେ ତାଙ୍କୁ ଫସାଇ ଦିଆଯାଇଛି ।

# ବୃଦ୍ଧଙ୍କୁ ହତ୍ୟା ମାମଲା; ୨ଜଣଙ୍କୁ ଆଜୀବନ

ଖୋର୍ଦ୍ଧା, (ସବ୍ୟୁ): ଟାଙ୍ଗୀ ଥାନା ଅନ୍ତର୍ଗତ ହଳଦିଆପାଟଣା ଗ୍ରାମର ବୃନ୍ଦାବନ ରାଉତ ହତ୍ୟାକାଣ୍ଡ ମାମଲା ର ରାୟ ଦୀର୍ଘ ୧୪ ବର୍ଷ ପରେ ପ୍ରକାଶ ପାଇଛି। ଏହି ମାମଲାର ବିଚାର କରି ପ୍ରଥମ ଅତିରିକ୍ତ ଜିଲ୍ଲା ଦୌରାଜଜ ରଞ୍ଜୁଲତା ଲେଙ୍କା ଦୁଇଜଣ ଅଭିଯୁକ୍ତ ଙ୍କୁ ଦଫା ୩୦୨ରେ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହିତ ୧୦ହଜାର ଟଙ୍କା ଲେଖାଏଁ ଜୋରିମନା ଅନାଦେୟ ଏକ ବର୍ଷ ଜେଲ ଦଣ୍ଡାଦେଶ ରାୟ ରେ ଉଲ୍ଲେଖ ରହିଛି। ଅଭିଯୁକ୍ତ ଦ୍ୱୟ ହେଲେ ଶଳା ଭିଣୋଇ ଏହି ଥାନା ଅନ୍ତର୍ଗତ କୋଚିଲା ଗ୍ରାମର ମଣି ଅରିସଲ ଓ ହଳଦିଆପାଟଣା ଗ୍ରାମର ପ୍ରଫୁଲ୍ଲ ରାଉତ।ଏହି ହତ୍ୟାକାଣ୍ଡ ର ଅନ୍ୟତମ ଅଭିଯୁକ୍ତ ମନୋଜ(ପ୍ରଫୁଲ୍ଲର ସାନଭାଇ) ଏବେ ବି ଫେରାର ଅଛି। ମୁଖ୍ୟ ଅଭିଯୁକ୍ତ ବାପା ସୁବଳ ଙ୍କ ପୂର୍ବ ରୁ ମୃତ୍ୟୁ ଘଟିଛି। ଗତ ୨୦୧୧ ଏପ୍ରିଲ ୧୪ତାରିଖ ମୃତକ ବୋହୁ ପ୍ରତିମା ରାଉତ ତାଙ୍କ ଶଶୁର ଙ୍କୁ କେହି ଦୃବୃତ ହତ୍ୟା ପରେ ପ୍ରମାଣ ନଷ୍ଟ ପାଇଁ ରେଳ ଧାରଣାରେ ଫୋପାଡି ଚାଲିଯାଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗ କୁ ଭିତି କରି ଦଫା ୩୦୨, ୨୦୧/ ୩୪ଆଇପିସିରେ ଏକ ହତ୍ୟା ମାମଲା(୬୪/୧୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଏହି ମାମଲାରେ ପୁଲିସ ଉପରୋକ୍ତ ଦୁଇ ଅଭିଯୁକ୍ତ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କୋର୍ଟ ରେ ଏହି ମାମଲା ବିଚାରାଧୀନ ରହିଥିଲା। ଆଜି ଏହି ମାମଲାର ଶୁଣାଣୀ କରି ପ୍ରଥମ ଅତିରିକ୍ତ ଜିଲା ଦୌରାଜଜ ୨୭ଜଣ ସାକ୍ଷ୍ୟ ପ୍ରମାଣ କୁ ଭିତି କରି ଅଭିଯୁକ୍ତ ଦ୍ୱୟଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ଓ ସ୍ୱତନ୍ତ୍ର ପ୍ଲବିକ ପ୍ରସିକ୍ୟୁଟର ରଜନୀକାନ୍ତ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

# ଭଗିପୁର ଗାଁରେ ବୁଲୁଛି ଦନ୍ତା, ଲୋକେ ଆତଙ୍କିତ

ବାଙ୍କୀ ,(ସବ୍ୟୁ): ଶୁକ୍ରବାର ବିଳମ୍ବିତ ରାତିରେ ଚନ୍ଦକା ଡମପଡ଼ା ଅଭୟାରଣ୍ୟରୁ ଗୋଟିକିଆ ଦନ୍ତା ହାତୀ ଆସି ଭଗିପୁର ଗାଆଁ ନିକଟରେ ବୁଲି ପରିବା ଫସଲ ଖାଇ ଦଳିଚକଟି ନଷ୍ଟ କରି ପୁଣି ଭଗିପୁର ଗାଆଁ ଭିତରେ ପଶି ବୁଲାବୁଲି କରି ଏକ ପ୍ରକାର ଆତଙ୍କ ସୃଷ୍ଟି କରିଛି । ଗାଆଁ ଭିତରେ ହାତୀକୁ ଦେଖି କୁକୁର ଭୁକିବାରୁ କିଛି ଲୋକେ ଘରୁ ବାହାରକୁ ଆସି ହାତୀକୁ ଦେଖି ଭୟଭୀତ ହୋଇ ପଡ଼ି ଥିଲେ । ହାତୀ ପ୍ରାୟ ଘଣ୍ଟାଏ କାଳ ଗାଆଁ ଭିତରେ ବୁଲୁ ଥିବାର ସି ସି ଟିଭି ଫୁଟେଜରୁ ଦେଖା ଯାଇଛି । ଭୋର୍ ସମୟ ରେ ଅଭୟାରଣ୍ୟ କୁ ଫେରି ଥିବାର ଅନୁମାନ କରା ଯାଉଛି । କିନ୍ତୁ କେତେବେଳେ ଭଗିପୁର ଗାଆଁ ରେ ତ କେତେବେଳେ ବାଆଁରା ଅଞ୍ଚଳରେ ହାତୀ ପଲ ଉପଦ୍ରବ କରୁଛନ୍ତି ।

# ନିର୍ବାଚନ ମଣ୍ଡଳୀୱାରୀ ପାଳନ ହେବ ବିଜେଡି ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,(ସବ୍ୟୁ) : ବିଜୁ ଜନତା ଦଳର ୨୯ତମ ପ୍ରତିଷ୍ଠା ଦିବସ ରାଜ୍ୟବ୍ୟାପୀ ପାଳନ କରାଯିବ। ପ୍ରତ୍ୟେକ ନିର୍ବାଚନୀ ମଣ୍ଡଳୀରେ ପାଳନ କରିବା ପାଇଁ ନିଷ୍ପତ୍ତି ହୋଇଛି । ଦଳର ମୁଖ୍ୟାଳୟ ଶଙ୍ଖ ଭବନରେ ହେବାକୁଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଦଳର ରାଜ୍ୟସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଯୋଗଦେବେ ।

ବିଜେଡି ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ, ଆସନ୍ତା ୨୬ରେ ଦଳ ୨୯ତମ ପ୍ରତିଷ୍ଠା ଦିବସ ପାଳନ କରିବ । ରାଜ୍ୟ ନିର୍ବାଚନୀ ମଣ୍ଡଳୀମାନଙ୍କରେ କ୍ଷେତ୍ରୀୟ ସ୍ତରରେ ପାଳନ କରାଯିବ । ସାମ୍ପ୍ରତିକ ପରିସ୍ଥିତିରେ ଏକ ଦାୟୀତ୍ୱସମ୍ପନ୍ନ ବିରୋଧୀ ଦଳ ଭାବେ ଓଡ଼ିଶାର ବିକାଶ ଆଭିମୁଖ୍ୟକୁ ଆଗେଇ ନେବା ସହ ବିଭିନ୍ନ ଜନସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଗୁଡିକରେ ଜନସାଧାରଣଙ୍କୁ ସଚେତନ କରାଇବା ଓ ଓଡ଼ିଶାବାସୀଙ୍କ ସ୍ୱାର୍ଥକୁ ନେଇ ସ୍ୱର ଉତ୍ତୋଳନ କରାଯିବ । ଦରଦାମ ବୃଦ୍ଧି ମହିଳା ନିର୍ଯାତନ, ଯୁବ ଓ ଛାତ୍ରଙ୍କ ପ୍ରତି ବିମୁଖତା ଆଦିବାଦୀ, ଦଳିତ ଓ ପଛୁଆବର୍ଗ ପ୍ରତି ଅବିଚାର, ଆଇନଶୃଙ୍ଖଳାର ଅବନତି, ଆର୍ଥିକ କୁପରିଚାଳନା ଆଦି ପ୍ରସଙ୍ଗରେ ଦଳ ବିଧାନସଭା, ରାଜ୍ୟସଭା ଓ ରାଜରାସ୍ତାରେ ସ୍ୱରଉତ୍ତୋଳନ କରୁଛି । ସମ୍ପ୍ରତି ଚାଷୀଙ୍କ ଠାରୁ ଧାନ ସଂଗ୍ରହରେ ବିଜେଡି ସ୍ୱରଉତ୍ତୋଳନ କରୁଛି ବୋଲି ସେ କହିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦୀପ ଅମାତ, ଅଶୋକ ପଣ୍ଡା, ଅନନ୍ତ ଜେନା ପ୍ରମୁଖ ଓ ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ନୂଆଦିଲ୍ଲୀର ସାମାଜିକ-ସାଂସ୍କୃତିକ ସଂଗଠନ ଉତ୍କଳିନୀର ବାର୍ଷିକ ଉତ୍ସବ

ନୂଆଦିଲ୍ଲୀ, (ସବ୍ୟୁ): ଦିଲ୍ଲୀର ଚାଣକ୍ୟପୁରୀସ୍ଥିତ ସିଏସ୍‌ଓ ପ୍ରେକ୍ଷାଳୟରେ ଓଡ଼ିଆ ମହିଳାମାନଙ୍କ ଦ୍ୱାରା ପ୍ରତିଷ୍ଠିତ ସାମାଜିକ-ସାଂସ୍କୃତିକ ସଂଗଠନ ଉତ୍କଳିନୀର ବାର୍ଷିକ ଉତ୍ସବ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ୧୯୮୦ ମସିହାରେ ସ୍ଥାପିତ ଉତ୍କଳିନୀ ଦୀର୍ଘ ଚାରି ଦଶକ ଧରି ଦିଲ୍ଲୀ ଓ ଏନ୍‌ସିଆର ଅଞ୍ଚଳରେ ବସବାସ କରୁଥିବା ଓଡ଼ିଆ ମହିଳାମାନଙ୍କୁ ଏକତ୍ର କରି ଓଡ଼ିଶାର ସମୃଦ୍ଧ ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ସଂରକ୍ଷଣ ଓ ପ୍ରଚାର କରିଆସୁଛି । ସାଙ୍ଗତ୍ୟ, ସେବା ଓ ସାଂସ୍କୃତିକ ଆଦାନ ପ୍ରଦାନ ମାଧ୍ୟମରେ ଏହି ସଂଗଠନ ଓଡ଼ିଆ ପରିଚୟକୁ ଅତୁଟ ରଖିବାରେ ଏକ ଦୃଢ଼ ମଞ୍ଚ ହୋଇଉଠିଛି। ଏହି ବର୍ଷର ବାର୍ଷିକ ଉତ୍ସବର ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ସମ୍ମାନିତା ପ୍ରଖ୍ୟାତ ନୃତ୍ୟଶିଳ୍ପୀ ଶ୍ରୀମତୀ ଶୋଭଡା ନାରାୟଣ ଉପସ୍ଥିତ ରହି କଳା ଓ ସଂସ୍କୃତିର ମହତ୍ତ୍ୱ ଉପରେ ମୂଲ୍ୟବାନ ମତାମତ ରଖିଥିଲେ। ପୂର୍ବତନ




ଜାତୀୟ ପୁସ୍ତକ ଟ୍ରଷ୍ଟ ଓ ଗାନ୍ଧୀ ସଂଗ୍ରହାଳୟର ନିର୍ଦ୍ଦେଶିକା ଶ୍ରୀମତୀ ବର୍ଷା ଦାସ ସମ୍ମାନିତାଭାବେ ଯୋଗ ଦାନ କରିଥିଲେ ।

ସାଂସ୍କୃତିକ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ଭୁବନେଶ୍ୱରରୁ ଆସିଥିବା ସଚିକାନ୍ତ ପ୍ରଧାନ ଓ ଶ୍ରୀମତୀ ସ୍ୱାଗତିକା ପ୍ରଧାନଙ୍କ ମନୋହର ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ। ହେଲ୍‌ଥ କେୟାର ସୋସାଇଟିର ଶିଶୁମାନଙ୍କ ଲୋକନୃତ୍ୟ ପରିବେଶକୁ ଆନନ୍ଦମୟ କରିଥିଲା । ଏହି ଅବସରରେ ଉତ୍କଳିନୀର ବିଶେଷାଙ୍କ ଉନ୍ମୋଚିତ ହେବା ସହ ସଦସ୍ୟାମାନଙ୍କ ଦ୍ୱାରା ଓଡ଼ିଶାର ଦସ୍ତତନ୍ତ୍ର ଉପରେ ଆଧାରିତ ଐତିହ୍ୟ ପ୍ରଦର୍ଶନ ଦର୍ଶକମାନଙ୍କର ବିଶେଷ ପ୍ରଶଂସା ଲାଭ କରିଥିଲା । ପୁରୀର 'ରଙ୍ଗଶାଳା" ଦ୍ୱାରା ପ୍ରସ୍ତୁତ ହୋଇଥିବା ନାଟକ ସାମାଜିକ ସନ୍ଦେଶ ସହ କଳାର ଗଭୀରତାକୁ ପ୍ରକାଶ କରିଥିଲା। ସମଗ୍ର କାର୍ଯ୍ୟକ୍ରମ ଉତ୍କଳିନୀର ଏକତା, ସଂସ୍କୃତିପ୍ରେମ ଓ ସମର୍ପଣର ଜ୍ୱଳନ୍ତ ପ୍ରତୀକ ଭାବେ ସଫଳତାର ସହିତ ସମ୍ପନ୍ନ ହୋଇ, ଦିଲ୍ଲୀରେ ଓଡ଼ିଆ ସାଂସ୍କୃତିକ ପରମ୍ପରାକୁ ଆଉ ଏକ ମଜବୁତ ଆଧାର ପ୍ରଦାନ କରିଛି। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟକ୍ଷା ସବିତା ସାହୁ, ଉପାଧ୍ୟକ୍ଷା ମଧୁମିତା ନାୟକ ସାହୁ, ସମ୍ପାଦିକା ଶୁଭ୍ରଲୀନା ମହାନ୍ତି, ଉପସମ୍ପାଦିକା ସ୍ନିଗ୍ଧା ଦାସ, କୋଷାଧ୍ୟକ୍ଷ ବନ୍ଦନା ମହାନ୍ତି, ଉପକୋଷାଧ୍ୟକ୍ଷା ଦିପିକା ମିଶ୍ର ଏବଂ ସସ୍ମିତା ଶତପଥ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

# ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟନ କଲେ ବିଧାୟିକା ସୋଫିଆ

କଟକ,(ସବ୍ୟୁ): ସ୍ଥାନୀୟ ଚହଟା ଲେନ-୩ ସ୍ଥିତ ଗ୍ରାମଦେବୀ ମନ୍ଦିର ନିକଟରେ ସର୍ବସାଧାରଣଙ୍କ ପାଇଁ ଏକ ଥଣ୍ଡା ଓ ସ୍ୱଚ୍ଛ ପାନୀୟଜଳ ପ୍ରକଳ୍ପର ଶୁଭ ଉଦ୍ଘାଟନ ବିଧାୟିକା ସୋଫିଆ ଫିର୍ଦୋଷଙ୍କ ଦ୍ୱାରା ଅନୁଷ୍ଠିତ ହୋଇଛି । ଉଦ୍ଘାଟନ କାର୍ଯ୍ୟକ୍ରମରେ ସ୍ଥାନୀୟ ବାସିନ୍ଦାମାନେ ଉପସ୍ଥିତ ଥିଲେ। ଏହି ପ୍ରକଳ୍ପ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କ ସହିତ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଗ୍ରୀଷ୍ମ ଦିନରେ ଥଣ୍ଡା ଓ ସୁରକ୍ଷିତ ପାନୀୟଜଳ ଯୋଗାଇବ । ଏପରି ଜନହିତକର ପଦକ୍ଷେପ ପାଇଁ ସ୍ଥାନୀୟ ଲୋକମାନେ ବିଧାୟିକାଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସ୍ୱାଗ୍ରାମ ମହାନ୍ତି, ଗଙ୍ଗାଧର ସାମଲ, ଏସ କେ ରଥ,ଅଜୟ ନାୟକ, ପ୍ରଦୀପ ଶତପଥି, ପଞ୍ଚାନନ ମିଶ୍ର, ଗିରି ବାବୁ, ନରନ ସାହୁ, ନେତ୍ରମଣି ସାହୁ, ବିକ୍ରମ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।



ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱର ରବିନ୍ଦ୍ରମଣ୍ଡପ ଠାରେ ନାଟ୍ୟଧାରାର ନାଟକ ଭକ୍ତ ଝୋଲିଆ କବିରର ଏକ ଦୃଶ୍ୟ

# ଗୋଟିଏ ରାତିରେ ୪ ମନ୍ଦିରରୁ ସିରିଜ ଚୋରି

ଛତ୍ରପୁର, (ସବ୍ୟୁ): : ପୁଣି ମନ୍ଦିର ଗୁଡିକ ଉପରେ ଦୁର୍ବୃତଙ୍କ ଟାର୍ଗେଟ ଆରମ୍ଭ ହୋଇଯାଇଛି । ପୁଲିସକୁ ଲୁଚକାଳି ଖେଳିଲା ଭଳି ଦୁର୍ବୃତମାନେ ପୁଲିସ କଲୋନୀ ନିକଟରେ ଥିବା ମନ୍ଦିର ଗୁଡିକରେ ସିରିଜ ଚୋରି କରିଛନ୍ତି । ଗୋଟିଏ ରାତିରେ ୪ଟି ମନ୍ଦିରରୁ ରୂପା ଅଳଙ୍କାର ଚୋରି ହୋଇଛି । ସ୍ଥାନୀୟ ନୂଆ ପୁଲିସ ଲାଇନ ସ୍ଥିତ ସିରିଡି ସାଇବାବା ମନ୍ଦିରରୁ ରୂପା ମୁକୁଟ ଓ ରୂପାର ପାଦ ଚୋରି ହୋଇଥିବା ବେଳେ ସେଠାରେ ଥିବା ଗଣେଶ ମନ୍ଦିରରୁ ରୂପା ମୁକୁଟ ଚୋରି ହୋଇଛି । ପୂଜକ ଅଭିଷେକ ପଣ୍ଡା ଆଜି ସକାଳୁ ମନ୍ଦିର ଖୋଲି ଦେଖିବା ପରେ ଏଭଳି ଦୁଇ ମନ୍ଦିରରୁ ଚୋରି ହୋଇଥିବା ନେଇ ପୁଲିସକୁ ସୂଚନା ଦେଇଥିଲେ । ସେହିପରି ଆଉ କିଛି ଦୂରରେ ଥିବା ବିରେଶ୍ୱର ମନ୍ଦିରରୁ ରୁପା ନାଗ ମଧ ଚୋରି ହୋଇଥିଲା । ବିରେଶ୍ୱର ମନ୍ଦିର ଲାଗି ଥିବା ଦୁର୍ଗା ମନ୍ଦିରରୁ ରୂପା ହାର ଚୋରି ହୋଇଛି । ସେହି ମନ୍ଦିରର ପୂଜକ ସୋମନାଥ ରାଉଳ ସକାଳୁ ସକାଳୁ ମନ୍ଦିର ଖୋଲି ଦେଖିଲା ବେଳେ ମନ୍ଦିରରୁ ଚୋରି



ହୋଇଥିବା ଜାଣି ସେ ମଧ ପୁଲିସକୁ ଘଟଣା ବିଷୟରେ ଜଣାଇଥିଲେ । ପୁଲିସ ଘଟଣା ସ୍ଥଳେ ୪ଟି ମନ୍ଦିରର ଚୋରି ସଂପର୍କରେ ଜାଣିବା ପରେ ସେଠାରେ ଥିବା ସିସିଫୁଟେଜ ଯାଂଚ କରି ତଦନ୍ତ ଚଳାଇଛି । ସାଇଟିଫିକ ଟିମ ଏବଂ ଅନୁ ସନ୍ଧାନୀ କୁକୁର ମଧ ବୁଲି ବିଭିନ୍ନ ଯାଞ୍ଚ କରିଥିଲେ, ଗୋଟିଏ ରାତିରେ ୪ଟି ମନ୍ଦିରରୁ ଚୋରି ହୋଇଥିବା ନେଇ ପୁଲିସ ପାଇଁ ଏବେ ମୁଣ୍ଡବଥା କାରଣ ପାଲଟିଛି । କିଛିଦିନ ହେଲା ଛତ୍ରପୁର ଅଂଚଳରେ ଚୋରଙ୍କ ପାର୍ଦୁଭାବ ନଥିବା ବେଳେ ପୁଣି ଦୁର୍ବୃତମାନେ ମନ୍ଦିରର ଗୁଡିକୁ ଟାର୍ଗେଟ କରିବା ଆରମ୍ଭ କରିଛନ୍ତି । ଏପରିକି ପୁଲିସ କଲୋନୀ ନିକଟରେ ଥିବା ମନ୍ଦିର ଗୁଡିକୁ ମଧ ଚୋରି କରିବା ପାଇଁ ପଛାଇନଥିବା ବେଳେ ପୁଲିସକୁ ଦୁର୍ବୃତମାନଙ୍କ ଚ୍ୟାଲେଞ୍ଜ ଦେଲାଭଳି ଘଟଣା ଘଟାଇଛନ୍ତି । ଏହି ଚ୍ୟାଲେଞ୍ଜୁ ପୁଲିସ କିପରି ଗ୍ରହଣ କରୁଛି ଏବଂ ସିରିଜ ଚୋରି ଘଟଣାରେ ପୁଲିସର କାର୍ଯ୍ୟ ଉପରେ କେତେ ତତ୍ପରତା ରହିଛି ତାହାକୁ ନେଇ ପଶ୍ନ ଉଠୁଛି । ଗୋଟିଏ ରାତିରେ ମନ୍ଦିର ଗୁଡିକରେ ସିରିଜ ଚୋରି ଘଟଣା ଖବର ପାଇ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମନ୍ଦିର ଗୁଡିକୁ ପରିଦର୍ଶନ କରି ପୂଜକ ମାନଙ୍କ ସହ ଆଲୋଚନା କରିବା ପରେ ତୁରନ୍ତ ଦୁର୍ବୃତମାନଙ୍କୁ ଧରିବା ପାଇଁ ପୁଲିସକୁ ବିଧାୟକ ଶ୍ରୀ ନାୟକ କହିଛନ୍ତି ।

# ଅପହରଣ ସହ ଦୁଷ୍କର୍ମ ମାମଲା : ମୁଖ୍ୟ ଆସାମୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ପାରଳାଖେମୁଣ୍ଡି, (ସବ୍ୟୁ) ଗଜପତି ଜିଲ୍ଲାରୁ ଏକ ସମ୍ବେଦନଶୀଳ ମାମଲାରେ ଆଶ୍ୱସ୍ତିକର ଖବର ଶନିବାର ଦିନ ସାମନାକୁ ଆସିଛି ।ଯେଉଁ ମାମଲାର ଶୁଣାଣି କରି ଗଜପତି ଜିଲ୍ଲା ଅତିରିକ୍ତ ଜିଲ୍ଲା ସେସନ ଜଜ ବିଭୁ ପ୍ରସାଦ ପଣ୍ଡା ପୋକ୍ସୋ ଆକ୍ଟର ଧାରା ୬ରେ ପାରଳାଖେମୁଣ୍ଡିସ୍ଥିତ ସଞ୍ଜୟ ଗାନ୍ଧୀ କଲୋନୀର ଅଭିଯୁକ୍ତ ବାମିଡ଼ି ବାଲୁ ଓରଫ ବାଲାଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷର ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜୋରିମାନାର ସଜା ଶୁଣାଇଛନ୍ତି ତଥା ଜୋରିମାନା ଅନାଦେୟ ଆହୁରି ଛଅ ମାସ ସଶ୍ରମ ଜେଲଦଣ୍ଡ ଭୋଗ କରିବାକୁ ପଡିବ ବୋଲି ନ୍ୟାୟାଧୀଶ ନିଜର ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି କ୍ଷତାକ୍ତ କରିବା ପାଇଁ ଥିବା ଭାରତୀୟ ପିଙ୍ଗଳ କୋଡ଼ର ଧାରା ୩୨୩ରେ ଉକ୍ତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୩ମାସ ସଶ୍ରମ କାରାଦଣ୍ଡର ସଜା ଶୁଣାଇଛନ୍ତି ଓ ଅପହରଣ ପାଇଁ ରହିଥିବା ଧାରା ୩୬୩ରେ ଉକ୍ତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୩ବର୍ଷର ସଶ୍ରମ କାରାଦଣ୍ଡ ସହ ୧ହଜାର ଟଙ୍କା ଜୋରିମାନା ସଜା ଶୁଣାଇଛନ୍ତି ତଥା ଜୋରିମାନା ଅନାଦେୟ ଆହୁରି ଦୁଇ ମାସ ସଶ୍ରମ ଜେଲଦଣ୍ଡ ଭୋଗ କରିବାକୁ ପଡିବ ବୋଲି ମାନ୍ୟବର ନ୍ୟାୟାଧୀଶ ନିଜର ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ବିଚାରପତି ନିଜ ରାୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ପିଡ଼ିତାଙ୍କୁ କ୍ଷତିପୂରଣ ବାବଦକୁ ୪ଲକ୍ଷ ଟଙ୍କା ପ୍ରଦାନ କରିବା ନିମନ୍ତେ ନିର୍ଦ୍ଦେଶ ଜାରି କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ଆର. ଜନାର୍ଦ୍ଦନ ରାଓ ଏହି ମାମଲାର ସଫଳ ପରିଚାଳନା କରିଥିବାର ଖବର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ତା ୨୬-୦୨-୨୦୨୪ରିଖ ସନ୍ଧ୍ୟାରେ ପୀଡ଼ିତା ଟ୍ୟୁସନରୁ ଘରକୁ ଫେରୁଥିବା ବେଳେ ସ୍ଥାନୀୟ ସଞ୍ଜୟ ଗାନ୍ଧୀ କଲୋନୀର ଅଭିଯୁକ୍ତ ବି. ବାଲୁ ଜୋର ଜବରଦସ୍ତ କାରରେ ଅପହରଣ କରି ନେଇ ଦୁଷ୍କର୍ମ କରିବା ପରେ ଚଳନ୍ତା କାରରୁ ତାଙ୍କୁ ଫୋପାଡ଼ି ଦେଇଥିଲେ ।, ନେଇ ୨୭-୦୨-୨୦୨୪ରେ ପାରଳାଖେମୁଣ୍ଡି ଥାନାରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପିଡ଼ିତାଙ୍କ ବାପା ଏକ ସଙ୍ଗିନ ମାମଲା ଦାୟର କରିଥିଲେ ଯାହାକି ମାମଲା ନମ୍ବର ୫୮ରେ ପଞ୍ଜିକୃତ ହୋଇଥିଲା। ମାମଲାର ଗମ୍ଭୀରତାକୁ ନଜରରେ ରଖି ସବ-ଇନ୍ସପେକ୍ଟର ପଞ୍ଚାନନ ବେହେରା ଥାନାଧିକାରୀ ପ୍ରଶାନ୍ତ ଭୂପତି ତଥା ଏସଡ଼ିପିଓ ମାଧବାନନ୍ଦ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ ମାମଲାର ତଦନ୍ତ କରି ଉକ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲେ। ଆଜି ବଳିଷ୍ଠ ସାକ୍ଷୀ ପ୍ରମାଣ ତଥା ସମସ୍ତ ଦସ୍ତାବିଜକୁ ଆଧାର କରି ସର୍ବଶେଷରେ ଏହି ଦୃଷ୍ଟାନ୍ତମୂଳକ ରାୟ ମାନ୍ୟବର ନ୍ୟାୟାଧୀଶ ଦେଇଛନ୍ତି।

# ବାଇକ୍ ଧକ୍କାରେ ଜଣେ ମୃତ

ବୁଗୁଡା , (ସବ୍ୟୁ): ବୁଗୁଡ଼ା ବ୍ଲକର କଳମ୍ବ ପଞ୍ଚାୟତ ଅନ୍ତର୍ଗତ କାଦପଡା ଗ୍ରାମର ବନ୍ଧ ନିକଟସ୍ଥ ରାସ୍ତାରେ ବାଇକ ଦୁର୍ଘଟଣାରେ ଜଣେ ମୃତ୍ୟୁ ବରଣ କରିଥିବା ବେଳେ ଯୁବ ଚାଳକ ଜଣକ ଗୁରୁତର ଅବସ୍ଥାରେ ବ୍ରହ୍ମପୁରକୁ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି। ମୃତ ବ୍ୟକ୍ତି ଜଣକ ହେଲେ କାଦପଡା ଗ୍ରାମର ଇନ୍ଦ୍ରମଣି ରାଉତ (୫୫) ଏବଂ ଗୁରୁତର ଜଣକ ଜଗନ୍ନାଥପ୍ରସାଦ ବ୍ଲକ ଅନ୍ତର୍ଗତ ପ୍ରତାପପୁର ଗ୍ରାମର ଜିତୁ ନାୟକ (୨୪)।ଘଟଣାରୁ ପ୍ରକାଶ ଯେ, ଶନିବାର ସନ୍ଧ୍ୟାରେ ପ୍ରତାପ ବାଇକ ଯୋଗେ ବ୍ରହ୍ମପୁରରୁ ନିଜ ଗାଁ ପ୍ରତାପପୁରକୁ ଫେରୁଥିବା ବେଳେ କାଦପଡା ଗାଁ ବନ୍ଧ ନିକଟରେ ରାସ୍ତା ପାର ହେଉଥିବା ଇନ୍ଦ୍ରମଣିଙ୍କୁ ଧକ୍କା ହୋଇଥିଲା । ଦୁର୍ଘଟଣାରେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ସେଠାରେ ଡ଼ାକ୍ତର ଇନ୍ଦ୍ରମଣିଙ୍କୁ ମୃତ ଘୋଷଣା କରିଥିଲା ବେଳେ ମୁହଁ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ଜିତୁଙ୍କୁ ପ୍ରାଥମିକ ଚିକିତ୍ସା ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏ ନେଇ ଖବର ପାଇବା ପରେ ପୋଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରିବା ସହ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି।

# ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଯାପିତ

ବାରିପଦା, (ସବ୍ୟୁ):ଦୁଗ୍ଧ, ଅଣ୍ଡା, ମାଂସ ଓ ମତ୍ସ୍ୟ ଉତ୍ପାଦନ ପାଇଁ ଯୋଜନାର ସଦୁପଯୋଗ, ଦୀର୍ଘସ୍ଥାୟିତ୍ୱ ଆୟ ପାଇଁ ବୈଜ୍ଞାନିକ ଜ୍ଞାନକୌଶଳ ସହ ଦକ୍ଷତା ବିନିଯୋଗ କରିବାକୁ ଯୁବ ପିଢି ଓ ମହିଳାଙ୍କୁ ପରାମର୍ଶ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା-୨୦୨୫ ଆଜି ଉଦ୍‌ଯାପିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ମାନ୍ୟବର କ୍ୟାବିନେଟ୍ ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ବିଭାଗ, ଓଡିଶା ସରକାର, ଡଃ. କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ବାରିପଦା ବିଧାୟକ ପ୍ରକାଶ ସୋରେନ, ବାଙ୍ଗିରିପୋଷି ବିଧାୟିକା ସୁଶ୍ରୀ ସଞ୍ଜଳି ମୁର୍ମୁ, ସାରସକଣା ବିଧାୟକ ଭାଦବ ହାଁସଦାଃ, ଆଦିବାସୀ ମୋର୍ଚ୍ଚା ରାଜ୍ୟ ସଭାପତି ବିଧାୟକ କାହ୍ନା ସୋରେନ ଯୋଗଦାଦାନ କରିଥିଲେ। ପ୍ରାରମ୍ଭରେ



ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାଃ ରମଣି ରଞ୍ଜନ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ମୁଖ୍ୟମନ୍ତ୍ର ମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା, ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ।ଜିଲ୍ଲା ମତ୍ସ୍ୟ ଅଧିକାରୀ ବିଭାଗର ବିଭିନ୍ନ ଯୋଜନା ଯଥା ମତ୍ସ୍ୟ ଚାଷ, ବାୟୋଫ୍ଲୋକ, ଗ୍ରାମ୍ୟ ପଞ୍ଚାୟତ ପୁଷ୍କରିଣୀରେ ମାଛ ଚାଷ ସମ୍ବନ୍ଧରେ ଉଲ୍ଲେଖ କରିଥିଲେ। ମୁଖ୍ୟ ଅତିଥି ଓ ଅନ୍ୟାନ୍ୟ ଅତିଥି ବୃନ୍ଦ ଏହି ମେଳାର ଉପାଦେୟତା ଉପରେ ଉପସ୍ଥିତ ଚାଷୀ ମାନଙ୍କୁ ବୁଝାଇଥିଲେ ଏବଂ ମେଳାରେ ସରକାରଙ୍କ ତରଫରୁ ଯେଉଁ ସବୁ ସୁବିଧା ସୁଯୋଗ ଉପଲବ୍ଧ ହେଉଛି ତାହାର ସୁଯୋଗ ନେବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ନିମନ୍ତ୍ରିତ ଅତିଥି ବୃନ୍ଦ ଜିଲ୍ଲାର ସଫଳ ପ୍ରାଣୀ ପାଳକଭାବେ ଗୋପବନ୍ଧୁ ନଗରର ଦେବାଶିଷ ନାୟକ ଓ ବେତନଟୀର ସଫଳ କୁକୁଡା ଚାଷୀ ସାଗରିକା ସେନାପତିଙ୍କୁ ମାନପତ୍ର ଓ ପୁରସ୍କାର ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ଘର ଭିତରୁ ବୃଦ୍ଧାଙ୍କ ଦଗ୍ଧ ମୃତଶରୀର ଉଦ୍ଧାର

ରାୟଗଡା,(ସବ୍ୟୁ) : ଜଣେ ବୃଦ୍ଧାଙ୍କ ସଂପୂର୍ଣ୍ଣ ପୋଡ଼ି ଯାଇଥିବା ମୃତଦେହ ରାୟଗଡା ଜିଲ୍ଲା ମୁନିଗୁଡା ବ୍ଲକ ଅମ୍ବାଦଳା ଥାନା ଅନ୍ତର୍ଗତ କୁମୁଡ଼ାବାଲି ଗାଁରେ ଉଦ୍ଧାର ହୋଇଛି। ମୃତ ବୃଦ୍ଧା ଜଣଙ୍କ ହେଲେ ଅମ୍ବାଦଳା ଥାନା ଅମ୍ଳାଭଟା ପଞ୍ଚାୟତ କ୍ଷେତ୍ରସନ କୁମୁଡ଼ାବାଲି ଗ୍ରାମର ଚନ୍ଦନ ତୁଳା( ୭୫ )।

ଶନିବାର ସକାଳୁ ପୋଡ଼ା ଗନ୍ଧ ଆସୁଥିବା ଏବଂ ବୃଦ୍ଧା ବାହାରକୁ ବାହରି ନଥିବା ଦେଖି ଗ୍ରାମବାସୀମାନେ ଗୃହକୁ ପ୍ରବେଶ କରିଥିଲେ । ପ୍ରବେଶ କରିବା ସମୟରେ କବାଟ ଭଙ୍ଗା ଯାଇଥିଲା। ବୃଦ୍ଧାଙ୍କ ପ୍ରାୟ ସଂପୂର୍ଣ୍ଣ ପୋଡ଼ା ମୃତ ଦେହ ଦେଖିବାକୁ ମିଳିଥିଲା। ବୃଦ୍ଧାଙ୍କ ଆଣ୍ଠୁ ତଳ ଦୁଇ ଗୋଡ଼କୁ ଛାଡିଲେ ଅନ୍ୟାନ୍ୟ ଶରୀର ସଂପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଥିବା ଦେଖିବାକୁ ମିଳିଛି ।

ଘଟଣା ସଂପର୍କରେ ଖବର ପାଇ ଆମ୍ବଦୋଳା ଆଇଆଇସି କଳ୍ପନା ବେହେରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା । ଘଟଣା ସଂପର୍କରେ ଖବର ପାଇ ମୁନିଗୁଡା ଆଇଆଇସି ସେଦାମିନୀ ବେହେରା ଏବଂ ଏସଡିପିଓ ସନ୍ତୋଷିନୀ ଓରାମ ଘଟଣା ସ୍ଥଳରେ ପହଁଞ୍ଚିଥିଲେ । ଘରଟି ସୁରକ୍ଷିତ ଅବସ୍ଥାରେ ରହିଥିବା ଏବଂ ଘରେ ଭିତରେ ବୃଦ୍ଧାଙ୍କ ପୋଡ଼ା ମୃତଦେହ ମିଳିବା ଘଟଣା ଏବଂ କବାଟ ଭଙ୍ଗାଯାଇଥିବା ଘଟଣାକୁ ଲକ୍ଷ କରି ସ୍ଥାନୀୟ ଲୋକ ଏହା ଏକ ହତ୍ୟାକାଣ୍ଡ ବୋଲି ଆଲୋଚନା ଆରମ୍ଭ କରିଦେଇଥିଲେ ।

ଘଟଣାରୁ ଗୁରୁତ୍ୱ ଅନୁଭବ କରି ପୁଲିସ ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ ଟିମକୁ ଡକାଇଥିଲା। ସାଇଣ୍ଟିଫିକ ଟିମ୍ ତଦନ୍ତ ବେଳେ ବୃଦ୍ଧାଙ୍କୁ ପ୍ରଥମେ ଗଳାକାଟିଥିବା ଏବଂ ପରେ ପ୍ରମାଣ ଲୁଚାଇବା ପାଇଁ ତାଙ୍କୁ ପୋଡ଼ି ଦେଇଥିବା ସନ୍ଦେହ ସୃଷ୍ଟି କରିଛି । ରାୟଗଡା ଏସ ପି ଛୁଟିରେ ରହିଥିବାରୁ ରାୟଗଡା ଜିଲ୍ଲା ଅତିରିକ୍ତ ଦାୟିତ୍ୱରେ ଥିବା କଳାହାଣ୍ଡି ଆରକ୍ଷୀ ଅଧିକ୍ଷକ ଦେବରକୋଣ୍ଡା ନାଗରାଜ ମଧ ଘଟଣାସ୍ଥଳକୁ ଆସି ତଦନ୍ତ କରିଥିବା ଜଣାପଡିଛି।

ସ୍ଥାନୀୟ ଲୋକଙ୍କ ସୂଚନା ଅନୁସାରେ ବୃଦ୍ଧା ଜଣଙ୍କ କାନ ଓ ନାକରେ ସୁନା ପିନ୍ଧିଥିଲେ ଏବଂ ଘରେ ସେ ଏକୁଟିଆ ରହୁଥିଲେ । ବୃଦ୍ଧାଙ୍କ ସୁନା ଲୁଟିବା ପାଇଁ ଆସି ଏହି ହତ୍ୟାକାଣ୍ଡ ଘଟିଥିବା ପୁଲିସ ସନ୍ଦେହ କରୁଥିବା ଜଣାପଡିଛି । ପୁଲିସ ବୃଦ୍ଧାଙ୍କ ଗୋଡ ଏବଂ ପାଉଁଶ ଉଦ୍ଧାର କରି ଶବ ବ୍ୟବଛେଦ ଏବଂ ଅଧିକା ତଦନ୍ତ ପାଇଁ ଏଫ ଏମ ଟି ବ୍ରହ୍ମପୁର ପଠାଇଥିବା ଜଣାପଡିଛି। ପୁଲିସ ଘଟଣାରେ ତଦନ୍ତ କରୁଛି ଏବଂ ତଦନ୍ତ ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ବିଷମକଟକ ଏସଡିପିଓ ସନ୍ତୋଷିନୀ ଓରାମ ପ୍ରକାଶ କରିଛନ୍ତି । ବୃଦ୍ଧାଙ୍କ ପୁଅ ବାହାର ରାଜ୍ୟରେ ଦାଦନ ଖଟିବାକୁ ଯାଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି ।

# ବାର୍‌ହା ଆକ୍ରମଣରେ ମହିଳା ଗୁରୁତର

ଛତ୍ରପୁର, (ସବ୍ୟୁ): ଛତ୍ରପୁର ବ୍ଲକ ପୁରୁଣା ଛତ୍ରପୁର ଗ୍ରାମରେ ଏକ ଅଭାବନୀୟ ଘଣା ଘଟିଛି । ବିଲରେ ଧାନ କାଟୁଥିବା ସମୟରେ ଏକ ବାରାହ ମହିଳା ଚାଷୀଙ୍କୁ ଆକ୍ରମଣ କରିଛି । ଫଳରେ ମହିଳାଙ୍କ ପେଟରେ ଶକ୍ତ ଆଘାତ ଲାଗିଛି । ମହିଳା ଜଣକ ଟି. ଯଶୋଦା(୪୫) ବୋଲି ଜଣାପଡିଛି । ଶ୍ୱାଶୁଙ୍କ ସହ ମିଶି ଆଜି ବିଲରେ ଧାନ କାଟୁଥିବା ବେଳେ ହଠା୍ କୁଆଡୁ ଗୋଟିଏ ବାରାହ ଆସି ଯଶୋଦାଙ୍କୁ ଆକ୍ରମଣ କରିଥିଲା । ମହିଳାଙ୍କ ପେଟକୁ ଆକ୍ରମଣ କରିଥିବାରୁ ଅନ୍ତଃପୁଟୁଳାରେ ଶକ୍ତ ଆଘାତ ଲାଗିଛି । ଗୁରୁତର ଅବସ୍ଥାରେ ତାଙ୍କୁ ଗ୍ରାମବାସୀ ଏବଂ ବରିଷ୍ଠ ସମାଜସେବୀ ଭାଗିରଥି ବେହେରା ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଛତ୍ରପୁର ଉପଖଣ୍ଡ ଡାକ୍ତରଖାନାକୁ ଆଣିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବ୍ରହ୍ମପୁର ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା ।ସେ ଜଣେ ନିହାତି ଗରିବ ଏବଂ ବିଧବା ମହିଳା ହୋଇଥିବା ରୁ ତାଙ୍କର ଉତ୍ତମ ଚିକିତ୍ସା ସହିତ ସରକାରଙ୍କ ପକ୍ଷରୁ ସହାୟତା ପ୍ରଦାନ କରିବା ନିମନ୍ତେ ଦାବୀ ହୋଇଛି, ଏହାସହିତ ଦିନ କୁ ଦିନ ବାରହା ଙ୍କ ଉପଦ୍ରବ ବଢିବା ରେ ଲାଗିଛି, ଏହାଯୋଗୁଁ ବହୁ ଫସଲ ନଷ୍ଟ ସହିତ ଲୋକ ମାନେ ବିଭିନ୍ନ ଅସୁବିଧା ସମ୍ମୁଖୀନ ହେଉଛନ୍ତି, ବାରହା ଦାଉରୁ କିପରି ରକ୍ଷା ମିଳିବ ସେଥିପାଇଁ ବନବିଭାଗ ପକ୍ଷରୁ କାର୍ଯ୍ୟ କରିବା ନିମନ୍ତେ ଦାବୀ କରାଯାଇଛି।

# ପିପୁଲ୍ସ କଲେଜରେ ଅଭିଭାବକ-ଶିକ୍ଷକ ସଂଘ ବୈଠକ

ବୁଗୁଡ଼ା, (ସବ୍ୟୁ):ସ୍ଥାନୀୟ ପିପୁଲ୍ସକଲେଜର ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ସ୍ୱପରିସରରେ ଅଭିଭାବକ-ଶିକ୍ଷକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷ ଡ.ପୁରୁଷୋତ୍ତମ ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ବୈଠକରେ ଉପାଧକ୍ଷ ହରିକୃଷ୍ଣ ନାୟକ,ବିଭାଗୀୟ ମୁଖ୍ୟ ଅଧ୍ୟାପକ ମନୋଜ କୁମାର ଦାସ , ଅଧ୍ୟାପକ ସୌମ୍ୟ ରଞ୍ଜନ ପ୍ରଧାନ ଓ ବିଜେନ୍ଦ୍ର କୁମାର ଆଚାର୍ଯ୍ୟଙ୍କ ସମେତ ବିଭାଗୀୟ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକମାନେ ଯୋଗ ଦେଇଥିଲେ । ଉକ୍ତ ବୈଠକ କାଳରେ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଓ ବୌଦ୍ଧିକ ବିକାଶରେ ଅଭିଭାବକ ଏବଂ ଶିକ୍ଷକଙ୍କ ଆବଶ୍ୟକୀୟ ଭୂମିକା ସମ୍ପର୍କେ ବ୍ୟାପକ ଆଲୋଚନା କରାଯାଇଥିଲା । ଏଥି ସହ ଶ୍ରେଣୀରେ ଛାତ୍ରଛାତ୍ରୀଙ୍କ ସର୍ବନିମ୍ନ ଉପସ୍ଥାନ ୭୫% ଜରୁରୀ ହେତୁ ଅହେତୁକ ଅନୁପସ୍ଥିତି ପ୍ରତି କଡା ଆଭିମୁଖ୍ୟ ଗ୍ରହଣ ନିମନ୍ତେ ସର୍ବସମ୍ମତି ପ୍ରକାଶ ପାଇଥିଲା । ଉକ୍ତ କାର୍ଯ୍ୟକ୍ରମର ପରିଶେଷରେ ଛାତ୍ରୀ ଉର୍ମିଳା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଐତିହ୍ୟ ସମ୍ପନ୍ନ ବ୍ରହ୍ମମନ୍ଦିରର ଶତବାର୍ଷିକୀ ଉତ୍ସବ ଉଦ୍‌ଘାଟିତ

ବାରିପଦା, (ସବ୍ୟୁ) : ବାରିପଦା ପୌରପାଳିକା ଅନ୍ତର୍ଗତ ୧୦ନଂ ୱାର୍ଡ ସ୍ଥିତ ଐତିହ୍ୟସମ୍ପନ୍ନ ବ୍ରହ୍ମମନ୍ଦିରର ଶତବାର୍ଷିକୀ ଉତ୍ସବ ଉଦ୍ଘାଟିତ ହୋଇଯାଇଛି । ଆୟୋଜନ କମିଟିର ଅଧକ୍ଷ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓଙ୍କ ସଭାପତିତ୍ୱରେ ଉଦ୍ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଐତିହ୍ୟ ସମ୍ପନ୍ନ ବ୍ରହ୍ମମନ୍ଦିରର ଶହେ ବର୍ଷ ପୂର୍ତ୍ତି ଉପଲକ୍ଷେ ଏହାର ରକ୍ଷଣାବେକ୍ଷଣ ଉପରେ ଆଲୋକପାତ କରିବା ସହ ବାରିପଦା ପୌରପାଳିକା ସୌଜନ୍ୟରେ ଏହାର ପରିବେଶର ଆଧୁନିକିକରଣ ପାଇଁ ଭିତ୍ତିପ୍ରସ୍ତରର ମଧ ସ୍ଥାପନ କରିଥିଲେ । ବିଶିଷ୍ଟ ଅତିଥି ଭାବେ ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ ଓ ସମ୍ମାନିତ ଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପ ନଗରପାଳ ସୀମା ଦାସ ଓ ସମସ୍ତ କାଉନ୍‌ସିଲର ଯୋଗଦେଇ ଶତାୟୁ ମନ୍ଦିରର ରକ୍ଷଣାବେକ୍ଷଣ କରିଆସିଥିବା ସମସ୍ତ ବ୍ୟକ୍ତିବିଶେଷଙ୍କ ସ୍ମୃତିଚାରଣ କରିଥିଲେ । ଅମିତାଭ ମିଶ୍ର ମଞ୍ଚ ପରିଚାଳନା କରିଥିବାବେଳେ ମନ୍ଦିର ଟ୍ରଷ୍ଟର ଅଧକ୍ଷ ରଞ୍ଜନ ବାନାର୍ଜୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଏହି ଅବସରରେ ଶତବାର୍ଷିକୀ ସ୍ମରଣିକାର ଉନ୍ମୋଚନ କରାଯିବା ସହ ବାଲେଶ୍ୱର ବ୍ରହ୍ମସମାଜର ବର୍ଷୀୟାନ ଆଚାର୍ଯ୍ୟ ଇ. ଅମରେନ୍ଦ୍ର କର, ହାଇଦ୍ରାବାଦର ଡେକାନ ବ୍ରହ୍ମସମାଜ, ନଗରପାଳ କୃଷ୍ଣଓନନ୍ଦ ମହାନ୍ତି, ରାଜଜେମା ମୃଣାଳିକା ଭଞ୍ଜଦେଓ ଓ ଅକ୍ଷିତା ମଞ୍ଜରୀ ଭଞ୍ଜଦେଓଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ମରଣିକା କମିଟିର ଅଧକ୍ଷ ତଥା ମୁଖ୍ୟ ସମ୍ପାଦକ ଡଃ ମୋହିତ କୁମାର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ତଥା ଇ ମାନସ ଷଡ଼ଙ୍ଗୀ, ଆଶିଷ ବସା, ମୋନିଲା ପାଲଙ୍କ ସହଯୋଗରେ ସ୍ମରଣିକା ପ୍ରକାଶିତ ହୋଇଥିଲା । ଇନ୍ଦ୍ରାଣୀ ଚାଟାର୍ଜୀ ବେଦ ଜ୍ଞାନ କରିଥିବାବେଳେ ଏମ୍‌କେସି ଉଚ୍ଚ ବିଦ୍ୟାଳୟର ଛାତ୍ରୀ ମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । କମିଟିର ଉପ ସଭାପତି ପୁର୍ଣ୍ଣେନ୍ଦୁ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଅପରାହ୍ନରେ ହାତୀ ବଞ୍ଚାଅ ଫାଉଣ୍ଡେସନ ଟ୍ରଷ୍ଟର ପ୍ରତିଷ୍ଠାତା, ଡଃ ଦେବବ୍ରତ ସ୍ୱାଇଁଙ୍କ ସଭାପତିତ୍ୱରେ କ୍ଷେତ୍ର ନିର୍ଦ୍ଦେଶକ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଡଃ ପ୍ରକାଶ ଗୋଗିନାନୀ, ଉପ ନିର୍ଦ୍ଦେଶକ ଡଃ ସମ୍ରାଟ ଗୌଡ଼, ଜିଲ୍ଲା ପରିବେଶ ସୋସାଇଟିର ଉପ ସଭାପତି ଡଃ ବିଜୟ କୁମାର ଅଗ୍ରୱାଲ, ପରିବେଶବିତ ବିବେକାନନ୍ଦ ପଟ୍ଟନାୟକ ପ୍ରମୁଖଙ୍କ ଉପସ୍ଥିତିରେ 'ଶିମିଳିପାଳ ଓ ପରିବେଶର ସଂରକ୍ଷଣ' ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ତିମିର ଘୋଷ, ମୌସୁମୀ ବାନାର୍ଜୀ, ତନୟା ବାନାର୍ଜୀ, ସୁବିନୟ ବାନାର୍ଜୀ, ସ୍ନେହା ବାନାର୍ଜୀ ଓ ସୁଦୀପ୍ତା ରକ୍ଷିତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଭାରସାମ୍ୟ ହରାଇ ଓଲଟିଲା କାର୍

ହରଭଙ୍ଗା, (ସବ୍ୟୁ) : ବୌଦ୍ଧ ଜିଲ୍ଲାଖୋର୍ଦ୍ଧା ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥ ପୁରୁଣାକଟକ ଥାନା ଡିଗସିରା ନିକଟରେ ଶନିବାର ଭୋରରୁ ଏକ ହୋଣ୍ଡାଇ କାର ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ଥ ହୋଇଛି। ଏଥିରେ ଦୁଇଜଣ ଆହତ ହୋଇଥିବା ଜଣାପଡିଛି। ସୂଚନା ଅନୁସାରେ ଏକ କାର ପୁରୀରୁ ପୁରୁଣାକଟକ ଆସୁଥିବା ସମୟରେ ଆଜି ଭୋରରୁ ଡିଗସିରା ନିକଟରେ ଭାରସାମ୍ୟ ହରାଇ କାର ଟି ଓଲଟି ପଡିଥିଲା। ଖବର ପାଇ ପୁରୁଣା କଟକ ପୁଲିସ ଘଟଣା ସ୍ଥଳରେ ପହଂଚି ଆହତଙ୍କୁ ଉଦ୍ଧାର କରିବା ସହ ଦୁର୍ଘଟଣା ସ୍ଥାନରେ ପହଞ୍ଚି ତଦନ୍ତ କରୁଛି ।

# ଶିମିଳିପାଳ : ମାଂସ ସହ ବିଭିନ୍ନ ଅସ୍ତ୍ରଶସ୍ତ୍ର ଜବତ, ଜଣେ ଗିରଫ

ବାରିପଦା, (ସବ୍ୟୁ): ଶିମିଳିପାଳ ଅଭୟାରଣ୍ୟରେ ବିଭିନ୍ନ ସମୟରେ ଶିକାରୀ ମାନେ ସକ୍ରିୟ ଥିବାବେଳେ ଏହି ଶିକାରୀମାନଙ୍କୁ ଧରିବା ପାଇଁ ଶିମିଳିପାଳ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବିଭିନ୍ନ ଟିମ୍ ଗଠନ କରାଯାଇ ଚଢଉ କରାଯାଇଥାଏ । ଏହି ପରିପ୍ରେକ୍ଷୀରେ ଶିମିଳିପାଳ ଟାଇଗର୍ ପ୍ରୋଟେକ୍ସନ୍ ଫୋର୍ସ ଓ ପିଠାବଟା ଦକ୍ଷିଣ ବନାଞ୍ଚଳ ରେଞ୍ଜ ପକ୍ଷରୁ ମିଳିତ କମ୍ବିଂ ଅପରେସନ୍ କରାଯାଇ ଜଣେ ଶିକାରୀଙ୍କ ସହ ବଣୁଆ ଘୁଷୁରୀ ମାଂସ ଓ ବିଭିନ୍ନ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି । ଘଟଣାରୁ ପ୍ରକାଶ ଯେ, ଶୁକ୍ରବାର ୫ଜଣ ଶିକାରୀ ଶିମିଳିପାଳରେ ଶିକାର କରୁଥିବାବେଳେ ଏହି ଟିମ୍ ଚଢଉ କରି ୨୫କେଜି ତାଜା ବଣୁଆ ଘୁଷୁରୀ ମାଂସ, ୭ଟି ରକ୍ତ ଦାଗ ଥିବା ତୀର, ୨ଟି ଧନୁ ଓ ଗୋଟିଏ ରକ୍ତ ଦାଗ ଥିବା କୁରାଢୀ ଜବତ କରିଥିଲେ । ଏହି ଚଢଉ ସମୟରେ ୪ଜଣ ଶିକାରୀ ଖସିଯାଇଥିବା ବେଳେ ବନବିଭାଗ ହାତରେ ଯଶିପୁର ଥାନା ଅନ୍ତର୍ଗତ ଗୋପିନାଥପୁର ଗ୍ରାମର ମାସି ଅଲେୟାଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ । ଏନେଇ ବନବିଭାଗ ପକ୍ଷରୁ ପିଠାବଟା ବନାଞ୍ଚଳ ରେଞ୍ଜରେ ଏକ ମାମଲା ରୁଜୁ ହୋଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି । ଅପରପକ୍ଷରେ ଖସିଯାଇଥିବା ଶିକାରୀମାନଙ୍କୁ ଧରିବା ପାଇଁ ବନବିଭାଗ ପକ୍ଷରୁ ଜୋରଦାର ଚଢଉ ଚାଲିଛି ।

# କେନ୍ଦ୍ରୀୟ ବିଦ୍ୟାଳୟରେ ବାର୍ଷିକୋତ୍ସବ



ଭଞ୍ଜନଗର , (ସବ୍ୟୁ): ଭଂଜନଗର କେନ୍ଦ୍ରୀୟ ବିଦ୍ୟାଳୟର ୧୫ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର କାମାନୁଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅଥିତି ଭାବେ ଭଞ୍ଜନଗର ଉପଜିଲ୍ଲାପାଳ ଉମାକାନ୍ତ ବେହେରା, ସମ୍ମାନିତ ଅଥିତି ଭାବେ କବି ସମାଟ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ଅଧକ୍ଷ ଦିଲ୍ଲୀପ କୁମାର ଖୁଣ୍ଟିଆ ଯୋଗଦେଇଥିଲେ । ପ୍ରାରମ୍ଭରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ଅଧକ୍ଷ ଶ୍ରୀ କାମାନୁ ବିବରଣୀ ପାଠ କରିଥିଲେ ।ପିଲାଙ୍କ ପାଠପଢା ସରିବା ପରେ, ନିଜ ଭବିଷ୍ୟତ କାର୍ଯ୍ୟପନ୍ଥା ନିଜେ ତିଆରି କରିବାକୁ ଅଭିଭାବକ ମାନେ, ପିଲାଙ୍କୁ ଅଧିକାର ଦେବା ଆବଶ୍ୟକ ବୋଲି ଉପଜିଲ୍ଲାପାଳ ଶ୍ରୀ ବେହେରା ନିଜ ପ୍ରତିକ୍ରିୟାରେ କହିଥିଲେ । କ୍ରୀଡା, ଶିକ୍ଷା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ସଫଳତା ପାଇଥିବା କୃତି ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମ ଆରମ୍ଭରୁ ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

# ଟ୍ରକ ଧକ୍କାରେ ବାଇକ ଆରୋହୀ ମୃତ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଯୁଯୋମୁରା ଥାନା ଅନ୍ତର୍ଗତ ହାତୀବାରି ଛକରେ ଦୁର୍ଘଟଣା ଘଟିଛି । ବାଇକକୁ ପଛପଟୁ ଏକ ଦ୍ରୁତଗାମୀ ଟ୍ରକ ଧକ୍କା ଦେଇଥିବା ଜଣାପଡିଛି । ଫଳରେ ବାଇକ ଆରୋହୀଙ୍କ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଛି । ସୂଚନାଯୋଗ୍ୟ, ଗୋବର୍ଦ୍ଧନ ବଡମାଳ ଗ୍ରାମର ବାଇକ ଗାଡି ନମ୍ବର( ଓଡି୧୫କ୍ୟୁ-୬୫୮୨ )କୁ ଯାଉଥିବା ବେଳେ ପଛପଟୁ ଏକ ଟ୍ରକ ଗାଡି ନମ୍ବର( ସିଜି୦୪ଏମ୍‌ପି-୧୪୭୫) ଧକ୍କା ଦେଇଥିଲା । ଏଥିରେ ବାଇକ୍ ଆରୋହୀ ଟ୍ରକର ଚକ ତଳେ ଚାପି ହୋଇଥିବା ବେଳେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା । ତାଙ୍କୁ ତୁରନ୍ତ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା । ତେବେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଥିବା ବେଳେ ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡିକୁ ପୋଲିସ ଜବତ କରିଛି । ଏନେଇ ଏକ ମାମଲା ରୁଜୁ କରି ଶବକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

# ରାଣୀଭୋଳ ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ସ୍ୱାର୍କଲ

ବାରିପଦା, (ସବ୍ୟୁ): ରାଣୀଭୋଳ ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ନବମ ବାର୍ଷିକ ଉତ୍ସବ ସ୍ୱାର୍କଲ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ମୁଖ୍ୟଅତିଥି, ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥିମାନଙ୍କୁ ବିଦ୍ୟାଳୟର ମୁଖ୍ୟ ଫାଟକ ପାଖରୁ ପାଛୋଟି ନିଆଯାଇଥିଲା। ଅତିଥିମାନେ ବିଦ୍ୟାଳୟରେ ଥିବା କାନ୍ଥ ପତ୍ରିକା 'ପଲ୍ଲବୀ ' ଉନ୍ମୋଚନ କରିଥିଲେ ।। ବିଦ୍ୟାଳୟର ଅଧକ୍ଷ ହିମାଂଶୁ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବରେ ମୟୂରଭଞ୍ଜ ଜିଲ୍ଲାର ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ନେତ୍ରାନନ୍ଦ ମଲ୍ଲିକ,ମୁଖ୍ୟବକ୍ତା ଭାବରେ ଜଗନ୍ନାଥ ସଂସ୍କୃତିର ଗବେଷକ ସଂଜୀବ କୁମାର ପାଣିଗ୍ରାହୀ ଓ ସମ୍ମାନିତ ଅତିଥି ଭାବରେ ବାରିପଦାର ତହସିଲଦାର ସପନ କୁମାର ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ପ୍ରସାଦ ବଳ, ଇଣ୍ଟାକ୍ ମୟୂରଭଞ୍ଜ



ଶାଖାର ଆବାହକ ମେଜର ଡ଼ଃ ରବୀନ୍ଦ୍ରନାଥ ପରିଡ଼ା, କେନ୍ଦ୍ରୀୟ ବିଦ୍ୟାଳୟ-୧ ମୁର୍ଗାବାଡି, ବାରିପଦାର ଅବସରପ୍ରାପ୍ତ ଅଧକ୍ଷ ଦାମୋଦର ପତି, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟା ବାସନ୍ତୀ ଲତା ମହାପାତ୍ର, ସମାଜସେବୀ ଅମର ସେଠୀ, ଓଡିଶା ଆଦର୍ଶ ବିଦ୍ୟାଳୟ ମୋରଡାର ଅଧକ୍ଷ ସଂଗ୍ରାମ କେଶରୀ ପାତ୍ର ଯୋଗଦେଇଥିଲେ । ତାପରେ ମୁଖ୍ୟଅତିଥି ନେତ୍ରାନନ୍ଦ ମଲ୍ଲିକ ବିଭିନ୍ନ କ୍ଷେତରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଇଂରାଜୀ ଅଧାପକ ବସନ୍ତ କୁମାର ଜେନା ପରିଚାଳନା କରିଥିଲା ବେଳେ ସାମାଜିକ ବିଜ୍ଞାନ ଶିକ୍ଷୟିତ୍ରୀ ଅରୁଣିମା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଧୁନିକ ଜୀବନରେ ଧ୍ୟାନର ସମାବେଶ ଶୀର୍ଷକ ମହାସମ୍ମିଳନୀ

ବ୍ରହ୍ମପୁର , (ସବ୍ୟୁ): ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ସେଣ୍ଟ ପିଟରସ୍ବର୍ଗ, ରୁଷ ସେବା କେନ୍ଦ୍ରର ନିର୍ଦ୍ଦେଶିକା ଭଗ୍ନୀ ସନ୍ତୋଷ ବ୍ରହ୍ମପୁର ଉପକଣ୍ଠ ସ୍ଥିତ ରାମଚନ୍ଦ୍ରପୁରସ୍ଥ ପ୍ରଭୁ ଉପହାର ରିଟ୍ରିଟ ସେଣ୍ଟର ଠାରେ'' ଆଧୁନିକ ଜୀବନରେ ଧ୍ୟାନର ସମାବେଶ ଶୀର୍ଷକ ଏକ ମହାସମ୍ମିଳନୀର ଯୋଗ ଦେଇଥିଲେ। ତ୍ରିଦିବସୀୟ ବିଶ୍ୱ ଧ୍ୟାନ ଦିବସ ପାଳନର ଏହା ଏକ ଅଂଶ ବିଶେଷ ଅଟେ। ଉକ୍ତ ମହାସମ୍ମିଳନୀରେ ଭଗ୍ନୀ ସନ୍ତୋଷ ମୁଖ୍ୟବକ୍ତା ରୂପେ ଯୋଗଦେଇ ମନକୁ ଏକାଗ୍ର କରି ବିଚାରକୁ ଶାନ୍ତ କରିବା ତଥା ସଜାଗତା ଅଭିବୃଦ୍ଧି ସକାଶେ ମାର୍ଗ ପ୍ରଦର୍ଶନ କରିବେ। ଏକ ଧାର୍ମିକ ତଥା ଉଚ୍ଚ ଶିକ୍ଷିତ ପରିବାରରେ ୧୯୬୪ ମସିହା ରେ ଜନ୍ମ ଗ୍ରହଣ କରିଥିବା ଭଗ୍ନୀ ସନ୍ତୋଷ ୧୯୭୨ ମସିହାରେ ବ୍ରହ୍ମାକୁମାରୀସ ଈଶରୀୟ ବିଶ୍ୱବିଦ୍ୟାଳୟ ସମ୍ପର୍କରେ ଆସିଥିଲେ । ଏହିଠାରେ ରାଜଯୋଗର ନିରନ୍ତର ଅଭ୍ୟାସ ଦ୍ୱାରା ସେ ପରମାତ୍ମାଙ୍କଠାରୁ ପ୍ରେରଣା ପ୍ରାପ୍ତ କରି ସମାଜର ନୈତିକ ତଥା ଆଧାତ୍ମିକ ସଶକ୍ତି କରଣ ସକାଶେ ନିଜ ଜୀବନକୁ ସମର୍ପଣ କରିଥିଲେ । ସମାଜସେବା ସକାଶେ ବାଲ୍ୟ ଅବସ୍ଥାରୁ ସେ ସେବା ମନୋଭାବ ପ୍ରଦର୍ଶନ କରି ନିଜ ଅଞ୍ଚଳର ଆର୍ଥିକ ଦୁର୍ବଳ ଶ୍ରେଣୀର




ଶିଶୁମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁବ୍ୟବହାର ପ୍ରଦର୍ଶନ ସକାଶେ ସେ ନିରନ୍ତର ଉଦ୍ୟମ ଜାରି ରଖିଥିଲେ । ୧୯୯୦ରୁ ସେ ରୁଷର ବିଭିନ୍ନ ସହର ମାନଙ୍କରେ ବ୍ରହ୍ମାକୁମାରୀସ ସେବା କେନ୍ଦ୍ରମାନ ସ୍ଥାପନ କରିଥିଲେ । ପରେ ପରେ ସେ ଜିଓର୍ଜିଆ, ୟୁକ୍ରେନ, ବେଲାରୂଷ, ଆର୍ମେନିଆ, ଗ୍ରେଟ୍‌ବ୍ରିଟେନ, ଆଜେରବାଇଜାନ, ଆମେରିକା, କାନାଡ଼ା, ଶ୍ରୀଲଙ୍କା ତଥା ଦକ୍ଷିଣ ଆମେରିକା ପରିଭ୍ରମଣ କରି ନିଜ ଓଜସ୍ୱିନୀ ଭାଷଣ ମାଧମରେ ପ୍ରଶିକ୍ଷଣ ପ୍ରଦାନ ପୂର୍ବକ ସେବା କେନ୍ଦ୍ରମାନ ସ୍ଥାପନ କରିଥିଲେ। ଏପରି ଏକ ମହାନ ବ୍ୟକ୍ତିତ୍ୱଙ୍କ ପ୍ରେରଣା ପ୍ରାପ୍ତି ସକାଶେ ଉକ୍ତ ମହାସମ୍ମିଳନୀରେ ଯୋଗଦାନ କରିବା ସକାଶେ ପ୍ରଭୁ ଉପହାର ରିଟ୍ରିଟ ସେଣ୍ଟରର ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମାକୁମାରୀ ଭଗ୍ନୀ ମାଳାଙ୍କ ତରଫରୁ ହାର୍ଦ୍ଦିକ ଈଶରୀୟ ନିମନ୍ତ୍ରଣ ବୋଲି ସ୍ଥାନୀୟ ଗିରି ରୋଡ ସ୍ଥିତ ଶାନ୍ତି କୁଣ୍ଡ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।

# ଗୋଚର ଜମିକୁ ବିକ୍ରି , ତହସିଲଦାରଙ୍କୁ ଠେଲାପେଲା

ପାରାଦୀପ,( ଜିପ୍ର ) :ଗୋଚର ଜମିକୁ ଜବରଦଖଲ ଆପଣ ଶୁଣିଥିବେ କିନ୍ତୁ ଏହାକୁ ଯେ ବିକ୍ରି କରାଯାଇ ପାରିବ , ତାହା କେହି ବିଶ୍ୱାସ ବି କରି ପାରିବେ ନାହିଁ । କିନ୍ତୁ ଘଟଣାଟି ଏବେ ସମସ୍ତଙ୍କୁ ଚକିତ କରିଛି ଓ ବିଶ୍ୱାସ କରିବାକୁ ବାଧ୍ୟ କରିଛି ଗୋଚର ଜମିକୁ ବିକ୍ରି କରାଯାଇଛି । ଲୋକ ସେହି ଗୋଚର ଜମିରେ କୋଠାଘର ମଧ୍ୟ ନିର୍ମାଣ କରି ସାରିଛନ୍ତି । ଆଉ ଆଜି ଗୋଚର ଜମିକୁ ରକ୍ଷା କରିବାକୁ ଯାଇଥିବା କୁଜଙ୍ଗ ତହସିଲଦାରଙ୍କୁ ଅଟକାଇ ଧକ୍କା ମାରିଛନ୍ତି ଉତ୍ୟକ୍ତ ଲୋକ । ଏଭଳି ଘଟଣା ଘଟିଛି ପାରାଦୀପ ଉପକଣ୍ଠ ନିମିଡି ଗ୍ରାମରେ । ଗ୍ରାମର ଥିବା ଖାତା ନମ୍ବର ୨୩୧ ପ୍ଲଟ ନମ୍ବର ୧୧୯ ଓ ୧୨୨ ର ମୋଟ ୯୭ ଡିସିମିଲ ଜାଗାକୁ ନିଜ ଅକ୍ତିଆରକୁ ନେଇ ଯାଇଛନ୍ତି କିଛି ଲୋକ । ଏକ ଗ୍ରାମ୍ୟ କମିଟି ନାମରେ କିଛି ଲୋକ ଏହି ଗୋଚର ଜମିରୁ ଅନେକ ଅଂଶ ବିକ୍ରି ମଧ୍ୟ କରି ଦେଇଛନ୍ତି । ଆଜି ସେଠାକୁ ଯାଇଥିଲେ କୁଜଙ୍ଗ ତହସିଲଦାର ସ୍ୱରୁପ ନନ୍ଦନ ବେହେରା । ଘଟଣାସ୍ଥଳରେ କିଛି ଲୋକ ଏହି ଗୋଚର ଜମିକୁ ବାଡ ବୁଝି ପାଲ ଘେରାଉ କରି ରଖିଥିବା




ଦେଖି ଉଚ୍ଛେଦ କରିବାକୁ ଜେସିବି ମେସିନ ଡାକିଥିଲେ ତହସିଲଦାର । ଏହାପରେ ଆରମ୍ଭ ହୋଇଥିଲା ଅସଲ ଉତେଜନା । ଗ୍ରାମର କିଛି ଲୋକ ଅନ୍ୟ ଲୋକ ମାନଙ୍କୁ ସଙ୍ଗଠିତ କରି ତହସିଲଦାରଙ୍କ ଗାଡିକୁ ଅଟକାଇବା, ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ଓ ଧକ୍କା ମାରିବାକୁ ମଧ୍ୟ ପଛାଇନଥିଲେ ବୋଲି ତହସିଲଦାର ପ୍ରକାଶ କରିଛନ୍ତି । ଏହାପରେ ତହସିଲଦାର ସ୍ଥାନୀୟ ଲକ ଥାନା ପୋଲିସକୁ ଖବର ଦେବାପରେ ପୋଲିସ ସେଠାରେ ପହଂଚି ତାଙ୍କୁ ଉଦ୍ଧାର କରିଥିଲା । କିଛି ଲୋକ ଗୋଚର ଜମିକୁ ବାଙ୍କୀ ଓ ଯାଜପୁର ଅଞ୍ଚଳରୁ ଆସିଥିବା ଲୋକଙ୍କୁ ବିକ୍ରି କରିଦେଇଥିବା ଓ ସେମାନେ ଉକ୍ତ ଗୋଚର ଜମିରେ ଘର ନିର୍ମାଣ କରି ରହିଥିବା ବେଳେ କୁଜଙ୍ଗ ତହସିଲଦାର ଏନେଇ ସେମାନଙ୍କୁ ଆସନ୍ତା ୨୩ ତାରିଖରେ ହାଜର ହେବାପାଇଁ ନୋଟିସ ଜାରି କରିଛନ୍ତି । ଏହାପରେ ପ୍ରଶାସନ ଓ ଉକ୍ତ ଗ୍ରାମବାସୀ ମାନଙ୍କ ମଧ୍ୟରେ ତିକ୍ତତା ବଢିବାରେ ଲାଗିଛି । କିନ୍ତୁ ଗ୍ରାମବାସୀଙ୍କ କହିବା ମୁତାବକ ଆମେ କିଛି ଗଛ ଲଗାଇ ଥିଲୁ, ତହସିଲଦାର ତାକୁ ଆସି ଭାଙ୍ଗିଲେ କଣ ପାଇଁ । ସବୁଠାରୁ ବଡ଼କଥା ହେଉଛି ଦୀର୍ଘ ଏକବର୍ଷ ହେବ ଏହି ଗୋଚର ଜମିରେ ତିନୋଟି ଘର ମଧ୍ୟ ନିର୍ମାଣ କରାଯାଇଛି । ସେଠାରେ ବିଦ୍ୟୁତ ଖୁଣ୍ଟ ପୋତାଯାଇ ସେମାନଙ୍କୁ ବିଦ୍ୟୁତ ସଂଯୋଗ ମଧ୍ୟ ଦିଆଯାଇଛି । ସରକାରୀ ଗୋଚର ଜମିରେ କିଭଳି ବିଦ୍ୟୁତ ଖୁଣ୍ଟ ପଡିଲା ଓ ବିଦ୍ୟୁତ ସଂଯୋଗ ଦିଆଗଲା ତାକୁ ନେଇ ଏବେ ଉଠିଛି ପ୍ରଶ୍ନ । କେବଳ ନିମିଡ଼ି ନୁହେ ପାରାଦୀପ ଆଖପାଖ ଅଞ୍ଚଳରେ ଏଭଳି ଅନେକ ଗୋଚର ଜମିକୁ କିଛି ମୁଷ୍ଟିମେୟ ଲୋକ ବାହାରୁ ଆସୁଥିବା ଶ୍ରମିକମାନଙ୍କୁ ବିକ୍ରି କରି ଦେଇ ଲକ୍ଷ ଲକ୍ଷ ଟଙ୍କା ଉପାର୍ଜନ ମଧ୍ୟ କରୁଛନ୍ତି । ଘଟଣାକୁ ନେଇ କୁଜଙ୍ଗ ତହସିଲଦାର ଥାନାରେ ଲିଖିତ ଅଭିଯୋଗ କରିବେ ବୋଲି ପ୍ରକାଶ କରିଥିବା ବେଳେ ଏପଟେ ଏହି ଘଟଣା ପରେ ଉକ୍ତ ଗ୍ରାମବାସୀମାନେ ସ୍ଥାନୀୟ ଲକ୍ଷ୍ମୀ ନାରାୟଣ ମନ୍ଦିର ପ୍ରାଙ୍ଗଣରେ ମେଳି ବାନ୍ଧିଥିବା ଦେଖିବାକୁ ମିଳିଛି ।

## ପ୍ରଶାସନ ପକ୍ଷରୁ ଧାନ ଜବତ ବେଳେ ଗଣ୍ଡଗୋଳ : ୧୬୩ ଧାରା ଜାରି

ମହାକାଳପଡ଼ା,(ସବ୍ୟୁ) : ପେଟଛେଲା ମୌଜା ୨୦୯ଖାତା ର ୨୪ଏକର ଜମକୁ ନେଇ ବିବାଦ ତେଜିବାରେ ଲାଗିଛି। ଶୁକ୍ରବାର ଧାନ କଟା ସମୟରେ ଉତ୍ତେଜନା ସୃଷ୍ଟି ହେବାରୁ ପୋଲିସ ଫୋର୍ସ ମୁତୟନ ରହିଛନ୍ତି। ଶନିବାର ବିବାଦୀୟ ଜମି ନିକଟରେ ଉପଜିଲ୍ଲାପାଳ ଅରୁଣ ନାୟକ, ଏଏସପି ସୁଧାକର ସାହୁ ଏସିଂପିଓ ଜ୍ୟୋତିରଞ୍ଜନ ଗୌଡା, ସ୍ଥାନୀୟ ତହସିଲଦାର ରବିନାରାୟଣ ଆଚାର୍ଯ୍ୟ ଜମ୍ମୁ,ମହାକାଳପଡ଼ା ଓ ମାର୍ଶାଘାଇ ପୋଲିସ ଟିମ ଉପସ୍ଥିତ ରହି ସ୍ଥିତି ପରଖିଥିଲେ। ତହସିଲ ଅମିନ ସମ୍ପୃକ୍ତ ଜମି ଚିହ୍ନଟ ପରେ କଟାଯାଇଥିବା ଧାନକୁ ଜବତ କରିସରକାରୀ ହେପାଜତକୁ ନେବା ସମୟରେ ଧାନ କାଟିଥିବା ପରିବାର ର ମହିଳା ଓ ପୁରୁଷ ମିଳିମିଶି ବିରୋଧ କରିଥିଲେ। ଏଭଳି ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଥିଲାକି ଉଭୟ ନନ୍ଦ ପରିବାର ପକ୍ଷରୁ କ୍ଷମତାପତ୍ର ପ୍ରାପ୍ତ ବ୍ୟକ୍ତି ଶିଶିର ରାଉତ ଓ ଚାଷୀ ସୁବାସ ମାନ୍ନା ସମେତ ୧୯ପରିବାରଙ୍କୁ କ୍ଷାନ୍ତ କରାଇ ପ୍ରଶାସନ ସ୍ଥାନୀୟ ଅଞ୍ଚଳରେ ବିଏନଏସଏସର ୧୬୩ ଧାରା ଜାରି କରିଛି। ମାଜିଷ୍ଟ୍ରେଟ ଓ ଏଏସପି ଙ୍କ ଉପସ୍ଥିତିରେ ପୋଲିସ ପ୍ରଶାସନ ମାଇକ ଯୋଗେ ବିବାଦୀୟ ସ୍ଥାନ ଛାଡି ଚାଲିଯିବାକୁ ସୂଚନା ଦେବା ସହିତ ବିବାଦୀୟ ଜମି ରେ ନାଲି ପତାକା ମାରିଛନ୍ତି। ପରବର୍ତ୍ତୀ ସମୟରେ ଜବତ ହୋଇଥିବା ଧାନ ଓ ଜମିରେ ପଡ଼ିଥିବା କଟଡ଼ା ଏକଜୁଟ କରାଯାଇ ପ୍ରଶାସନ ହେପାଜତରେ ରହିବ ବୋଲି ଜଣାପଡିଛି।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ବିଞ୍ଝାରପୁର,(ସବ୍ୟୁ) : ବିRାରପୁର ବ୍ଲକ ଜରୀ ଗ୍ରା ପ ନାଉବାଙ୍କ ଗ୍ରାମରେ ଜଣେ ମହିଳାଙ୍କର ସନ୍ଦେହଜନକ ଭାବରେ ମୃତ୍ୟୁ ଘଟିଛି। ମୃତକ ହେଲେ ନାଉବାଙ୍କ ଗ୍ରାମର ରମେଶ ବେହେରାଙ୍କ ପନୀ ପୂର୍ଣ୍ଣିମା ବେହେରା(୧୮) ବୋଲି ଜଣାପଡିଛି। ଜରୀ ଗ୍ରା ପ ନାଉବାଙ୍କ ଗ୍ରାମର ରମେଶ ବେହେରାଙ୍କ ପତ୍ନୀ ପୂର୍ଣ୍ଣିମାଙ୍କର ଶୁକ୍ରବାର ବିଳମ୍ବିତ ରାତିରେ ହଠାତ ଅସୁସ୍ଥ ହୋଇ ପଡିବାରୁ ତାକୁ ଶାଶୁଘର ଲୋକେ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ହେଲେ ସେଠାରେ ଚିକିତ୍ସକ ପୂର୍ଣ୍ଣିମାର ମୃତ୍ୟୁ ହୋଇଯାଇଛି ବୋଲି ଘୋଷଣା କରିଥିଲେ। ଅନ୍ୟପକ୍ଷରେ ମୃତ ପୂର୍ଣ୍ଣିମାର ବାପା ବନମାଳୀ ବେହେରା ତାଙ୍କ ଝିଅକୁ ଶାଶୁଘର ଲୋକେ ମାରିଦେଇଥିବାର ଶନିବାର ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମୃତ ପୂର୍ଣ୍ଣିମାର ବାପା ବନମାଳିଙ୍କ ଅଭିଯୋଗ ଅଧାରରେ ପୋଲିସ ବିଞ୍ଝାରପୁର ଗୋଷ୍ଠି ସ୍‌ଓ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ମଙ୍ଗଳପୁର ତହସିଲଦାର ଶୁଭ୍ରାଂଶୁ ସାହୁଙ୍କ ଉପସ୍ଥିତିରେ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏହି ଘଟଣାକୁ ବିଞ୍ଝାରପୁର ପୋଲିସ କେଶ ନଂ ୫୯୬/ ୨୫ ଏକ ମାମଲା ରୁଜକରି ତଦନ୍ତ ଚଳାଇଛି। ପ୍ରକାଶ ଥାଉକି ମୃତ ପୂର୍ଣ୍ଣିମା ଦୁଇବର୍ଷ ତଳେ ନାଉବାଙ୍କ ଗ୍ରାମର ରମେଶ ବେହେରାଙ୍କୁ ପ୍ରେମ ବିବାହ କରିଥିଲେ। ତାଙ୍କର ଗୋଟିଏ ଦେଢବର୍ଷର ଶିଶୁପୁତ୍ର ରହିଥିବା ଜଣାପଡିଛି।

## ଜେଜେମା’ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ନାତି ଗିରଫ, ଗାଡି ଜବତ

ପାଣିକୋଇଲ,(ସବ୍ୟୁ) : ୨ଦିନ ପରେ ଜେଜେମାକୁ ଗାଡି ଚଢାଇ ହତ୍ୟା କରିଥିବା ନାତିକୁ ଗିରଫ କରିବା ସହ ଦୁର୍ଘଟଣା ଘଟାଇଥିବା ପିକଅପକୁ ଜବତ କରିବାରେ ସକ୍ଷମ ହୋଇଛି ପାଣିକୋଇଲି ପୁଲିସ। ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଂଚାୟତ ଖାନ୍ଦରାପୁର(ସିଂଗଡା ) ଗ୍ରାମରେ ଗୁରୁବାର ନାତିର ଗାଡି ଧକ୍କାରେ ଜେଜେମାର ମୃତ୍ୟୁ (ହତ୍ୟା) ଘଟିବା ଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ଏନେଇ ଅଭିଯୋଗ ପରେ ପୁଲିସ ଏକ ମାମଲା ୪୦୦/୨୫ ରୁଜୁ କରି ଶୁକ୍ରବାର ସାଇନିଟିଫିକ ଟିମ ଦ୍ୱାରା ତଦନ୍ତ କରିଥିଲା। ପ୍ରକାଶଯେ ସିଂଗଡା ଗ୍ରାମର ପୋଇନ ସାହୁ ଓ ତାଙ୍କ ସ୍ତ୍ରୀ ଜୁଳି ସାହୁଙ୍କ ଏକମାତ୍ର ପୁତ୍ର ନାରାୟଣ ସାହୁଙ୍କ ମଧ୍ୟରେ ଜମିବାଡିକୁ କେନ୍ଦ୍ର କରି ବିବାଦ ଲାଗିରହିଥିଲା। ନାରାୟଣ ତାଙ୍କ ବାପ ଓ ମାଙ୍କୁ ଖାଇବାକୁ ନଦେଇ ନାନାଦି ଅତ୍ୟାଚାର କରୁଥିଲେ। ଫଳରେ ସ୍ୱାମୀ ଓ ସ୍ତ୍ରୀ ମିଶି କିଛି ଜମି ତାଙ୍କ ବିବାହିତ ଝିଅ ଅନିତାଙ୍କ ନାମରେ କରିଥିଲେ। ପୋଇନର ମୃତ୍ୟୁ ପରେ ଜୁଳି ଅଧିକ ନିର୍ଯ୍ୟାତନାର ଶିକାର ହୋଇ ଝିଅ ଅନିତା ଘରେ ଯାଇ ରହୁଥିଲେ। ଗୁରୁବାର ମା ଓ ଝିଅ ଆଜି ଗାଁକୁ ଆସିଥିବା ବେଳେ ବୁଧବାର ଅପରାହ୍ନ ରେ ୧୬ ନମ୍ବର ଜାତୀୟ ରାଜପଥ ସିଂଗଡା ଗଳିପୋଲ ତଳ ସଂଯୋଗୀକରଣ ରାସ୍ତାରେ ମା ଓ ଝିଅ ଯାଉଥିବା ବେଳେ ନାରାୟଣଙ୍କ ବଡ ପୁଅ କାର୍ତ୍ତିକ ଏକ ପିକଅପ (ଓଡି ୦୪ଇ୮ ୫୪୭) ନେଇ ଜୁଳିକୁ ଧକ୍କା ଦେଇଥିବା ବେଳେ ଅନିତା ଡେଇଁ ପଡି ଅଳ୍ପକେ ବର୍ତି ଯାଇଥିଲା। ଫଳରେ ଘଟଣାସ୍ଥଳରେ ବୃଦ୍ଧାରର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇ ପିକଅପଟି ଫେରାର ହୋଇଯାଇଥିଲା। ବାପ ପୁଅ ମିଶି ସମ୍ପତି ଲୋଭରେ ମାକୁ ଷଡଯନ୍ତ୍ର କରି ମାରିଦେଇଥିବାର ଅଭିଯୋଗ ଅନିତା ଥାନାରେ କରିଥିଲେ। ନରହନ୍ତା ନାତି ଫେରାର ହୋଇଯାଇଥିବା ବେଳେ ନାରାୟଣ ଓ ତାର ସାନପୁଅ ଗଣେଷକୁ ପୁଲିସ ଥାନାକୁ ଆଣି ତଦନ୍ତ ଚଳାଇଥିଲା। ଆଜି ତଦନ୍ତାଧିକାରୀ ସବଇନ୍ସପେକଟର ସୁମିତ କୁଜୁରୁ ଯାଜପୁରରୋଡ ଅଂଚଳରୁ ମୁଖ୍ୟ ଅଭିଯୁକ୍ତ କାର୍ତିକକୁ ଗିରଫ କରିବା ସହ ପିକଅପକୁ ଥାନାକୁ ଆଣି ତଦନ୍ତ ଜାରି ରଖିଛି।

## ତିହୁଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ମହୋତ୍ସବ

ନାଉଗାଁ,(ସବ୍ୟୁ):ନାଉଗାଁ ବ୍ଲକ ତିହୁଡା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା ମହୋତ୍ସବ-୨୦୨୫ ଉଦଯାପନ ହୋଇଯାଇଅଛି।ଦୀର୍ଘ ତିନି ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଉଦଯାପନି ଦିବସରେ ମୁଖ୍ୟଅତିଥି ଭାବେ ନାଉଗାଁ ତହସିଲଦାର ଅକ୍ଷୟ କୁମାର ବଡୁ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ରୂପେ ଶିଶୁ ମନ୍ଦିର ପରିଚାଳନା କମିଟିର ସଭାପତି



ସରୋଜ କୁମାର ନାୟକ,ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି,ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗିରିଧାରୀ ମହାନ୍ତି ଯୋଗଦେଇ ବିଭିନ୍ନ ପ୍ରକାରର ଖେଳରେ ପ୍ରଥମ, ଦିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଶ୍ରେଷ୍ଠ କ୍ରୀଡ଼ାବିତ ମାନଙ୍କୁ ଟ୍ରଫି ଏବଂ ମାନପତ୍ର ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଶାନ୍ତ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୁରୁଜୀ ଲକ୍ଷ୍ମଣ କୁମାର ସାହୁ ବାର୍ଷିକ କ୍ରୀଡ଼ା ଉତ୍ସବ ବିବରଣୀ ପ୍ରଦାନ କରିଥିଲେ, ଗୁରୁଜୀ ବାବାଜୀ ଚରଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ଗୁରୁଜୀ ନୃସିଂହ ଚରଣ ଦାସ ମଞ୍ଚ ପରିଚାଳନା କରିଥିଲେ। କୁନି ପିଲାମାନେ ଦେଶର ଭବିଷ୍ୟତ ସେମାନେ ମୋବାଇଲ ଠାରୁ ଦୂରରେ ରହି ଶୃଙ୍ଖଳିତ ଜୀବନଶୈଳୀ ସହ ଭବିଷ୍ୟତ ଗଠନ କରିବାକୁ ଅତିଥି ମାନେ ପରାମର୍ଶ ଦେଇଥିଲେ।ଏଥି ସହିତ ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା ଏବଂ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ସବୁ ପ୍ରକାରର ସହଯୋଗ କରିଥିଲେ।

## ଓଡିଶା ଟିମ ହ୍ୟୁମାନୀଟି ବାର୍ଷିକ ଉତ୍ସବ ଓ ବନ୍ଧୁମିଳନ

ରାଜକନିକା,(ସବ୍ୟୁ) : ଓଡିଶା ଟିମ ହ୍ୟୁମାନିଟି ପରିବାର ର ପଞ୍ଚମ ବାର୍ଷିକ ଉତ୍ସବ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ରାଜକନିକା ଅଶୋକ ବଜାର ସ୍ଥିତ ନୟନା ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛ । ଅନୁଷ୍ଠାନର ସଭାପତି ଅଜିତ କୁମାର ବେହୁରିୟାଙ୍କ ସଭାପତିତରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କନିକା ତହସିଲଦାର ଭାନୁମତୀ ମଝି ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦ, ସମ୍ମାନିତ ଅତିଥି ଭାବେ ରାଜକନିକା ଥାନାଧିକାରୀ ସଞ୍ଜୟ କୁମାର ମଲ୍ଲିକ ପ୍ରମୁଖ ଯୋଗ ଦେଇ ଟିମ ହ୍ୟୁମାନଟିର ଜନହିତକର କାର୍ଯ୍ୟ ଓ ସମାଜ ପ୍ରତି ଥିବା ଅବଦାନକୁ ଭୁରି ଭୁରି ପ୍ରଶଂସା କରିଥିଲେ । ଅନୁଷ୍ଠାନର ସଦସ୍ୟ ସଞ୍ଜୟ କୁମାର ନାୟକଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ସମ୍ପାଦକ ସୌମ୍ୟ ରଞ୍ଜନ ନାୟକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅନ୍ୟତମ ସଦସ୍ୟ ଗଗନ ଚନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା । ହରେ କୃଷ୍ଣ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

## ୭ରେ ଏକଦିବସୀୟ ଭିତରକନିକା ଉତ୍ସବ

ରାଜନଗର ,(ସବ୍ୟୁ) : ଜାନୁଆରୀ ମାସ ୭ତାରିଖ ଦିନ ଭୁବନେଶ୍ୱର ସ୍ଥିତ ଗୀତଗୋବିନ୍ଦ ସଦନରେ ଆୟୋଜନ ହେବାକୁ ଥିବା ଏକଦିବଶୀୟ ଭିତରକନିକା ଉତ୍ସବ ପାଇଁ ଶନିବାର ରାଜନଗର ସ୍ଥିତ ଶୈଳେନ୍ଦ୍ରନାରାୟଣ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ଖବରକାଗଜ ଓଡିଶା ମିରରର ମୁଖ୍ୟ ସମ୍ପାଦକ ଦିଲ୍ଲୀପ କୁମାର ବିଶ୍ୱାଳ ଓ ରାଜନଗର ସିଟିଜେଫୋରମ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ର ଆୟୋଜନ କରାଯାଇ ଭିତରକନିକା ଉତ୍ସବ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା ଏବଂ ଅନ୍ୟାନ୍ୟ ଅତିଥି ମାନେ ଉପସ୍ଥିତ ରହି ଉତ୍ସବ ସମ୍ପର୍କରେ ମତ ଦେଇଥିଲେ। ବିଭିନ୍ନ ଇକୋସିଷ୍ଟମ, ଭିତରକନିକା ରେ ଥିବା ଆଦ୍ରଭୂମି, ଲୁଣାଜଙ୍ଗଲ ପ୍ରଭୃତି ବିଷୟ ଉପରେ ସଚେତନତା ସୃଷ୍ଟି କରିବା ଉପରେ ପରିବେଶ ବିଜ୍ଞାନୀ ଡ଼. ମିହିର ପଟ୍ଟନାୟକ ସାମ୍ବାଦିକ ସମ୍ମିଳନୀ ରେ ମତ ଦେଇଥିଲେ। ସମାଜସେବୀ ପ୍ରଶାନ୍ତ କୁମାର ରାଉତ, ପରିବେଷବିତ ହେମନ୍ତ କୁମାର ରାଉତ, ସୂର୍ଯ୍ୟକାନ୍ତ ସାହୁ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ରହି ନିଜ ନିଜର ମତ ଦେଇଥିଲେ। ଆମ ଅଞ୍ଚଳର ଲୋକମାନେ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ସାମ୍ବାଦିକ ମାନେ ଭିତରକନିକାର ସୁରକ୍ଷା ପାଇଁ ଆଗେଇ ଆସିବା ସହିତ ସଚେତନତା ସୃଷ୍ଟି କରିବା ପାଇଁ ଆମେ ସମସ୍ତେ ସହାୟତା କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା । ସୂଚନା ଯୋଗ୍ୟ ଭିତରକନିକା ଉତ୍ସବ ରେ ଓଡିଶା ବାହାରର ଖ୍ୟାତନାମା ବିଶେଷଜ୍ଞ ମାନେ ଉପସ୍ଥିତରହିବାକୁ ସମ୍ମତି ପ୍ରଦାନ କରିଥିବା ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି । ଉକ୍ତ ଉତ୍ସବ ସମାରୋହରେ ଚାରିଗୋଟି ବିଭାଗ ରହିଛ । ଦ୍ୱିତୀୟ ବିଭାଗରେ ବିଶେଷଜ୍ଞ ମାନେ ଯୋଗଦେଇ ହେନ୍ତାଳବଣ ସଂରକ୍ଷଣ ଓ ପାରିବେଶିକ ପର୍ଯ୍ୟଟନ ଏ ଶିଳ୍ପର ବିଭିନ୍ନ ଦିଗ ଉପରେ ମତାମତ ପ୍ରଦାନ କରିବେ ।

## ଗୁରୁକୁଳ ପବ୍ଲିକ ସ୍କୁଲରେ ବାର୍ଷିକ ଆନ୍ତ-ବିଦ୍ୟାଳୟ ପ୍ରଦର୍ଶନୀ

ଧର୍ମଶାଳା,(ସବ୍ୟୁ) : ଧର୍ମଶାଳା ବ୍ଲକ ହରିଦାସପୁର ସ୍ଥିତ ଗୁରୁକୁଳ ପବ୍ଲିକ ସ୍କୁଲରେ ବାର୍ଷିକ ଆନ୍ତ-ବିଦ୍ୟାଳୟ ପ୍ରଦର୍ଶନୀ ଉତ୍ସବ ଆଜି ଉଦଯାପିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଧର୍ମଶାଳା ମହାବିଦ୍ୟାଳୟର ଅଧ୍ୟକ୍ଷ ସ୍ୱରୂପାନନ୍ଦ ପଣ୍ଡା ଯୋଗ ଦେଇଥିଲେ । ବିଦ୍ୟାଳୟ ର ପ୍ରତିଷ୍ଠାତା ଅଭୟ କୁମାର ଜେନା ସଭାପତିତ୍ୱ କରିଥିବା ବେଳେ, ବିଦ୍ୟାଳୟର ନିର୍ଦ୍ଦେଶକ ସୁଶାନ୍ତ ମହାପାତ୍ର ଏହି ପ୍ରଦର୍ଶନୀର ସୁ ପରିଚାଳନା କରିଥିଲେ । ଉକ୍ତ ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀର କୁମାର କର ସଭାରେ ସ୍ୱାଗତ ଭାଷଣ ଦେଇଥିଲେ । ବିଜ୍ଞାନ, ସମାଜ ଓ ପରିବେଶର ସମାବେଶର ପ୍ରତୀକ ସ୍ୱରୂପ ଏହି ପ୍ରଦର୍ଶନୀ ଦିବସର ନାମ ‘ଟେରା ଫେୟାର’ ରଖାଯାଇଥିଲା । ଏହି ପ୍ରଦର୍ଶନୀରେ ବିଜ୍ଞାନ, ସାହିତ୍ୟ, ସମାଜିକ ବିଜ୍ଞାନ, ଗଣିତ ଓ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଆଦି ବିଷୟକୁ ଭିତି କରି ଯାଜପୁରର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନିଜର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ମୁଖ୍ୟ ବିଚାରପତି ଭାବେ ପ୍ରାଧ୍ୟାପକ ବିଜୟ କୁମାର ସାମଲ, ପ୍ରଧ୍ୟାପକ ଅମ୍ବିକା ପ୍ରସାଦ ମିଶ୍ର ଓ ଶିକ୍ଷାବିତ ସୁଦାମ ଚରଣ ପଣ୍ଡା ବିଦ୍ୟାର୍ଥୀମାନଙ୍କର ପ୍ରକଳ୍ପଗୁଡିକର ମୁଲ୍ୟାଙ୍କନ କରିଥିଲେ । ଏହି ପ୍ରଦର୍ଶନୀରେ ଛାତ୍ରଛାତ୍ରୀମାନେ ଉତ୍ସାହର ସହିତ ମୋଟ ୧୨୫ଟି ପ୍ରକଳ୍ପ ପ୍ରଦର୍ଶନ କରି ଏହି ‘ଟେରା ଫେୟାର’ କୁ ସଫଳ କରିଥିଲେ । ଏହା ସହିତ ପ୍ରାକ କଳାରେ ନିପୁଣ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହ ଓ ପ୍ରେରଣା ଯୋଗାଇବା ଉଦ୍ଦେଶ୍ୟରେ ଏକ ଖାଦ୍ୟ ପ୍ରଦର୍ଶନୀ ‘ହାଣ୍ଡିଶାଳ’ ନାମରେ ଆୟୋଜିତ ହୋଇଥିଲା । ଏହି ଖାଦ୍ୟ ପ୍ରଦର୍ଶନୀଟି ସମାଜସେବୀ ପ୍ରତିମା ଜେନାଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା । ଏହି ‘ହାଣ୍ଡିଶାଳ’ ପ୍ରଦର୍ଶନୀରେ ଛାତ୍ରଛାତ୍ରୀମାନେ ସେମାନଙ୍କ ଅଭିଭାବକମାନଙ୍କ ସହିତ ଭାଗ ନେଇ ସୁସ୍ୱାଦୁ ଏବଂ ଘରୋଇ ଖାଦ୍ୟମାନ ପ୍ରଦର୍ଶନ କରିଥିଲେ । ଏହି ଖାଦ୍ୟ ପ୍ରଦର୍ଶନୀରେ ଛାତ୍ରଛାତ୍ରୀମାନଙ୍କ ତରଫରୁ ୪୦ଟି ଖାଦ୍ୟ ଷ୍ଟଲ୍ ପ୍ରଦର୍ଶନ କରାଯାଇଥିଲା । ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସହଯୋଗର ହାତ ବଢାଇ ‘ଟେରା ଫେୟାର’ ଓ ‘ହାଣ୍ଡିଶାଳ’ କୁ ସାଫଲ୍ୟମଣ୍ଡିତ କରିଥିଲେ । ବିଦ୍ୟାଳୟର ପ୍ରତିଷ୍ଠାତା ଅଭୟ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯାଜପୁର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିତିକ= କାନୁନଗୋ ଯୋଗ ଦେଇଥିଲେ ।

## ଜିଲ୍ଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଓ କୁଇଜ ପ୍ରତିଯୋଗିତା


କୁଆଖିଆ,(ସବ୍ୟୁ) :ଯାଜପୁର ଜିଲ୍ଲା ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦଶ୍ରନୀ ଓ କୁଇଜ ପ୍ରତିଯୋଗିତା କୁଆଖିଆ ରସୁଲପୁର ବ୍ଲକ ଅନ୍ତର୍ଗତ ମୁଗୁପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ଯାଜପୁର ଜିଲ୍ଲା ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦଶନି ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁ ଙ୍କ ସଭାପତିବ ରେ ଅନୁଷ୍ଠିତ ଉତ୍ସବ ରେ ଉଦଘା ଟକ ଭାବେଯୁ ଏନ ଏସ କଲେଜଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ କର ଯୋଗ ଦେଇଥିଲେ। ଅପ ରାହ୍ନପୁରସ୍କାର ବିତରଣ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍‌ଓ୍ୱାଇଁ, ଡି ଇ ଓ ମହେଶ୍ୱର ସାହୁ, ଅତିରିକ୍ତ ଶିକ୍ଷା ଅଧିକାରୀ ସବିତା ସାହୁ,ବି ଇ ଓ ସୁଦର୍ଶନ ମଳିକ, ଡ଼ଃ ପ୍ରଭଞ୍ଜନପତି,କୁମାର ସେନ ସେନାପତି ଯୋଗ ଦେଇ କୃତୀ ପ୍ରତିଭା ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମୁଗୁପାଳ ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହମୟୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଫତିମା ଫିଦୋଷ ଙ୍କୁ ଓ ଅନ୍ୟ ଦେବି ପ୍ରସାଦ ନାୟକ, ଜ୍ୟୋର୍ତିମୟୀ ସାମଲ, ସୁଜୟ କୁମାର ବଳ, ଶୁଭ୍ରଜିତ ଜେନା, ସ୍ମୃତି ସଂଗୀତା ବେହେରା, ବିଶ୍ୱ ରଞ୍ଜନ ମହାପାତ୍ର ପ୍ରମୁଖ ଙ୍କୁ ଅତିଥି ବୃନ୍ଦ ସମ୍ବର୍ଦ୍ଧିତ କରିଥିଲେ। ବୈଜ୍ଞାନିକ ପ୍ରଦର୍ଶନୀ ରେ ମୋଟ ୧୩୦ ଟି ପ୍ରକଳ୍ପ ପ୍ରଦ ଶ୍ରିତ ହୋଇଥିଲା। ବିଜ୍ଞାନ ଶିକ୍ଷକ ବିଷ୍ଣୁ ଚରଣ ସାହୁ, ପ୍ରକାଶ ପଣ୍ଡା, ଯାବରା ପ୍ରଧାନ ଶିକ୍ଷକ ସିଦ୍ଧାର୍ଥ ଶଙ୍କର ରାଉତ, ଓ ମୁଗୁପାଳ ସ୍କୁଲ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅନ୍ୟ ଶିକ୍ଷକ ବୃନ୍ଦ ପରିଚାଳନା ରେସହଯୋଗ କରିଥିଲେ।

## ବିଜୁଜନତା ଦଳର ପ୍ରତିଷ୍ଠା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ସାଲେପୁର ,(ସବ୍ୟୁ) : ସାଲେପୁର ବ୍ଲକ ବାଲିସାହ ପଞ୍ଚାୟତ କଲ୍ୟାଣୀ ମଣ୍ଡପ ଠାରେ ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରକାଶ ଥାଉକି ଆସନ୍ତା ୨୬ ତାରିଖ (ଶୁକ୍ରବାର) ସାଲେପୁର ନିର୍ବାଚନ ମଣ୍ଡଳିର ୪୮ ଟି ପଂଚାୟତକୁ ନେଇ ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ମହାସମାରୋହରେ ଗୋପୀନାଥପୁର ପଂଚାୟତ ଖେଳ ପଡିଆ ଠାରେ ଅନୁଷ୍ଠିତ ହେବ। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସାଲେପୁର ପଂଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ବ୍ଲକ ବିଜେଡି ସଭାପତି ଅନନ୍ତ ପ୍ରଧାନ, କାର୍ଯ୍ୟକାରୀ ସଭାପତି ନାରାୟଣ ପତି, ବରିଷ୍ଠ ବିଜେଡି ନେତା ଦିଲ୍ଲୀପ ଦାଶ, ମନୋରଞ୍ଜନ ଦାଶ,ଛାତ୍ର ବିଜେଡି ସଭାପତି ଶୁଭମ ଦାଶ,ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ବିଶ୍ୱଜିତ ବିଶ୍ୱାଳ ପ୍ରମୁଖ ଆସନ୍ତା ପ୍ରତିଷ୍ଠା ଦିବସରେ କିଭଳି ଭାବରେ ପ୍ରତ୍ୟେକ ପଂଚାୟତରୁ ଶତାଧିକ କର୍ମୀ ଯୋଗଦେବେ ବିଷଦ ଭାବେ ଆଲୋଚନା କରିଥିଲେ। ବିଧାୟକ ଶ୍ରୀ ବେହେରା କହିଥିଲେ କି ପ୍ରତିବର୍ଷର୍ ଠାରୁ ଚଳିତ ବର୍ଷ ବିଜେଡି ପ୍ରତୀଷ୍ଠା ଦିବସ ଆହୁରି ସରସ ସୁନ୍ଦର କରାଯିବ ଏଥିପାଇଁ ଆପଣମାନଙ୍କର ପ୍ରଚେଷ୍ଟା ଓ ସହଯୋଗ ଦୃଢ ଭାବରେ ରହିବା ଉଚିତ। ଏହି କାର୍ଯ୍ୟକ୍ରମକୁ ଯୁବନେତା ବିରଞ୍ଚି ନାରାୟଣ କର, ଗୁଲରେଜ ଅଲ୍ଲୀ, ରାଜେଶ ମହାନ୍ତି, ସୌମ୍ୟ ରଞ୍ଜନ ମଲ୍ଲ, ଅଶ୍ୱିନୀ ଦାସ, ଦିଲ୍ଲୀପ ସ୍‌ଓ୍ୱାଇଁ, ବିନୋଦ ମଲ୍ଲିକ,ପର୍ଶୁରାମ ଦୀକ୍ଷିତ,ବାପୁ ଷଡଙ୍ଗୀ, କେଦାର ପାଣି ପ୍ରମୁଖ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ପଂଚାୟଜନପ୍ରତିନିଧି ଓ ବ୍ଲକ ବିଜେଡି କର୍ମକର୍ତ୍ତା ଓ ଛାମୁଆ କର୍ମୀ ଉପସ୍ଥିତ ଥିଲେ।

## କଂଗ୍ରେସ ନେତା କୃଷ୍ଣଚନ୍ଦ୍ର ପଟ୍ଟନାୟକଙ୍କ ବିୟୋଗ

ଚଣ୍ଡିଖୋଲ/ଚଡେଇଧରା,(ସବ୍ୟୁ) :ଯାଜପୁର ଜିଲ୍ଲା ତଥା ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା,ପୂର୍ବତନ ପିସିସି ସଭ୍ୟ, ପୂର୍ବତନ ଧର୍ମଶାଳା ବ୍ଲକ କଂଗ୍ରେସ କମିଟି ସଭାପତି,ଜେନାପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ସର୍ବଜନ ବିଦିତ ଓ ନିର୍ବିବାଦୀୟ ବିଶିଷ୍ଟ ସମାଜସେବୀ କୃଷ୍ଣଚନ୍ଦ୍ର ପଟ୍ଟନାୟକଙ୍କର ଜେନାପୁର ଦୁର୍ଗାପଡିଆ ସ୍ଥିତ ତାଙ୍କ ବାସଭବନରେ




ଶନିବାର ସକାଳେ ଦେହାନ୍ତ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୩ ବର୍ଷ ହୋଇଥିଲା। ସେ ଆଜୀବନ କଂଗ୍ରେସ ଦଳରେ ରହି ଆସିଥିଲେ ଜନ ସାଧାରଣଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ। ସେ ନିର୍ଦ୍ଦିଷ୍ଟ ଏକ ରାଜନୈତିକ ଦଳର ହୋଇଥିଲେ ମଧ୍ୟ ତାଙ୍କ ବ୍ୟକ୍ତିତ୍ୱ ପାଇଁ ସେ ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ଓ ଜଣେ ନିର୍ବିବାଦୀୟ ମୁରବି ଭାବେ ସମଗ୍ର ଧର୍ମଶାଳା ଅଞ୍ଚଳରେ ଆଦୃତ ହେଉଥିଲେ। ସ୍ୱର୍ଗତ ପଟ୍ଟନାୟକ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଓ ଧର୍ମଶାଳାର ପ୍ରାକ୍ତନ ବିଧାୟକ କାଙ୍ଗାଳିଚରଣ ପଣ୍ଡାଙ୍କର ଦୃଢ ସମର୍ଥକ ଥିଲେ। ସେ ୧୯୮୩ ରୁ ୮୭ ଓ ୨୦୧୮ ରୁ ୨୨ ପର୍ଯ୍ୟନ୍ତ ଦୁଇଥର ଜେନାପୁରର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲା ବେଳେ ଲଗାତାର ଦୁଇଥର ପିସିସି ସଭ୍ୟ ଏବଂ ଦୁଇଥର ଧର୍ମଶାଳା ବ୍ଲକ କଂଗ୍ରେସ କମିଟିର ସଭାପତି ରହିଥିଲେ। ତାଙ୍କ ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଦାହ କରାଯାଇଥିଲା। ତାଙ୍କ ପୁତୁରା ଡ୍ୟାନିସକୁମାର ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ସଜ୍ୟା ନିକଟରେ ତାଙ୍କ ସ୍ତ୍ରୀ,ଝିଅ ଓ ଜ୍ୱାଇଁ ଉପସ୍ଥିତ ଥିଲେ। ତାଙ୍କ ଦେହାନ୍ତ ଖବର ପ୍ରଶାରିତ ହେବାପରେ ସମଗ୍ର ଅଞ୍ଚଳରେ ଶୋକରଛାୟା ଖେଳିଯାଇଥିଲା। ଖବର ପାଇ ଧର୍ମଶାଳା କଂଗ୍ରେସ ନେତା କିଶାନ ପଣ୍ଡା,ମାନସରଞ୍ଜନ କର, ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା,ସାମ୍ବାଦିକ ଅଶୋକ ଦାସ,ଚିତ୍ରସେନ ନାଥ,ବିଜେପି ନେତା କାହ୍ନୁଚରଣ ଦାଶ,ଶ୍ରୀବସ୍ତ ଧୀର,ମାନସ ମହାନ୍ତି, ପ୍ରମୋଦକୁମାର ଦାସ,ରଞ୍ଜିତକୁମାର ଦୋରା,ବିନାୟକ ଦାସଙ୍କ ସହ ତାଙ୍କର ବହୁ ଶୁଭେଚ୍ଛୁ ଓ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନକରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ତାଙ୍କ ବିୟୋଗରେ ପିସିସି ସଭାପତି ଭକ୍ତଚରଣ ଦାସ,ବିଧାୟକ ହିମାଂଶୁଶେଖର ସାହୁ,ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର,ଅମରପ୍ରସାଦ ଶତପଥୀ,ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ,ଶରତ ରାଉତ,ପୂର୍ବତନ ବିଧାୟକ ପ୍ରଣବକୁମାର ବଳବନ୍ତରାୟ,କଂଗ୍ରେସ ନେତା ମନୋଜ ରାଉତ,ନିତ୍ୟାନନ୍ଦ ବିଶ୍ୱାଳ,ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଶଶୀ ସାହୁ,ତୁଷାର ପରିଡା,ମଣ୍ଟୁ ମହାନ୍ତି,ବନମାଳି ରାଉତ,କାଳନ୍ଦୀ ଚରଣ ପାଣିଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

## ଅଟଳ ପେନସନ ଯୋଜନାକୁ ସଫଳ କରିଥିବାରୁ ଏଲଡିଏମଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡା,(ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲାରେ ଅଟଳ ପେନଶନ ଯୋଜନା ୨୦୨୪-୨୫ ବର୍ଷର ୧୫୧ ପ୍ରତିଶତ କରି ସମଗ୍ର ଜିଲ୍ଲାରେ କୃତିତ୍ୱ ହାସଲ କରିଥିବାରୁ ଏଲଡିଏମଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର। ଆୟାର ଏକ ସମୀକ୍ଷା ବୈଠକରେ ଅଟଳ ପେନଶନ ଯୋଜନା କୃତିତ୍ୱ ହାସଲ କରିଥିବାରୁ କେନ୍ଦ୍ରାପଡା ଏଲଡିଏମ ରମାକା” ମାଝିଙ୍କୁ ଏକ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଅଜାମ୍ବର ମହାଁ”, ନାବାର୍ଡ ଅଧିକାରୀ ସ୍ମିତା ବଡଜେନାଙ୍କ ସମେତ ସମସ୍ତ ବ୍ୟାଙ୍କ ଶାଖା ପରିଚାଳକ ମାନେ ଉପସ୍ଥିତ ଥିଲେ।

## ୫ ବର୍ଷରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଦ୍ୱାରା ୨୪୩ଟି ନୂଆ ପୋଖରୀ ସୃଷ୍ଟି

ବ୍ୟାସନଗର: ଜଳ ଆମର ଏକ ମୌଳିକ ଉତ୍ସ। ଅନେକ କାର୍ଯ୍ୟ ଏହା ଦ୍ୱାରା ପରିଚାଳିତ ହୁଏ ଓ ଏହାର ଅଭାବରେ ଅନେକ କାର୍ଯ୍ୟକଳାପ ବନ୍ଦ ହୋଇଯାଏ। ଲୋକମାନେ ସେମାନଙ୍କର ମୌଳିକ ଆବଶ୍ୟକତା ପୂରଣ କରିବାରେ ଯେପରି ଜଳ ପାଇଁ କିଛି ସମସ୍ୟା ର ସମ୍ମୁଖିନ ନହେବେ ସେଥିପାଇଁ କଳିଙ୍ଗନଗରରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସ୍ଏଫ୍) ନିରନ୍ତର ପ୍ରୟାସ ଜାରି ରଖିଛି। ସ୍ଥାୟୀ ଜଳ ସମ୍ପଦ ସୃଷ୍ଟିକୁ ଗୁରୁତ୍ୱ ଦେଇ ଟିଏସ୍ଏଫ୍ ଗତ ୫ ବର୍ଷରେ ୨୮ ଟି ଗ୍ରାମପଞ୍ଚାୟତ (ଦଗଗଦି-୧୦ ଏବଂ ସୁକିନ୍ଦା-୧୮ )ରେ ୨୪୩ଟି ନୂଆ ପୋଖରୀ ସୃଷ୍ଟି କରିଛି। ଟିଏସ୍ଏଫ୍ ଏକ ବ୍ୟାପକ ଏବଂ ନିରନ୍ତର ପ୍ରୟାସ ମାଧ୍ୟମରେ ଦୀର୍ଘସ୍ଥାୟୀ ଜଳ ସମ୍ପଦ ସୃଷ୍ଟି ଦିଗରେ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ଅଟେ। ଯାହା ହଜାର ହଜାର ପରିବାର ପାଇଁ ଦୀର୍ଘମିଆଦି ଜଳ ସୁରକ୍ଷା ସୁନିଶ୍ଚିତ କରିବା ସହ କୃଷି କ୍ଷେତ୍ରରେ ଜଳସେଚନ ପାଇଁ ସହାୟକ, ଭୂତଳ ଜଳ ସ୍ତର ବୃଦ୍ଧି, ଏବଂ ବର୍ଷା ଜଳ ଅମଳରେ ସହାୟକ ହେଉଛି। ଟିଏସ୍ଏଫ୍ ସଫଳତାର ସହ ଦାନଗଦି ବ୍ଲକ୍ରେ ୧୩୯ଟି ଏବଂ ସୁକିନ୍ଦା ବ୍ଲକ୍ରେ ୧୦୪ଟି ପୋଖରୀ ନିର୍ମାଣ କରିଛି। ବର୍ଷାଜଳକୁ ଅଧିକରୁ ଅଧିକ ସଂଗ୍ରହ ଓ ସଂରକ୍ଷଣ କରିବା ପାଇଁ ଏହି ନୂତନ ପୋଖରୀଗୁଡ଼ିକୁ ଡିଜାଇନ୍ କରାଯାଇଛି। ଏଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଜଳାଶୟ ଭାବେ




କାର୍ଯ୍ୟ କରୁଛି, ଯାହା ସିଧାସଳଖ ଭୂତଳ ଜଳସ୍ତର ବୃଦ୍ଧି କରିବାରେ ସହାୟକ ହେଉଛି ଏବଂ ବିଶେଷକରି ବର୍ଷା ଦିନ ପରେ ମଧ୍ୟ ଫସଲ ବଞ୍ଚାଇବା ପାଇଁ ନିର୍ଭରଯୋଗ୍ୟ ଜଳସେଚନ ସୁବିଧା ଯୋଗାଇ ଦେଉଛି। କେବଳ ଚଳିତ ଆର୍ଥିକ ବର୍ଷରେ, ଟିଏସ୍ଏଫ୍ ୫୯ଟି ନୂତନ ପୋଖରୀର ନିର୍ମାଣ କାର୍ଯ୍ୟ ଶେଷ କରିସାରିଛି, ସେଥି ମଧ୍ୟରୁ ଦାନଗଦିରେ ୨୭ଟି ଏବଂ ସୁକିନ୍ଦାରେ ୩୨ଟି ପୋଖରୀ ରହିଛି। ଏହା ଦ୍ୱାରା ଭୂପୃଷ୍ଠ ଜଳ ସ୍ତର ବୃଦ୍ଧି ପାଇବା ସହିତ ସ୍ଥାନୀୟ ଅଞ୍ଚଳର ଏକର ଏକର ଜମି କୁ ଜଳ ସେଚନ ସୁବିଧା ମଧ୍ୟ ହୋଇ ପାରୁଛି। ପାଟପୁର ଗ୍ରାମର ଜଣେ କୃଷକ ସିଦ୍ଧେଶ୍ୱର ଜାମୁଡା ଓ ଫୁଲଜହର ଗ୍ରାମର ଅନ୍ୟ ଜଣେ କୃଷକ ନରେଶ ଶୁଦ୍ଧଙ୍କ କହିବା ମୁତାବକ ବିଭିନ୍ନ ଚାଷ କରି ରୋଜଗାର କରିପାରୁଛୁ ଓ ଲାଭବାନ ମଧ୍ୟ ହେଉଛୁ । ଏହି ଅଞ୍ଚଳରେ ୨୪୩ଟି ଗୁରୁତ୍ୱପୂର୍ଣ୍ଣ ଭୂପୃଷ୍ଠ ଜଳ ଉତ୍ସ ସୃଷ୍ଟି କରି ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ସିଧାସଳଖ ସ୍ଥାନୀୟ ଚାଷୀଙ୍କୁ ସଶକ୍ତ କରୁଛି, ଘରୋଇ ବ୍ୟବହାର ପାଇଁ ଜଳର ଉପଲବ୍ଧତାକୁ ସୁନିଶ୍ଚିତ କରୁଛି ଏବଂ ଦାନଗଦି ଓ ସୁକିନ୍ଦା ଉଭୟ ବ୍ଲକ୍ରେ ଜଳାଭାବ ଜନିତ ପରିବେଶଗତ ବିପଦକୁ ହ୍ରାସ କରୁଛି। କଳିଙ୍ଗନଗର ଓ ଏହାର ଆଖପାଖ ଅଞ୍ଚଳର ଜନସାଧାରଣଙ୍କ ପାଇଁ ଏକ ନିରନ୍ତର ଏବଂ ସମୃଦ୍ଧ ଭବିଷ୍ୟତ ସୁନିଶ୍ଚିତ କରିବା ଦିଗରେ ଟିଏସ୍ଏଫ୍ର ପ୍ରତିବଦ୍ଧତାର ଏହା ଏକ ଜ୍ୱଳନ୍ତ ଉଦାହରଣ।

## ତହସିଲଦାରଙ୍କୁ ବାନ୍ଧିଲା ଭିଜିଲାନ୍ସ

ଯାଜପୁରସଦର,(ସବ୍ୟୁ) : ଯାଜପୁର ଜିଲ୍ଲା ସ୍ଥିତ ବିଞ୍ଝାରପୁର ତହସିଲଦାର ଦାୟିତ୍ୱରେ ଥିବା ପ୍ରଦୀପ କୁମାର ସେଠୀଙ୍କୁ ୩୦ହଜାର ଟଙ୍କା ଲାଂଚ ନବା ଅଭିଯୋଗରେ ଓଡିଶା ଭିଜିଲାନ୍ସ ତାଙ୍କୁ ଗିରଫ କରି ଆଜି କୋର୍ଟ ଫରୱାର୍ଡ କରିଛନ୍ତି । ଜନୈକ ବ୍ୟକ୍ତିର ଜମିକୁ ମାପିବା ପାଇଁ ଶ୍ରୀ ସେଠୀ ୩୦ହଜାର ଟଙ୍କା ଲାଂଚ ନେଉଥିଲେ । ଭିଜିଲାନ୍ସ ତରଫରୁ ଶ୍ରୀ ସେଠୀଙ୍କ ଘରୁ ୫ଲକ୍ଷ ୬ହଜାର ୪୯୦ଟଙ୍କା ନଗଦ କ୍ୟାସ ଜବତ କରିଥିଲେ। କଟକ ଭିଜିଲାନ୍ସ ପକ୍ଷରୁ କେସ୍ ରୁଜୁ କରାଯାଇ ତହସିଲଦାର ଶ୍ରୀ ସେଠୀଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଛୁରା ମାଡ଼ : ଦୁଇ ଅଟକ

ସାକ୍ଷୀଗୋପାଳ , (ସବ୍ୟୁ): ସତ୍ୟବାଦୀ ନିମନ୍ତେ ଶନିବାର ଥିଲା ଅଶୁଭ ଦିନ । ଦିନରେ ବୋମା ମାଡ଼ ଘଟଣା ପରେ ରାତି ସାଢେ ୧୦ ଟରେ ଏକ ଛୁରା ମାଡ଼ ଘଟଣା ଘଟିଛି । ଶନିବାର ରାତି ସାଢେ ୧୦ଟାରେ ରେ ଭାରତୀୟ ଷ୍ଟେଟ ବ୍ୟାଙ୍କ, ସାକ୍ଷୀଗୋପାଳ ସମ୍ମୁଖରେ ସାନ କାଞ୍ଜିଆ ଗ୍ରାମର ଶମ୍ଭୁ ସାହୁ (୨୦)ଙ୍କୁ କେତେ ଜଣ ଦୁର୍ବୃତ୍ତ ଅତର୍କିତ ଆକ୍ରମଣ କରିବା ସହିତ ଛୁରା ମାଡ଼ କରିଥିଲେ । ତାଙ୍କ ଶରୀରରେ ଏକାଧିକ ସ୍ଥାନରେ ଆଘାତ ହୋଇଅଛି । ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ଚିକିତ୍ସା ନିମନ୍ତେ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ଏହି ଘଟଣାରେ ସତ୍ୟବାଦୀ ପୋଲିସ ଦୁଇ ଜଣଙ୍କୁ ଅଟକ ରଖିଛି ।

# ଭଗବତ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟରେ ଖାଦ୍ୟ ମେଳା

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଭଗବତ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ଜଙ୍କିଆ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ପ୍ରହରାଜଙ୍କ ଅଧକ୍ଷତାରେ ବିଦ୍ୟାଳୟ ସ୍ତରୀୟ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। ମେଳାରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ବିଭିନ୍ନ ପ୍ରକାରର ଖାଦ୍ୟ ପରିବେଷଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ସଞ୍ଜୁକ୍ତା ଚମ୍ପତିରାୟ, ସୁମିତ୍ରା ରାଉତରାୟ, ସୁଲୋଚନା ଦାସ, ନିରୁପମା ପାତଳାସିଂହ, ସ୍ୱାଗତିକା ସାହୁ, ଅନୁସୟା କଅଁର, ମଧୁସ୍ମିତା ମଙ୍ଗରାଜ, ଭୂମିକା ଜେନା, ଶୁଭଲକ୍ଷ୍ମୀ ପାଇକରାୟ, ସୁପ୍ରଭା ବେହେରା, ଅଞ୍ଜନା ମୁଖୀ ଓ ଶିକ୍ଷକ ରଞ୍ଜିତ ବେହେରା , ବିକାଶ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ଦ୍ୱିତୀୟ ପର୍ଯ୍ୟାୟରେ କଣାସ ବଜାର ଜବରଦଖଲ ଉଚ୍ଛେଦ

କଣାସ,(ସବ୍ୟୁ): ପୁରୀ ଜିଲ୍ଲା କଣାସ ବଜାରରେ ଦୀର୍ଘ ଦିନ ପରେ ପ୍ରଶାସନ ପକ୍ଷରୁ ଜବର ଦଖଲ ଉଚ୍ଛେଦ କରାଯାଉଛି ।ପ୍ରଥମ ପର୍ଯ୍ୟାୟରେ ୭୨ ଜଣଙ୍କୁ ନୋଟିସ କରାଯାଇ ବାଲିଘାଇ ବଜାରରୁ କୁଞ୍ଜେଶ୍ୱରୀ ବଜାର ପର୍ଯ୍ୟନ୍ତ ଗତ ମାସ ୧୪ ତାରିଖରେ ଜବର ଦଖଲ ଉଚ୍ଛେଦ କରାଯାଇଥିଲା । ପୁନଃଶ୍ଚ ୮୪ ଜଣ ଜବର ଦଖଲକାରୀଙ୍କୁ ନୋଟିସ କରାଯାଇଥିଲା ୨୦ ତାରିଖ ସୁଦ୍ଧା ଜବର ଦଖଲ ଉଚ୍ଛେଦ କରିବା ପାଇଁ । ଶନିବାର ଦିନ ପ୍ରଶାସନ ପକ୍ଷରୁ କୁଞ୍ଜେଶ୍ୱରୀ ମନ୍ଦିର ଠାରୁ ବସଷ୍ଟାଣ୍ଡ, କୃଷ୍ଣନଗର , ହାଟଛକ ଓ ମେଡିକାଲ ଛକ ପର୍ଯ୍ୟନ୍ତ ଜବର ଦଖଲ ଉଚ୍ଛେଦ କରାଯାଉଛି । ଉଚ୍ଛେଦ ସମୟରେ ତହସିଲଦାର ହିମାଂଶୁ ଶେଖର ଗିରି, ଅତିରିକ୍ତ ତହସିଲଦାର ଉପେନ୍ଦ୍ର କୁମାର ସେଠୀ । ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିବା କଣାସ ଥାନା ଅଧିକାରୀ ପ୍ରସନ୍ନ କୁମାର ନାୟକ ସୂଚନା ଦେଇଛନ୍ତି । ଶନିବାର ଦିନ ଶାନ୍ତି ଶୃଙ୍ଖଳା ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଜବର ଦଖଲ ଉଚ୍ଛେଦ କାର୍ଯ୍ୟ ଶେଷ ହୋଇଛି ।

# ବାଲି ବୋଝେଇ ଗାଡି ଜବତ : ଜଣେ ଗିରଫ

ବାଙ୍କୀ , (ସବ୍ୟୁ): କଟକ ଜିଲ୍ଲା ବାଙ୍କୀ ତହସିଲ ଅନ୍ତର୍ଗତ ତେନ୍ତୁଳିଆ, ଓସ୍ତିଆର ରଜୀବ ଅଞ୍ଚଳରୁ ବାଲି ନେଉଥିବା ବେଳେ ଶୁକ୍ରବାର ସକାଳୁ ବୈଦେଶ୍ୱର୍ ପୋଲିସ ଚଢ଼ାଉ କରି ଓଡି -୦୫-ଏ ବି -୪୦୯୪ ନମ୍ବର ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରି ଥାନାରେ ଅଟକ ରଖି ଗାଡି ଚାଳକ ପଥୁରିପଡ଼ା ଗ୍ରାମ ର ସୁରେନ୍ଦ୍ର ଖଟୁଆଙ୍କ ପୁଅ ଆକାଶ କୁମାର୍ ଖଟୁଆଙ୍କୁ ପୋଲିସ ଗିରଫ କରି ଅଦାଲତ ଚାଲାଣ କରିଛି। ବୈଦେଶ୍ୱର ଥାନା ମୋକଦ୍ଦମା ନମ୍ବର ୨୫୯/୨୦୨୫ ରେ ରୁଜ୍ଜୁ କରାଯାଇଛି । ଚୋରା ରେ ଚାଲୁଥିବା ଘାଟ ଓ ଚୋରା ଘାଟରୁ ବାଲି ଚାଲାଣ କରୁଥିବା ଗାଡ଼ିକୁ ଜବତ କରା ଯିବ ବୋଲି ବୈଦେଶ୍ୱର ଥାନା ଅଧିକାରୀ ସଞ୍ଜୟ କୁମାର ଜେନା ସୂଚନା ଦେଇଛନ୍ତି।

# ଭୂଦାନ ଜମିରେ ରାସ୍ତା ନିର୍ମାଣ ମସୁଧା

ଭୁବନେଶ୍ୱର , (ସବ୍ୟୁ): ଅନ୍ତ୍ୟୋଦୟ ଯୋଜନାରେ ରାସନ ପାଉଥିବା ଗରିବ ଲୋକଟିର ଭୂଦାନ ଜମି ଉପରେ ରାସ୍ତା ନିର୍ମାଣ ପାଇଁ ମସୁଧା ହେଉିଛି ।ଉକ୍ତ ଜମି ସାବକ ରେକର୍ଡ଼ ଖାତା ନଂ ୪୭ ଓ ପ୍ଲଟ ନଂ. ୩୩୧ ଦାତା ବିଜୟ କୁମାର ଜମିଦାର ଓଡିଶା ଭୂଦାନ ସମିତିକୁ ତା ୨୪.୮.୫୩ରିଖରେ ୧ଏକର ୨୮ ଡେସିମିଲି ଦାନ କରିଥିଲେ । ସେହି ଭୂଦାନ ଜମିକୁ ଭୂଦାନ ଯଜ୍ଞ ସମିତି ନାମରେ କୁଜଙ୍ଗର ପୂର୍ବତନ ତହସିଲଦାରଙ୍କ ମାଧ୍ୟମରେ ଚିଠି ନମ୍ବର ୩୮୦ତା ୩୦.୦୧.୬୧ରେ ସ୍ୱୀକୃତ ହୋଇଥିଲା। ଏହି ଭୂଦାନ ଜମିକୁ ମୌଜା ନୂଆପଡାର (ପରିଗଡ଼) ଗ୍ରାମର ଗୋଲକ ଚନ୍ଦ୍ର ନାୟକ ପିତା ସ୍ୱର୍ଗତ ମୁକୁନ୍ଦ ନାୟକଙ୍କୁ ଦିଆଯାଇଥିଲା। ଗୋଲକ ନାୟକଙ୍କ ମୃତ୍ୟୁ ପରେ ତାଙ୍କ ବୋହୂ ଉତ୍ତରା ନାୟକ ସ୍ୱାମୀ ଅଭିରାମ ନାୟକ ଖାତା ନମ୍ବର ୪୭ ପ୍ଲଟ ନମ୍ବର ୩୩୧ସମୁଦାୟ ୧ଏକର ୨୧ଡ଼ିସିମିଲି କଟକ ଜିଲ୍ଲା ଭୂଦାନ ମଞ୍ଚ ତରଫରୁ ତା ୨୮.୧୨.୮୫ ରିଖରେ ବଣ୍ଟନ କରାଯାଇଥିଲା।ଏହି ଜମି ବଣ୍ଟନ ବେଳକୁ ତହସିଲଦାର ର୍ତିତ୍ତୋଲଙ୍କ ନିକଟରେ ଶ୍ରୀମତୀ ଉତ୍ତରା ନାୟକଙ୍କ ନାମରେ ରେକର୍ଡ କରିବା ପାଇଁ ଚିଠି ନମ୍ବର ୨୮୨/୮୭ ତା ୨୨.୭.୮୮ରେ ଦାଖଲ କରାଯାଇଛି । ଉତ୍ତରାଙ୍କୁ ସମତି ତରଫରୁ ଚିଠି ନଂ. ୨୮୨/୮୭ ତା ୫.୮.୮୭ରିଖରେ ପ୍ରମାଣ ପତ୍ର ଦିଆଯାଇଛି । ଏହି ଜମିକୁ ର୍ତିତ୍ତୋଲ ତହସିଲଦାର ଉତ୍ତରା ନାୟକଙ୍କ ନାମରେ ରେକର୍ଡ ନ କରି ଚଳିତ ଚକବନ୍ଦୀରେ ଗୋଚର କିସମ କରିଥିବାରୁ ଉତ୍ତରା ନାୟକ କଟକ ଚକବନ୍ଦୀ କମିଶନଙ୍କ ନିକଟରେ ଏକ ମାମଲା କରିଛନ୍ତି। ଯାହାଦ୍ୱାରା ଜଗତସିଂହପୁରର ସମସ୍ତ ବିଭାଗକୁ ନୋଟିସ ଜାରି କରାଯାଇଛି । ହେଲେ ଆଜି ସୁଦ୍ଧା କୌଣସି ବିଭାଗ ସେମାନଙ୍କ ମତାମତ ରଖି ନ ଥିବାରୁ ମାମଲାର ବିଚାର ଆଗକୁ ଯାଇପାରୁ ନାହିଁ ।ଅପର ପକ୍ଷେ ଜାଣିବାକୁ ମିଳିଛି ଯେ ଉକ୍ତ ଜମିରେ ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଏକ ରାସ୍ତା ଜୋର ଜବରଦସ୍ତି ନିର୍ମାଣ କରିବା ପାଇଁ ବାହାରିଛନ୍ତି.।ହେଲେ ଏହି ଜମି ପାଖରେ ସର୍ବସାଧାରଣ ଯିବା ଆସିବା ନିମନ୍ତେ ଏକ ରାସ୍ତା ଥିବା ବେଳେ ଭୂଦାନ ସମିତି ଦାନ କରିଥିବା ଜଣେ ଗରିବ ଲୋକ ଜମିରେ କାହିଁକି ରାସ୍ତା ନିର୍ମାଣ କରାଯିବ ସେ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏଣୁ ସରକାର ଏଥିପ୍ରତି ଦୃଷ୍ଟିଦେଇ ଭୂମିହୀନ ଉତ୍ତରା ନାୟକଙ୍କୁ ନ୍ୟାୟ ନେବାକୁ ଦାବି ହୋଇଛି।

## ଓଡ଼ିଶା ସରକାର
## ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଅଧିସୂଚନା

**No. 364/LA Dated : 05.08.25**

**XXI-29 :** ଯେହେତୁ ଓଡିଶା ସରକାରଙ୍କ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାର ଖଇରି ଭଣ୍ଡନ ବ୍ୟାରେଜ୍ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- ଅଁଳାବଣି, ଥାନା-ଯଶିପୁର ନଂ-୧୦୧, ତହସିଲ-ଯଶିପୁର, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୭.୧୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୂର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (**RFCTLAR & R Act. 2013)** ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚିରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ୧୧(୧)ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ଖଇରି ଭଣ୍ଡନ ବ୍ୟାରେଜ୍ ପ୍ରକଳ୍ପ ନିର୍ମାଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ -ଅଧିକ୍ଷଣ ଯନ୍ତ୍ରୀ, ଦେଓ ମୁଖ୍ୟ ବନ୍ଧ ବିଭାଜନ, କରଞ୍ଜିଆ ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ଖଇରି ଭଣ୍ଡନ ବ୍ୟାରେଜ୍ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସନଙ୍କ ବିବରଣୀ - ସ୍ୱତନ୍ତ୍ର ଭୂ-ଅର୍ଜନ ପୁନଃ ବସତି ଓ ଥଇଥାନ ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆ ।
୬. ଜମିର ବିବରଣୀ ।

**ମୌଜା-ଅଁଳାବଣି, ଥାନା-ଯଶିପୁର, ଥାନା ନମ୍ବର-୧୦୧, ତହସିଲ-ଯଶିପୁର, ଜିଲ୍ଲା-ମୟୂରଭଞ୍ଜ**

| କ୍ରମିକ ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ମୋଟ ଜମିର ପରିମାଣ (ଏକର) | ମୋଟ ଜମିର ପରିମାଣ (ଏକର) | ଖାତା ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୩୫ | ୧୦୭୨ | ଡାହି ଏକ | ୦.୭୫ | .୭୫ | ଆନନ୍ଦ ମହାନ୍ତ, ପି-ଦୁଃଖୁ ମହାନ୍ତ, ଜା-କୁଡୁମି, ବା-ଅଁଳାବଣି | |
| ୧ | ୧ | ୨୮୨ | ଆଶୁ | ୦.୪୨ | ୦.୩୪ | ଅଭିନ ପାତ୍ର, ପି. କଳାକାର ପାତ୍ର | |
| | | ୨୯୧ | ଆଶୁ | ୦.୪୭ | ୦.୧୮ | ଜା-ପାତ୍ର ତନ୍ତି, ବା. ନିଜଗାଁ | |
| | | ୩୫୦ | ଶାରଦ ଏକ | ୦.୨୦ | ୦.୦୮ | | |
| | | ୩୬୦/୩୮୮ | ଆଶୁ | ୦.୧୮ | ୦.୧୮ | | |
| ୨ | ୭ | ୨୮୧ | ଆଶୁ | ୦.୨୬ | ୦.୧୭ | ଅଭିନ ପାତ୍ର, ପି-କଳାକାର ପାତ୍ର, | |
| | | ୨୮୭ | ଆଶୁ | ୦.୨୦ | ୦.୨୦ | ଜା- ପାତ୍ର ତନ୍ତି, ବା: ନିଜଗାଁ | |
| | | ୩୫୧ | ଶାରଦ ଏକ | ୦.୨୩ | ୦.୧୮ | | |
| | | ୩୫୩ | ଶାରଦ ତିନି | ୦.୦୬ | ୦.୦୬ | | |
| | | ୩୪୯ | ଶାରଦ ଏକ | ୦.୦୬ | ୦.୦୬ | | |
| ୩ | ୧୨ | ୨୫୧ | ଶାରଦ ଏକ | ୦.୪୦ | ୦.୦୬ | କାନ୍ଦା ମାଝୀ, ପି- କାହ୍ନୁ ମାଝୀ<br>ଜା-ସାନ୍ତାଳ, ବା-ନିଜଗାଁ | |
| ୪ | ୧୪ | ୩୬୮/୩୯୨ | ଡାହି ଦୁଇ | ୦.୨୦ | ୦.୦୬ | ଖଗେଶ୍ୱର ମହାନ୍ତ, ପି- ଅଭି ମହାନ୍ତ,<br>ଜା- କୁଡୁମି, ବା-ନିଜଗାଁ | |
| ୫ | ୧୯ | ୩୬୨/୩୯୦ | ଆଶୁ | ୦.୧୪ | ୦.୧୪ | ଗୋପିନାଥ ପାତ୍ର, ପି: ଗଙ୍ଗା ପାତ୍ର<br>ଜା- ତନ୍ତି, ବା-ନିଜଗାଁ | |
| ୬ | ୨୮ | ୩୭୬/୪୦୦ | ପାଳ ଦୁଇ | ୦.୦୫ | ୦.୦୫ | ଦିଗାମ୍ବର ମହାନ୍ତ, ପି- ଅର୍ଜୁନ ମହାନ୍ତ, | |
| | | ୩୭୬/୪୦୧ | ପାଳ ଦୁଇ | ୦.୦୫ | ୦.୦୫ | ଜା- କୁଡୁମି, ବା: ନିଜଗାଁ | |
| ୭ | ୩୦ | ୩୬୮ | ଡାହି ଦୁଇ | ୦.୨୧ | ୦.୧୦ | ଦୈତାରୀ ମହାନ୍ତ, କ୍ଷେତ୍ରମୋହନ ମହାନ୍ତ,ଲଛମନ ମହାନ୍ତ,<br>ପି- ମହେଶ୍ୱର ମହାନ୍ତ, ଜା-କୁଡୁମି, ବା-ଯଶିପୁର | |
| ୮ | ୬୩ | ୩୫୭ | ଆଶୁ | ୦.୨୦ | ୦.୨୦ | ମନବୋଧ ମହାନ୍ତ, ପି- ଟାଙ୍ଗୁର ମହାନ୍ତ, | |
| | | ୩୫୮ | ଆଶୁ | ୦.୨୩ | ୦.୨୩ | ଜା-କୁଡୁମି, ବା-ନିଜଗାଁ | |
| ୯ | ୭୭ | ୩୬୨ | ଆଶୁ | ୦.୨୦ | ୦.୨୦ | ସାଗର ପାତ୍ର, ପି- ଗଙ୍ଗା ପାତ୍ର,<br>ଜା- ପାତ୍ର ତନ୍ତି, ବା- ନିଜଗାଁ | |
| ୧୦ | ୭୯ | ୩୬୮/୩୯୧ | ଡାହି ଦୁଇ | ୦.୨୨ | ୦.୦୯ | ଶ୍ୟାମ ମହାନ୍ତ, ପି: ଅଭି ମହାନ୍ତ,<br>ଜା- କୁଡୁମି, ବା-ନିଜଗାଁ | |
| ୧୧ | ୮୧ | ୩୬୯ | ପାଳ ଦୁଇ | ୦.୪୦ | ୦.୪୦ | ଶ୍ୟାମ ସୁନ୍ଦର ପାତ୍ର, ଅଯୋଧ୍ୟା ପାତ୍ର, | |
| | | ୩୭୧ | ପାଳ ଦୁଇ | ୦.୨୬ | ୦.୨୬ | ପି- ଗଣନାଥ ପାତ୍ର, | |
| | | ୩୭୨ | ଡାହି ଦୁଇ | ୦.୪୮ | ୦.୪୮ | ଜା- ପାତ୍ର ତନ୍ତି, ବା- ନିଜଗାଁ | |
| ୧୨ | ୮୩ | ୨୯୨ | ଆଶୁ | ୦.୮୫ | ୦.୮୫ | ସୁଦର୍ଶନ ପାତ୍ର, ପି- ଚନ୍ଦୁ ପାତ୍ର,<br>ଜା- ପାତ୍ର ତନ୍ତି, ବା- ନିଜଗାଁ | |
| ୧୩ | ୮୪ | ୩୫୯ | ଆଶୁ | ୦.୫୭ | ୦.୫୭ | ସୁନ୍ଦର ମୋହନ ପାତ୍ର, ସହନ ପାତ୍ର,<br>ପି- ନାଲୁ ପାତ୍ର, ସାତୁଆ ପାତ୍ର,<br>ପି : ଆନନ୍ଦ ପାତ୍ର, ଜାତି- ତନ୍ତି, ବା-ଶୁଣ୍ଢୀବିଲା | |
| ୧୪ | ୮୫ | ୩୭୬ | ପାଳ ଦୁଇ | ୦.୦୫ | ୦.୦୫ | ସୁଦାମ ମହାନ୍ତ, ପି- ଅର୍ଜୁନ ମହାନ୍ତ, | |
| | | ୩୭୬/୩୯୯ | ପାଳ ଦୁଇ | ୦.୦୫ | ୦.୦୫ | ଜା-କୁଡୁମି, ବା-ନିଜଗାଁ | |
| ୧୫ | ୮୭ | ୨୮୮ | ଆଶୁ | ୦.୩୩ | ୦.୨୨ | ସୁମନ ପାତ୍ର, ପି-କଳାକାର ପାତ୍ର, | |
| | | ୨୮୦ | ଆଶୁ | ୦.୨୪ | ୦.୧୮ | ଜା- ପାତ୍ର ତନ୍ତି, ବା- ନିଜଗାଁ | |
| | | ୩୪୮ | ଶାରଦ ଏକ | ୦.୦୭ | ୦.୦୨ | | |
| | | ୩୫୨ | ଶାରଦ ତିନି | ୦.୨୭ | ୦.୨୭ | | |
| | | ୩୬୦ | ଆଶୁ | ୦.୨୬ | ୦.୨୬ | | |
| ୧୬ | ୮୯ | ୩୭୩ | ଡାହି ଦୁଇ | ୦.୦୫ | ୦.୦୩ | ହଟିଆ ପାତ୍ର, ପି- କନ୍ଦରା ପାତ୍ର, ନଟିଆ ପାତ୍ର<br>ପି- ଭାଇଗ ପାତ୍ର, ମକୁରୁ ପାତ୍ର, ସୁରେନ୍ଦ୍ର ପାତ୍ର<br>ପି : ରାଙ୍କୁ ପାତ୍ର, ସୁକମଣି ପାତ୍ର, ସ୍ୱା: ରାଙ୍କୁ ପାତ୍ର,<br>ଜା- ପାତ୍ର ତନ୍ତି, ବା-ନିଜଗାଁ | |
| ୧୭ | ୯୧ | ୩୬୩ | ଆଶୁ | ୦.୭୪ | ୦.୭୪ | ହେମ ମହାନ୍ତ, ସ୍ୱା- ଗାଡୁ ମହାନ୍ତ,<br>ଜାତି : କୁଡୁମି, ବା- ନିଜଗାଁ | |
| ୧୮ | ୯୧/୫ | ୩୬୫ | ଆଶୁ | ୦.୩୦ | ୦.୦୨ | ଗୋବର୍ଦ୍ଧନ ମହାନ୍ତ, ଗାତୁଆ ମହାନ୍ତ,<br>ଜା-କୁର୍ମି କ୍ଷତ୍ରିୟ, ବା: ନିଜଗାଁ | |
| | ମୋଟ | ୩୪ | | ୧୨.୦୬ | ୭.୧୦ | | |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ପୁନଃ ବସତି ଓ ଥଇଥାନ ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇ ପାରିବ ନାହିଁ ।

**ରାଜ୍ୟପାଳଙ୍କ ଆଦେଶ କ୍ରମେ**
**ସ୍ୱା/- ଜିଲ୍ଲାପାଳ, ମୟୂରଭଞ୍ଜ**

### LAND SCHEDULE

**ମୌଜା-ଅଁଳାବଣି, ଥାନା-ଯଶିପୁର, ଥାନା ନମ୍ବର-୧୦୧, ତହସିଲ-ଯଶିପୁର, ଜିଲ୍ଲା-ମୟୂରଭଞ୍ଜ**

| କ୍ରମିକ ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ମୋଟ ଜମିର ପରିମାଣ (ଏକର) | ଅଧିକୃତ ଜମିର ରକବା (ଏକର) | ଖାତା ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୧ | ୨୮୨ | ଆଶୁ | ୦.୪୨ | ୦.୩୪ | ଅଭିନ ପାତ୍ର, ପି. କଳାକାର ପାତ୍ର | |
| | | ୨୯୧ | ଆଶୁ | ୦.୪୭ | ୦.୨୫ | ଜା-ପାତ୍ର ତନ୍ତି, ବା. ନିଜଗାଁ | |
| | | ୩୫୦ | ଶାରଦ ଏକ | ୦.୨୦ | ୦.୦୮ | | |
| | | ୩୬୦/୩୮୮ | ଆଶୁ | ୦.୧୮ | ୦.୧୮ | | |
| ୨ | ୭ | ୨୮୧ | ଆଶୁ | ୦.୨୬ | ୦.୧୭ | ଅଭିନ ପାତ୍ର, ପି-କଳାକାର ପାତ୍ର, | |
| | | ୨୮୭ | ଆଶୁ | ୦.୨୦ | ୦.୨୦ | ଜା- ପାତ୍ର ତନ୍ତି, ବା: ନିଜଗାଁ | |
| | | ୩୫୧ | ଶାରଦ ଏକ | ୦.୨୩ | ୦.୧୮ | | |
| | | ୩୫୩ | ଶାରଦ ତିନି | ୦.୯୬ | ୦.୦୬ | | |
| | | ୩୪୯ | ଶାରଦ ଏକ | ୦.୦୬ | ୦.୦୬ | | |
| ୩ | ୧୨ | ୨୫୧ | ଶାରଦ ଏକ | ୦.୪୦ | ୦.୦୬ | କାନ୍ଦା ମାଝୀ, ପି- କାହ୍ନୁ ମାଝୀ<br>ଜା-ସାନ୍ତାଳ, ବା-ନିଜଗାଁ | |
| ୪ | ୧୪ | ୩୬୮/୩୯୨ | ଡାହି ଦୁଇ | ୦.୨୦ | ୦.୦୬ | ଖଗେଶ୍ୱର ମହାନ୍ତ, ପି- ଅଭି ମହାନ୍ତ,<br>ଜା- କୁଡୁମି, ବା-ନିଜଗାଁ | |
| ୫ | ୧୯ | ୩୬୨/୩୯୦ | ଆଶୁ | ୦.୧୪ | ୦.୧୪ | ଗୋପୀନାଥ ପାତ୍ର, ପି: ଗଙ୍ଗା ପାତ୍ର<br>ଜା- ତନ୍ତି, ବା-ନିଜଗାଁ | |
| ୬ | ୨୮ | ୩୭୬/୪୦୦ | ପାଳ ଦୁଇ | ୦.୦୫ | ୦.୦୫ | ଦିଗାମ୍ବର ମହାନ୍ତ, ପି- ଅର୍ଜୁନ ମହାନ୍ତ, | |
| | | ୩୭୬/୪୦୧ | ପାଳ ଦୁଇ | ୦.୦୫ | ୦.୦୫ | ଜା- କୁଡୁମି, ବା: ନିଜଗାଁ | |
| ୭ | ୩୦ | ୩୬୮ | ଡାହି ଦୁଇ | ୦.୨୧ | ୦.୧୦ | ଦୈତାରୀ ମହାନ୍ତ, କ୍ଷେତ୍ରମୋହନ ମହାନ୍ତ,ଲଛମନ ମହାନ୍ତ,<br>ପି- ମହେଶ୍ୱର ମହାନ୍ତ, ଜା-କୁଡୁମି, ବା-ଯଶିପୁର | |
| ୮ | ୬୩ | ୩୫୭ | ଆଶୁ | ୦.୨୦ | ୦.୨୦ | ମନବୋଧ ମହାନ୍ତ, ପି- ଟାଙ୍ଗୁର ମହାନ୍ତ, | |
| | | ୩୫୮ | ଆଶୁ | ୦.୨୩ | ୦.୨୩ | ଜା-କୁଡୁମି, ବା-ନିଜଗାଁ | |
| ୯ | ୭୭ | ୩୬୨ | ଆଶୁ | ୦.୨୦ | ୦.୨୦ | ସାଗର ପାତ୍ର, ପି- ଗଙ୍ଗା ପାତ୍ର,<br>ଜା- ପାତ୍ର ତନ୍ତି, ବା- ନିଜଗାଁ | |
| ୧୦ | ୭୯ | ୩୬୮/୩୯୧ | ଡାହି ଦୁଇ | ୦.୨୨ | ୦.୦୯ | ଶ୍ୟାମ ମହାନ୍ତ, ପି: ଅଭି ମହାନ୍ତ,<br>ଜା- କୁଡୁମି, ବା-ନିଜଗାଁ | |
| ୧୧ | ୮୧ | ୩୬୯ | ପାଳ ଦୁଇ | ୦.୪୦ | ୦.୪୦ | ଶ୍ୟାମ ସୁନ୍ଦର ପାତ୍ର, ଅଯୋଧ୍ୟା ପାତ୍ର, | |
| | | ୩୭୧ | ପାଳ ଦୁଇ | ୦.୨୬ | ୦.୨୬ | ପି- ଗଣନାଥ ପାତ୍ର, | |
| | | ୩୭୨ | ଡାହି ଦୁଇ | ୦.୪୮ | ୦.୪୮ | ଜା- ପାତ୍ର ତନ୍ତି, ବା- ନିଜଗାଁ | |
| ୧୨ | ୮୩ | ୨୯୨ | ଆଶୁ | ୦.୮୫ | ୦.୮୫ | ସୁଦର୍ଶନ ପାତ୍ର, ପି- ଚନ୍ଦୁ ପାତ୍ର,<br>ଜା- ପାତ୍ର ତନ୍ତି, ବା- ନିଜଗାଁ | |
| ୧୩ | ୮୪ | ୩୫୯ | ଆଶୁ | ୦.୫୭ | ୦.୫୭ | ସୁନ୍ଦର ମୋହନ ପାତ୍ର, ସହନ ପାତ୍ର,<br>ପି- ନାଲୁ ପାତ୍ର, ସାତୁଆ ପାତ୍ର,<br>ପି : ଆନନ୍ଦ ପାତ୍ର, ଜାତି- ତନ୍ତି, ବା-ଶୁଣ୍ଢୀବିଲା | |
| ୧୪ | ୮୫ | ୩୭୬ | ପାଳ ଦୁଇ | ୦.୦୫ | ୦.୦୫ | ସୁଦାମ ମହାନ୍ତ, ପି- ଅର୍ଜୁନ ମହାନ୍ତ, | |
| | | ୩୭୬/୩୯୯ | ପାଳ ଦୁଇ | ୦.୦୫ | ୦.୦୫ | ଜା-କୁଡୁମି, ବା-ନିଜଗାଁ | |
| ୧୫ | ୮୭ | ୨୮୮ | ଆଶୁ | ୦.୩୩ | ୦.୨୨ | ସୁମନ ପାତ୍ର, ପି-କଳାକାର ପାତ୍ର, | |
| | | ୨୮୦ | ଆଶୁ | ୦.୨୪ | ୦.୧୮ | ଜା- ପାତ୍ର ତନ୍ତି, ବା- ନିଜଗାଁ | |
| | | ୩୪୮ | ଶାରଦ ଏକ | ୦.୦୭ | ୦.୦୨ | | |
| | | ୩୫୨ | ଶାରଦ ତିନି | ୦.୨୭ | ୦.୨୭ | | |
| | | ୩୬୦ | ଆଶୁ | ୦.୨୬ | ୦.୨୬ | | |
| ୧୬ | ୮୯ | ୩୭୩ | ଡାହି ଦୁଇ | ୦.୦୫ | ୦.୦୩ | ହଟିଆ ପାତ୍ର, ପି- କନ୍ଦରା ପାତ୍ର, ନଟିଆ ପାତ୍ର<br>ପି- ଭାଇଗ ପାତ୍ର, ମକୁରୁ ପାତ୍ର, ସୁରେନ୍ଦ୍ର ପାତ୍ର<br>ପି : ରାଙ୍କୁ ପାତ୍ର, ସୁକମଣି ପାତ୍ର, ସ୍ୱା: ରାଙ୍କୁ ପାତ୍ର,<br>ଜା- ପାତ୍ର ତନ୍ତି, ବା-ନିଜଗାଁ | |
| ୧୭ | ୯୧ | ୩୬୩ | ଆଶୁ | ୦.୭୪ | ୦.୭୪ | ହେମ ମହାନ୍ତ, ସ୍ୱା- ଗାଡୁ ମହାନ୍ତ,<br>ଜାତି : କୁଡୁମି, ବା- ନିଜଗାଁ | |
| ୧୮ | ୯୧/୫ | ୩୬୫ | ଆଶୁ | ୦.୩୦ | ୦.୦୨ | ଗୋବର୍ଦ୍ଧନ ମହାନ୍ତ, ଗାତୁଆ ମହାନ୍ତ,<br>ଜା-କୁର୍ମି କ୍ଷତ୍ରିୟ, ବା: ନିଜଗାଁ | |
| | | | | ଏ. ୮.୯୦ | ଏ. ୭.୧୦ | | |

## ଓଡ଼ିଶା ସରକାର
## ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଶୁଦ୍ଧିପତ୍ର

**No. 472/LA // Dated : 22.10.2025**

ମୟୂରଭଞ୍ଜ ଜିଲ୍ଲାରେ ଖଇରି ଭଣ୍ଡନ ବ୍ୟାରେଜ୍ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାରୀ (Appropriate Government) ବ୍ୟୟରେ ମୌଜା- ଅଁଳାବଣି, ଥାନା-ଯଶିପୁର ନଂ- ୧୦୧, ତହସିଲ-ଯଶିପୁର, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୭.୧୦ ଭୂମି ଅର୍ଜନ ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୨୩ (RFCTLAR&R ACT, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ମୟୂରଭଞ୍ଜ ଜିଲ୍ଲାପାଳ ଜମି ଅଧିଗ୍ରହଣ ନିମନ୍ତେ ବିଭାଗ ତରଫରୁ ନିର୍ଗମିତ ପ୍ରାରମ୍ଭିକ ଅଧିସୂଚନା ନଂ. ୩୬୪/LA ତା. ୦୫.୦୮.୨୦୨୫ରେ ନିମ୍ନଲିଖିତ ପରିବର୍ତ୍ତନ କିମ୍ବା ସନ୍ନିବେଶ କରାଗଲା ।

**ଶୁଦ୍ଧିପତ୍ର**

| ଅଧିସୂଚନା ନଂ / ୩୬୪/LA | ସ୍ତମ୍ଭ ସଂଖ୍ୟା ୬ ର ଶ୍ରୀର୍ଷକ | କୃପା କରି ପଢ଼ନ୍ତୁ |
|---|---|---|
| ତା. ୦୫.୦୮.୨୦୨୫ | ମୋଟ ଜମିର ପରିମାଣ (ଏକର) | ଅଧିକୃତ ଜମିର ପରିମାଣ (ଏକର) |

**ଶୁଦ୍ଧିପତ୍ର**

| ଖାତା | ପ୍ଲଟ ନଂ | କିସମ | ମୋଟ ରକବା | ଅଧିକୃତ ରକବା | ସଂଶୋଧିତ ଅଧିକୃତ ରକବା |
|---|---|---|---|---|---|
| ୧ | ୨୯୧ | ଆଶୁ | ୦.୪୭ | ୦.୧୮ | ୦.୨୫ |

ଏଥି ସହିତ ଅଧିସୂଚନା ସଂଖ୍ୟା ୩୬୪/LA ତା. ୦୫.୦୮.୨୦୨୫ ରିଖରେ ଉଲ୍ଲେଖ କରାଯାଇଥିବା ଅନ୍ୟ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ ।

**ସ୍ୱା/-**
**ଜିଲ୍ଲାପାଳ, ମୟୂରଭଞ୍ଜ**

OIPR : 24435/11/0003/2526

# କବିତା

## ଧନୁରୁ ମକର



ଦିଲ୍ଲୀପ ଶତପଥୀ

ହେ କମଳାକାନ୍ତ ପ୍ରଭୁ ଜଗନ୍ନାଥ
ମନ୍ଦିର ଲାଗିବ ଶୂନ୍ୟ,
ଧନୁ ସଂକ୍ରାନ୍ତିରୁ ମାଆ ମହାଲକ୍ଷ୍ମୀ
ପିତ୍ରାଳୟକୁ ଗମନ ।
ପଉଷ ମାସର ପହିଲା ଦିନଟି
ଧନୁ ସଂକ୍ରାନ୍ତିରେ ଖ୍ୟାତ,
ପହିଲି ଭୋଗରେ ହେବେ ଆପ୍ୟାୟିତ
ମହାପ୍ରଭୁ ଜଗନ୍ନାଥ ।
ମଣ୍ଡା ଓ କାକରା ଲଡ୍ଡୁ ମୁଆଁ କୋରା
ପ୍ରଭୁଙ୍କୁ ହୁଅଇ ଲାଗି,
ଧନୁ ସଂକ୍ରାନ୍ତିରୁ ମକର ସଂକ୍ରାନ୍ତି
ଏଇତ ପହିଲି ଭୋଗ ।
ମହାଲକ୍ଷ୍ମୀ ଶୂନ୍ୟ ଶୁଣିବନି କର୍ଣ୍ଣ
ପ୍ରଭାତୀ କୀର୍ତ୍ତନ ଶେଷ,
ସୁଭଦ୍ରା ଭଉଣୀ ଖନ୍ଦା ଶାଳ ରାଣୀ
ତାଙ୍କ ପାଇଁ ପୁଷ ମାସ ।
ସାରି ବନବାସ ଫେରି ନିଜ ଦେଶ
ପୌଷ ପୂର୍ଣ୍ଣମୀ ଦିନ,
ଅଯୋଧ୍ୟା ରାଇଜେ ସିଂହାସନେ ବିଜେ
ରାଜ୍ୟାଭିଷେକ ଶ୍ରୀରାମ ।
ପୁଷ ପୁନେଇଁରେ ସର୍ବ ଦେବାଳୟେ
ହୁଅଇ ପୁଷ୍ୟାଭିଷେକ,
ଶ୍ରୀମନ୍ଦିରେ ଶୋଭା ଅଭିଷେକ ପର୍ବ
ସୁନାବେଶ ଠାକୁରଙ୍କ ।
ନୟନ ଯେ ଭରେ ଦରଶନ ପରେ
ଦେଖିଲେ ପୁଷ୍ୟାଭିଷେକ,
ପୁଣ୍ୟ ବୈକୁଣ୍ଠ ହୋଇଥାଏ ପ୍ରାପ୍ତ
ପାପୀ ଓ ପାପ ନାଶକ ।
ହେବ ଲେଉଟାଣି ମକରରେ ରାଣୀ
ବାପ ଘରୁ ଶ୍ରୀମନ୍ଦିର,
ଟିକେ ମାନ ଟିକେ ଅଭିମାନ ଭୁଲି
ଦେବେ ନାନା ଉପହାର ।
ପ୍ରଭୁ ଚକାଡୋଳା ଜୟ ମା' କମଳା
ଶ୍ରୀ ଚରଣେ ଥାଉ ଚିତ୍ତ,
ଏ ସାରା ଉତ୍କଳ ତୁମ ପାଦ ତଳ
ଭକତିରେ ଏ ଜଗତ ।

**୫୦୮, ନୂଆସାହି, ନୂଆପଲ୍ଲୀ**
**ଭୁବନେଶ୍ୱର ୭୫୧୦୧୨**
**ମୋ- ୯୪୩୭୧୭୫୭୬୪**

## ସମ୍ପର୍କ



କାମାକ୍ଷା ମହତାବ

ଆନନ୍ଦର ଭଣ୍ଡାର...
ପୁରୁଣା ହେଲେ ପାଲଟେ
ଅଭିମାନ ଓ ଅଭିଯୋଗର ଗନ୍ତାଘର
ସମ୍ପର୍କ ଲାଗେ ସତେ ଯେମିତି
ଧୂଳି ଝଡ଼, ଗୋଳିଆ ପାଣି
ଅବିଶ୍ରାନ୍ତ ବର୍ଷା ଅବା ଝାଞ୍ଜି ଖରା...
କଥା କ'ଣ କି ବନ୍ଧୁ!
ପାଣି କମ୍ ଥାଉ କି ବେଶି
ଯିଏ ପହଁରା ଜାଣେ
ତା'ର କିଛି ଫରକ୍ ପଡ଼େନି
ଆଉ ଯିଏ ନ ଜାଣେ
ପାଣିରେ ପାଦ ବୁଡ଼େଇ
ଖୁସି ସାଉଁଟିବାର ପ୍ରୟାସ ଛଡ଼ା
ତା'ର ଆଉ ଉପାୟ ନ ଥାଏ..
ଠିକ୍ ନା..?

**କଟକ,ମୋ-୯୯୩୭୦୯୭୫୩୭**


## ଏକ ହିଁ ଈଶ୍ୱର



ନୂତନ କୁମାର ବେହେରା

ଏକ ହିଁ ଈଶ୍ୱର...ସେ ସତ୍ୟ ଶିବ ସୁନ୍ଦର
ଅନାଦି ଅନନ୍ତ ଅବ୍ୟୟ ଅକ୍ଷୟ ଅବିନଶ୍ୱର
ଶାଶ୍ୱତ ଚିରନ୍ତନ ପୂର୍ଣ୍ଣବ୍ରହ୍ମ ସୃଷ୍ଟିର ଆଧାର
ସେ ପରଂବ୍ରହ୍ମ ପରମାତ୍ମା ବ୍ରହ୍ମା ବିଷ୍ଣୁ ମହେଶ୍ୱର
ତ୍ରିଶକ୍ତିର ଏକ ସମାହାର...ଏକ ହିଁ ଈଶ୍ୱର
ସେ ଇଚ୍ଛାମୟ...ତାଙ୍କ ଇଚ୍ଛାରେ ଚାଲେ ସଂସାର
ସେ ସୃଷ୍ଟିକର୍ତ୍ତା ଏ ସାରା ବିଶ୍ୱବ୍ରହ୍ମାଣ୍ଡର
ସର୍ବ ଶକ୍ତିମାନ ସର୍ବ ବିଦ୍ୟମାନ ସର୍ବଜ୍ଞ ଠାକୁର
ଦିଅନ୍ତି ସୁରକ୍ଷା ରଖନ୍ତି ପାଳି
ପୁଣି କରନ୍ତି ସଂହାର ।
ଏକରୁ ହୁଅନ୍ତି ଅନେକ...ଅନେକରୁ ଏକାକାର
ବ୍ୟଷ୍ଟିର ସମଷ୍ଟି ସେ...ଏକ ହିଁ ଈଶ୍ୱର
ସେ ସ୍ଥାବର ଅସ୍ଥାବର ପ୍ରାଣୀର ପ୍ରାଣେଶ୍ୱର
କୀଟ ପତଙ୍ଗଠାରୁ ନରନାରୀ ଜୀବଜନ୍ତୁଙ୍କର
ବୃକ୍ଷଲତା...ଜଡ଼ ଚେତନାର ଆଦି ସୂତ୍ରଧର
ପ୍ରକୃତି ପୁରୁଷର ନିୟନ୍ତା ଅଖଣ୍ଡ ମଣ୍ଡଳାକାର
ତାଙ୍କ ପ୍ରକାଶରେ ପ୍ରକାଶିତ ସାଗର ଅମ୍ବର
ସବୁଠାରେ ତାଙ୍କରି ସ୍ୱାକ୍ଷର...ଏକ ହିଁ ଈଶ୍ୱର
ସଂସାରରେ ଜନ୍ମ ଲଭି ମଣିଷ ନିମିତ୍ତ ମାତ୍ରର
ଅଜ୍ଞାନତା ବଶତଃ ମଣିଷ ଦେଖାଏ ଅହଂକାର
ଯାହାଙ୍କଠାରୁ ଆସିଛି ସେ ପାଇ ପୂର୍ଣ୍ଣ ଆକାର
ତାଙ୍କୁ ଭୁଲି ହୁଏ ସ୍ୱାର୍ଥପର...
ଡାକି ଆଣେ ଅନ୍ଧକାର ।
ଈଶ୍ୱରଙ୍କୁ କରି ଭାଗ ଭାଗ ଚଳାଏ ସ୍ୱେଚ୍ଛାଚାର
ସାମ୍ପ୍ରଦାୟିକତାରେ ନିଜର କାୟା କରେ ବିସ୍ତାର
କାମନାର ନିଆଁରେ ଜଳି ଜଳାଏ ଭବ ସଂସାର
କରେ ହିଂସା ଦ୍ୱେଷ ଅନ୍ୟାୟ ଅତ୍ୟାଚାର
ଆତଙ୍କରେ ଆତଙ୍କିତ ହୁଏ ସଚରାଚର
ନିରୀହ ନିଷ୍ପାପ ଅସହାୟତାରେ କରେ ଚିତ୍କାର
ଅର୍ଥ ହୁଏ ଅନର୍ଥ...ଜୀବନ ହୁଏ
କୁତ୍ସିତ କଦାକାର
ଚାଲେ ହିଂସ୍ର ଶତ୍ରୁତାରେ
ରକ୍ତପାତର ମହାସମର
ଅଧର୍ମ ହୁଏ ପରାଜିତ...ଜୟ ହୁଏ ଧର୍ମର
ସବୁ ଦେଖନ୍ତି ଈଶ୍ୱର...କରନ୍ତି
ନିରପେକ୍ଷ ବିଚାର
କର୍ମ ଘେନି ମଣିଷ ଫଳ ସବୁ ପାଏ ନିଜର
ଅନୁଭବ କରି ରହିଥାଏ ଯିଏ
ନୀରବ ନିର୍ବିକାର
ଶ୍ରମ ସାଧନାରେ ଭରସା
ବିଶ୍ୱାସ କରେ ନିରନ୍ତର ।
ସବୁଠାରେ ଦେଖେ ସେ...ଏକ ହିଁ ଈଶ୍ୱର
ପାଏ ଶାନ୍ତି ତୃପ୍ତି ଜୀବନକୁ
ଗଢ଼େ ସରସ ସୁନ୍ଦର
ମହୀମଣ୍ଡଳରେ ମାନବ ଜନ୍ମ ତାର ହୁଏ ସାକାର
ଯୁଗେ ଯୁଗେ ଅଛନ୍ତି ସେ...
ଏକ ହିଁ ଈଶ୍ୱର ... ।

**ନବସୃଜନ ଇ-ପତ୍ରିକା**
**କୋହି,ବାରିପଦା,ମୟୂରଭଞ୍ଜ**



ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

# ରାଜଧାନୀର ପୁସ୍ତକ ମେଳା

ଜଣେ ସାମ୍ବାଦିକ ଓ ଲେଖକ ବରେନ୍ଦ୍ର କୃଷ୍ଣ ଧଳ ପ୍ରଥମେ ଗୋଟିଏ କମିଟି ଜରିଆରେ ପୁସ୍ତକ ମେଳାର ଆୟୋଜନ କରି ଆସୁଥିଲେ । କେତେକ ଲେଖକ ତାଙ୍କୁ ସମର୍ଥନ କରୁଥିଲେ, ଆଉ କେତେ ଜଣ ତାଙ୍କୁ ସମର୍ଥନ କରୁ ନଥିଲେ । ତଥାପି ରାଜ୍ୟ ସରକାରଙ୍କ ସହଯୋଗରେ ଏହି ପୁସ୍ତକ ମେଳା ଆରମ୍ଭ ହୋଇଥିଲା ଅନେକ ବର୍ଷ ତଳେ । ପରେ ବିଭିନ୍ନ ଗୋଷ୍ଠୀର ଲେଖକ ଓ ସଂଗଠକମାନେ ଏକାଠି ହୋଇ ଏହି ମେଳା ଭିନ୍ନ ଭିନ୍ନ ସମୟରେ କରିଥିଲେ । ଏହି ପୁସ୍ତକ ମେଳା ବା ପ୍ରଦର୍ଶନୀର ଚାହିଦା କ୍ରମଶଃ ବଢ଼ିବାକୁ ଲାଗିଲା । ବିଭିନ୍ନ ଘରୋଇ ପ୍ରକାଶନ ସଂସ୍ଥା ସମେତ ସରକାରୀ ବା ଅର୍ଦ୍ଧ ସରକାରୀ ପୁସ୍ତକ ପ୍ରକାଶକ ଓ ବିକ୍ରେତାମାନେ ଏଥିରେ ଅଂଶ ଗ୍ରହଣ ମଧ୍ୟ କରି ଆସୁଥିଲେ । ଲକ୍ଷ ଲକ୍ଷ ଟଙ୍କାର କାରବାର ଏବେ କୋଟି କୋଟି ଟଙ୍କାରେ ପହଞ୍ଚିଛି । ପୁସ୍ତକ ମେଳା ମଧ୍ୟରେ ଖାଦ୍ୟ ଓ ପାନୀୟର ବ୍ୟବସ୍ଥା ମଧ୍ୟ ହୋଇଥିଲା । ଫଳରେ ଏହି ମେଳାରେ ବୁଲି ବୁଲି କ୍ଲାନ୍ତ ହୋଇ ଯାଇଥିବା ବ୍ୟକ୍ତି ଖାଦ୍ୟ ଓ ପାନୀୟଦ୍ୱାରା ଆଶ୍ୱସ୍ତି ଲାଭ କରିଥିଲେ । ରାଜଧାନୀର କେନ୍ଦ୍ର ସ୍ଥଳରେ ଥିବା ତିନି ନମ୍ବର ୟୁନିଟର ଏହି ପଡ଼ିଆଟି ବିଶେଷକରି ଶୀତ ଦିନେ ଜମି ଉଠେ ପୁସ୍ତକ ମେଳା ଯୋଗୁଁ । ଖରାଦିନେ କାଁ ଭାଁ ପୁସ୍ତକ ମେଳା ହୋଇଛି । ମାତ୍ର ପୁସ୍ତକ ମେଳା ଲାଗି ଅନୁକୂଳ ପାଗ ହେଉଛି ଶୀତ ଦିନ । ନୂଆଦିଲ୍ଲୀର ପ୍ରଗତି ମୈଦାନରେ ଏହି ପୁସ୍ତକ ମେଳା ଉପଭୋଗ କରିବାକୁ ଅନେକ କିଲୋମିଟର ଅତିକ୍ରମ କରି ଚାଲିବାକୁ ପଡ଼ିଥାଏ । କୋଲକାତାର ପୁସ୍ତକ ମେଳାର ଆକାର ଭୁବନେଶ୍ୱରର ପୁସ୍ତକ ମେଳା ଆକାରଠାରୁ ଖୁବ୍ ବେଶୀ ।

ଏବର ଯୁଗ ହେଉଛି ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ଯୁଗ । କମ୍ପ୍ୟୁଟର, ଲାପଟପ ଓ ମୋବାଇଲ ଯୁଗରେ ପଠନ ସ୍ପୃହା ହ୍ରାସ ପାଇଥିଲେ ମଧ୍ୟ ପୁସ୍ତକର ଆଦର ହ୍ରାସ ପାଇନାହିଁ । ପୁସ୍ତକ ପଠନର ଆନନ୍ଦ ମଧ୍ୟ କମ୍ପ୍ୟୁଟର ବା ମୋବାଇଲ ପ୍ରଭୃତିରେ ନଥାଏ । ପିଲାଟି ଦିନରୁ ଅଭ୍ୟାସବଶତଃ ପୁସ୍ତକ ପଠନର




ଅଭ୍ୟାସକୁ ସହଜରେ ପରିହାର କରି ହୁଏ ନାହିଁ । ଆଗରୁ କେବଳ ନିଛକ ସାହିତ୍ୟ ପୁସ୍ତକ ଥିଲା । ଏବେ କିନ୍ତୁ ପୁସ୍ତକ କେବଳ ସାହିତ୍ୟ ମଧ୍ୟରେ ସୀମିତ ନ ରହି, ବିଜ୍ଞାନ ଓ କାରିଗରୀ ବିଦ୍ୟା ସମେତ ଅନ୍ୟାନ୍ୟ ଅନେକ ବିଷୟକୁ ପରିବ୍ୟାପ୍ତ । ପିଲାଦିନେ ଜୀର୍ଣ୍ଣଶୀର୍ଣ୍ଣ ଅବସ୍ଥାରେ ଥିବା ଅନେକ ଭାଗବତ ଗ୍ରନ୍ଥକୁ ପାଠ କରା ଯାଉଥିଲା- ଭାଗବତ ଟୁଙ୍ଗୀ ବା ମନ୍ଦିରମାନଙ୍କରେ । ଗ୍ରାମମାନଙ୍କରେ ସେ ଭାଗବତ ଟୁଙ୍ଗୀ ଆଉ ଆଗପରି ନାହିଁ । ଭାଗବତ ମଧ୍ୟ ନିୟମିତ ପଢା ହେଉନାହିଁ । ସହରମାନଙ୍କରେ ବ୍ୟସ୍ତ ଜୀବନଯାପନ ପ୍ରଣାଳୀ ମଧ୍ୟରେ ଅନେକ ଗ୍ରାମ୍ୟ ଜୀବନର ପରମ୍ପରା ମରି ହଜି ଗଲାଣି ଅନେକ ଦିନରୁ । ନୈତିକ ଓ ମୂଲ୍ୟବୋଧ ମଧ୍ୟ ଆମ ପରମ୍ପରାଠାରୁ ଆସି ଅଧାବାଟରେ କେଉଁଠି ସତେ ଯେପରି ଅଟକି ରହି ଯାଇଛି । ଗାନ୍ଧିଜୀ ଅହିଂସା ମାର୍ଗରେ ଯେଉଁ ସ୍ୱାଧୀନତା ଆଣିଦେଲେ, ଆମେ ସେ ସ୍ୱାଧୀନତା ପାଇଁ ଯୋଗ୍ୟ ବିବେଚିତ ହୋଇଛୁଁ କି ନାହିଁ ? ଗୋରା ଲୋକଙ୍କୁ ତଡ଼ି ଆମେମାନେ ନିଜକୁ ନିଜେ ଶାସନ ଗାଦିରେ ବସେଇଲେ ମଧ୍ୟ ଆମମାନଙ୍କ ଭାଗ୍ୟରେ ପରିବର୍ତ୍ତନର ଲକ୍ଷଣ ଦେଖାଗଲା ନାହିଁ । ଭାରତୀୟମାନେ ହିଁ ଭାରତୀୟମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରି ଚାଲିଛନ୍ତି । ପୁସ୍ତକଲବ୍ଧ ଜ୍ଞାନର ମହତ୍ତ୍ୱ ଆମମାନଙ୍କୁ କେତେ ଦୂର ସହାୟକ ହୋଇ ପାରିଛି ?

ଅତୀତର କଥାକୁ ସ୍ମରଣ କରାଯାଉ, ଯେତେବେଳେ ବହୁ ସଂଖ୍ୟାରେ ଓଡ଼ିଆ ପୁସ୍ତକ ପ୍ରକାଶ ପାଇ ନଥିଲା । ବାହାରୁ କେତେବେଳେ କିଏ ଯଦି ଇଂରାଜୀ ବହିଟିଏ ସଂଗ୍ରହ କରି ଆସୁଥିଲା, ତାହା ପଢ଼ିବାକୁ ଆଗ୍ରହ ପ୍ରକାଶ ପାଉଥିଲା । ଓଡ଼ିଆରେ ବଡ଼ ବଡ଼ ଲେଖକମାନଙ୍କର ପ୍ରକାଶିତ କବିତା, କାବ୍ୟ, ଗଳ୍ପ ବା ଉପନ୍ୟାସ ଆଦି ପଢ଼ିବାକୁ ମଧ୍ୟ ଆଗ୍ରହ ଆସୁଥିଲା । ପରେ ଗୋପୀନାଥ ମହାନ୍ତିଙ୍କର ଉପନ୍ୟାସଗୁଡ଼ିକ ପ୍ରକାଶ ପାଇଲା । କିନ୍ତୁ ତାଙ୍କ ବଡ଼ ଭାଇ କାହ୍ନୁଚରଣଙ୍କ ଅନେକଗୁଡ଼ିଏ ଉପନ୍ୟାସ ପ୍ରକାଶ ପାଇ ଓଡ଼ିଆ ସାହିତ୍ୟର ଉପନ୍ୟାସର ଅଭାବକୁ ଦୂର କରିଥିଲା । ଏବେ ଅନେକ ଲେଖକଙ୍କର ଉପନ୍ୟାସ ପ୍ରକାଶ ପାଉଛି, କିନ୍ତୁ ଅତୀତରେ ନିତ୍ୟାନନ୍ଦ ମହାପାତ୍ର, ରାଜ କିଶୋର ପଟ୍ଟନାୟକ, ସୁରେନ୍ଦ୍ର ମହାନ୍ତି, ଶାନ୍ତନୁ କୁମାର ଆଚାର୍ଯ୍ୟ ପ୍ରଭୃତିଙ୍କ ଉପନ୍ୟାସ ଆମ ପାଠକଙ୍କୁ ଅଭିଭୂତ କରି ରଖୁଥିଲା । କବିତା କ୍ଷେତ୍ରରେ ସେହିପରି ଗୋଦାବରୀଶ ମହାପାତ୍ର, ରାଧାମୋହନ ଗଡ଼ନାୟକ, ନିତ୍ୟାନନ୍ଦ ମହାପାତ୍ର, ସଚ୍ଚିଦାନନ୍ଦ ରାଉତରାୟ, ଅନନ୍ତ ପଟ୍ଟନାୟକ, ମାୟାଧର ମାନସିଂଙ୍କ ଠାରୁ ଆରେମ୍ଭ କରି ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ଜଗନ୍ନାଥ ପ୍ରସାଦ ଦାସ, ରାଜେନ୍ଦ୍ର କିଶୋର ପଣ୍ଡା ଓ ହରପ୍ରସାଦ ଦାସଙ୍କ ପର୍ଯ୍ୟନ୍ତ ଅତ୍ୟାଧୁନିକ ଯୁଗରେ ବେଶ ପ୍ରଭାବ ବିସ୍ତାର କରି ପାରିଥିଲା । ଏହାପରେ ଭ୍ରମଣ କାହାଣୀ, ପ୍ରବନ୍ଧ ଓ ସାହିତ୍ୟ ସମାଲୋଚନା ଗ୍ରନ୍ଥ ପଢ଼ିବା ଲାଗି ଓଡ଼ିଆ ପାଠକ ଓ ଗବେଷକଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ହୋଇଥିଲା ।

ଏବେ ତ ସୁଦୃଶ୍ୟ ପ୍ରଚ୍ଛଦପଟ୍ଟ ଓ କାଗଜ ସହିତ ଅନେକ ଅନେକ ପୁସ୍ତକ ପ୍ରକାଶ ପାଉଛି । ଉନ୍ମୋଚିତ ହେଉଛି । କିନ୍ତୁ ପାଠକଙ୍କ ସଂଖ୍ୟା କମି ଯାଉଛି କାହିଁକି ? ଏହାର ଉତ୍ତର ଓଡ଼ିଆମାନେ ଦିଅନ୍ତୁ ।

**(ମୁଖ୍ୟ ସମ୍ପାଦକ)**

# ପିବତ ଭାଗବତଂ ରସମାଳୟମ୍



ଅନନ୍ତ ଗୋପାଳ ପଣ୍ଡା

ପରମାତ୍ମା ପରମେଶ୍ୱରଙ୍କର ମୁଖରୁ ନିଃସୃତ, ସମସ୍ତ ବେଦ, ଉପନିଷଦ, ବ୍ରହ୍ମସୂତ୍ର, ଓ ସଂହିତାର ନିର୍ଯ୍ୟାସ ଭାବେ ସ୍ୱୀକୃତ, ଭଗବାନଙ୍କ ବାଙ୍ମୟୀ ସତ୍ତା ଭାବେ ଅଭିହିତ, ସନାତନ ଧର୍ମର ପ୍ରମୁଖ ଗ୍ରନ୍ଥ ଭାବେ ସର୍ବଜନଙ୍କ ଦ୍ୱାରା ପୂଜିତ ଏବଂ ମୁକ୍ତି ପ୍ରଦାନକାରୀ ଶାସ୍ତ୍ର ଭାବେ ବିବେଚିତ ହୁଅନ୍ତି ଶ୍ରୀମଦ୍‌ଭାଗବତ ମହାପୁରାଣ । ସନାତନ ଧର୍ମର ଦୁଇଗୋଟି ଗ୍ରନ୍ଥ ଶ୍ରୀମଦ୍ ଭଗବଦ୍‌ଗୀତା (ଯା ସ୍ୱୟଂ ପଦ୍ମନାଭସ୍ୟ ମୁଖ ପଦ୍ମାଦ୍ ବିନିଃସୃତା) ଏବଂ ଶ୍ରୀମଦ୍ ଭାଗବତ (ଭଗବତ୍ ଭାଗବତାନାଂ ଚ ମୁଖ ସ୍ଖଳିତଂ ଅକ୍ଷରଂ) ଭଗବାନଙ୍କ ସ୍ୱମୁଖରୁ ହୋଇଛନ୍ତି ନିଃସୃତ । ଉଦ୍ଧବଙ୍କ ଅନୁରୋଧ ରକ୍ଷାକରି କଳିହତ ମାନବର ଉଦ୍ଧାର ନିମନ୍ତେ କରୁଣାବରୁଣାଳୟ ରସରାଜ ରସିକେନ୍ଦ୍ରମଉଳି ଭଗବାନ ଶ୍ରୀକୃଷ୍ଣ ଭାଗବତ ଗ୍ରନ୍ଥରେ କରିଛନ୍ତି ଅବସ୍ଥାନ । ଯଥା- 'ସ୍ୱକୀୟଂ ଯଦ୍‌ଭବେତ୍ତେଜସ୍ତଚ୍ଚ ଭାଗବତେଦ୍ଧଦଧାତ୍, ତିରୋଧାୟ ପ୍ରବିଷ୍ଟୋଦ୍ଧୟଂ ଶ୍ରୀମଦ୍‌ଭାଗବତାର୍ଣ୍ଣବମ୍ ।'

ଭାଗବତ ଗ୍ରନ୍ଥରେ ଭଗବାନଙ୍କର ଅବସ୍ଥିତିକୁ ଆଧାର କରି ବିଚାର କଲେ ଶ୍ରୀମଦ୍ ଭାଗବତଙ୍କର ପ୍ରତ୍ୟେକ ସ୍କନ୍ଧ ଭଗବାନ୍‌ଙ୍କର ଗୋଟିଏ ଗୋଟିଏ ଅଙ୍ଗ ସହିତ ହୁଅନ୍ତି ତୁଳନୀୟ । ଶାସ୍ତ୍ରର ବର୍ଣ୍ଣନାନୁସାରେ ଭଗବାନ୍‌ଙ୍କ ପଦଯୁଗଳ ପ୍ରଥମ ସ୍କନ୍ଧ ଭାବରେ ଅଭିହିତ ହୁଅନ୍ତି । ଦ୍ୱିତୀୟ ସ୍କନ୍ଧ ଈଶ୍ୱରଙ୍କ ଜାନୁ ସହିତ ତୁଳନୀୟ । ଉରୁଦ୍ୱୟ ତୃତୀୟ ସ୍କନ୍ଧ ଭାବେ ବିବେଚିତ ହେଉଥିବାବେଳେ ଚତୁର୍ଥ ସ୍କନ୍ଧ ହେଉଛନ୍ତି ପରମାତ୍ମାଙ୍କ କଟି ଦେଶ । ପଞ୍ଚମ ସ୍କନ୍ଧକୁ ନାଭି ଦେଶ ଏବଂ ଷଷ୍ଠ ସ୍କନ୍ଧକୁ ଭଗବାନ୍‌ଙ୍କ ହୃଦୟ ସହିତ ତୁଳନା କରାଯାଇଅଛି । ସପ୍ତମ ସ୍କନ୍ଧ ବକ୍ଷଦେଶ ଭାବେ ଅଭିହିତ ହେଉଥିବାବେଳେ ଅଷ୍ଟମ ସ୍କନ୍ଧ ହେଉଛନ୍ତି କଣ୍ଠଦେଶ । ଦୁଇସ୍କନ୍ଧ ନବମ ସ୍କନ୍ଧ ସହିତ ତୁଳନୀୟ । ଦଶମ ସ୍କନ୍ଧ ହେଉଛନ୍ତି ଭଗବାନ୍‌ଙ୍କ ମୁଖମଣ୍ଡଳ । ମୁଖମଣ୍ଡଳରେ ରଙ୍ଗଅଧରର ଶୋଭା ଅତୀବ ଆକର୍ଷଣୀୟ । ଏହି ରଙ୍ଗଅଧର ଦଶମ ସ୍କନ୍ଧର ଗୋପଲୀଳା ଅନ୍ତର୍ଗତ 'ରାସପଞ୍ଚାଧ୍ୟାୟୀ' ସହିତ ହୁଅନ୍ତି ତୁଳନୀୟ । ପୁନଶ୍ଚ ଏହି ରାସପଞ୍ଚାଧ୍ୟାୟୀକୁ ଶାସ୍ତ୍ରକାରମାନେ ଭାଗବତର ପଞ୍ଚପ୍ରାଣ, ଯଥା- ପ୍ରାଣ, ଅପାନ, ବ୍ୟାନ, ଉଦାନ ଓ ସମାନ ସହିତ ତୁଳନା କରିଥାନ୍ତି । ଦଶମ ପରେ ଏକାଦଶ ସ୍କନ୍ଧ ହେଉଛନ୍ତି ଭଗବନାଙ୍କ ଲଲାଟ ଏବଂ ଦ୍ୱାଦଶ ସ୍କନ୍ଧକୁ ଭଗବାନଙ୍କ ମସ୍ତକର ବ୍ରହ୍ମରନ୍ଧ୍ର ସହିତ ତୁଳନା କରାଯାଇଅଛି । ତେଣୁ ଭାଗବତ ଗ୍ରନ୍ଥ ହିଁ ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରତିରୂପ । ସେଥିପାଇଁ ଭାଗବତ ଗ୍ରନ୍ଥକୁ ଗାଦିରେ ରଖି ପୂଜା କରାଯାଏ ।

ଏହି ଭାଗବତ ଗ୍ରନ୍ଥର ନାମକରଣ ଅନ୍ତରାଳରେ ଅନେକ ତତ୍ତ୍ୱ ରହିଛି ନିହିତ । ସାଧାରଣଭାବେ 'ଭାଗବତ' ଶବ୍ଦକୁ ଅକ୍ଷର ଅନୁଯାୟୀ ବ୍ୟାଖ୍ୟା କରାଯାଇଥାଏ । ଯଥା- 'ଭା' ର ଅର୍ଥ ଭାବ ବା ଭକ୍ତି, 'ଗ' ଅକ୍ଷରରୁ ଜ୍ଞାନ, 'ବ' ଅକ୍ଷର ବୈରାଗ୍ୟର ପ୍ରତୀକ ଭାବେ ବିବେଚିତ ହେଉଥିବାବେଳେ 'ତ' ଅକ୍ଷର ତତ୍ତ୍ୱର କରେ ପ୍ରତିନିଧିତ୍ୱ । ତାତ୍ତ୍ୱିକ ଦୃଷ୍ଟିକୋଣରୁ ବିଚାରକଲେ ଭାଗବତ ହେଉଛନ୍ତି ଭକ୍ତ ଓ ଭଗବନାଙ୍କ ମଧ୍ୟରେ ଥିବା ନିବିଡ଼ ସମ୍ପର୍କର ପ୍ରକାଶମାନ ସ୍ୱରୂପ । 'ଭଗବନ୍ତଂ ଅଧିକୃତ୍ୟ କୃତୋ ଗ୍ରନ୍ଥଃ ଭାଗବତମ୍ ନ୍ୟାୟରେ ଯେଉଁ ଗ୍ରନ୍ଥର ପ୍ରତିପାଦ୍ୟ ଦେବତା ହେଉଛନ୍ତି ଭଗବାନ୍ ତାହା ଭାଗବତ ପଦବାଚ୍ୟ ।' ଅଖିଳ ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି, ପାଳନ ଏବଂ ପ୍ରଳୟର ହେତୁ ଭାବେ ଭଗବାନ୍ ହୁଅନ୍ତି ବିବେଚିତ । ସୃଷ୍ଟିର କାର୍ଯ୍ୟ ଏବଂ କାରଣ ରୂପେ ମଧ୍ୟ ସେ ହୋଇଥାନ୍ତି ଅଭିହିତ । ଦ୍ୱିତୀୟରେ 'ଭଗବତଃ ଇମେ ଭାଗବତାଃ, ତାନ୍ ଅଧିକୃତ୍ୟ କୃତୋ ଗ୍ରନ୍ଥ ଭାଗବତମ୍' ଅର୍ଥାତ୍ ଯେଉଁ ଗ୍ରନ୍ଥରେ ଭଗବଦ୍ ଭକ୍ତମାନଙ୍କ ଜୀବନୀ, କୃତି, କୀର୍ତ୍ତି, ମହତ୍ତ୍ୱ ଏବଂ ବିଶେଷତ୍ତ୍ୱ ବିଶେଷ ଭାବରେ ହୋଇଛନ୍ତି ବର୍ଣ୍ଣିତ, ସେହି ଗ୍ରନ୍ଥର ନାମ ଭାଗବତ । ଶ୍ରୀମଦ୍ ଭାଗବତରେ ଅନେକ ଭକ୍ତମାନଙ୍କ ସମ୍ପର୍କରେ ସବିଶେଷ ବର୍ଣ୍ଣନା ରହିଛି । ଯଥା- ଧ୍ରୁବ, ପ୍ରହ୍ଲାଦ, ନିମି, ଅମ୍ବରୀଷ, ସତ୍ୟବ୍ରତ, ଗୋପଗୋପୀ, କୁବୁଜା,ଉଦ୍ଧବ, ମାର୍କଣ୍ଡେୟ, ଜଡ଼ଭରତ, ସୁଦାମା ଇତ୍ୟାଦି । ତୃତୀୟ କାରଣ ଅନୁସାରେ ଯେଉଁ ଶାସ୍ତ୍ର ଭଗବାନ୍‌ଙ୍କ ସ୍ୱମୁଖରୁ ହୋଇଛି ନିଃସୃତ ସେହି ଗ୍ରନ୍ଥର ନାମ ଭାଗବତ ।

ଭାଗବତ ଗ୍ରନ୍ଥ ହିଁ ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରତିରୂପ । ସେଥିପାଇଁ ଭାଗବତ ଗ୍ରନ୍ଥକୁ ଗାଦିରେ ରଖି ପୂଜା କରାଯାଏ । ଏହି ଭାଗବତ ଗ୍ରନ୍ଥର ନାମକରଣ ଅନ୍ତରାଳରେ ଅନେକ ତତ୍ତ୍ୱ ରହିଛି ନିହିତ । ସାଧାରଣଭାବେ 'ଭାଗବତ' ଶବ୍ଦକୁ ଅକ୍ଷର ଅନୁଯାୟୀ ବ୍ୟାଖ୍ୟା କରାଯାଇଥାଏ । ଯଥା- 'ଭା' ର ଅର୍ଥ ଭାବ ବା ଭକ୍ତି, 'ଗ' ଅକ୍ଷରରୁ ଜ୍ଞାନ, 'ବ' ଅକ୍ଷର ବୈରାଗ୍ୟର ପ୍ରତୀକ ଭାବେ ବିବେଚିତ ହେଉଥିବାବେଳେ 'ତ' ଅକ୍ଷର ତତ୍ତ୍ୱର କରେ ପ୍ରତିନିଧିତ୍ୱ । ତାତ୍ତ୍ୱିକ ଦୃଷ୍ଟିକୋଣରୁ ବିଚାରକଲେ ଭାଗବତ ହେଉଛନ୍ତି ଭକ୍ତ ଓ ଭଗବନାଙ୍କ ମଧ୍ୟରେ ଥିବା ନିବିଡ଼ ସମ୍ପର୍କର ପ୍ରକାଶମାନ ସ୍ୱରୂପ । 'ଭଗବନ୍ତଂ ଅଧିକୃତ୍ୟ କୃତୋ ଗ୍ରନ୍ଥଃ ଭାଗବତମ୍ ନ୍ୟାୟରେ ଯେଉଁ ଗ୍ରନ୍ଥର ପ୍ରତିପାଦ୍ୟ ଦେବତା ହେଉଛନ୍ତି ଭଗବାନ୍ ତାହା ଭାଗବତ ପଦବାଚ୍ୟ ।'

ଭଗବାନଙ୍କ ସପ୍ତଦଶ ଅବତାର ଭାବେ ଅଭିହିତ ପରାଶରଙ୍କ ଆତ୍ମଜ ପରମପୂଜ୍ୟ ବ୍ୟାସଦେବଙ୍କ ଦ୍ୱାରା ରଚିତ ସପ୍ତଦଶ ପୁରାଣମାନ ପାଞ୍ଚଗୋଟି ଲକ୍ଷଣ ଯୁକ୍ତ । ଯଥା-'ସର୍ଗଶ୍ଚ ପ୍ରତିସର୍ଗଶ୍ଚ ବଂଶୋମନ୍ୱନ୍ତରାଣୀଚ, ବଂଶାନୁଚରିତଂ ଚୈବ ପୁରାଣମ୍ ପଞ୍ଚ ଲକ୍ଷଣମ୍ ।' କିନ୍ତୁ ଏକମାତ୍ର ଶ୍ରୀମଦ୍ ଭାଗବତ ଗ୍ରନ୍ଥ ଦଶ ଗୋଟି ଲକ୍ଷଣରେ ପରିପୂର୍ଣ୍ଣ । ସେଥିପାଇଁ ଭାଗବତଙ୍କୁ ମହାପୁରାଣ ଭାବେ ଅଭିହିତ କରାଯାଏ । ଏହି ଦଶଗୋଟି ଲକ୍ଷଣ ଶ୍ରୀମଦ୍ ଭାଗବତ ଗ୍ରନ୍ଥଙ୍କର ଦ୍ୱିତୀୟ ସ୍କନ୍ଧ ଦଶମ ଅଧ୍ୟାୟରେ ବିସ୍ତୃତ ଭାବେ ହୋଇଛି ବର୍ଣ୍ଣିତ । ଯଥା- 'ଅତ୍ର ସର୍ଗୋ ବିସର୍ଗଶ୍ଚ ସ୍ଥାନଂ ପୋଷଣମୂତୟଃ, ମନ୍ୱନ୍ତରେଶାନୁ କଥା ନିରୋଧୋ ମୁକ୍ତିରାଶ୍ରୟଃ ।' **ଅର୍ଥାତ୍ ପ୍ରଥମ ଓ ଦ୍ୱିତୀୟ ସ୍କନ୍ଧଙ୍କୁ ଛାଡ଼ି ଅନ୍ୟ ଦଶଗୋଟି ସ୍କନ୍ଧ ଗୋଟିଏ ଗୋଟିଏ ଲକ୍ଷଣ ସହିତ ସଂଯୁକ୍ତ । ଯଥାଃ- ତୃତୀୟ ସ୍କନ୍ଧ ସର୍ଗ ଲକ୍ଷଣଯୁକ୍ତ ହୋଇଥିବାବେଳେ ଚତୁର୍ଥ ସ୍କନ୍ଧ ବିସର୍ଗ ଲକ୍ଷଣ ସହିତ ତୁଳନୀୟ । ପଞ୍ଚମ ସ୍କନ୍ଧ- ସ୍ଥାନ, ଷଷ୍ଠ ସ୍କନ୍ଧ ପୋଷଣ, ସପ୍ତମ ସ୍କନ୍ଧ ଉତି ବା କର୍ମବାସନା, ଅଷ୍ଟମ ସ୍କନ୍ଧ ମନ୍ୱନ୍ତର, ନବମ ସ୍କନ୍ଧ- ଈଶାନୁକଥା ବା ବଂଶାନୁଚରିତ, ଦଶମ ସ୍କନ୍ଧ- ନିରୋଧ, ଏକାଦଶ ସ୍କନ୍ଧ-ମୁକ୍ତି, ଏବଂ ଦ୍ୱାଦଶ ସ୍କନ୍ଧ ହେଉଛନ୍ତି ଆଶ୍ରୟ ଲକ୍ଷଣ ଯୁକ୍ତ । ମୁକ୍ତି ଏବଂ ଆଶ୍ରୟ ଲକ୍ଷଣମାନ ଏହି ଶାସ୍ତ୍ରକୁ କରୁଛନ୍ତି ମହିମାନ୍ୱିତ । ଏହି ଗ୍ରନ୍ଥ କଳିର ପ୍ରଭାବକୁ ପ୍ରତିହତ କରିବା ସହିତ ମାନବକୁ ପାପମୁକ୍ତ କରେ ।**

ଚତୁଃସନକ (ଯଥା- ସନକ, ସନନ୍ଦନ, ସନାତନ ଏବଂ ସନତକୁମାର) ଙ୍କ ଠାରୁ ଆରମ୍ଭ କରି ମୈତ୍ରେୟ ମହାମୁନି, ସୁତ ମୁନି, ଗୋକର୍ଣ୍ଣଙ୍କ ସହିତ ଶୁକମୁନି ଏହି ଗ୍ରନ୍ଥର ମହିମାକୁ ବର୍ଣ୍ଣନା ମାଧ୍ୟମରେ କରିଛନ୍ତି ପ୍ରଖ୍ୟାପିତ । ଚତୁଃସନକଙ୍କ ଶ୍ରୀମୁଖରୁ ଏହି ଭାଗବତ ହରିଦ୍ୱାରର ଆନନ୍ଦଘାଟଠାରେ ତରୁଣୀ ଭକ୍ତି ଦେବୀଙ୍କ ସହିତ ବାର୍ଦ୍ଧକ୍ୟ ଅବସ୍ଥାପ୍ରାପ୍ତ ତାଙ୍କର ଦୁଇପୁତ୍ର ଜ୍ଞାନ ଓ ବୈରାଗ୍ୟ ଶ୍ରବଣ ପୂର୍ବକ ପୂର୍ବ ଅବସ୍ଥା ପ୍ରାପ୍ତ ହୋଇଥିଲେ । ତୁଙ୍ଗଭଦ୍ରା ନଦୀ ତଟରେ ଗୋକର୍ଣ୍ଣ ମୁନିଙ୍କ ଠାରୁ ଭାଗବତ ଶ୍ରବଣ କରି ଧୁନ୍ଧୁଂକାରୀ ପ୍ରେତ ସ୍ୱରୂପରୁ ଉଦ୍ଧାର ପାଇଥିଲେ । ସେହିପରି ଜାହ୍ନବୀ ତଟ ଶୁକ୍ରତାଲ୍‌ଠାରେ ଶୁକଦେବ ଗୋସ୍ୱାମୀଙ୍କଠାରୁ ଭାଗବତ ଶ୍ରବଣ ପୂର୍ବକ ପାଣ୍ଡବକୁଳ ଚୂଡ଼ାମଣି ପରିକ୍ଷୀତ ମହାରାଜ ତକ୍ଷକ ଦଂଶନ ପୂର୍ବରୁ ମୋକ୍ଷ ପ୍ରାପ୍ତି ହୋଇଥିଲେ ।

ପରମଶାସ୍ତ୍ର ଭାଗବତ କଥା ପ୍ରବାହର ଧାରା ପ୍ରଥମରେ ପ୍ରବହମାନ ହୋଇଥିଲା ଭଗବାନଙ୍କ ଶ୍ରୀମୁଖ କମଳରୁ । ଆଧାର ଅନନ୍ତ ଆଧେୟ ପ୍ରଭୁଙ୍କ ମୁଖରୁ ନିଃସୃତ ଏକ ଅକ୍ଷର 'ଓଁ' କୁ ତ୍ରିଅକ୍ଷର ବୀଜ ଭାବେ ଶ୍ରବଣ କରି ପଦ୍ମଯୋନିଙ୍କୁ ଚବିଶ ଅକ୍ଷରରେ କହିଥିଲେ । ଯଥା- ଚତୁଃବିଂଶତି ବ୍ରହ୍ମାଣଂ ଚତୁଃଶ୍ଳୋକେଚ ନାରାୟଣ । ପରେ ବେଦପତି ବ୍ରହ୍ମା ଏହି ଭାଗବତକୁ ଚାରି ଗୋଟି ଶ୍ଳୋକରେ (ଚତୁଃଶ୍ଳୋକୀ ଭାଗବତ ଯାହା ଦ୍ୱିତୀୟ ସ୍କନ୍ଧ ନବମ ଅଧ୍ୟାୟ ୩୨,୩୩,୩୪,୩୫ ଶ୍ଳୋକରେ ହୋଇଛି ବର୍ଣ୍ଣିତ) ନରନାରାୟଣ ମୁନିଙ୍କୁ ଏବଂ ନରନାରାୟଣମୁନି ଦଶଗୋଟି ଶ୍ଳୋକରେ ଦେବର୍ଷି ନାରଦଙ୍କୁ କହିଥିଲେ । ବିଧିନନ୍ଦନ ନାରଦ ଏହାକୁ ଏକଶତ ଶ୍ଳୋକରେ ବ୍ୟାସଦେବଙ୍କୁ ଏବଂ ସତ୍ୟବତୀ ନନ୍ଦନ ଏହି ଭାଗବତକୁ ୧୮ ହଜାର ଶ୍ଳୋକରେ ବିସ୍ତାରିତ କରି ପୁତ୍ର ଶୁକଦେବଙ୍କୁ ଶୁଣାଇଥିଲେ । ଶୁକଦେବ ଗୋସ୍ୱାମୀ ଶୁକ୍ରତାଲ୍‌ଠାରେ ଗଙ୍ଗାତଟରେ ଆସନ୍ନ ମୃତ୍ୟୁର ଆଶଙ୍କାରେ ଜର୍ଜରୀତ ଅଭିମନ୍ୟୁ ନନ୍ଦନଙ୍କୁ ସପ୍ତଦିବସ ବ୍ୟାପୀ ଭାଗବତ ଶୁଣାଇ ମୋକ୍ଷ ପ୍ରାପ୍ତିର ମାର୍ଗକୁ କୁସୁମିତ କରିଥିଲେ ।

କଳିମଳ ନାଶକାରୀ ଏହି ଭାଗବତ ମହାପୁରାଣର ବୀଜକୁ ପରମାତ୍ମା ପରମେଶ୍ୱର ପ୍ରଥମେ ନିଜ ନାଭି ପଦ୍ମରୁ ଜାତ ବେଦପତିଙ୍କ ହୃଦୟରେ ସ୍ଥାପନ କରାଇଥିଲେ । ଏହି ବୀଜ ଭକ୍ତିର ମନ୍ଦାଦ୍ୱାରା ସୁରକ୍ଷିତ ଓ ପୋଷିତ ହେବାଦ୍ୱାରା ଅଙ୍କୁରିତ ହୋଇଥିଲା । ପରେ ଏହାର କାୟା ହୋଇଥିଲା ବିସ୍ତାରିତ । ଏହି ଭାଗବତ ବୃକ୍ଷ ଦ୍ୱାଦଶ ସ୍କନ୍ଧ ଦ୍ୱାରା ପ୍ରବୃଦ୍ଧ । ଏହି ବୃକ୍ଷର ଶାଖା ପ୍ରଶାଖାଙ୍କ ସଂଖ୍ୟା ଶ୍ଳୋକାନୁଯାୟୀ ୩୩୨ ହୋଇଥିବା ବେଳେ ଗୀତାପ୍ରେସ ନବାକ୍ଷରୀ ଭାଗବତ ଅନୁଯାୟୀ ୩୪୨ । ଯଥା- ତିନିଶତ ବୟାଳିଶେଣ, ବାରସ୍କନ୍ଧ ସଂପୂର୍ଣ୍ଣ ହୁଏ । ଏହି ବୃକ୍ଷର ପତ୍ର ସଂଖ୍ୟା ହେଉଛନ୍ତି ୧୮୦୦୦, ଯାହା ଭାଗବତରେ ଥିବା ସମସ୍ତ ଶ୍ଳୋକମାନଙ୍କର ସମଷ୍ଟି । କଳ୍ପବୃକ୍ଷ ସଦୃଶ ଏହି ଭାଗବତ ବୃକ୍ଷକୁ ଯିଏ ଆଶ୍ରା କରିଛି ଅର୍ଥାତ୍ ଏହି ଗ୍ରନ୍ଥରୁ ସ୍ରବୁଥିବା ଅମୃତକୁ ଯିଏ ଆସ୍ୱାଦନ କରିଛି ସେ ସମସ୍ତ ପାପକୁ ଖଣ୍ଡନ କରିବାର ସାମର୍ଥ୍ୟ ଲାଭ ପୂର୍ବକ ଭଗବତ୍ କୃପା ପ୍ରାପ୍ତ ହୋଇପାରିଛି ।

ପରମଆନନ୍ଦର ସ୍ରୋତସ୍ୱିନୀ ହେଉଛନ୍ତି ଶ୍ରୀମଦ୍ ଭାଗବତ । ବେଦ ବିଶାରଦ ପରମପୂଜ୍ୟ ବ୍ୟାସଦେବ ଯେତେବେଳେ ବଦରୀବନର ଶମ୍ୟାପ୍ରାସ ଆଶ୍ରମ ନିକଟରେ ପ୍ରବହମାନ ସରସ୍ୱତୀ ନଦୀତଟରେ ବିଷର୍ଣ୍ଣ ବଦନରେ ଉପବେସନ କରିଥିଲେ ସେତେବେଳେ ସେଠାରେ ଭଗବାନଙ୍କ ଦୂତ ଭାବେ ଆସି ଉଭା ହୋଇଥିଲେ ଦେବର୍ଷି ନାରଦ । ଉପଯୁକ୍ତ ସମ୍ମାନ ପ୍ରଦର୍ଶନ ପୂର୍ବକ ସତ୍ୟବତୀ ନନ୍ଦନ ଅନ୍ତରର ଅବ୍ୟକ୍ତ ବେଦନାକୁ ବ୍ୟକ୍ତ କରିଥିଲେ ନାରଦଙ୍କ ସମ୍ମୁଖରେ । ବେଦକୁ ବିଭାଗୀକରଣ ସହିତ ସପ୍ତଦଶ ପୁରାଣ ଓ ମହାଭାରତ ରଚନା କରିବାପରେ ମଧ୍ୟ ମନରେ ଶାନ୍ତି ବିରାଜମାନ ନକରିବାର କାରଣ ବତାଇ ଦେବାକୁ ଅନୁରୋଧ କରିଥିଲେ । ଦେବର୍ଷି ଶାନ୍ତିଲାଭର ଏକମାତ୍ର ଉପାୟ ଭାବେ ଭଗବାନ୍, ଶ୍ରୀକୃଷ୍ଣଙ୍କ ଲୀଳା ଖେଳା, କଥା ଗାଥାକୁ ରଚନା କରିବାପାଇଁ ଉପଦେଶ ଦେଇଥିଲେ । ନାରଦଙ୍କ ଉପଦେଶ ଅନୁସାରେ ପରାଶରାତ୍ମଜ ସୃଷ୍ଟି କଲେ ଶ୍ରୀମଦ୍ ଭାଗବତ ମହାପୁରାଣ, ଯାହାକୁ ଲିପିବଦ୍ଧ କରିଥିଲେ ପ୍ରଭୁ ଗଜାନନ ।

'ପିବତ ଭାଗବତଂ ରସମାଳୟମ୍' ନ୍ୟାୟରେ ଭଗବାନ୍ ଶ୍ରୀକୃଷ୍ଣଙ୍କ ବାତ୍ସଲ୍ୟ, ମାଧୁର୍ଯ୍ୟ ଓ ଐଶ୍ୱର୍ଯ୍ୟ ଲୀଳାରେ ପରିପୂର୍ଣ୍ଣ ସର୍ବ ବେଦାନ୍ତରସାର ଶ୍ରୀମଦ୍ ଭାଗବତ ମହାପୁରାଣର ପୁଣ୍ୟ ଶ୍ଳୋକ ବା ଅଧ୍ୟାୟର ପଦ୍ୟାନୁବାଦକୁ ପଠନ, ଶ୍ରବଣ ପୂର୍ବକ ତ୍ରିତାପ ଯଥା- ଆଧ୍ୟାତ୍ମିକ, ଆଧିଦୈବିକ ଏବଂ ଆଧିଭୌତିକ ତାପତ୍ରୟକୁ ବିନାଶ କରିବା ସଙ୍ଗେ ସଙ୍ଗେ ହୃଦୟ କନ୍ଦରରେ ଦିବ୍ୟାନନ୍ଦର ସ୍ରୋତସ୍ୱିନୀକୁ ପ୍ରବାହିତ କରାଇ ମୁକ୍ତିର ମାର୍ଗରେ ଅଗ୍ରସର ହେବା ସହିତ ଜୀବନକୁ ଧନ୍ୟ ଓ ମାନବଜନ୍ମକୁ ସାର୍ଥକ କରିବା ।

**ଶ୍ରୀକ୍ଷେତ୍ରବିହାର, ଭୁବନେଶ୍ୱର**
**ମୋ- ୯୮୬୧୪୭୦୧୯୮**

# ନୂଆପଡାରେ ୪୦ ଘଣ୍ଟାର ମଧ୍ୟସ୍ଥତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ନୂଆପଡା,(ସବ୍ୟୁ): ନୂଆପଡ଼ାରେ ଡିସେମ୍ବର ୧୫ରୁ ୧୯ ଡିସେମ୍ବର ୫-ଦିନ ବ୍ୟାପୀ ଚାଲିଥିବା ୪୦ ଘଣ୍ଟାର ମଧ୍ୟସ୍ଥତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ଓଡିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ତଥା ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ ମାନସ ରଞ୍ଜନ ପାଠକ ଆଭାସୀ ମାଧ୍ୟମରେ ଏହି ଉଦଯାପନୀ ସମାରୋହରେ ସମସ୍ତଙ୍କୁ ସମ୍ବୋଧିତ କରି, ମଧ୍ୟସ୍ଥତା ହେଉଛି ବିବାଦ ସମାଧାନର ଏକ କମ ଖର୍ଚ୍ଚ, ସମୟସାପେକ୍ଷ ଏବଂ ଲୋକକୈନ୍ଦ୍ରିକ ପଦ୍ଧତି ବୋଲି କହିଥିଲେ । ମଧ୍ୟସ୍ଥତାର ବିଭିନ୍ନ ପର୍ଯ୍ୟାୟ ଉପରେ ଗୁରୁ%ାରୋପ




କରିଥିଲେ । ମଧ୍ୟସ୍ଥତା ମାମଲା ହ୍ରାସ କରିବାରେ ଏବଂ ସାମାଜିକ ସଦଭାବ ରକ୍ଷା କରିବା ସହିତ ଶୀଘ୍ର ନ୍ୟାୟ ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ବୋଲି ସେ ଆଲୋକପାତ କରିଥିଲେ । ଉଦଯାପନୀ ସମାରୋହରେ ଜିଲ୍ଲା ଓ ଦୌରା ଜଜ୍ ତଥା ପ୍ରାଧିକରଣର ଅଧ୍ୟକ୍ଷ ନିରଞ୍ଜନ ପଣ୍ଡା, ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍, ନୂଆପଡ଼ା ସୁନୀଲ କୁମାର ଦାସ, ମହିଳା କୋର୍ଟ ଜଜ୍ ସରୋଜିନୀ ସାହୁ, ରେଜିଷ୍ଟ୍ରାର୍ ସୌଭାଗ୍ୟ ରଞ୍ଜନ ପ୍ରଧାନ, ଉପ-ଖଣ୍ଡ ବିଚାର ବିଭାଗୀୟ ବିଚାରପତି ସ୍ୱାତାକି ଦାଶ, ଜିଲ୍ଲା ଓକିଲ ସଂଘ ଉପସଭାପତି ପ୍ରକାଶ ଚନ୍ଦ୍ର ସ୍ୱାଇଁ, ସଚିବ ପ୍ୟାରିଲାଲ ଦେଓ୍ୱାଙ୍ଗନ, ଜିଲ୍ଲା ସିଭିଲ ଓକିଲ ସଂଘ ସଭାପତି ବିଶ୍ୱମଣି ପାଣିଗ୍ରାହୀ, ସଚିବ ଦେବଦତ୍ତ ଦିକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ମଧ୍ୟସ୍ଥତା ଏବଂ ସମାଧାନ ପ୍ରକଳ୍ପ କମିଟି ଦ୍ୱାରା ନିଯୁକ୍ତ ବରିଷ୍ଠ ପ୍ରଶିକ୍ଷକ ତଥା ଝାଡ଼ଖଣ୍ଡରୁ ଓକିଲ ରାଜେଶ ଦାଶ ଏବଂ ଶିବ ଶଙ୍କର ପ୍ରସାଦଙ୍କୁ ସ୍ମୃତିଫଳକ ପ୍ରଦାନ କରାଯାଇଥିଲା । ଜିଲ୍ଲା ଓ ଦୌରା ଜଜ୍ ତଥା ପ୍ରାଧିକରଣର ଅଧ୍ୟକ୍ଷ ନିରଞ୍ଜନ ପଣ୍ଡାଙ୍କ ଦ୍ୱାରା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସମସ୍ତ ଅଧିବକ୍ତା-ମଧ୍ୟସ୍ଥି ଙ୍କୁ ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ଦ୍ୱାରା ପ୍ରସ୍ତୁତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ପରିସମାପ୍ତିରେ ପ୍ରାଧିକରଣର ସଚିବ ନବନୀତା ଦାଶ ସମସ୍ତ ଉପସ୍ଥିତ ମହାନପଭବଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ସେମାନଙ୍କ ସକ୍ରିୟ ଅଂଶଗ୍ରହଣ ପାଇଁ ସାଧୁବାଦ ଜଣାଇଥିଲେ ।

# ୪୧ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,(ସବ୍ୟୁ): ସୀମାନ୍ତ ତେଲେଙ୍ଗାନା ପୁଲିସ ନିକଟରେ ମାଲକାନଗିରି ଜିଲ୍ଲା ମାଓ ସଂଗଠନର ୪୧ ଜଣ ସକ୍ରିୟ ନକ୍ସଲ ଦଳ ଛାଡି ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୨୪ ଜଣ ହତିଆର ସହ ଆତ୍ମସମର୍ପଣ କରିଛନ୍ତି । ଦୀର୍ଘ ଦିନ ଧରି ଏମାନେ ମାଓ ସଂଗଠନରେ ସକ୍ରିୟ ଭାବେ କାର୍ଯ୍ୟ କରୁଥିଲେ । ଏମାନଙ୍କ ମଧ୍ୟରେ ଡିଭିସିଏମ, ଏସିଏମ,ସିପିସିଏମ,ପ୍ଲାଟୁନ କମିଟି ସଦସ୍ୟ,ପିଏଲଜିଏ ସଦସ୍ୟ ରହିଛନ୍ତି ।

ସେମାନେ ଏକେ-୪୭,ଇନସାସ,ଏସଏଲଆର,୩୦୩ ବନ୍ଧୁକ,ସିଙ୍ଗଲ ସଟ୍ ରାଇଫଲ,ଏଲଏମଜି,ବିଏଲଜିଏ ବନ୍ଧୁକ,ଏୟାର ଗନ ଭଳି ୨୪ ପ୍ରକାର ଅସ୍ତ୍ରଶସ୍ତ୍ର ପୁଲିସ ନିକଟରେ ହସ୍ତାନ୍ତର କରିଛନ୍ତ । ସମସ୍ତ ମାଓବାଦୀ ଛତିଶଗଡ଼ର ଅଂଚଳର ବୋଲି ଜଣାପଡିଛି । ଦୀର୍ଘ ଦିନ ଧରି ତେଲେଙ୍ଗାନା ଏରିଆ କମିଟି ସମେତ ଛତିଶଗଡ ଏବଂ ଓଡ଼ିଶାରେ ମଧ୍ୟ ଏମାନେ କାମ କରୁଥିଲେ । ଲଗାତାର ପୁଲିସର ଅପରେସନରେ ଏମାନେ ଭୟଭୀତ ହୋଇ ଆତ୍ମସମର୍ପଣ କରିଥିବା କୁହାଯାଇଛି । ସମସ୍ତଙ୍କୁ ୫୦ ହଜାର ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯିବା ସହ ଆଗାମୀ ଦିନରେ ଆତ୍ମନିର୍ଭରଶୀଳ କରାଯିବ ବୋଲି କୁହାଯାଇଛି ।

ଏତେ ସଂଖ୍ୟକ ନକ୍ସଲ ଦଳ ଛାଡିବା ପରେ ଦଳ ଏକ ପ୍ରକାର ଦୁର୍ବଳ ହୋଇଥିବା ପୁଲିସ କହିଛି । ଦଳକୁ ବଡ ଝଟକା ଲାଗିଥିବା କୁହାଯାଇଛି । ଆଗାମୀ ଦିନରେ ମଧ୍ୟ ଜଂଗଲରେ ବୁଲୁଥିବା ଅନ୍ୟ ମାଓବାଦୀମାନେ ମଧ୍ୟ ମୁଖ୍ୟଧାରାରେ ସାମିଲ ହେବେ ବୋଲି ପୁଲିସ ଆଶା ପ୍ରକଟ କରିଛି ।

# ଚାରଭଟା ଏସ ଏସଡି କଲେଜ ଛାତ୍ର ମୃତ୍ୟୁ ଘଟଣା : ୯ ଛାତ୍ର ଅଟକ

ତରଭା,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ଅନ୍ତର୍ଗତ ଚାରଭଟା ଏସ୍ ଏସ୍ ଡି ମହାବିଦ୍ୟାଳୟର ଯୁକ୍ତ ୨ ବିଜ୍ଞାନ ବିଭାଗ ଛାତ୍ର ଆର୍ଯ୍ୟନ ସୁନା ଆବାସିକ ଭାବରେ ରହି ପାଠ ପଢୁଥିଲେ । ଗତ ୧୬ ତାରିଖ ଆର୍ଯ୍ୟନ ସୁନା ଅସୁସ୍ଥ ହେବା ସୁଚନା ମହା ବିଦ୍ୟାଳୟ ପକ୍ଷରୁ ଆର୍ଯ୍ୟନର ପିତା ବିଷ୍ଣୁକୁ ଦିଆଯିବାରୁ ସେ ଆସି ଚାର ଭଟା ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚିବାପରେ ଆର୍ଯ୍ୟନର ମୃତ୍ୟୁ ହୋଇଥିବା ଖବର ପାଇଥିଲା । ପ୍ରଥମେ ଏନେଇ ତରଭା ଥାନାରେ ଏକ ଅପ ମୃତ୍ୟୁ ମାମଲା ୭/୨୫ ଦାୟର ହୋଇଥିଲା ।

ଶୁକ୍ରବାର ଏହି ଛାତ୍ର ମୃତ୍ୟୁ ମାମଲା ଏକ ଭିନ୍ନ ମୋଡ ନେଇଥିଲା ଛ ମୃତକ ଆର୍ଯ୍ୟନର ବାପା ବିଷ୍ଣୁ ସୁନା ସଂନ୍ଧ୍ୟା ୫ ଘ ରେ ତରଭା ଥାନାରେ ଅନ୍ୟ ଏକ ଏତଲା ଦାୟର କରିଥିଲେ । ଯୋଉଥିରେ ମୋ ପୁଅ ଅନ୍ୟ କାରଣରୁ ନୁଁହେ ତାର କିଛି ସହପାଠି ମିଶି ଆର୍ଯ୍ୟନକୁ ପୁର୍ବଦିନ ରାତି ସାରା ବିଭିନ୍ନ ପ୍ରକାର ନିର୍ଯାତନା ଦେବା ସହ ମାର ପିଟ କରିବା ଦ୍ୱାରା ତାର ମୃତ୍ୟୁ ହୋଇଛି, ଏହାକୁ ଗୁରୁତର ସହ ବିଚାର କରି ହତ୍ୟାକାରୀ ମାନଂକୁ ଶିଘ୍ର ଗିରପ କରିବା ପାଁଇ ଏତଲାରେ ଦର୍ଶାଯାଇଥିଲା । ଏତଲାକୁ ଭିତ୍ତି କରି ଏକ ପୁନଃ ମାମଲା କେଶ୍ ନଂ ୩୫୧/୨୫ ରୁଜୁ ହୋଇ ତଦନ୍ତ ଭାର ଆଇ ଆଇ ସି ଅନିତା କିଡୋ ନେଇ ଅଧିକ ତଦନ୍ତ ଜାରି ରଖି (ବି ଏନ୍ ଏସ୍ ୧୦୩) (୧) ହତ୍ୟା ମାମଲା ରୁଜୁ କରି ଶନିବାର ଉକ୍ତ କଲେଜର ୯ ଜଣ ଛାତ୍ରଙ୍କୁ ପୋଲିସ ଅଟକ ରଖି ତଦନ୍ତ ଜାରିରହିଥିବା ପୋଲିସ ସୂତ୍ର ରୁ ଜଣାଯାଇଛି ।

ପ୍ରକାଶ ଥାଉକି ଶୁକ୍ରବାର ୪ ଘ. ସମୟରେ ଗଣ୍ଡା ସମାଜ ପକ୍ଷରୁ ତରଭା ଥାନା ସମ୍ମୁଖରେ ଆର୍ଯ୍ୟନ ମୃତ୍ୟୁ ର ସଠିକ ତଦନ୍ତ କରାଯାଇ ଦୋଷୀମାନଙ୍କୁ କଠୋର ଦଣ୍ଡ ଦେବାକୁ ଦାବି କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୭ ହାତୀ...

ଶର୍ମା କହିଛନ୍ତି ଯେ, ଜାମୁନାମୁଖ-କାମ୍ପୁର ସେକ୍ସନରେ ଏହି ଦୁର୍ଘଟଣା ଘଟିଥିଲା । ଟ୍ରେନ ନଂ.୨୦୫୦୭ ଡିଏଲ୍ ସାଇରଙ୍ଗ-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ ଟ୍ରାକରେ ଥିବା ହାତୀମାନଙ୍କୁ ଧକ୍କା ଦେଇଥିଲା । ଫଳରେ ଇଞ୍ଜିନ ଓ ୫ ବଗୀ ଲାଇନଚ୍ୟୁତ ହୋଇଛି । ଗୌହାଟୀରୁ ପ୍ରାୟ ୧୨୬ କିଲୋମିଟର ଭିତରେ ଏହି ଘଟଣା ଘଟିଛି । ଘଟଣାସ୍ଥଳରେ ରେଳବାଇ ଅଧିକାରୀ ଯାଇଛନ୍ତି । ଯେଉଁ ଯାତ୍ରୀମାନଙ୍କ ଟ୍ରେନ ବଗୀ ଲାଇନଚ୍ୟୁତ ହୋଇଛି ସେମାନଙ୍କୁ ଅସ୍ଥାୟୀ ଭାବେ ଖାଲି ଥିବା ବଗୀରେ ରଖାଯାଇଛି । ପୂର୍ବାହ୍ନ ୬.୧୧ ମିନିଟରେ ଘଟଣାସ୍ଥଳ ଛାଡିଛି । ଯାତ୍ରୀମାନଙ୍କୁ ଅତିରିକ୍ତ କୋଚରେ ନିଆଯାଇଛି । ଏହି ଦୁର୍ଘଟଣା ଯୋଗୁଁ ଟ୍ରେନ ଚଳାଚଳ ବ୍ୟାହତ ହୋଇଛି । ୯ଟି ଟ୍ରେନ ବାତିଲ କରାଯାଇଥିବା ବେଳେ ୧୩ ଟ୍ରେନର ସମୟସୀମା ପରିବର୍ତ୍ତନ କରାଯାଇଛି । ଏନଏଫଆରର ଜେନେରାଲ ମ୍ୟାନେଜର ଓ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଛନ୍ତି ।

### ରାସ୍ତା...

ପଟ୍ଟନାୟକ ଗଣମାଧ୍ୟମ ଆଗରେ କହିଥିଲେ ଯେ ନୂଆଗଡ଼ା ଉପନିର୍ବାଚନ ସମୟରେ କିଛି ନେତାଙ୍କୁ ଉପେକ୍ଷା କରାଯାଇଥିବା ବେଳେ ଆଉ କିଛି ବରିଷ୍ଠ ନେତାଙ୍କୁ ପ୍ରଚାର ପାଇଁ ଡ଼କାଗଲା ନାହିଁ । ଏପରିକି ବରିଷ୍ଠ ନେତା ନରସିଂହ ମିଶ୍ରଙ୍କ ମଧ୍ୟ ଅଣଦେଖା କରାଯାଇଥିବା ଅଭିଯୋଗ କରିଥଲେ ଶ୍ରୀ ପଟ୍ଟନାୟକ । କଂଗ୍ରେସ ଦଳରେ ଆଗକୁ ବିଶୃଙ୍ଖଳା ବଢ଼ିବା ପୂର୍ବରୁ ଏହି ପ୍ରସଙ୍ଗକୁ ନେଇ କିପରି ଏକ ଭଲ ବାତାବରଣ ମଧ୍ୟରେ ପ୍ରଶମିତ କରାଯାଇପାରିବ ସେ ସମ୍ପର୍କରେ କିଛି ବରିଷ୍ଠ ନେତା ଉଭୟ ପକ୍ଷ ସହ ଆଲୋଚନା କରୁଥିବା ଜନୈକ ବରିଷ୍ଠ ନେତା କହିଛନ୍ତି ।

ସମ୍ବଲପୁର ଜିଲ୍ଲାରେ ଟୋକନ ସମସ୍ୟା ଲାଗି ରହିଛି । ଚାଷୀଙ୍କ ଧାନ ବିକ୍ରି ହୋଇ ପାରୁନଥିବା ବେଳେ ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ପକ୍ଷରୁ ବାରମ୍ବାର ଆନ୍ଦୋଳନ ଓ ବିକ୍ଷୋଭ କରାଯାଇଛି । ଏହା ପରେ ମଧ୍ୟ କୌଣସି ସୁଫଳ ନମିଳିବାର ଗତ ୧୯ରେ ସମ୍ବଲପୁର ବନ୍ଦ ଡାକରା ଦିଆଯାଇଥିଲା । ବନ୍ଦ ଡାକରାକୁ ବିଜେଡି ଓ ୪ଟି କେନ୍ଦ୍ରୀୟ ଟ୍ରେଡୟୁନିୟନ, ସମ୍ବଲପୁର ଶ୍ରମିକ କର୍ମଚାରୀ ସମନ୍ୱୟ ସମିତି ସମର୍ଥନ କରିଥିବା ବେଳେ ଏହାକୁ ଭଣ୍ଡୁର କରିବାକୁ ସରକାର ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଯାଇଛି । ତୁରନ୍ତ ଟୋକନ ଦେବା ପ୍ରକ୍ରିୟା ଚାଲୁ ହୋଇଛି ।

୨ୟ ପର୍ଯ୍ୟାୟରେ ୧୧ହଜାର ଟୋକନ ମଞ୍ଜୁର ହୋଇଛ । ଯେଭଳି ଚାଷୀ ମାନେ ଆନ୍ଦୋଳନ ନକରିବେ ସେ ନେଇ ମଧ୍ୟ ଉଦ୍ୟମ କରାଯାଉଛି । ସୂଚନାଯୋଗ୍ୟ, ଗତ ୨୦୨୪-୨୫ ଖରିଫ ଋତୁରେ ଜିଲ୍ଲାରେ ମୋଟ ୬୦,୩୫୯ ଜଣ ଚାଷୀ ଧାନ କ୍ରୟ ପାଇଁ ପଞ୍ଜୀକୃତ କରିଥିଲେ । ଚଳିତ ୨୦୨୫-୨୬ରେ ଏହି ସଂଖ୍ୟା ବୃଦ୍ଧି ପାଇ ୬୫,୧୪୩ ଜଣଙ୍କୁ ପହଞ୍ଚିଛି । ସେହିପରି ଯାଞ୍ଚ ହୋଇଥିବା ଚାଷୀଙ୍କ ସଂଖ୍ୟା ମଧ୍ୟ ଗତ ବର୍ଷର ୬୦,୨୮୧ରୁ ବୃଦ୍ଧି ପାଇ ଚଳିତ ବର୍ଷ ୬୪,୩୩୭ ହୋଇଛି । ଧାନ କ୍ରୟ କ୍ଷେତ୍ରରେ ମଧ୍ୟ ଚଳିତ ବର୍ଷ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି । ଗତ ୨୦୨୪-୨୫ରେ ମୋଟ ୭,୯୧,୬୯୦ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଥିଲା । ଚଳିତ ବର୍ଷ ୨୦୨୫-୨୬ ଆଜି ପର୍ଯ୍ୟନ୍ତ ୮,୧୦,୩୭୬.୭୭ କୁଇଣ୍ଟାଲ ଧାନ କ୍ରୟ ହୋଇଛି । ଧାନ ସଂଗ୍ରହ ପ୍ରକ୍ରିୟାକୁ ସୁଚାରୁ ଓ ସମୟୋପଯୋଗୀ କରିବା ପାଇଁ ଟୋକନ୍ ପ୍ରଣାଳୀକୁ ସକ୍ରିୟ ଭାବରେ ରୂପାୟଣ କରାଯାଇଛି । ଗତ ବର୍ଷ ୭୪,୭୮୬ ଟୋକନ୍ ଜାରି ହୋଇଥିଲା ।

ଚଳିତ ବର୍ଷ ୭୩,୨୯୧ ଟୋକନ୍ ଜାରି କରାଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳମାନେ ସମସ୍ତ ମଣ୍ଡିରେ ଧାନ କ୍ରୟ ପ୍ରକ୍ରିୟାକୁ ନିୟମିତ ନିରୀକ୍ଷଣ କରୁଛନ୍ତି । ଦ୍ୱିତୀୟ ପର୍ଯ୍ୟାୟ ଟୋକନ ବର୍ତ୍ତମାନ ଚାଲୁ ଥିବାରୁ ସମସ୍ତ ଯୋଗ୍ୟ ଚାଷୀଙ୍କୁ ନିଜ ଧାନ ନିର୍ଦ୍ଧାରିତ ମଣ୍ଡିକୁ ଆଣି ବିକ୍ରୟ ପ୍ରକ୍ରିୟା ସମ୍ପନ୍ନ କରିବାକୁ ପ୍ରଶାସନ ଅନୁରୋଧ କରିଛି । ସମ୍ବଲପୁର ଜିଲ୍ଲାରେ ଧାନ କିଣାବିକାକୁ ନେଇ ଅଚଳାବସ୍ଥା ଲାଗି ରହିଛି । ଟୋକନ୍ ସମସ୍ୟା ଯୋଗୁଁ ଚାଷୀଙ୍କ ଧାନ ଖଳା ଓ ମଣ୍ଡିରେ ପଡି ରହିଛି । ସମସ୍ୟାର ସମାଧାନ ଲାଗି ରାଜ୍ୟ ସରକାରଙ୍କ ରାଜନୈତିକ ଇଚ୍ଛା ଶକ୍ତି ନାହିଁ । ତେଣୁ ଚାଷୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହା ସରକାରଙ୍କ ଯୋଜନାବଦ୍ଧ ଷଡ଼ଯନ୍ତ୍ର ବୋଲି ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ଅଭିଯୋଗ କରିଛି । ଚାଷୀ ନିଜର ହକ ଲାଗି ଗତ ୧ ଓ ୧୨ ଡ଼ିସେମ୍ବର ରାଜରାସ୍ତାକୁ ଓହ୍ଲାଇ ଥିବାବେଳେ ସରକାର ନିର୍ଦ୍ଦେଶରେ ପୋଲିସ ଗିରଫ କରିଥିଲା । ଗୋଟିଏ ମାସ ବିଳମ୍ବରେ ମଣ୍ଡି ଖୋଲିବା, ଟୋକନ୍ ଅବ୍ୟବସ୍ଥା, କଟନି ଛଟନି ଯୋଗୁଁ ଚାଷୀ ଚିନ୍ତାରେ ପଡ଼ିଯାଇଛି ।

### ଗରିବଙ୍କ...

କୋଭିଡ-୧୯ ମହାମାରୀ ବେଳେ ଏହି ଯୋଜନା ଗରିବ ଲୋକଙ୍କ ପାଇଁ ଜୀବନ ରେଖା ପାଲଟି ଥିଲା । ତେବେ ସରକାର ନିକଟରେ ଏମଜିନରେଗା ଉପରେ ବୁଲଡୋଜର ଚଳାଇ ଗାନ୍ଧୀଙ୍କ ନାମ ଏହି ଆଇନର ଢ଼ାଞ୍ଚାକୁ ପରିବର୍ତ୍ତନ କରିଛନ୍ତି। ବିରୋଧୀଙ୍କ ବିଶ୍ୱାସକୁ ନିଆଯାଇନାହିଁ। କି ବିଚାରବିମର୍ଶ କରାଯାଇନାହିଁ। ସରକାର ତୃଣମୂଳସ୍ତରର ବାସ୍ତବତାଠାରୁ ଅନେକ ଦୂରରେ ଅଛନ୍ତି । କିଏ କାମ ପାଇବ, କିଏ କେତେ ଦିନର କାମ ଦିଆଯିବ ତାହାର ସଠିକତା ନାହିଁ । ଏହି ଯୋଜନାକୁ ଦଳୀୟ ରାଜନୀତିରେ ନଦେଖି ରାଷ୍ଟ୍ର ଓ ଲୋକଙ୍କ ସ୍ୱାର୍ଥ ପାଇଁ ଦେଖିବା ଆବଶ୍ୟକ । ନୂଆ ବିଲ ଉପରେ କଂଗ୍ରେସ ତାର ପ୍ରତିବାଦ ଜାରି ରଖିବ । ଗ୍ରାମାଞ୍ଚଳ ଗରିବଙ୍କ କାର୍ଯ୍ୟ ଅଧିକାର ପାଇଁ କାର୍ଯ୍ୟ କରାଯିବ । ଦଳ ଚାଷୀ ଓ ଶ୍ରମିକଙ୍କ ପଛରେ ଛିଡା ହୋଇରହିବ ବୋଲି ସୋନିଆ କହିଛନ୍ତି ।

### ଭିଜିଲାନ୍ସ...

ଭିଜିଲାନସ ବିଭାଗ ଜବତ କରିବା ସହିତ ଆହୁରି ଖୋଳତାଡ କରୁଛି । ଫରେଷ୍ଟ ରେଞ୍ଜରଙ୍କର ଏତେ ପରିମାଣର ସମ୍ପତ୍ତି ଦେଖି ଭିଜିଲାନସ ବିଭାଗ ତାଜୁବ ହୋଇଯାଇଥିଲା । ଭିଜିଲାନସ ବିଭାଗର ସୂଚନା ଅନୁସାରେ ଶ୍ରୀ ସାମନ୍ତରାୟଙ୍କର ଚାକିରୀ ଜୀବନ ଜଗତସିଂହପୁର ଫରେଷ୍ଟ ଡିଭିଜନରେ ଫରେଷ୍ଟର ଭାବରେ ୨୬/୧୧/୧୯୮୫ରୁ ଆରମ୍ଭ ହୋଇଥିବା ବେଳେ ଦରମା ମାତ୍ର ୧୫୦୦ ଟଙ୍କା ରହିଥିଲା । ପରେ ସେ ୧୫/୦୯/୨୦୨୧ରେ ପଦୋନ୍ନତୀ ପାଇ ଡେପୁଟି ରେଞ୍ଜର ଭାବରେ ଅନୁଗୁଳରେ ଯୋଗ ଦେଇଥିଲେ । ମାତ୍ର ୨ ବର୍ଷ ପରେ ଶ୍ରୀ ସାମନ୍ତରାୟ ପଦୋନ୍ନତୀ ପାଇ ପୁନଶ୍ଚ ଜଗତସିଂହପୁର ଜିଲ୍ଲାକୁ ରାହାମା ଫରେଷ୍ଟ ରେଞ୍ଜ ବିଭାଗ ପାଇଁ ଫରେଷ୍ଟ ରେଞ୍ଜର ଅଫିସର ଭାବରେ ବଦଳି ହୋଇ ଆସିଥିଲେ । ଶ୍ରୀ ସାମନ୍ତରାୟ ଜଗତସିଂହପୁର ଓ କେନ୍ଦ୍ରାପଡାରେ ୪ ଦଶନ୍ଧି ଧରି କାର୍ଯ୍ୟ କରିଥିବା ଭିଜିଲାନସ ବିଭାଗ ପକ୍ଷରୁ ସୂଚନା ମିଳିଛି ।

### ବାଂଲାଦେଶ...

ଉପରେ ଆକ୍ରମଣ କରାଯାଉଛି । ଭାରତ ପକ୍ଷରୁ ବାଂଲାଦେଶ ହାଇକମିଶନରଙ୍କୁ ସମନ କରାଯାଇ ବିଭିନ୍ନ ପ୍ରସଙ୍ଗ ଆଲୋଚନା କରାଯାଇଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଅନ୍ତରୀଣ ସରକାର ସୁରକ୍ଷା ପାଇଁ ଏକ ମିଶନ ଭାବେ କାର୍ଯ୍ୟ କରିବେ ଓ କୂଟନୈତିକ ଯୋଗାଯୋଗକୁ ଦୃଢ଼ କରିବେ । ଭାରତ-ବାଂଲାଦେଶର ଶାନ୍ତି ଓ ସ୍ଥିରତା ସପକ୍ଷରେ ରହିଛି ।

### ଷ୍ଟାଚ୍ୟୁ...

ବାତା ରହିଛି । ଓଡ଼ିଶାର ସାଂସ୍କୃତି, ଅଧ୍ୟାତ୍ମିକ ଅନୁଭିତ୍ତୁ ସହ ଭାରତୀୟ ସଭ୍ୟତାର ଐତିହ୍ୟ ଯାହା ରାମାନୁଚାର୍ଯ୍ୟଙ୍କ ଦର୍ଶନରେ ରହିଛି ତାହା ଉଲ୍ଲେଖ ରହିଁଛି । ନିଜର ଅଭିଜ୍ଞତା ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସମନତାର ଏହି ପ୍ରତୀକ ଏକ ଉଜ୍ଜ୍ୱଳମୟ ପ୍ରତୀକ ନୁହେଁ, ବରଂ ଏହା ଭାରତର ଆଧ୍ୟାତ୍ମି ଉତ୍ତରଦାୟିତ୍ୱତୀକୁ ପ୍ରତିଫଳତ କରୁଛି । ଏହି ମୂଲ୍ୟବୋଧ ଓଡ଼ିଶାର ଦୂରଦୃଷ୍ଟିକୁ ମାର୍ଗଦର୍ଶନ କରିବା ସହ ସମତୁଳ ବିକାଶର ଦୃଷ୍ଟିଭଙ୍ଗୀକୁ ପ୍ରେରଣା ଦେବ । ସାମଜିକ ସଦଭାବ ଓ ଜନକେନ୍ଦ୍ରୀକ ପ୍ରଶାସନକୁ ମଧ୍ୟ ପ୍ରେରଣା ଯୋଗାଇବ ।

## ଆଞ୍ଚଳିକ କଳାକାରଙ୍କ ମହାମେଳଣ ସମ୍ବଲପୁରୀ ଧନୁଯାତ୍ରା

ସମ୍ବଲପୁର,(ସବ୍ୟୁ): ଚଳିତବର୍ଷ ସମ୍ବଲପୁରୀ ଧନୁଯାତ୍ରା ୩ୟ ବର୍ଷରେ ପହଞ୍ଚିଛି। ପୂର୍ବବର୍ଷ ଅପେକ୍ଷା ଗଙ୍ଗାଧର ମଣ୍ଡପ ଓ ଚାଉଁରପୁର ଉଭୟ ମଞ୍ଚକୁ ଆହୁରି ଆକର୍ଷଣ କରାଯିବା ଏଥିସହ କଳାକାରଙ୍କ ନିଖୁଣ ଅଭିନୟରେ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ଶନିବାର ସାମ୍ବାଦିକ ସମ୍ମିଳନୀରେ ଆୟୋଜକ କମିଟି ସଭାପତି ସଞ୍ଜୟ ବାବୁ ସୂଚନା ଦେଇଥିଲେ। ସେ ଆହୁରି କହିଥିଲେ ଯେ, ଆସନ୍ତା ଜାନୁଆରୀ ୧୮ରୁ ୨୨ ପର୍ଯ୍ୟନ୍ତ ସମ୍ବଲପୁରୀ ଧନୁଯାତ୍ରା ଆୟୋଜିତ ହେବ। ୫ଦିନ ଧରି ଗଙ୍ଗାଧର ମଣ୍ଡପ କଂସର ଅଟହାସ୍ୟରେ ପ୍ରକମ୍ପିତ ହେବ। ସେହିପରି ଚାଉଁରପୁରବାସୀ ଭଗବାନ କୃଷ୍ଣଙ୍କ ଲୀଳାଖେଳାରେ ସମ୍ମିଳିତ ହେବେ। ଦର୍ଶକମାନେ ନୃତ୍ୟଗୀତ ଓ ଅଭିନୟର ମଜା ଉଠାଇବେ। ତେବେ ଏହା ଆଞ୍ଚଳିକ କଳାକାରଙ୍କ ମହାମେଳଣ ଅଟେ। ଏହି ସାମ୍ବାଦିକ ସମ୍ମିଳନୀରେ ସମ୍ପାଦକ ଗୁଣରଞ୍ଜନ ସାଲିମା, କାର୍ଯ୍ୟକାରୀ ସଭାପତି କମଳ ଲୋଚନ ପଣ୍ଡା, ନିର୍ଦ୍ଦେଶକ ବବୁଲୁ ବାଗ, ପ୍ରଶାନ୍ତ ମହାରଣା, କଂସ ଅଭିନେତା ଫଣିନ୍ଦ୍ର ପଣ୍ଡା ଓ କୋଷାଧ୍ୟକ୍ଷ ନିଶିକାନ୍ତ ବିଶ୍ୱାଳ ମଂଚାସୀନ ଥିଲେ ।

## ମୁରିବାହାଲ ଧନୁଯାତ୍ରା ମହୋତ୍ସବ ମହାରାଜ କଂସଙ୍କ ଗୋପପୁର ପରିକ୍ରମା

ମଥୁରାନଗରୀ,(ସବ୍ୟୁ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଧନୁଯାତ୍ରା ପଡ଼ିଆଠାରେ ଚାଲିଥିବା ସପ୍ତମ ବର୍ଷ ବ୍ଲକସ୍ତରୀୟ ବିରାଟ ଧନୁଯାତ୍ରା ମହୋତ୍ସବ ଶନିବାର ଚତୁର୍ଥ ରଜନୀରେ ପହଞ୍ଚିଛି । ଏହି ଧନୁଯାତ୍ରା ପାଇଁ ମୁରିବାହାଲ ପାଲଟିଛି ମଥୁରା ନଗରୀ ଓ ବନବାହାଲ ଗ୍ରାମ ପାଲଟିଛି ଗୋପପୁର । ମଥୁରାନଗରୀର ବନ୍ଦୀଘରେ ଶ୍ରୀକୃଷ୍ଣ ଜନ୍ମ ଗ୍ରହଣ କରିଥିଲେ । ମହୋତ୍ସବର ଚତୁର୍ଥ ରଜନୀରେ ଧନୁଯାତ୍ରା ମହୋତ୍ସବ କମିଟିର ସଭାପତି ତରୁଣ ପୋଡ଼ଙ୍କ ସଭାପତିବରେ ତଥା ଲିଲୁମୋହନ ପଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ରାଜଦରବାରରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ଜିଲ୍ଲା ବିଜେପି ସଭାପତି ତଥା ଆୟୋଜକ କମିଟିର ବରିଷ୍ଠ ଉପଦେଷ୍ଟା ଶ୍ରୀବତ୍ସ ବେହେରା, ମୁଖ୍ୟବକ୍ତା ରୂପେ ବରିଷ୍ଠ ଆଇନଜୀବି ଆଶିଷ କୁମାର ମିଶ୍ର,ସମ୍ମାନିତ ଅତିଥି ମୁରିବାହାଲ ଡିଗ୍ରୀ କଲେଜ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ପଧାନ,ସମାଜସେବୀ ପୃଥ୍ୱୀରାଜ ପାତ୍ର,ସମାଜସେବୀ ଅମିତ ଅଗ୍ରୱାଲ,ହଳଦୀ ମଣ୍ଡଳ ବିଜେପି ସଭାପତି ସୁବାସ ପୋଡ଼,ଯୁବ ସ୍ୱେଚ୍ଛାସେବୀ ମକୁନ୍ଦ ବରଗ୍ତି, ପୁଡ଼ିସରା ସ୍କୁଲ ପ୍ରଧାନଶିକ୍ଷକ ସୁବାସ ପଟ୍ଟନାୟକ,ବିଜେପି ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଈଶ୍ୱର ପୁଟେଲ, ମହାଦେବ ଟାହାଣୀ,ସୁରେଶ ଭୋଇ,ଇଛାପଡ଼ାର ପୂର୍ବତନ ସରପଞ୍ଚ ସାବିତ୍ରୀ ମହାନନ୍ଦ,ମାଳିଶିରା ପେକ୍ସ ସମ୍ପାଦକ ପିତାମ୍ବର ବାଗ,ସମାଜସେବୀ ଲାଲବାହାଦୁର ପୁଟେଲ ଓ ସରୋଜ କୁମାର ବାଗ ଯୋଗଦେଇଥିଲେ । ଆଇନଜୀବି ଶ୍ରୀ ମିଶ୍ରଙ୍କୁ କମିଟି ପକ୍ଷରୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା ।

## ଟେଣ୍ଟ ଓ ସାଉଣ୍ଡ ମାଲିକ ସଂଘର ବାର୍ଷିକୀ ସମାବେଶ

ଖପ୍ରାଖୋଲ,(ସବ୍ୟୁ): ସ୍ଥାନୀୟ ତହସିଲ ସମ୍ମୁଖ ପଡିଆ ଠାରେ ବ୍ଲକ ସ୍ତରୀୟ ଟେଣ୍ଟ ଓ ସାଉଣ୍ଡ ମାଲିକ ସଂଘର ବାର୍ଷିକୀ ସମାବେଶ ଶୁକ୍ରବାର ସଂଘ ସଭାପତି ବିକାଶ ଦାଶ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ରୂପେ ସଂଘର ଉପସଭାପତି ସୀତାରାମ ମେହେର, ସମ୍ମାନୀତ ଅତିଥି ରୂପେ ସଂପାଦକ ରବୀନ୍ଦ୍ର ଗଡତ୍ୟା, ସହସମ୍ପାଦକ୍ ତେଜରାଜ ଦଣ୍ଡସେନା, କୋଷାଧ୍ୟକ୍ଷ ଆନନ୍ଦ ପୁଟେଲ, ଉପଦେଷ୍ଟା ଗୋପାଲ ପାତ୍ର ଯୋଗଦେଇଥିଲେ । ଏହି ଅବସରରେ ସଂଘର ଆୟବ୍ୟୟ, ବିଭିନ୍ନ ସମସ୍ୟା ଓ ତାର ସମାଧାନ ଉପରେ ଆଲୋଚନା ହୋଇଥିଲା । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଂପାଦକ ବାଙ୍କବିହାରି ନାଏକ, ସାମାଜିକ ପୁଟେଲ, ରାଜକିଶୋର ନାଏକ, ଦୂର୍ଗାଦତ୍ତ ନାଏକ, ସନ୍ତୋଷ ପ୍ରଧାନ, ଉମେଶ ସାହୁ, ପିଙ୍କୁ ସାହୁ ସମେତ ଶତାଧିକ ସଂଘ ସଦସ୍ୟ ଉପସ୍ଥିତ ଥିବା ବେଳେ କିଶୋର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, Khordha, Odisha, on dated **20th Day of December, 2025 year**, I, **Bhagyadhar Nayak**, S/o- Dibakar Nayak, permanent resident of At: Jariput Jamusahi, Jagannathpur, PO: Gudum, Begunia, PS/Dist.: Khordha, Odisha, PIN-752056, declare that I have changed my minor daughter's name from "SHRABANI NAYAK" to "**SAGARIKA NAYAK**". Henceforth, she shall be known as "**SAGARIKA NAYAK**" for all purposes.

Sd/-
BHAGYADHAR NAYAK

**AFFIDAVIT**

I, Jyotsna Mayee Swain, W/O- Late Binod Bihari Swain, Resident At- Darkhapatna, Kalyani Nagar,PS-Madhupatna, Dist-Cuttack,Odisha, Pin code 753013 Declare by this Affidavit No-44508, Date- 20/12/2025, that now onwards I shall be known as **Jyotsna Mayee Jena** for all Future purposes.

**ପୁରୀ ପୌରସଂସ୍ଥା କାର୍ଯ୍ୟାଳୟ, ପୁରୀ**

ଦୂରଭାଷ : ୦୬୭୫୨-୨୨୨୧୨୨ ଇ-ମେଲ୍ : purim.hud@nic.in

C-1833

ସଂଖ୍ୟା : ୧୧୨୯୫ / ତାରିଖ : ୧୮.୧୨.୨୫

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ପୁରୀ ପୌରସଂସ୍ଥା ତରଫରୁ ବଡଦିନ-୨୦୨୫ ନୂତନ ବର୍ଷ ୨୦୨୬ ଉପଲକ୍ଷେ ଜନଗହଳିକୁ ଦୃଷ୍ଟିରେ ରଖି ଅସ୍ଥାୟୀ କୋଠା ଷ୍ଟାଣ୍ଡ ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ଉକ୍ତ ଦରଖାସ୍ତ ଗୁଡିକ ତା. ୨୨.୧୨.୨୦୨୫ ରିଖ ଅପରାହ୍ନ ୫ ଘଟିକା ସୁଦ୍ଧା ପୁରୀ ପୌର କାର୍ଯ୍ୟାଳୟରେ ଦାଖଲ ହେବା ଆବଶ୍ୟକ ଯାହାକି ତା. ୨୩.୧୨.୨୦୨୫ ରିଖ ଦିନ ନିମ୍ନ ସ୍ୱାକ୍ଷରକାରୀ କାର୍ଯ୍ୟାଳୟରେ ଦିବା ୧୨ ଘଟିକା ସମୟରେ ଖୋଲାଯିବ । ଏହି ଅସ୍ଥାୟୀ କୋଠାଷ୍ଟାଣ୍ଡ ନିମନ୍ତେ ସ୍ଥିରୀକୃତ କରାଯାଇଥିବା ଦର ଠାରୁ ଅଧିକ ଦର ଉଲ୍ଲେଖ କରିଥିବା ବ୍ୟକ୍ତିଙ୍କୁ କୋଠା ଷ୍ଟାଣ୍ଡ କରିବା ନିମନ୍ତେ ପୁରୀ ପୌରସଂସ୍ଥା ତରଫରୁ ଅନୁମତି ପ୍ରଦାନ କରାଯିବ । ଏହାର ସବିଶେଷ ବିବରଣୀ www.purimunicipality.nic.in, www.puri.nic.in ତା. ୧୯.୧୨.୨୦୨୫ ରିଖ ଦିବା ୧୦ ଘଟିକା ଠାରୁ ତା. ୨୨.୧୨.୨୦୨୫ ରିଖ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ଉପଲବ୍ଧ ହେବ ।

ସ୍ୱା/- କାର୍ଯ୍ୟନିର୍ବାହୀ ଅଧିକାରୀ
ପୁରୀ ପୌରସଂସ୍ଥା, ପୁରୀ

OIPR : 13159/11/0077/2526

C-1837 **OFFICE OF THE NIMAPARA NOTIFIED AREA COUNCIL**

**QUOTATION CALL NOTICE No. 4003 Date.19.12.2025**

Sealed quotation in plain paper/letter pad are invited from the interested registered firm/ agency for supply of Laboratory chemicals and apparatus for SeTP, Nimapara N.A.C. They can apply to this office as per specification which is mentioned below. This will be received by the undersigned up to 11.00 A.M. on dtd.29.12.2025 and will be opened at 12.30 P.M. on same day, if the last date of receipt and date of opening of quotation happens to be holiday, the next working day will be treated as the last date of receipt and date of opening at the same time in presence of quotationer or their authorized agents. The authority reserves the right to accept or cancel any or all quotation without assigning any reason thereof. The details available in **www.nimaparanac.in.**

Sd/- Executive Officer
Nimapara N.A.C.

OIPR : 13112/11/0042/2526

**OFFICE OF THE CHIEF DISTRICT MEDICAL OFFICER, KENDRAPARA**

E-611

**DISTRICT PROGRAMME MANAGEMENT UNIT**
**E-Mail : nhmkendrapara@gmail.com Ph. No. (06727) 233363**
**Notice No. 8030/DPMU/NHM/2025 Date : 19.12.2025**

**NOTICE FOR SELECTION OF AGENCY FOR OUTSOURCING OF SECURITY SERVICES UNDER NIRMAL SCHEME AT GOVT HEALTH INSTITUTION OF KENDRAPARA DISTRICT**

Sealed proposals as per the prescribed RFP document are invited from interested eligible bidders for Outsourcing of Security services under Nirmal Scheme at the O/o CDM & PHO cum DMD, Kendrapara. The eligibility criteria, the terms of reference and the formats for submission of bid are set forth in the RFP document, which can be downloaded from the website "https://kendrapara.odisha.gov.in". The details of the draft tender document for selection of Agency Security Services under Nirmal at Govt.Health Institution are mentioned in the RFP document. The bidders have to submit their proposals with all required documents to reach O/o - CDM & PHO cum DMD, Dist- Kendrapara on or before Dt. 09.01.2026 (05.00 P.M.). The Bidders / authorized representative may remain present at the time of opening of proposal at the Office chamber of CDM &PHO cum DMD, Kendrapara. The undersigned reserves the right to reject any or all the proposals without assigning any reason thereof.

Sd/- CDM & PHO cum DMD, NHM
Kendrapara

OIPR : 10018/11/0023/2526

**OFFICE OF THE MUNICIPAL COUNCIL, NAYAGARH**

C-1847

No. 3154 / Dt. 20.12.2025

**2nd CORRIGENDUM NOTICE**

Addition for evaluation of Technical Bid for the Tender Call Notice No. 2163 dated 03.12.2025. Tender Reference No. MULNGR-12/2025-26, Tender ID : 2025_ORULB_122503_I may be read as fallows

"The agency registered with MSME also can participate in the tender process and necessary benefits will be given as per Govt guidelines and with consultation of sanitation committee of Nayagarh Municipality"

Sd/- Executive Officer
Nayagarh Municipality

OIPR : 13134/11/0050/2526

**GOVERNMENT OF ODISHA**
**HOUSING & URBAN DEVELOPMENT DEPARTMENT**
**OFFICE OF THE NOTIFIED AREA COUNCIL,PADAMPUR**
At-Padampur, Po-Rajborasambar, Dist-Bargarh, Pin-768036
Ph.No.06683-223436, E-mail:- nac.padampur@gmail.com

C-1853

No. 3557/NACP Dt. 20.12.25

**National Competitive Bidding through e-procurement**

**Bid Identification No. NAC-PDP-07/2025-26**

The Executive Officer, N.A.C. Padampur on behalf of NAC invites Percentage bid through e-procurement in single cover system according to norm of e-Procurement system in on-line mode.

| | | |
|---|---|---|
| 1. | Nature of Work | : Electrical Work |
| 2. | No. of works | : 1 (One no.) |
| 3. | Estimate Cost | : As per DTCN |
| 4. | Class of Contractor | : LT/ MV Class (Electrical Contractor) |
| 5. | Date & Time of availability of Bid Documents in the portal | : 9.00 AM on dt.22-12-2025 up to 05.00 PM on dt.02-01-2026 |
| 6. | Last date & time for receipt of Bids in the portal. | : 02-01-2026 at 05.00 PM. |
| 7. | Bid opening Date | : Dt.03-01-2026 at 11.00 AM |

The bidders have to participate in online bidding only. Further details can be seen from the website https:// www.tendersodisha.gov.in

Sd/- Executive Officer
N.A.C. Padampur

OIPR : 13118/11/0058/2526

**OFFICE OF THE MUNICIPAL COUNCIL, TITILAGARH**
(Dept. of Housing & Urban Development, Govt, of Odisha)
At/Po.Ps.Titilagarh, Dist.Balangir-767033,
e-mail:titilagarhmunicipality@gmail.com
Letter No. Date.

C-1840

**e-tender notice No.3764/18.12.2025**

**BID Identification No.TIG-MPL-RFP-SWM-19/2026**

Bid Documents consisting of work, Estimated Cost, Cost of Tender Paper, EMD, time of completion. Class of Contractors and the set of terms and conditions of contract and other necessary documents can be seen in Govt, website i.e. https://tendersodisha.gov.in

| | | |
|---|---|---|
| 1. | Name of the work | : Providing Consultancy Services for Prepartion of Comprehensive Drainage Master Plan and DPR fro Storm Water Drainage System of Titlagarh Municipality / in the District of Balangir, Odisha. |
| | No. of works. | : 1 No. |
| 2. | Estimated Cost | : As per DTCN |
| 3. | Period of Completion | : 6 Months |
| 4. | Date & Time of availability of Bid Documents in the Portal | : From 20.12.2025 to 12.01.2026 5:00 PM. |
| 5. | Last date & time for receipt of bids in the portal. | : On 12.01.2026 at 5:00 PM. |
| 6. | Last date & time for deposit Of Fees& Documents (in sealed envelope) at Office. | : On 16.01.2026 at 11.00 AM |
| 7. | Technical Bids received online shall be opened on | : On 16.01.2026 at 12.00 noon |
| 8. | Name and address of the officer inviting Bid | : Executive Officer, Titilagarh Municipality |

Further details can be seen from the procurement portal i.e. **https://tendersodisha.gov.in**

Sd/- Executive Officer
Titilagarh Municipality

OIPR : 13095/11/0043/2526

# ଆଇଟିଇଆରରେ ଆଇସିଆର୍‌ଏଏମ୍‌ଇଆର୍‌ଡି - ୨୦୨୫

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ରେ ଡିସେମ୍ବର ୧୯ ଓ ୨୦ ଦୁଇ ଦିନ ଧରି ୬ଷ୍ଠ ଇଣ୍ଟରନ୍ୟାସନାଲ କନ୍‌ଫରେନ୍ସ ଅନ୍ ରିସେଣ୍ଟ ଆଡ୍‌ଭାନ୍‌ସେସ୍ ଇନ୍ ମେକାନିକାଲ ଇଞ୍ଜିନିୟରିଂ ରିସର୍ଚ୍ଚ ଆଣ୍ଡ ଡେଭେଲପମେଂଟ ୨୦୨୫ (ଆଇସିଆର୍‌ଏଏମ୍‌ଇଆରଡି) ଆୟୋଜିତ ହୋଇଯାଇଛି । ହାଇବ୍ରିଡ ମୋଡରେ ଆୟୋଜିତ ହୋଇଥିବା ଏହି ସମ୍ମିଳନୀରେ ସାରା ବିଶ୍ୱରୁ ଗବେଷଣା ଏବଂ ଶିକ୍ଷା କ୍ଷେତ୍ରର ବ୍ୟକ୍ତି ବିଶେଷ ଭାଗ ନେଇଥିଲେ। ଆଇଟିଇଆରର ମେକାନିକାଲ୍ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ପ୍ରଫେସର ଡକ୍ଟର ସରୋଜ କୁମାର ଆଚାର୍ଯ୍ୟଙ୍କ ଉଦ୍ୟମରେ ୨୦୨୦ରୁ ଆୟୋଜନ କରାଯାଉଥିବା ବେଳେ ଏହାକୁ ଏକ ସମ୍ମାନଜନକ ବାର୍ଷିକ ଶୈକ୍ଷିକ କାର୍ଯ୍ୟକ୍ରମ ଭାବେ ବିବେଚନା କରାଯାଏ। ଏହି ସମ୍ମିଳନୀରେ ସ୍କୋପସ୍-ଇଣ୍ଡେକ୍ସରେ ପ୍ରକାଶିତ ଉନ୍ନତମାନର ଗବେଷଣା ସନ୍ଦର୍ଭ ଗ୍ରହଣ କରାଯାଇଥାଏ।




ଗବେଷକ, ବୈଜ୍ଞାନିକ, ଶିକ୍ଷାବିତ୍, ସ୍କଲାର ଏବଂ ଶିଳ୍ପ କ୍ଷେତ୍ରର ବ୍ୟକ୍ତି ବିଶେଷମାନଙ୍କୁ ଏକ ଆନ୍ତର୍ଜାତିକ ପ୍ଲାଟଫର୍ମ ଯୋଗାଇ ଦେବା ହିଁ ଆ ଇ ସି ଆ ର୍ ଏ ଏ ମ୍ ଇ ଆ ର ଡି -୨୦୨୫ର ମୁଖ୍ୟ ଉଦ୍ଦେଶ୍ୟ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ୟୁନିଭର୍ସିଟି ଅଫ୍ ବୋସୱାନାର ମେକାନିକାଲ୍ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ଭି.ପି. କୋମୁଲା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଇଣ୍ଡିଆନ୍ ମେଟାଲସ୍ ଆଣ୍ଡ ଫେରୋ ଆଲୟ (ଇନ୍‌ଫା) ଲିମିଟେଡର ଡେପୁଟି ଜେନେରାଲ ମ୍ୟାନେଜର (ମେକାନିକାଲ) ସୟଙ୍ଗ ଭୁବ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଇଟିଇଆରର ଡିନ୍ ପ୍ରଫେସର ପି.କେ. ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମେକାନିକାଲ୍ ଇଞ୍ଜିନିୟରିଂ ସମ୍ପର୍କରେ ବିଭାଗୀୟ ମୁଖ୍ୟ ପ୍ରଫେସର ସରୋଜ କୁମାର ଆଚାର୍ଯ୍ୟ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ସେହିପରି ଆଇସିଆର୍‌ଏଏମ୍‌ଇଆରଡି ୨୦୨୫ର ଆବାହକ ପ୍ରଫେସର ଏସ୍.ଏନ୍ ଦାସ ସମ୍ମିଳନୀର ଉଦ୍ଦେଶ୍ୟ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଆଡିସ୍‌ନାଲ୍ ଡିନ୍ (ଷ୍ଟୁଡେଂଟ ଆଫେୟାର୍ସ) ଆଇଟିଇଆର ପ୍ରଫେସର ରେଣୁ ଶର୍ମା ବକ୍ତବ୍ୟ ରଖିଥିବା ବେଳେ କାର୍ଯ୍ୟକ୍ରମର ସହ ଆବାହକ ଡକ୍ଟର ଅନୁପମା ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଲ୍ଡର ଗୟାଧରଙ୍କୁ ୩ବର୍ଷ ଜେଲ୍

ଭୁବନେଶ୍ୱର, (ସବ୍ୟୁ) : ବିଲ୍ଡର ଗୟାଧର ଜେନାଙ୍କୁ ୩ବର୍ଷ ଜେଲଦଣ୍ଡରେ ଅଦାଲତ ଦଣ୍ଡିତ କରିବା ସହ ୧୦ ହଜାର ଜରିମାନା ଦେବାକୁ ନିର୍ଦ୍ଦେଶ କରିଛନ୍ତି । ଗୟାଧର ବିରୋଧରେ ସହିଦନଗର ଥାନାରେ ଅଭିଯୋଗ ହେବା ପରେ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା । ସେ ପ୍ରତିଶ୍ରୁତି ଅନୁଯାୟୀ ଏତଲାକାରୀଙ୍କୁ ଜମି ଯୋଗାଇ ନଥିଲା । କୋର୍ଟଚାଲାଣ ପରେ ସହିଦନଗର ତାନା ପୋଲିସ ନିର୍ଦ୍ଧାରିତ ସମୟରେ ଚାର୍ଜସିଟ୍ କରିଥିଲା । ସାକ୍ଷ୍ୟପ୍ରମାଣକୁ ଆଧାର କରି ଭୁବନେଶ୍ୱର ଜେଏମ୍‌ଏଫ୍‌ସି କୋର୍ଟ-୩ ଗୟାଧରଙ୍କୁ ୩ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଜରିମାନା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

# ଆଇଏସ୍‌ଟିଡି ଭୁବନେଶ୍ୱର ଚାପ୍ଟର ପକ୍ଷରୁ ଦିନିକିଆ ଜାତୀୟ ସମ୍ମିଳନୀ

ଭୁବନେଶ୍ୱର (ସବ୍ୟୁ): ଆଇଏସ୍‌ଟିଡି ଭୁବନେଶ୍ୱର ଚାପ୍ଟର ତରଫରୁ ଦିନିକିଆ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀ ରେ ନାଲକୋ ଇଣ୍ଡିଆନ ସମସ୍ତ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିବା ସହ ସମ୍ମିଳନୀ ର ଗୁରୁତ୍ୱ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଆଇଏସ୍‌ଟିଡି ପୂର୍ବାଞ୍ଚଳ ଶାଖାର ବ୍ରାଣ୍ଡ ପିପୁଲ ଏବଂ ଟେକ୍‌ନୋଲୋଜି ର ଚାହିଦା କିପରି ବ୍ୟବସାୟକୁ ସୁଦୃଢ ଏବଂ ସ୍ୱାବଲମ୍ବୀ କରି ପରିପାରିବ ସେ ସମ୍ପର୍କ ରେ ଦୁଇଟି ପର୍ଯ୍ୟାୟରେ ଆଲୋଚନା




ଲିମିଟେଡ୍ ର ପୂର୍ବତନ ମୁଖ୍ୟ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଡ଼ ଶରତ କୁମାର ଆଚାର୍ଯ୍ୟ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ସମ୍ମିଳନୀ କୁ ଉଦଘାଟନ କରିଥିଲେ। ସମ୍ମିଳନୀ ର ପ୍ରାରମ୍ଭରେ ଆଇଏସ୍‌ଟିଡିର ଅଧକ୍ଷ ଡ଼ ପ୍ରବୋଧ କୁମାର ମହାନ୍ତି ଉପସଭାପତି ଏମ କେ ବର୍ମନ, ଜାତୀୟ କୋଷାଧକ୍ଷ ନବଘନ ପାଣି, ପୂର୍ବତନ ଜାତୀୟ ସଭାପତି ଡ଼ ନଟରାଜ ରାୟ, ଆଇଓସିଏଲ୍ ର ମାନବ ସମ୍ବଳ ନିର୍ଦ୍ଦେଶକ ଡ଼ ରଞ୍ଜନ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଆତ୍ମନିର୍ଭର ଭାରତରେ ଆତ୍ମନିର୍ଭର ହେବାପାଇଁ କରାଯାଇଥିଲା। ଏହି ସମ୍ମିଳନୀ ରେ ରାଜ୍ୟର ବିଭିନ୍ନ କର୍ପୋରେଟ ହାଉସ, ଶିଳ୍ପ ଜଗତ, ଶିକ୍ଷାବିତ, ମ୍ୟାନେଜମେଣ୍ଟ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ। ଆଇଏସ୍‌ଟିଡି ଭୁବନେଶ୍ୱର ଚାପ୍ଟରର ସମ୍ପାଦକ ଡ଼ ପରେଶ ଚନ୍ଦ୍ର ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।

# ସତ୍ୟବାଦୀରେ ସିରିଜ ବୋମାମାଡ଼ : ଜଣେ ଅଟକ

ସାକ୍ଷୀଗୋପାଳ , (ସବ୍ୟୁ): ପୁରୀ ଜିଲ୍ଲା ସତ୍ୟବାଦୀ ଅଶାନ୍ତ ହୋଇଛି । ଶୁକ୍ରବାର ରାତି ୧୧ ଟା ଠାରୁ ଶନିବାର ରାତି ୮ ପର୍ଯ୍ୟନ୍ତ ସତ୍ୟବାଦୀ ଅଞ୍ଚଳରେ ସିରିଜ ବୋମା ମାଡ଼ ଘଟଣା ଘଟିଛି । ରାତି ୧୧ ଟାରେ ସାକ୍ଷୀଗୋପାଳ ଅଲଗୁମ ରାସ୍ତାରେ ବନପୁର ନିକଟରେ ଏକ ବ୍ୟବସାୟିକ ଅନୁଷ୍ଠାନ ସମ୍ମୁଖରେ ରାସ୍ତା ଉପରେ ଦୁଇ ଗୋଟି ବୋମା ମାଡ଼ ହୋଇଥିଲା । ରାତି ୧୧ ଟା ୪୫ରେ ସେନାପତି ସାହିର ରାମଚନ୍ଦ୍ର ସେନାପତିଙ୍କ ଘର ଦୁଆର ବାଡେଇ ଦୁଇ ଜଣ ଯୁବକ ରାମଚନ୍ଦ୍ର ସେନାପତିଙ୍କ ପୁଅ ନାଗାର୍ଜୁନ ସେନାପତିଙ୍କ ଡାକ ନାମ ନାଗା ନାଗା ବୋଲି ଡାକିଥିଲେ ଓ ତାଙ୍କ ଘର ଛାତ ଉପରକୁ ଏକ ବୋମା ମାଡ଼ କରିଥିଲେ । ବୋମାଟି ଖୁବ ଜୋରରେ ଫୁଟିଥିଲା । ଯୁବକ ଦ୍ୱୟ ହାପି ଦିଓ୍ୱାଲୀ ବୋଲି କହିଥିଲେ । ପରେ ଯୁବକ ଦ୍ୱୟ ବାଇକରେ ଶ୍ରୀରାମଚନ୍ଦ୍ର ପୁର ରାସ୍ତାରେ ଫେରାର ହୋଇ ଯାଇଥିଲେ । ଶୁକ୍ରବାର ରାତିରେ ରାମଚନ୍ଦ୍ର ସେନାପତି ସତ୍ୟବାଦୀ ଥାନାରେ ଏକ ଅଭିଯୋଗ କରିଥିଲେ ।ସେହିପରି ଶନିବାର ଅପରାହ୍ନ ପ୍ରାୟ ୩ ଟାରେ ସାକ୍ଷୀଗୋପାଳ ବଡ଼ ବଜାରରେ ଏକ ବାଇକରେ ଦୁଇ ଜଣ ଯୁବକ ସାକ୍ଷୀଗୋପାଳ ବସଷ୍ଟାଣ୍ଡ ଠାରୁ ସାକ୍ଷୀଗୋପାଳ ମନ୍ଦିର ଆଡକୁ ଆସୁଥିଲେ । ବାଇକ ପଛରେ ବସିଥିବା ଯୁବକ ଜଣକ ଦୁଇ ହାତରେ ଦୁଇ ଗୋଟି ବୋମା ଧରିଥିଲେ । ଖବର ପାଇ ସତ୍ୟବାଦୀ ପୋଲିସ ସାକ୍ଷୀଗୋପାଳ ବଡ଼ ବଜାର ମଧ୍ୟରେ ବୋମା ଧରିଥିବା ଯୁବକଙ୍କୁ କାବୁ କରି ନେଇଥିଲେ । ସେହିପରି ଶନିବାର ରାତି ସାଢେ ୭ ଟା ସମୟରେ ସାକ୍ଷୀଗୋପାଳ ଅଣ୍ଡର ପାସ ଓଭର ବ୍ରିଜ ଉପରୁ ତଳକୁ ଦୁଇ ଗୋଟି ବୋମା ମାଡ଼ ହୋଇଥିଲା । ଏହି ବୋମା ଦ୍ୱୟ ରବି ସାମନ୍ତରାୟଙ୍କ କ୍ୟାବିନ ଉପରେ ପଡିଥିଲା । ଏଥିରେ କ୍ୟାବିନ ଟିଣ କଣା ହୋଇଯାଇଛି । ପୁରୀ ଏସପି ପ୍ରତୀକ ସିଂ ଶନିବାର ସକାଳେ ଶୁକ୍ରବାରି ରାତିରେ ବୋମା ମାଡ଼ ହୋଇଥିବା ରାମଚନ୍ଦ୍ର ସେନାପତିଙ୍କ ଘର ଓ ଘଟଣା ସ୍ଥଳ ପରିଦର୍ଶନ କରିଥିଲେ । ଏ ସମ୍ପର୍କରେ ସତ୍ୟବାଦୀ ଥାନା ଆଇ ଆଇ ସି ବିଜୟକେତନ ବେହେରାଙ୍କ ସହିତ ଯୋଗାଯୋଗ କରାଯାଇଥିଲା । ଏହି ଘଟଣାରେ ଜଣେ ଯୁବକଙ୍କୁ ଅଟକ ରଖା ଯାଇଅଛି । ଘଟଣାର ତଦନ୍ତ ଚାଲିଛି । ତଦନ୍ତରେ ବ୍ୟାଘାତ ହେବା ଆଶଙ୍କାରେ କୌଣସି ତଥ୍ୟ ଓ ସୂଚନା ପ୍ରଦାନ କରି ନ ଥିଲେ । ଏହି ବୋମା ମାଡ଼ ଘଟଣାରେ ଅପରାଧୀ ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇ ଆଇ ସି ଶ୍ରୀ ବେହେରା ପ୍ରକାଶ କରିଥିଲେ ।

# ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଜଟଣୀ, (ସବ୍ୟୁ): ସ୍ଥାନୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଧୁମଧାମ ସହକାରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷା ଜ୍ୟୋସ୍ନା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏଚପିସିଏଲ ର ପ୍ଲାଣ୍ଟ ମ୍ୟାନେଜର ଅନିଶ ରଞ୍ଜନ ଦେବ, ମୁଖ୍ୟବକ୍ତା ଭାବେ ନାଇଜର ର ସହକାରୀ ପ୍ରଫେସର ଡ଼ ତପନ ମିଶ୍ର, ଅନ୍ୟତମ ଅତିଥି ଭାବେ ଜଟଣୀ ତହସିଲଦାର ଶିବାଶିଷ ପରିଡ଼ା ଯୋଗଦେଇଥିଲେ ।ଏହି ଅବସରରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଶେଷରେ ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ୨୩ରେ ପିସିସି ସଭାପତିଙ୍କ ନେତୃତ୍ୱରେ ମାଲକାନଗିରି ଗସ୍ତ

ଭୁବନେଶ୍ୱର,(ସବ୍ୟୁ): ଇତିମଧ୍ୟରେ ମାଲକାନଗିରି ହିଂସାକୁ ଦୁଇ ସପ୍ତାହ ପୂରିବାକୁ ବସିଲାଣି । ଅଥଚ ଶାନ୍ତି ଫେରିନାହ ।ଇତି ମଧ୍ୟରେ ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ ଏବଂ ମତ୍ସ୍ୟ ଏବଂ ପଶୁପାଳନ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଜିଲ୍ଲା ଗସ୍ତ କରି ପରିସ୍ଥିତି ସଂପର୍କରେ ଅନୁଧ୍ୟାନ କରି ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବାକୁ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇ କାମ ସାରିଦେଇଛନ୍ତି । ସେମାନେ ସଂପୃକ୍ତ ଆଦିବାସୀ ଏବଂ ବଙ୍ଗାଳୀ ସମ୍ପ୍ରଦାୟର ନେତାମାନଙ୍କ ସହିତ କଥାବାର୍ତ୍ତା କରି ପରିସ୍ଥିତି ନିୟନ୍ତ୍ରଣକୁ ଆଣିଥିବା ଡିଣ୍ଡିମ ପିଟୁଛନ୍ତି । ଅନ୍ୟ ପକ୍ଷରେ, ଜାତୀୟ ଅନୁସୂଚିତ ଜନଜାତି ପରିଷଦ ଓଡ଼ିଶାର ମାଲକାନଗିରି ଜିଲ୍ଲାପାଳ ଓ ଏସପିଙ୍କଠାରୁ ଜିଲ୍ଲାରେ ବଙ୍ଗାଳୀ ବସତିକାରୀ ଏବଂ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ନିକଟରେ ହୋଇଥିବା ସଂଘର୍ଷ ସମ୍ପର୍କରେ ଏକ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ମାଗିଛି । ରାଜ୍ୟର ଡବଲ ଇଂଜିନ ସରକାର ଜିଲ୍ଲାରେ ଲାଗି ରହିଥିବା ଲୋକଙ୍କର ସମସ୍ୟାଗୁଡ଼ିକର ସମାଧାନ ପାଇଁ ମୁଣ୍ଡ ନ ଖେଳାଇବାରୁ ଦୁଇ ସମ୍ପ୍ରଦାୟ ମଧ୍ୟରେ ଅସନ୍ତୋଷ ବଢୁଛି । ପରିସ୍ଥିତି ଗମ୍ଭୀର ହେବାରେ ଲାଗିଛି, ଯାହା କି ଆଇନ ଶୃଙ୍ଖଳା ସମସ୍ୟା ସୃଷ୍ଟି କରିଛି । ଉପରୋକ୍ତ ଅଶାନ୍ତ ପରିସ୍ଥିତିକୁ ଦୃଷ୍ଟିରେ ରଖି, ଉକ୍ତ ଅଞ୍ଚଳରେ ଶାନ୍ତି ଫେରାଇବାର ପ୍ରୟାସରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆସନ୍ତା ୨୩ ଡିସେମ୍ବର ମଙ୍ଗଳବାର ମାଲକାନଗିରି ଗସ୍ତ କରିବ । ଉକ୍ତ ପ୍ରତିନିଧି ଦଳରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, କଂଗ୍ରେସ ସାଂସଦ ସପ୍ତଗିରି ଉଲାକା, ଅବିଭକ୍ତ କୋରାପୁଟ ଜିଲ୍ଲାର ସମସ୍ତ କଂଗ୍ରେସ ବିଧାୟକ, ପୂର୍ବତନ ସାଂସଦ ଓ ବିଧାୟକ, ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି, ପିସିସି ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଅରବିନ୍ଦ ଦାସ, ତିନି ବରିଷ୍ଠ ଆଇନଜୀବୀ ନିଶିକାନ୍ତ ମିଶ୍ର, ଲଲାଟେନ୍ଦୁ ଦାସ ଓ ମନୋଜ ନାୟକଙ୍କ ଏକ ପ୍ରତିନିଧି ଦଳ ପ୍ରମୁଖ ପ୍ରଭାବିତ ଏମ୍ଭି-୨୬ ଓ ଆଖପାଖ ଅଞ୍ଚଳ ଗସ୍ତ କରିବେ ବୋଲି ପିସିସି ପକ୍ଷରୁ ସୂଚନା ଦିଆଯାଇଛି ।

## ଭାରତୀ ଏୟାରଟେଲ୍ ନେତୃତ୍ୱ ସ୍ତରରେ ପରିବର୍ତ୍ତନ

# ଗୋପାଳ ଭିଟ୍ଟଲ୍ କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ

ଭୁବନେଶ୍ୱର (ସବ୍ୟୁ): ଗତ ତେର ବର୍ଷ ଧରି ଗୋପାଳ ଭିଟ୍ଟଲ୍ ଭାରତୀ ଏୟାରଟେଲ୍‌ର ବ୍ୟବସ୍ଥାପନ ନିର୍ଦ୍ଦେଶକ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନେତୃତ୍ୱ ଦେଇଆସୁଛନ୍ତି। ଏକ ସୁସଂଗଠିତ ଉତ୍ତରାଧିକାର ପ୍ରକ୍ରିୟାର ଅଂଶ ଭାବେ, ବ୍ୟବସ୍ଥାପନ ନିର୍ଦ୍ଦେଶକ ପଦରେ ଅବ୍ୟାହତ ରହିଥିବା ସହ, ୨୦୨୪ ଅକ୍ଟୋବରରେ ଗୋପାଳ ଭିଟ୍ଟଲଙ୍କୁ ଭାରତୀ ଏୟାରଟେଲ୍ ଲିମିଟେଡ୍‌ର ଉପାଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଥିଲା। ଏହି ସମୟରେ ଶଶ୍ୱତ ଶର୍ମାଙ୍କୁ କମ୍ପାନୀର ସିଇଓ ଡେଜିନେଟେଡ୍ ଭାବେ ନିଯୁକ୍ତ କରାଯାଇଥିଲା। ପୂର୍ବନିର୍ଦ୍ଧାରିତ ଉତ୍ତରାଧିକାର ପ୍ରକ୍ରିୟା ଅନୁସାରେ, ୨୦୨୬ ଜାନୁଆରୀ ୧ ତାରିଖରୁ ଗୋପାଳ ଭିଟ୍ଟଲ୍ ଭାରତୀ ଏୟାରଟେଲ୍‌ର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ପଦର ଦାୟିତ୍ୱ ଗ୍ରହଣ କରିବେ ଏବଂ ଭାରତୀ ଏୟାରଟେଲ୍ ସହିତ ଏହାର ସମସ୍ତ ଉପକମ୍ପାନୀର ନିରୀକ୍ଷଣ କରିବେ।



ସୁସଂଗଠିତ ଓ ସଫଳ ପରିବର୍ତ୍ତନ ପ୍ରକ୍ରିୟା ପରେ, ୨୦୨୬ ଜାନୁଆରୀ ୧ ତାରିଖରୁ ଭାରତୀ ଏୟାରଟେଲ୍ ଇଣ୍ଡିଆର ବ୍ୟବସ୍ଥାପନ ନିର୍ଦ୍ଦେଶକ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଗୋପାଳ ଭିଟ୍ଟଲଙ୍କୁ ଉତ୍ତରାଧିକାରୀ ହେବେ ଶଶ୍ୱତ ଶର୍ମା। ସିଇଓ ଡେଜିନେଟେଡ୍ ଭାବରେ ଗତ ୧୨ ମାସ ଧରି, ଶଶ୍ୱତ ବ୍ୟବସାୟର ବିଭିନ୍ନ କ୍ଷେତ୍ରରେ ଗୋପାଳ ଭିଟ୍ଟଙ୍କ ସହ ଘନିଷ୍ଠ ଭାବେ କାମ କରି ଏହି ଭୂମିକା ପାଇଁ ପ୍ରସ୍ତୁତି ନେଇଆସୁଛନ୍ତି। ଶଶ୍ୱତ ଶର୍ମା ଗୋପାଳ ଭିଟ୍ଟଲଙ୍କ ରିପୋର୍ଟ କରିବେ।

ଏହାସହିତ, ବର୍ତ୍ତମାନ ଭାରତୀ ଏୟାରଟେଲ୍ ଇଣ୍ଡିଆର ମୁଖ୍ୟ ଆର୍ଥିକ ଅଧିକାରୀ ଭାବେ କାର୍ଯ୍ୟରତ ସୌମେନ ରାୟଙ୍କୁ ଗୋଷ୍ଠୀର ମୁଖ୍ୟ ଆର୍ଥିକ ଅଧିକାରୀ ଭାବେ ନିଯୁକ୍ତ କରାଯିବ । ବର୍ତ୍ତମାନ ଭାରତୀ ଏୟାରଟେଲ୍‌ର ଫାଇନାନ୍ସିଆଲ୍ କଣ୍ଟ୍ରୋଲର୍ ଭାବେ କାର୍ଯ୍ୟରତ ଅଖିଲ୍ ଗାର୍ଗଙ୍କୁ ଭାରତୀ ଏୟାରଟେଲ୍ ଇଣ୍ଡିଆର ମୁଖ୍ୟ ଆର୍ଥିକ ଅଧିକାରୀ ଭାବେ ନିଯୁକ୍ତ କରାଯିବ।

# ବିବେକାନନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୪ତମ ବାର୍ଷିକ କ୍ରୀଡା ମହୋତ୍ସବ

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀ ଉପକଣ୍ଠ ବଡରଘୁନାଥପୁରରେ ଥିବା ବିବେକାନନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୪ତମ ବାର୍ଷିକ କ୍ରୀଡା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଧ୍ରୁବଚରଣ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଦ୍ୟାଳୟର ମୁଖ୍ୟ ସଚିବ ବିଜନ କୁମାର ଜେନା, ଯୁଗ୍ମ ସଚିବ ରଶ୍ମିତା ଜେନା, ମଦନପୁର ଗ୍ରାମପଞ୍ଚାୟତର ସରପଞ୍ଚ ରଶ୍ମିରଞ୍ଜନ ବେହେରା, ପୂର୍ବତନ ସମ୍ପାଦିକା ନମିତା ପଟ୍ଟନାୟକ, ପ୍ରେସିଡେଣ୍ଟ ରମାକାନ୍ତ ସାମନ୍ତରାୟ ଓ ସମ୍ବିତ ସାମନ୍ତରାୟ ମଧ୍ୟ ଉକ୍ତ ଉତ୍ସବରେ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ । କ୍ରୀଡା ମହୋତ୍ସବରେ ବିଦ୍ୟାଳୟର କ୍ରୀଡା ପ୍ରଶିକ୍ଷିକା ଚିନ୍ମୟୀ ଚୌଧୁରୀଙ୍କ ତତ୍ତ୍ୱାବଧାନରେ ତିନିଦିନ ଧରି



ନୃତ୍ୟଗୀତ ଓ ବିଭିନ୍ନ ପ୍ରକାର କ୍ରୀଡା ପ୍ରତିଯୋଗିତା ହୋଇଥିଲା । ଏଥିରେ ପ୍ରାୟ ୪୦୦ ଛାତ୍ରଛାତ୍ରୀ କ୍ରୀଡା ପ୍ରତିଭା ପ୍ରଦର୍ଶନ କରିଥିଲେ । ବିଦ୍ୟାଳୟର ସମ୍ପାଦିକା ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ସେବିକାମାନେ ନିଜର ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । କ୍ରୀଡା ଉତ୍ସବକୁ ଅତି ଉତ୍ତମ ରୂପେ ପରିଚାଳନା କରାଯାଇଥିବା ପ୍ରଧାନଆଚାର୍ଯ୍ୟ କହିଛନ୍ତି । ଶେଷରେ ବିବେକାନନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସମସ୍ତ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ପ୍ରଧାନଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶ୍ରୀରାମକୃଷ୍ଣ ସେବାଶ୍ରମରେ ମା'ସାରଦାଙ୍କ ଜନ୍ମୋତ୍ସବ ପାଳିତ

ଭୁବନେଶ୍ୱର, (ସବ୍ୟୁ): ବୋଲଗଡ ବ୍ଲକ୍ ପିଢୁକୁଳି ପଞ୍ଚାୟତରେ ଅବସ୍ଥିତ ଟିକାତାଳସ୍ଥ ଶ୍ରୀରାମକୃଷ୍ଣ ସେବାଶ୍ରମରେ ଶ୍ରୀ ଶ୍ରୀ ମା' ସାରଦା ଦେବୀଙ୍କ ୧୭୩ତମ ଜନ୍ମୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଉତ୍ସବ ପ୍ରାରମ୍ଭରେ ନାରାୟଣ ସାହୁ ଭଜନ କୀର୍ତ୍ତନ କରିଥିଲେ। ମନୋଜ କୁମାର ଗୁମାନସିଂହ ବେଦ ମନ୍ତ୍ର ପାଠ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ ଶିକ୍ଷାବିତ୍ ଭକ୍ତବଲ୍ଲଭ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବରେ ପ୍ରାଧ୍ୟାପକ କାଳୀକିଙ୍କର ପଟ୍ଟନାୟକ ଯୋଗଦେଇ ମା'ସାରଦାଙ୍କ ଅହଂକାରଶୂନ୍ୟ ଜୀବନାଦର୍ଶ ଅବତାରଣା କରିଥିଲେ। ସମ୍ମାନିତ ବକ୍ତା ଭାବରେ ଶିକ୍ଷାବିତ୍ ନଳିନୀ ସାହୁ ଶ୍ରୀ ଶ୍ରୀ ମା' କିପରି ସତ୍ ଓ ଅସତ୍ ସମସ୍ତଙ୍କର ମା' ଥିଲେ, ତାହାର ଅନେକ ଉଦାହରଣ ଦେଇଥିଲେ। ଆଶ୍ରମର ପ୍ରତିଷ୍ଠାତା ସମ୍ପାଦକ ସ୍ୱାମୀ ଭାଗବତାନନ୍ଦ ପୁରୀ ମହାରାଜ କହିଥିଲେ ଯେ, ମା' ସାରଦା ଦେବୀ ସାଧାରଣ ମାନବ ଶରୀର ଧାରଣ କରି ଦେବୀ ଭାବକୁ ଲୁକ୍କାୟିତ କରି ରଖି ଆଦର୍ଶ କନ୍ୟା, ଆଦର୍ଶ ଭଗ୍ନୀ, ଆଦର୍ଶ ସହଧର୍ମିଣୀ ସର୍ବୋପରି ବିଶ୍ୱ ମାତୃତ୍ୱ ଭାବର ପରିପ୍ରକାଶ କରି ସଂଘ ଜନନୀ ହୋଇ ପାରିଥିଲେ। ଆଶ୍ରମର ସହସମ୍ପାଦକ ଅଧ୍ୟାପକ ସର୍ବେଶ୍ୱର ସାହୁ ଅତିଥି ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଉପସଭାପତି ରାଜକିଶୋର ଛୁଆଳସିଂହ ପ୍ରାରମ୍ଭିକ ମାତୃ ବନ୍ଦନା ଗାନ କରିଥିଲେ। ବରିଷ୍ଠ ସଦସ୍ୟା ଗୀତାଞ୍ଜଳି ସାହୁ ଉଦଯାପନୀ ମାତୃ ସଂଗୀତ ପରିବେଷଣ କରିଥିଲେ। ବରିଷ୍ଠ ସଦସ୍ୟ ସନ୍ତୋଷ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦକ ଗୋଲକ ସାହୁ, କୋଷାଧ୍ୟକ୍ଷ ଅଶୋକ କୁମାର ସାହୁ, ଡାକ୍ତର ରବୀନ୍ଦ୍ର କୁମାର ପାତ୍ର, ଶ୍ୟାମାକାନ୍ତ ପଟ୍ଟନାୟକ, ସୁବଳ ଛୁଆଳସିଂହ, ଅରୁଣିମା ପଣ୍ଡା, ଇନ୍ଦୁମତୀ ଦେଈ, ବାବାଜୀ ବେହେରା ପ୍ରମୁଖ ସଦସ୍ୟ ମାନେ ଉତ୍ସବକୁ ପରିଚାଳନା କରିଥିଲେ।

## ରାଜ୍ୟସ୍ତରୀୟ ଯୁବ ସମ୍ମିଳନୀ ଏବଂ ଅଷ୍ଟମ

# ଗୀତାଞ୍ଜଳି ଏକ୍ସଲେନ୍ସି ସମ୍ମାନ-୨୦୨୫ ପ୍ରଦାନ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଗୀତାଞ୍ଜଳି ଇଣ୍ଡିଆ ଫାଉଣ୍ଡେସନ ଟ୍ରଷ୍ଟର ରାଜ୍ୟସ୍ତରୀୟ ଯୁବ ସମ୍ମିଳନୀ ଏବଂ ଅଷ୍ଟମ ଗୀତାଞ୍ଜଳି



ଏକ୍ସଲେନ୍ସି ସମ୍ମାନ-୨୦୨୫ ଭୁବନେଶ୍ୱରସ୍ଥିତ ହୋଟେଲ ଏକ୍ସଲେନ୍ସିଠାରେ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନର ଅଧ୍ୟକ୍ଷ ରଞ୍ଜନ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଡଃ ଅରବିନ୍ଦ ଢାଲୀ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନ, ଭୁବନେଶ୍ୱର ଜିଲ୍ଲା ବିଜେପି ସଭାପତି ନିରଞ୍ଜନ ମିଶ୍ର, ଭାରତୀୟ ଜନତା ପାର୍ଟି ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା, ବିଶିଷ୍ଟ ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଫାଉଣ୍ଡେସନର ବିଭିନ୍ନ ସମାଜିକ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ସୁସ୍ଥ ସମାଜ ଗଠନରେ ଯୁବକମାନଙ୍କ ଭୂମିକା ଅତୁଳନୀୟ। ତେଣୁ ସାମ୍ପ୍ରତିକ ପରିସ୍ଥିତିରେ ଯୁବକମାନେ ନିଶାଗ୍ରସ୍ତ ହୋଇ ନିଜ ଜୀବନକୁ ନଷ୍ଟ କରିବାକୁ ନଦେଇ ସମାଜସେବା ଓ ପରିବେଶ ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସମାଜରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୫ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଗୀତାଞ୍ଜଳି ଏକ୍ସଲେନ୍ସି ସମ୍ମାନ-୨୦୨୫ ପ୍ରଦାନ କରାଯାଇଥିଲା। ଫାଉଣ୍ଡେସନର ଟ୍ରଷ୍ଟି ତାପସ ରଞ୍ଜନ ମଲ୍ଲିକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପସ୍ଥାପକ ଶୁଭୋଜିତ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଶ୍ରୀଲିପି ପ୍ରଧାନ, ଦୀନବନ୍ଧୁ, ଗୋପାଳ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବେଦାନ୍ତ ଆଲୁମିନିୟମ ପକ୍ଷରୁ ଝାରସୁଗୁଡାରେ ପ୍ଲାଷ୍ଟିକ-ମୁକ୍ତ ସଚେତନତା ଅଭିଯାନ

ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଂଚଳିକ କାର୍ଯ୍ୟାଳୟ ସହିତ ମିଳିତ ଭାବରେ, ଝାରସୁଗୁଡାର ସବୁଠାରୁ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳ ମଧ୍ୟରୁ ଗୋଟିଏ କୋଇଲିଘୁଘର ଜଳପ୍ରପାତରେ 'ପ୍ଲାଷ୍ଟିକ-ମୁକ୍ତ ପିକନିକ୍ ସ୍ପଟ୍' ଅଭିଯାନ ଅଧୀନରେ ଏକ ପ୍ରଭାବଶାଳୀ ସଚେତନତା ଅଭିଯାନ ଆୟୋଜନ କରିଥିଲା। ଏହି ପଦକ୍ଷେପର ଲକ୍ଷ୍ୟ ଥିଲା ପରିବେଶଗତ ପରିଚାଳନାକୁ ପ୍ରୋତ୍ସାହିତ କରିବା ଏବଂ ସମ୍ପ୍ରଦାୟର ସଦସ୍ୟମାନଙ୍କ ମଧ୍ୟରେ ସ୍ଥାୟୀ ଅଭ୍ୟାସକୁ ଉତ୍ସାହିତ କରିବା ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ସୁଦୃଢ଼ କରିବା। ଏକକ-ବ୍ୟବହାର ପ୍ଲାଷ୍ଟିକକୁ ଦୂର କରିବା ପାଇଁ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ସହିତ ସମନ୍ୱିତ, କାର୍ଯ୍ୟକ୍ରମରେ ସ୍ଥାନରୁ ପ୍ଲାଷ୍ଟିକ ଆବର୍ଜନା ଅପସାରଣ କରିବା ଏବଂ ଦାୟିତ୍ୱପୂର୍ଣ୍ଣ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ପରିଦର୍ଶକମାନଙ୍କୁ ସଚେତନ କରିବା ପାଇଁ ଏକ ବଡ଼



ପରିମାଣର ସ୍ୱଚ୍ଛତା ଅଭିଯାନ ପ୍ରଦର୍ଶିତ ହୋଇଥିଲା। ଛାତ୍ରଛାତ୍ରୀମାନେ ପାରସ୍ପରିକ ପ୍ରତିଯୋଗିତା, ସାଂସ୍କୃତିକ ପ୍ରଦର୍ଶନ ଏବଂ ଜଙ୍ଗଲ, ଜଳାଶୟ ଏବଂ ବନ୍ୟପ୍ରାଣୀ ଉପରେ ପ୍ଲାଷ୍ଟିକ୍ ପ୍ରଦୂଷଣର ଦୀର୍ଘକାଳୀନ ପରିବେଶଗତ ପ୍ରଭାବ ଉପରେ ଆଲୋକପାତ କରି ଏକ ନୁକ୍କଡନାଟକ ମାଧ୍ୟମରେ ସକ୍ରିୟ ଭାବରେ ଜଡିତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ପାଂଚଟି ବିଦ୍ୟାଳୟର ପ୍ରତିନିଧିତ୍ୱ କରୁଥିବା ୧୨୦ ଜଣ ଛାତ୍ରଛାତ୍ରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଏବଂ କର୍ମଚାରୀ ସ୍ୱେଚ୍ଛାସେବକଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଏଥିରେ କୁନାଲ ମୋତିରାମ ଚଭନ, ଜିଲ୍ଲାପାଳ, ମନୁ ଅଶୋକ ଭଟ୍ (ଡିଏଫଓ, ଝାରସୁଗୁଡା), ଏବଂ ହିରଣ୍ୟ କୁମାର ନାୟକ (ଆଂଚଳିକ ଅଧିକାରୀ, ଓଏସପିସିବି)ଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ଅଂଶଗ୍ରହଣକାରୀମାନେ ପରିବେଶ ଅନୁକୂଳ ଅଭ୍ୟାସ ଗ୍ରହଣ କରିବା, ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ କରିବା ଏବଂ ସାର୍ବଜନୀନ ସ୍ଥାନରେ ପ୍ଲାଷ୍ଟିକ୍ ମୁକ୍ତ ଆଚରଣକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଜ୍ଞା କରିଥିଲେ। ଏହା ପରେ ଏକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଛାତ୍ର, ଏସଏଚଜି ସଦସ୍ୟ ଏବଂ ସ୍ୱେଚ୍ଛାସେବକମାନଙ୍କୁ ସେମାନଙ୍କର ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ଏହି ପ୍ରୟାସ ବିଷୟରେ ବେଦାନ୍ତ ଝାରସୁଗୁଡାର ସିଇଓ ସି ଚନ୍ଦ୍ରୁ କହିଛନ୍ତି, "ବେଦାନ୍ତରେ, ଆମେ ସ୍ଥାୟୀତ୍ୱକୁ ଧ୍ୟାନର ଏକ ପ୍ରମୁଖ କ୍ଷେତ୍ର ଭାବରେ ଦେଖୁ, ଯାହା ଭୂମିରେ ନିର୍ଣ୍ଣାୟକ କାର୍ଯ୍ୟରେ ଦୃଢ଼ ଭାବରେ ନିହିତ।

## କୋଲକାତାରେ ଘନ କୁହୁଡ଼ି
# ଅବତରଣ କରିପାରିଲାନି ପ୍ରଧାନମନ୍ତ୍ରୀଙ୍କ ହେଲିକପ୍ଟର

କୋଲକାତା: ଅବତରଣ କରିପାରିଲାନି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ହେଲିକପ୍ଟର। ଖରାପ ପାଗ ଯୋଗୁଁ ପଶ୍ଚିମବଙ୍ଗର ତାହେରପୁରରେ ପ୍ରଧାନମନ୍ତ୍ରୀଙ୍କ ହେଲିକପ୍ଟର ଅବତରଣ କରିପାରିନଥିବା ଜଣାପଡ଼ିଛି। ଘନ କୁହୁଡ଼ି ପାଇଁ ଏଭଳି ହୋଇଥିବା କୁହାଯାଉଛି। ହେଲିକପ୍ଟରଟି ଉଡ଼ାଣ କରିଥିଲେ ବି ଦୃଶ୍ୟମାନ୍ୟତା କମ ହୋଇଯିବାରୁ ହେଲିକପ୍ଟରଟି କୋଲକାତା ବିମାନବନ୍ଦରକୁ ଫେରି ଆସିଛି। ପାଣିପାଗ ପରିସ୍ଥିତି ବିଷୟରେ ଅଧିକ ସୂଚନା ପାଇଁ ପ୍ରଧାନମନ୍ତ୍ରୀ ବିମାନବନ୍ଦରରେ ଅପେକ୍ଷା କରିଛନ୍ତି। ହେଲିକପ୍ଟରରେ ଯିବା ସମ୍ଭବ ନଥିବାରୁ ମୋଦୀ ସଡ଼କ ପଥରେ ରାଲି ସ୍ଥଳରେ ପହଞ୍ଚିବେ ନା ପାଗ ସଫା ହେବା ପର୍ଯ୍ୟନ୍ତ ଅପେକ୍ଷା କରିବେ ତାହା ଜଣାପଡ଼ିନାହିଁ।

ସକାଳ ୧୦.୪୦ରେ କୋଲକାତାରେ ପହଞ୍ଚିଥିଲେ ପ୍ରଧାନମନ୍ତ୍ରୀ

ଆଜି ସକାଳେ ପ୍ରଧାନମନ୍ତ୍ରୀ ପ୍ରାୟ ୧୦.୪୦ ସମୟରେ କୋଲକାତାରେ ପହଞ୍ଚିଥିଲେ ଏବଂ ଏକ ହେଲିକପ୍ଟର ଯୋଗେ ନାଦିଆ ଜିଲ୍ଲାର ତାହେରପୁର ଅଭିମୁଖେ ଯାତ୍ରା କରିଥିଲେ। ସେଠାରେ ସେ ପଶ୍ଚିମବଙ୍ଗରେ ରାଜପଥ ପ୍ରକଳ୍ପର ଶୁଭାରମ୍ଭ କରିବା ପାଇଁ ଏକ ପ୍ରଶାସନିକ କାର୍ଯ୍ୟକ୍ରମ ଆୟୋଜନ କରିବାର କାର୍ଯ୍ୟକ୍ରମ ରହିଥିଲା। ଏହା ପରେ ବିଜେପିର ଏକ ରାଜନୈତିକ ରାଲି ପରିବର୍ତ୍ତନ ସଂକଳ୍ପ ସଭାକୁ ସେ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ଥିଲା। ଏବେ ହେଲିକପ୍ଟରରେ ସମ୍ଭବ ନହେବାରୁ ମୋଦୀଜୀ କ'ଣ ନିଷ୍ପତ୍ତି ନେବେ ତାହା ଜଣାପଡ଼ିନାହିଁ। ଭିଡିଓ କଲ୍ ମାଧ୍ୟମରେ ସେ ସମ୍ବୋଧିତ କରିପାରନ୍ତି ବୋଲି କୁହାଯାଉଛି।

# ମୋଦୀଙ୍କ ଅଭୂତପୂର୍ବ କୂଟନୀତି: ୫ଟି ରାଷ୍ଟ୍ରରେ ସର୍ବୋଚ୍ଚ ନାଗରିକ ସମ୍ମାନ

ନୂଆଦିଲ୍ଲୀ : ଗତ ଦଶନ୍ଧି ମଧ୍ୟରେ ଗଲ୍ଫ ବା ଉପସାଗରୀୟ ଦେଶ ସହିତ ଭାରତର ସମ୍ପର୍କରେ ଏକ ଗଭୀର ପରିବର୍ତ୍ତନ ଆସିଛି। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବ୍ୟକ୍ତିଗତ କୂଟନୀତିର ସ୍ପଷ୍ଟ ପ୍ରଭାବ ରହିଛି । ୨୦୧୪ ପରଠାରୁ ପଶ୍ଚିମ ଏସିଆରେ ନୂଆଦିଲ୍ଲୀକୁ ମିଳିଥିବା ଉପଲବ୍ଧି ଭାରତ-ଉପସାଗରୀୟ ସମ୍ପର୍କ ଇତିହାସରେ ଅତୁଳନୀୟ। ଏହି ସହଭାଗୀତା ହାଇଡ୍ରୋକାର୍ବନ ଏବଂ ଭାରତୀୟ ଶ୍ରମ ଶକ୍ତିଉପରେ ପୂର୍ବନିର୍ଭରଶୀଳତା ଠାରୁ ଢେର ଆଗକୁ ବଢ଼ିଛି। ଏହା ଏକଅଧିକ ବିଶ୍ୱସନୀୟ, ଢାଞ୍ଚାଗତ ଏବଂ ରାଜନୈତିକ ଭାବରେ ଆତ୍ମବିଶ୍ୱାସୀ ସମ୍ପର୍କରେ ପରିଣତ ହୋଇଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଜିସିସି (ଗଲ୍ଫକର୍ପୋରେସନକାଉନସିଲ) ଦେଶ ଗୁଡ଼ିକୁ ୧୫ ଥରଗସ୍ତ, ଯେକୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସର୍ବାଧିକ। ଏପରି ଏକସଭାବନା ପୂର୍ଣ୍ଣ ପ୍ରୟାସ ଏଭଳି ପରିଚିତି ସୃଷ୍ଟି କରିଛି ଯାହା ପୂର୍ବ ସରକାରମାନେ କେବେ କରିପାରିନଥିଲେ। ଛଅଟି ଆରବ ରାଷ୍ଟ୍ରକୁ ନେଇ ଗଠିତ ଜିସିସି ସବୁଠାରୁ ପ୍ରଭାବ ଶାଳୀ ଆଞ୍ଚଳିକ ରାଷ୍ଟ୍ରଗୋଷ୍ଠୀ ମଧ୍ୟରୁ ଅନ୍ୟତମ। ଏହା ପଶ୍ଚିମ ଏସିଆର ଆର୍ଥିକ ଏବଂ ରାଜନୈତିକ ଧାରାକୁ ଆକାରଦେଇଥାଏ।

ଭାରତ ସହ ସମ୍ପର୍କରେ ଏହି ନୂତନ ଆତ୍ମବିଶ୍ୱାସର ସଦ୍ୟତମ ପ୍ରତିଫଳନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଦିଆଯାଇଥିବା ସର୍ବୋଚ୍ଚ ନାଗରିକ ସମ୍ମାନ ରୂପରେ ଦେଖିବାକୁ ମିଳିଛି। ଛଅଟି ଉପସାଗରୀୟ ରାଷ୍ଟ୍ରମଧ୍ୟରୁ ପାଞ୍ଚଟି ରାଷ୍ଟ୍ର ଏବେ ସୁଦ୍ଧା ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସେମାନଙ୍କର ସର୍ବୋଚ୍ଚ ପୁରସ୍କାର ପ୍ରଦାନ କରିସାରିଛନ୍ତି । ଗତ ସପ୍ତାହରେ ଓମାନ ସରକାର ତାଙ୍କର ସର୍ବୋଚ୍ଚ ସମ୍ମାନ ଅର୍ଡର ଅଫ୍ ଓମାନ ପ୍ରଦାନ କରି ଏହି ତାଲିକାରେ ସାମିଲ ହୋଇଛନ୍ତି।



ଏଥିପୂର୍ବରୁ ୨୦୧୯ରେ ୟୁଏଇ ରଅର୍ଡର ଅଫ୍ଜାଏଦ, ୨୦୧୬ ରେ ସାଉଦିଆରବ କିଙ୍ଗ ଅବଦୁଲା ଜିଜ୍ଜାସ୍, ୨୦୧୯ ରେ ବାହାରିନର କିଙ୍ଗ ହମାଦ୍ ଅର୍ଡର ଅଫ୍ଦିରେ ନେସାଁ (ପ୍ରଥମଶ୍ରେଣୀ) ଏବଂ ୨୦୨୪ ରେ କୁଏତର ମୁବାରକ୍ଅଲ୍-କବୀରଙ୍କ ଅର୍ଡର ଅଫ୍ଦିରେ ନେସାଁପୁରସ୍କାର ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ଦିଆଯାଇଥିଲା।

ଆନୁଷ୍ଠାନିକ ପ୍ରତୀକ ଠାରୁ ଉର୍ଦ୍ଧ୍ୱରେ ଥିବା ବିଶ୍ୱାସ

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ସମ୍ମାନ ଗୁଡ଼ିକ କେବଳ ଆନୁଷ୍ଠାନିକ ପ୍ରତୀକ ନୁହେଁ। ସମ୍ପୃକ୍ତ ଅଞ୍ଚଳରେ ଏପରି ସମ୍ମାନ କେବଳ ବିଶ୍ୱସନୀୟ, ନିର୍ଭର ଯୋଗ୍ୟ ଏବଂ ରଣନୀତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହେଉଥିବା ନେତାମାନଙ୍କ ପାଇଁ ସଂରକ୍ଷିତ ରହିଥାଏ। ସେଠାରେଏହିସମ୍ମାନଗୁଡ଼ିକବିଶ୍ୱାସର ଏକ ବିରଳଗ ଭୀରତାକୁ ସୂଚିତକରେ ।

ପ୍ରଧାନମନ୍ତ୍ରୀ ମୋଦୀ ପ୍ରଥମ ବିଶ୍ୱନେତା ଯିଏ ପାଞ୍ଚଟି ଜିସିସି ଦେଶରୁ ଶ୍ରେଷ୍ଠ ସମ୍ମାନପାଇଛନ୍ତି। ଏହା ଏକ ରାଜନୈତିକ ବାର୍ତ୍ତା ଯାହା ପ୍ରତୀକାତ୍ମକ ସୀମାଠାରୁ ଉର୍ଦ୍ଧ୍ୱରେ ଏବଂ ଏହା ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଓ ଭାରତର ପ୍ରଗତିଶୀଳ ପ୍ରତିଷ୍ଠା ପ୍ରତି ଉପସାଗରୀୟ ଦେଶଗୁଡ଼ିକର ଦୀର୍ଘକାଳୀନ ବିଶ୍ୱାସକୁ ପ୍ରତିଫଳିତ କରେ।

2014ବର୍ଷରୁ ରହିଥିବା ଆଶାକୁ ଦୃଷ୍ଟିରେ ରଖି ଏହି ମୁହୂର୍ତ୍ତ ଟି ବିଶେଷ ଗୁରୁତ୍ୱପୂର୍ଣ୍ଣ। ଅନେକ ବିଶେଷଜ୍ଞ ବିଶ୍ୱାସ କରୁଥିଲେ ଯେ ପଶ୍ଚିମ ଏସିଆ ପ୍ରଧାନ ମନ୍ତ୍ରୀମୋଦୀଙ୍କ ପାଇଁ ଏକ କଷ୍ଟକର କ୍ଷେତ୍ର ଭାବରେ ଉଭା ହୋଇପାରେ। ଏହି ଅଞ୍ଚଳର ଆଭ୍ୟନ୍ତରୀଣ ପ୍ରତିଦ୍ୱନ୍ଦ୍ୱିତା ଏବଂ ଏହାର ରାଜନୈତିକ ପରିବେଶର ଜଟିଳତାକୁ ସେମାନେ ଉଲ୍ଲେଖ କରିଥିଲେ। କିନ୍ତୁ ଏହାର ସମ୍ପୂର୍ଣ୍ଣ ବିପରୀତ ଶ୍ରୀ ମୋଦୀପ୍ରତ୍ୟେକଉପସାଗରୀୟ ଦେଶର ରାଜଧାନୀରେ ବ୍ୟକ୍ତିଗତ ସମୀକରଣ ତିଆରିକରିଥିଲେ। ଏହା ତାଙ୍କୁ ଏକ କୂଟନୀତିକ ସଫଳତା ଦେଇଥିଲା ଯାହା ଅତୀତରେ ଅନ୍ୟ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀ ହାସଲ କରିପାରିନଥିଲେ ।

# ପୁଅ ପାଇଁ ମୃତ୍ୟୁ ମାଗିଲେ ବାପା-ମା

ନୂଆଦିଲ୍ଲୀ: ପୁଅର ମୃତ୍ୟୁ ପାଇଁ ପ୍ରାର୍ଥନା କରିବା ଏବଂ ଜୀବନ ଫେରିବା ପାଇଁ ଅପେକ୍ଷା କରିବା... ହୁଏତ ବାପାମା'ଙ୍କ ପାଇଁ ଏହାଠାରୁ ବଡ଼ ଦୁଃଖ ଆଉ କିଛି ହୋଇପାରେନା। ଜଣେ ମାଆ, ଯିଏ ଦିନେ ନିଜ ପୁଅର ଦୀର୍ଘ ଜୀବନ ପାଇଁ ପ୍ରାର୍ଥନା କରୁଥିଲା, ଏବେ ସେ ପୁଅ ପାଇଁ ଶାନ୍ତିପୂର୍ଣ୍ଣ ମୃତ୍ୟୁ ପାଇଁ ନିବେଦନ କରୁଛି। ୧୨ବର୍ଷ ହେଲା ପୁଅ ଉଠି ବସିବ, ଆଉ ବାପାମା' ଡାକିବ ବୋଲି ଅନାଇ ବସିଛନ୍ତି ମାତାପିତା। ହେଲେ ସେମାନଙ୍କ ଅପେକ୍ଷାର ଅନ୍ତ ଏପର୍ଯ୍ୟନ୍ତ ହୋଇନାହିଁ। ୧୨ବର୍ଷ ହେଲା କେବଳ ପୁଅର ନିଶ୍ୱାସ ଚାଲିଛି। ନା ସେ ଚାହୁଁଛି, ନା ସେ କିଛି କହୁଛି। ପୁଅର ଏକଷ୍ଟକୁ ଦେଖିନପାରି ଏବେ ମାତାପିତା ଇଚ୍ଛାମୃତ୍ୟୁ ପାଇଁ ଆବେଦନ କରିଛନ୍ତି।

ଜାନୁଆରି ୧୩ତାରିଖରେ ହେବ ଶୁଣାଣି

ଜାନୁଆରି ୧୩ ତାରିଖରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ, ସୁପ୍ରିମକୋର୍ଟ ଇଚ୍ଛାମୃତ୍ୟୁ ଆବେଦନ ଉପରେ ରାୟ ଶୁଣାଇବେ। ଯୁବକଙ୍କୁ ତାଙ୍କ ଯନ୍ତ୍ରଣାଦାୟକ ଜୀବନରୁ ମୁକ୍ତି ମିଳିବ ନା ତାଙ୍କୁ ଏଭଳି ଆଉ କିଛି ଦିନ ମୃତ୍ୟୁକୁ ଅପେକ୍ଷା କରିବାକୁ ହେବ ତାହା କିଛି ଦିନ ପରେ ଜଣାପଡ଼ିବ।

**୨୦୧୩ରୁ କୋମାରେ ହରିଶ**

ଦିଲ୍ଲୀ ସଂଲଗ୍ନ ଗାଜିଆବାଦର ବାସିନ୍ଦା ହରିଶ ରାଣାଙ୍କ ବୟସ ପ୍ରାୟ ୩୨ ବର୍ଷ। ୨୦୧୩ ମସିହାରେ, ଇଞ୍ଜିନିୟରିଂ ପଢୁଥିବା ସମୟରେ, ସେ ଚଣ୍ଡିଗଡ଼ରେ ତାଙ୍କ ପିଜିର ଚତୁର୍ଥ ମହଲା ବାଲକୋନିରୁ ଖସି ପଡ଼ିଥିଲେ। ତାଙ୍କ ମୁଣ୍ଡରେ ଗମ୍ଭୀର ଆଘାତ ଲାଗିଥିଲା ଏବଂ ସେବେଠାରୁ ସେ ଆଉ ଚେତା ଫେରି ପାଇ ନାହାଁନ୍ତି।

**ସୁସ୍ଥ ହେବେ ବୋଲି ଆଶା ନାହିଁ**

ହରିଶ ଆଜି ପର୍ଯ୍ୟନ୍ତ ବିଛଣାରେ ପଡ଼ି ରହିଛନ୍ତି। ନା ସେ କଥା କହୁଛନ୍ତି ନା ଚାଲିପାରୁଛନ୍ତି। କ'ଣ ଅନୁଭବ କରୁଛନ୍ତି, ତାହା ମଧ୍ୟ ସେ କହିପାରୁନାହାନ୍ତି। ଏବେ ତାଙ୍କର ନିଶ୍ୱାସ ଚାଲିଛି ସତ, ହେଲେ ସୁସ୍ଥ ହେବାର ସବୁ ଆଶା ହରାଇ ବସିଛନ୍ତି ହରିଶ।

**ବୋଝ ପାଲଟିଛି ଚିକିତ୍ସା ଖର୍ଚ୍ଚ**

ପୁଅର ଚିକିତ୍ସା ପାଇଁ ବାପା ଅଶୋକ ରାଣା ତାଙ୍କ ଘର ବିକ୍ରି କରିଦେଲେ ଏବଂ ଚାକିରି ହରାଇଲେ। ଏବେ ମାତ୍ର ତିନି ହଜାର ଟଙ୍କା ପେନସନରେ ସେ ଘର ଚଳାଉଛନ୍ତି। ପରିବାର ପ୍ରତିପୋଷଣ ପାଇଁ ସେ ସାଣ୍ଡୱିଚ୍ ଏବଂ ସ୍ପ୍ରାଉଟ୍ ବିକ୍ରି କରିବା ଆରମ୍ଭ କଲେ। ଯେତେବେଳେ ଜଣେ ନର୍ସଙ୍କ ଖର୍ଚ୍ଚ ବହନ କରିବା ଅସମ୍ଭବ ହୋଇଗଲା, ବାପାମାଆ ନିଜେ ତାଙ୍କ ପୁଅର ଯତ୍ନ ନେବା ଆରମ୍ଭ କଲେ।

**ଦୁଇଥର ଇଚ୍ଛାମୃତ୍ୟୁ ଅନୁରୋଧକୁ ଖାରଜ କରିଛନ୍ତି କୋର୍ଟ**

୨୦୧୮ ଏବଂ ୨୦୨୩ ମସିହାରେ, ହରିଶଙ୍କ ପିତାମାତା ସୁପ୍ରିମକୋର୍ଟରେ ଇଚ୍ଛାମୃତ୍ୟୁ (ନିଷ୍କ୍ରିୟ ଇଚ୍ଛାମୃତ୍ୟୁ) ପାଇଁ ଅନୁମତି ମାଗିଥିଲେ। କିନ୍ତୁ ଦୁଇ ଥର କୋର୍ଟ ମନା କରିଦେଇଥିଲେ। ଏଥର, ସୁପ୍ରିମକୋର୍ଟ AIIMSରୁ ଏକ ନୂତନ ଡାକ୍ତରୀ ରିପୋର୍ଟ ମାଗିଥିଲେ। ରିପୋର୍ଟରେ ସ୍ପଷ୍ଟ ଭାବରେ ଉଲ୍ଲେଖ ଥିଲା ଯେ, ହରିଶଙ୍କ ଅବସ୍ଥାରେ ଉନ୍ନତି ହେବାର ସମ୍ଭାବନା ନାହିଁ।

## BMC ନିର୍ବାଚନ
# ମହାବିକାଶ ଅଘାଡ଼ିରେ ଫାଟ
## ଉଦ୍ଧବ ଓ ରାଜ ଠାକରେଙ୍କ ମେଣ୍ଟ ଯୋଗୁ ଉତ୍ତେଜନା

ମୁମ୍ବାଇ: ମୁମ୍ବାଇ ନଗର ପାଳିକା (ବିଏମସି) ନିର୍ବାଚନ ପୂର୍ବରୁ ମହାବିକାଶ ଅଘାଡ଼ିରେ ଫାଟ ଦେଖା ଯାଇଛି। ଠାକରେ ଭ୍ରାତା ଏକ ହେବା ପରେ ଅଘାଡ଼ିରେ ଏବେ ସବୁକିଛି ଠିକ୍ ନଥିବା ଖବର ଆସୁଛି। ମୁମ୍ବାଇ ବିଏମସି ନିର୍ବାଚନରେ ଠାକରେ ଭ୍ରାତା (ଉଦ୍ଧବ ଠାକରେ ଓ ରାଜ ଠାକରେ) ମରାଠୀ-ମୁସ୍ଲିମ ସମୀକରଣରୁ ବିଜୟ ଆଶା କରୁଥିବା ବେଳେ ଉଦ୍ଧବ ଓ ରାଜ ଏକାଠି ହେବା କଂଗ୍ରେସ ଆଖିରେ ଯାଉ ନାହିଁ। ଏଣୁ କଂଗ୍ରେସ ଶନିବାର ବିଏମସି ନିର୍ବାଚନ ଏକାକୀ ଲଢ଼ିବ ବୋଲି ଘୋଷଣା କରିଛି।

କଂଗ୍ରେସ ନେତା ରମେଶ ଚନ୍ନିଥଲା ଗଣମାଧ୍ୟମ ସାକ୍ଷାତକାରରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ବିଏମସି ନିର୍ବାଚନ ପାଇଁ କଂଗ୍ରେସ ପ୍ରସ୍ତୁତ। ଉଦ୍ଧବ ଠାକରେଙ୍କ ଲାଗି ବିଏମସିକୁ ପୁଣି ନିୟନ୍ତ୍ରଣକୁ ନେବା ୨୦୨୨ରେ ଶିବସେନା ଭାଙ୍ଗିବା ପରେ ରାଜନୈତିକ ପ୍ରାସଙ୍ଗିକତାକୁ ପୁଣି ସ୍ଥାପିତ କରିବାର ଶେଷ ସୁଯୋଗ ବୋଲି କୁହାଯାଉଛି। ସେହିପରି ରାଜ ଠାକରେଙ୍କ ଲାଗି ଏହି ନିର୍ବାଚନ ମରାଠୀ ପରିଚୟର ରକ୍ଷା ଲାଗି ଲଢେଇ ଭାବେ ଦେଖାଯାଉଛି। ଏଣୁ ରାଜ ଠାକରେଙ୍କ ଏମଏନଏସ ନିଜକୁ ମହାରାଷ୍ଟ୍ରର ଭାଷା ଓ ସାଂସ୍କୃତିକ ପରିଚୟର ସଂରକ୍ଷକ ରୂପେ ଉପସ୍ଥାପନ କରୁଛି।

ତେବେ ଶିବସେନା(ୟୁବିଟି) ଓ ରାଜ ଠାକରେଙ୍କ ଏମଏନଏସ ଏ ପର୍ଯ୍ୟନ୍ତ ମେଣ୍ଟ ନେଇ କୌଣସି ଘୋଷଣା କରି ନାହାନ୍ତି। କିନ୍ତୁ ଆଶା



କରାଯାଉଛି ଆଗାମୀ ସପ୍ତାହରେ ବିଏମସି ନିର୍ବାଚନ ଲାଗି ସେମାନେ ମେଣ୍ଟ ଘୋଷଣା କରିପାରନ୍ତି। ଏଥିରେ ଏବେ ଯାହା ସୂଚନା ଆସୁଛି ଶରଦ ପାୱାରଙ୍କ ଏନସିପି (ଶରଦ) ଆଗାମୀ ବିଏମସି ନିର୍ବାଚନକୁ ଶିବସେନା (ୟୁବିଟି) ଓ ଏମଏନଏସ ସହ ମିଶି ଲଢ଼ିବାକୁ ଚାହୁଁଛି। ଏନସିପି(ଶରଦ) ପାର୍ଟି ପକ୍ଷରୁ ବିଏମସି ନିର୍ବାଚନ ଲାଗି ସିଲଭର ଓକରେ ରଣନୀତି ନିର୍ଦ୍ଧାରଣ କରିବାକୁ ଏକ ବୈଠକ ହୋଇଥିଲା। ଏଥିରେ ପାର୍ଟିର ମୁମ୍ବାଇ ଅଧ୍ୟକ୍ଷ ରାଖୀ ଯାଦବ ପାର୍ଟି ନେତା ଓ କାର୍ଯ୍ୟକର୍ତ୍ତାଙ୍କ ରାୟ ରଖିଥିଲେ। ରଖୀଙ୍କ କହିବା କଥା ହେଲା ମୁମ୍ବାଇ ନଗର ପାଳିକା ନିର୍ବାଚନ ମହାବିକାଶ ଅଘାଡ଼ି (ଏମଭିଏ) ବ୍ୟାନରରେ ଲଢ଼ାଯିବା ଉଚିତ।

ଏନସିପି (ଶରଦ) ସାମ୍ନାରେ ଏବେ ଦୁଇଟି ବିକଳ୍ପ ରହିଛି। ଏଥିରେ ସେ ଉଦ୍ଧବ ଠାକରେ ଓ ରାଜ ଠାକରେଙ୍କ ସହ ମେଣ୍ଟ କରିପାରନ୍ତି। ଅନ୍ୟ ବିକଳ୍ପଟି ହେଉଛି ତାଙ୍କ ପାର୍ଟି କଂଗ୍ରେସ ସହିତ ମେଣ୍ଟ କରିପାରେ। ଏଥି ପାଇଁ କଂଗ୍ରେସ ଢେର ପୂର୍ବରୁ ଏନସିପି (ଶରଦ) ଆଗରେ ପ୍ରସ୍ତାବ ବି ରଖିଥିଲା। ଶରଦ ପାୱାର କଂଗ୍ରେସ ନେତାମାନଙ୍କ କଥା ଶୁଣିଥିଲେ, ହେଲେ ଏ ନେଇ କୌଣସି ସ୍ପଷ୍ଟ ଜବାବ ଦେଇ ନଥିଲେ। ଅନୁମାନ କରାଯାଉଛି ଶରଦ ପାୱାର ମୁମ୍ବାଇର ରାଜନୈତିକ ପାଣିପାଗର ଆକଳନ କରୁଛନ୍ତି। ଏଣୁ ଉଭୟ ବିକଳ୍ପ ଖୋଲା ରଖିଛନ୍ତି। ଅନ୍ୟ ପଟେ ଏମଏନଏସ ଅର୍ଥାତ ରାଜ ଠାକରେଙ୍କ ପାର୍ଟି ଶରଦ ପାୱାରଙ୍କ ପାର୍ଟି ପ୍ରତି ଏତେ ରଚି ଦେଖାଉ ନାହିଁ। ଏମଏନଏସ ନେତାଙ୍କ ସୂତ୍ରରୁ ମିଳୁଥିବା ସୂଚନାରେ ଯଦି ଶରଦ ପାୱାର ମେଣ୍ଟ କରନ୍ତି ତେବେ ସେ ଶିବସେନା (ଉଦ୍ଧବ) କୋଟାରୁ ନିର୍ବାଚନ ଲଢ଼ିବେ।

୨୦୨୪ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଏମଭିଏକୁ ଶକ୍ତ ଝଟକା ଲାଗିଥିଲା। ମେଣ୍ଟକୁ ବିଜେପି ନେତୃତ୍ୱାଧୀନ ମହାଯୁତୀ ଠାରୁ ବିପୁଳ ପରାଜୟର ସାମ୍ନା କରିବାକୁ ପଡିଥିଲା। ଉଲ୍ଲେଖଯୋଗ୍ୟ ଯେ ବିଏମସିର ୨୯ ନଗରନିଗମ, ୩୨ ଜିଲ୍ଲା ପରିଷଦ ଓ ୩୩୬ ପଞ୍ଚାୟତ ସମିତି ନିମନ୍ତେ ୧୫ ଜାନୁୟାରୀ ୨୦୨୬ରେ ଭୋଟ ଗ୍ରହଣ ହେବ। ଏଥିରେ ବିଏମସି ନିର୍ବାଚନର ଫଳାଫଳ ପରଦିନ ଅର୍ଥାତ ଜାନୁୟାରୀ ୧୬ ତାରିଖରେ ଘୋଷଣା ହେବ।

# ଆସାମକୁ ପୂର୍ବ-ପାକିସ୍ତାନ କରିବାକୁ ଚକ୍ରାନ୍ତ ହୋଇଥିଲା : ମୋଦୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଦିନ ଆସାମର ଗୌହାଟିରେ ଏକ ସମାବେଶକୁ ସମ୍ବୋଧିତ କରି କଂଗ୍ରେସ ଦଳକୁ ଟାର୍ଗେଟ କରିଥିଲେ। ସେ କଂଗ୍ରେସ ଉପରେ ଏକ ବଡ଼ ଆରୋପ ଲଗାଇଛନ୍ତି । ସେ କହିଥିଲେ ଯେ ଆସାମ ଏବଂ ଉତ୍ତର-ପୂର୍ବର ବିକାଶ କଂଗ୍ରେସ ସରକାରଗୁଡ଼ିକର ଏଜେଣ୍ଡାରେ ନଥିଲା, ବରଂ ଆସାମକୁ ପୂର୍ବ-ପାକିସ୍ତାନର ଅଂଶ କରିବା ପାଇଁ ଏକ ଷଡ଼ଯନ୍ତ୍ର କରାଯାଇଥିଲା । ସେ କହିଥିଲେ, "କଂଗ୍ରେସ ସରକାରରେ ଥିବା ଲୋକମାନେ କହୁଥିଲେ, 'ଆସାମ ଏବଂ ଉତ୍ତର-ପୂର୍ବକୁ କିଏ ଯାଏ?' ସେମାନେ ଭାବୁଥିଲେ ଯେ ଆସାମ ଏବଂ ଉତ୍ତର-ପୂର୍ବକୁ ଆଧୁନିକ ବିମାନବନ୍ଦର, ଉନ୍ନତ ରେଳପଥ ଏବଂ ରାଜପଥର ଆବଶ୍ୟକତା ନାହିଁ। ଏହି ଚିନ୍ତାଧାରା ଯୋଗୁଁ, କଂଗ୍ରେସ ଦଶନ୍ଧି ଧରି ଏହି ସମଗ୍ର ଅଞ୍ଚଳକୁ ଅବହେଳା କରିଥିଲା। ଦଶନ୍ଧି ଧରି କଂଗ୍ରେସ କରିଥିବା ଭୁଲଗୁଡ଼ିକୁ ମୋଦୀ ସୁଧାରି ଚାଲିଛି । ମୋ ପାଇଁ ଆସାମର ବିକାଶ ଏକ ଜରୁରୀ ଆବଶ୍ୟକତା ଓ ଏକ ଉତ୍ତରଦାୟିତ୍ୱ" ।

ବାଂଲାଦେଶର ଷଡ଼ଯନ୍ତ୍ର

ବାଂଲାଦେଶରେ ଏବେ ହିଂସା ଚାଲିଥିବାବେଳେ ପ୍ରଧାନମନ୍ତ୍ରୀଙ୍କ ଏହି ବୟାନ ବେଶ ଗୁରୁତ୍ୱ ବହନ କରୁଛି। କାରଣ ବାଂଲାଦେଶର ନେତାମାନେ ବାରମ୍ବାର ଭାରତର ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକୁ ଭାରତରୁ ଅଲଗା କରିବାକୁ ଧମକ ଦେଉଛନ୍ତି । ଏପରିକି ସେମାନେ ଭାରତର ସିଲିଗୁଡ଼ି କରିଡର ବା ଚିକେନ ନେକକୁ କାଟି ଦେବାକୁ ଧମକ ଦେଉଛନ୍ତି । ଜଣେ ବିଦ୍ରୋହୀ ନେତା ଧମକ ଦେଇଛନ୍ତି ଯେ ଭାରତର ବିଚ୍ଛିନ୍ନତାବାଦୀ ନେତାମାନଙ୍କୁ ବାଂଲାଦେଶରେ ଆଶ୍ରୟ ଦିଆଯିବ । ଏପରି ସ୍ଥିତିରେ ଭାରତ ସରକାର ଉତ୍ତରପୂର୍ବରେ ଭିତ୍ତିଭୂମିର ବିକାଶ କରିବା ସହ ସେନା ଉପସ୍ଥିତି ବଢାଇଚାଲିଛି ।

# ଶ୍ରେଣୀ ଗୃହରେ ଏୟାର ପ୍ୟୁରିଫାଏର ଲଗାଇବେ ଦିଲ୍ଲୀ ସରକାର

ନୂଆଦିଲ୍ଲୀ: ଜାତୀୟ ରାଜଧାନୀ ଦିଲ୍ଲୀରେ ସାଧାରଣ ଜୀବନ ଅସ୍ତବ୍ୟସ୍ତ । ବାୟୁର ମାନ ଏତେ ଖରାପ ହୋଇଛି ଯେ, ଶ୍ୱାସକ୍ରିୟା କରିବା କଷ୍ଟକର ହୋଇପଡ଼ିଛି । ଲୋକଙ୍କ ପାଇଁ ମହାମାରୀ ଭଳି ସ୍ଥିତି ଆଣିଛି ବାୟୁ ପ୍ରଦୂଷଣ । ଏଭଳି ସ୍ଥିତିରେ ସ୍କୁଲ ପଢ଼ିବାକୁ ଯାଉଥିବା ଛୋଟ ପିଲାମାନଙ୍କ ସ୍ୱାସ୍ଥ୍ୟ ପ୍ରତି ବେଶ ଯତ୍ନବାନ ହୋଇଛନ୍ତି ସରକାର । ପିଲାଙ୍କ ସ୍ୱାସ୍ଥ୍ୟକୁ ନଜରରେ ରଖି ଦିଲ୍ଲୀ ସରକାର ସରକାରୀ ସ୍କୁଲର ପ୍ରାୟ ୧୦,୦୦୦ ଶ୍ରେଣୀ ଗୃହରେ ଏୟାର ପ୍ୟୁରିଫାଏର ଲଗାଇବେ । ସ୍କୁଲ ସମୟରେ ଛାତ୍ରଛାତ୍ରୀମାନଙ୍କୁ ସ୍ୱଚ୍ଛ ଏବଂ ନିରାପଦ ବାୟୁ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛନ୍ତି ସରକାର । ଏହା ଦ୍ୱାରା ସେମାନଙ୍କର ସ୍ୱାସ୍ଥ୍ୟର ସୁରକ୍ଷା ଏବଂ ନିରବଚ୍ଛିନ୍ନ ଶିକ୍ଷା ସୁନିଶ୍ଚିତ ହୋଇପାରିବ। ଏକ ସାମ୍ବାଦିକ ସମ୍ମିଳନୀରେ ଶିକ୍ଷା ମନ୍ତ୍ରୀ ଆଶିଷ ସୁଦ କହିଛନ୍ତି ଯେ, ଦିଲ୍ଲୀ ସରକାର ପ୍ରଦୂଷଣ ମୁକାବିଲା ପାଇଁ କେବଳ ଅସ୍ଥାୟୀ ପଦକ୍ଷେପ ନୁହେଁ ବରଂ ଦୀର୍ଘକାଳୀନ ସମାଧାନ କରିବାକୁ ଯୋଜନା କରିଛନ୍ତି । ପିଲାମାନଙ୍କ ସ୍ୱାସ୍ଥ୍ୟ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ଏବଂ ସ୍କୁଲଗୁଡ଼ିକରେ ଏକ ସ୍ୱଚ୍ଛ ପରିବେଶ ଯୋଗାଇବା ଆମର ଦାୟିତ୍ୱ ବୋଲି ସେ କହିଛନ୍ତି। ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ପ୍ରଦୂଷଣ ସ୍ତର ଏପରି ବଢ଼ିଯାଏ ଯେ ପିଲାମାନେ ପ୍ରଶ୍ୱାସ ନେବାରେ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ଫଳରେ ଶ୍ରେଣୀଗୃହ ଭିତରେ ସ୍ୱଚ୍ଛ ବାୟୁ ସୁନିଶ୍ଚିତ କରିବା ଜରୁରୀ ହୋଇପଡ଼େ। ସୁଦ ଆହୁରି ମଧ୍ୟ କହିଛନ୍ତି ଯେ, ଏହି ଯୋଜନା ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯିବ। ପ୍ରଥମ ପର୍ଯ୍ୟାୟରେ, ଦିଲ୍ଲୀର ବିଭିନ୍ନ ଅଞ୍ଚଳରେ ୧୦୦୦୦ ଶ୍ରେଣୀଗୃହରେ ବାୟୁ ପ୍ୟୁରିଫାଏର ସ୍ଥାପନ କରାଯିବ । ଆବଶ୍ୟକତା ଏବଂ ମତାମତ ଆଧାରରେ କାର୍ଯ୍ୟକ୍ରମକୁ ବିସ୍ତାର କରିବାର ଯୋଜନା ରହିଛି। ଆମେ ଚାହୁଁଛୁ ଯେ, ଆମର ପିଲାମାନେ ସ୍ମାର୍ଟ ଭାବରେ ପାଠ ପଢ଼ନ୍ତୁ ଏବଂ ସ୍ୱଚ୍ଛ ବାୟୁ ଗ୍ରହଣ କରନ୍ତୁ । ସେମାନଙ୍କ ଶାରୀରିକ ଏବଂ ମାନସିକ ବିକାଶ ପାଇଁ ସ୍ୱଚ୍ଛ ପବନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସାମ୍ବାଦିକ ସମ୍ମିଳନୀ ସମୟରେ ମନ୍ତ୍ରୀ ପୂର୍ବ ଆମ ଆଦମୀ ପାର୍ଟି ସରକାରଙ୍କୁ ସମାଲୋଚନା କରିଛନ୍ତି। ପ୍ରଦୂଷଣ ଭଳି ଗମ୍ଭୀର ସମସ୍ୟାର ସମାଧାନ ଦେଖାଣିଆ ପ୍ରଚାରରେ ନାହିଁ । ଅଯୁଗ୍ମ-ଯୁଗ୍ମ ଯାନବାହନ ଯୋଜନା ଭଳି ଅସ୍ଥାୟୀ ପଦକ୍ଷେପକୁ ସେ ସମାଲୋଚନା କରିଛନ୍ତି । ବର୍ତ୍ତମାନର ସରକାର ସ୍ଥାୟୀ ସମାଧାନ ଏବଂ ଦୀର୍ଘକାଳୀନ ପଦକ୍ଷେପ ଉପରେ ଧ୍ୟାନ ଦେଉଛନ୍ତି ବୋଲି ସେ କହିଛନ୍ତି ।

# ରାହୁଲ ଗାନ୍ଧିଙ୍କ ଜର୍ମାନୀ ଯାତ୍ରାକୁ ବିଜେପିର ଟାର୍ଗେଟ୍

ନୂଆଦିଲ୍ଲୀ: ରାହୁଲ ଗାନ୍ଧିଙ୍କ ଜର୍ମାନ ଗସ୍ତକୁ ନେଇ ବିଜେପି ଜୋରଦାର ଆକ୍ରମଣ କରିଛି। ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ଉପରେ ଦେଶ ବିରୋଧରେ ଷଡ଼ଯନ୍ତ୍ର ରଚିବାର ଅଭିଯୋଗ ଆଣିଛି ଶାସକ ଦଳ। ବିଜେପି କହିଛି ଯେ ରାହୁଲ ଗାନ୍ଧି ଜର୍ମାନ ଗସ୍ତ କାଳରେ ଭାରତର ଶତ୍ରୁଙ୍କୁ ଭେଟିଛନ୍ତି, ଏହା ସହିତ ଏପରି ତତ୍ୱଙ୍କ ସହ ହାତ ମିଳାଇ ସେ ଦେଶ ବିରୋଧରେ କେଉଁ ଷଡ଼ଯନ୍ତ୍ର କରୁଛନ୍ତି ବୋଲି ବିଜେପି ରାହୁଲ ଗାନ୍ଧିଙ୍କୁ ପ୍ରଶ୍ନ କରିଛି।

ବିଜେପି ଜାତୀୟ ମୁଖପାତ୍ର ଗୌରବ ଭାଟିଆ ଦିଲ୍ଲୀରେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ, ରାହୁଲ ଗାନ୍ଧି ଜର୍ମାନ ଯାତ୍ରାରେ ବର୍ଲିନରେ ହର୍ଟି ସ୍କୁଲ ପ୍ରେସିଡେଣ୍ଟ ଏବଂ ପ୍ରଫେସର କର୍ଣ୍ଣେଲିୟା ଭୋଲଙ୍କୁ ଭେଟିଛନ୍ତି। ଗୌରବ ଭାଟିଆ ଏ ନେଇ ରାହୁଲ ଗାନ୍ଧିଙ୍କ ଏକ ଫଟୋ ମଧ୍ୟ ଦେଖାଇଛନ୍ତି। ସେ କହିଛନ୍ତି କଂଗ୍ରେସ ନେତା ଜର୍ମାନରେ ଭାରତ ବିରୋଧୀ ତତ୍ୱଙ୍କୁ ଭେଟିଥିବାର ଏହା ହେଉଛି ପ୍ରମାଣ। ଭାଟିଆ କହିଛନ୍ତି ଯେ ଭୋଲ ସେଣ୍ଟ୍ରାଲ ୟୁରୋପିୟନ ୟୁନିଭର୍ସିଟିର ଟ୍ରଷ୍ଟିଙ୍କ ମଧ୍ୟରୁ ଅନ୍ୟତମ, ଯିଏ ଆମେରିକୀୟ ନିବେଶକ ଜର୍ଜ ସୋରସଙ୍କ ଓପନ ସୋସାଇଟି ଫାଉଣ୍ଡେସନ ଦ୍ୱାରା ଆର୍ଥିକ ଲାଭ ନେଉଛନ୍ତି।

ଭାଟିଆ କହିଛନ୍ତି ଯଦି କେହି ଭାରତ ବିରୋଧୀ ଶକ୍ତିଙ୍କ ସହ ମିଶନ୍ତି ଓ ବିଦେଶମାଟିରେ ଭାରତର ଅପମାନ କରନ୍ତି, ତେବେ ସେ ରାହୁଲ ଗାନ୍ଧିଙ୍କ ବ୍ୟତୀତ ଅନ୍ୟ କେହି ନୁହଁ। ଜର୍ଜ ସୋରସ ଓ ରାହୁଲ ଗାନ୍ଧି ଦୁଇଟି ଶରୀର ଓ ଗୋଟିଏ ଆତ୍ମା। ଏହି ଅବସରରେ ବିଜେପି ମୁଖପାତ୍ର ରାହୁଲ ଗାନ୍ଧି ସଂସଦର ସବୁ ଅଧିବେଶନ ପୂର୍ବରୁ ନଚେତ ପରେ ବିଦେଶ କାହିଁକି ଯାଆନ୍ତି ବୋଲି ପ୍ରଶ୍ନ କରିଛନ୍ତି। ଏହି ଗସ୍ତ କାଳରେ ସେ ବିଦେଶରେ ଭାରତ ବିରୋଧୀଙ୍କୁ ଭେଟନ୍ତି ଯେଉଁମାନେ ଭାରତ ପ୍ରତି ଜଳନ୍ତି ଓ ଭାରତର ଅଖଣ୍ଡତା ଉପରେ ପ୍ରହାର କରନ୍ତି। ଏହା ରାହୁଲଙ୍କ କି ପ୍ରକାରର ବିଦେଶ ନୀତି ବୋଲି ଭାଟିଆ ପ୍ରଶ୍ନ କରିଛନ୍ତି।

## ଇସ୍ରୋର ଏଲଭିଏମ୩-ଏମ୬ ମିଶନର ଉତକ୍ଷେପଣ ତାରିଖ ଚୂଡ଼ାନ୍ତ

ହାଇଦ୍ରାବାଦ: ଭାରତୀୟ ମହାକାଶ ଗବେଷଣା ସଂଗଠନ ଘୋଷଣା କରିଛି ଯେ, ଏହାର ଏଲଭିଏମ୩-ଏମ୬ ମିଶନ୍ ଆସନ୍ତା ଡିସେମ୍ବର ୨୪ରେ ସକାଳ ୮ଟା ୫୪ରେ ଉତକ୍ଷେପଣ କରାଯିବ । ଭାରି-ଉତ୍ତୋଳନ ଯାନ ଶ୍ରୀହରିକୋଟାର ସତୀଶ ଧାୱନ ସ୍ପେସ୍ ସେଣ୍ଟର ରେ ଦ୍ୱିତୀୟ ଲଞ୍ଚ ପ୍ୟାଡରୁ ଉତକ୍ଷେପଣ କରାଯିବ । ଏଲଭିଏମ୩, ଯାହାକୁ ଗଗନଯାନ ଲଞ୍ଚ ହ୍ୱିକଲ ମଧ୍ୟ କୁହାଯାଏ। ଇସ୍ରୋ ର ସବୁଠାରୁ ଶକ୍ତିଶାଳୀ ରକେଟ୍ ଏବଂ ଉଚ୍ଚ ପେଲୋଡ୍ କ୍ଷମତା ସହିତ ମିଶନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହା ବ୍ୟତୀତ, ଇସ୍ରୋ ଘୋଷଣା କରିଛି ଯେ ଜନସାଧାରଣଙ୍କୁ SDSC SHARରେ ଲଞ୍ଚ ଭ୍ୟୁ ଗ୍ୟାଲେରୀରୁ ଲଞ୍ଚକୁ ଲାଇଭ୍ ଦେଖିବାକୁ ଅନୁମତି ଦିଆଯିବ । ଆଗ୍ରହୀ ପରିଦର୍ଶକମାନେ ସରକାରୀ ପୋର୍ଟାଲ https://lvg.shar.gov.in/VSCREGISTRATION/index.jsp ରେ ଅନଲାଇନ୍ ପଞ୍ଜୀକରଣ କରିପାରିବେ । ଭାରତର ସବୁଠାରୁ ଭାରୀ ରକେଟ୍, ଏଲଭିଏମ୩, ଗଗନଯାନ କାର୍ଯ୍ୟକ୍ରମ ପାଇଁ ନିର୍ଦ୍ଦିଷ୍ଟ ଲଞ୍ଚ ହ୍ୱିକଲ ଅଟେ ।

# ଓମାନ ଗସ୍ତ ବେଳେ ପ୍ରଧାନମନ୍ତ୍ରୀଙ୍କ ନୂଆ ଲୁକ୍

ନୂଆଦିଲ୍ଲୀ: ଓମାନ ଗସ୍ତ ବେଳେ ମୋଦୀଙ୍କ ନୂଆ ଲୁକ୍ । ଇୟର ରିଙ୍ଗ୍ ସହ ମୋଦୀଙ୍କ ନୂଆ ଷ୍ଟାଇଲକୁ ନେଇ ଏବେ ସୋସିଆଲ ମିଡିଆରେ ଜୋରଦାର ଚର୍ଚ୍ଚା ଚାଲିଛି । କୁହାଯାଉଛି ଏକ ଭିନ୍ନ ଅନ୍ଦାଜରେ ମୋଦୀ ଓମାନ ଗସ୍ତ କରିଥିଲେ । ଯେତେବେଳେ ପ୍ରଧାନମନ୍ତ୍ରୀ ଓମାନରେ ଓହ୍ଲାଇଥିଲେ ସେତେବେଳେ ତାଙ୍କୁ ପାରମ୍ପରିକ ନୃତ୍ୟ ଗୀତ ସହ ଭବ୍ୟ ସ୍ୱାଗତ କରାଯାଇଥିଲା । ଆଉ ଠିକ୍ ସେତେବେଳେ ହିଁ ମୋଦୀଙ୍କ ନୂଆ ଲୁକ୍ କଥା ସାମ୍ନାକୁ ଆସିଥିଲା । ପ୍ରଧାନମନ୍ତ୍ରୀ ମୋଦୀ କାନରେ ଇୟର ରିଙ୍ଗ ପିନ୍ଧିଥିବା କୁହାଯାଉଥିଲା। ମୋଦୀ ନିଜ



ଡାହାଣ ପଟ କାନରେ ଛୋଟ ଇୟର ରିଙ୍ଗ୍ ପିନ୍ଧିଥିବା ନେଇ ଚର୍ଚ୍ଚା ହେବା ସହ ଏହି ଫଟୋ ମୋଦୀଙ୍କ ନୂଆ ଲୁକ କ୍ୟାପ୍ସନରେ ନିଆଁ ପରି ଭାଇରାଲ ହେଲା ।

**ଇୟର ରିଙ୍ଗ୍ ନା ଆଉ କଣ ?**

ନିଜ ଷ୍ଟାଇଲ ଏବଂ ପୋଷାକ ପାଇଁ ସବୁବେଳେ ବାରି ହେଇପଡୁଥିବା ପ୍ରଧାନମନ୍ତ୍ରୀଙ୍କ କାନରେ ନୂଆ ଷ୍ଟାଇଲ ପ୍ରଶଂସକଙ୍କ ମହଲରେ ଏକ ଚର୍ଚ୍ଚା ସୃଷ୍ଟି କରିଥିବା ବେଳେ ପରେ ଏହା ଇୟର ରିଙ୍ଗ ନୁହେଁ ବୋଲି ଜଣାପଡିଥିଲା । ମୋଦୀ କାନରେ ଇୟର ରିଙ୍ଗ ପିନ୍ଧି ନଥିଲେ ବରଂ ଏହା ଥିଲା ଏକ ରିୟଲ ଟାଇମ୍ ଡିଭାଇସ୍ । ଯାହା ସେ ଓମାନ ଗସ୍ତବେଳେ ପିନ୍ଧିଥିଲେ ଏବଂ ଆରବିକ ଭାଷାକୁ ସହଜରେ ଏବଂ ସରଳରେ ବୁଝିବାକୁ ମୋଦୀ ଏହି ଡିଭାଇସକୁ ନିଜ କାନରେ ଲଗାଇଥିଲେ । ଯାହା ସୋସିଆଲ ମିଡିଆରେ ମୋଦୀ ପିନ୍ଧିଲେ ଇୟର ରିଙ୍ଗ ଆଉ ନମୋଙ୍କ ନୂଆ ଷ୍ଟାଇଲ ନାଁରେ ଭାଇରାଲ ହେଉଥିଲା ।

# ୩ କୋଟିର ବୀମା ଟଙ୍କା ପାଇଁ ବାପାଙ୍କୁ ହତ୍ୟା

ନୂଆଦିଲ୍ଲୀ: ପୁଅ ଜନ୍ମ କରିଥିଲେ, ଶେଷ ସମୟରେ ଯତ୍ନ ନେବେ ବୋଲି ଭାବିଥିଲେ । କିନ୍ତୁ ସେଇ ପୁଅମାନେ ପିଶାଚ ସାଜିଲେ । ବୀମା ଟଙ୍କା ପାଇଁ ବାପାଙ୍କୁ ହତ୍ୟା କରିବାକୁ ପଛାଇଲେନି । ଜନ୍ମ କଲା ବାପାଙ୍କୁ ହତ୍ୟାର ଚାଞ୍ଚଲ୍ୟକର ଘଟଣା ଘଟିଛି ତାମିଲନାଡୁର ଥିରୁଭଲ୍ଲୁର ଜିଲ୍ଲାରେ । ଜଣେ ସରକାରୀ ସ୍କୁଲ ଲ୍ୟାବ ଆସିଷ୍ଟାଣ୍ଟଙ୍କ ସନ୍ଦେହଜନକ ସାପ କାମୁଡ଼ା ମୃତ୍ୟୁ ଏବେ ହତ୍ୟା ବୋଲି ସ୍ପଷ୍ଟ ହୋଇଛି । ବୀମା ଦାବି ପାଇଁ ହୋଇଥିବା ହତ୍ୟା ବୋଲି ପୋଲିସ ତଦନ୍ତରୁ ଜଣାପଡିଛି । ପୋଲିସ ଜାଣିବାକୁ ପାଇଛି ଯେ ପୀଡିତଙ୍କ ପୁଅମାନେ ବୀମା ଟଙ୍କା ଦାବି କରିବା ପାଇଁ ସାପ କାମୁଡ଼ା ଯୋଜନା କରି ତାଙ୍କୁ ହତ୍ୟା କରିଥିଲେ ।

ଅକ୍ଟୋବର ୨୨ରେ, ପୋଥାଟୁରପେଟାଇ ପୋଲିସ ପୋଥାଟୁରପେଟାଇ ଗାଁରେ ଏକ ସାପ କାମୁଡ଼ା ଯୋଗୁଁ ୫୬ ବର୍ଷୀୟ ଇପି ଗଣେଶନଙ୍କ ମୃତ୍ୟୁ ସମ୍ପର୍କରେ ସୂଚନା ପାଇଥିଲା । ପୁଅ ଜି.ମୋହନରାଜ (୨୯)ଙ୍କ ଅଭିଯୋଗ ଆଧାରରେ ଏକ ଅପ ମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରାଯାଇଥିଲା । ପ୍ରାଥମିକ ପର୍ଯ୍ୟାୟରେ ଏହା ସାପ କାମୁଡ଼ା ମୃତ୍ୟୁ ଭାବରେ ଦର୍ଶାଯାଇଥିଲା ବୋଲି ତଦନ୍ତକାରୀ ଅଧିକାରୀ କହିଥିଲେ ।

ତେବେ ବୀମା ରାଶି କ୍ଲେମ୍ ବେଳେ ନୋମିନିଙ୍କ ହାବଭାବରେ ସନ୍ଦେହ କରିଥିଲେ ବୀମା କମ୍ପାନି କର୍ମଚାରୀ । ମୃତକଙ୍କ ପରିବାର ସଦସ୍ୟଙ୍କ ଦ୍ୱାରା କରାଯାଇଥିବା ଦାବିର ସତ୍ୟତା ଉପରେ ସନ୍ଦେହ କରି ବୀମା କମ୍ପାନି ଉତ୍ତର ଜୋନ୍ ପୋଲିସ ମହାନିରୀକ୍ଷକ ଆସ୍ରା ଗର୍ଗଙ୍କ ନିକଟରେ ଅଭିଯୋଗ କରିଥିଲା । ପରିବାର ୩ କୋଟି ପାଇଁ ଦାବି କରିଥିଲା । ଡିଏସପି ସି.ଜୟଶ୍ରୀଙ୍କ ନେତୃତ୍ୱରେ ତିରୁଭଲ୍ଲୁର ଜିଲ୍ଲାର ଦୁଇଜଣ ଇନ୍ସପେକ୍ଟର, ଦୁଇଜଣ ସବ-ଇନ୍ସପେକ୍ଟର ଏବଂ ଅନ୍ୟାନ୍ୟ ପୋଲିସ କର୍ମଚାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ତଦନ୍ତ ଦଳ ଗଠନ କରାଯାଇଥିଲା ।

ଆଇଜି ଗର୍ଗ କହିଛନ୍ତି ଯେ ଯାଞ୍ଚରୁ ଏହା ଜଣାପଡ଼ିଛି ଯେ ପରିବାର ଅନେକ ଋଣ ନେଇଥିଲା । ଏହା ବ୍ୟତୀତ, ପରିବାର ବହୁ ମୂଲ୍ୟର ବୀମା ପଲିସି ମଧ୍ୟ କରିଥିଲା । ପରିବାରର ଜ୍ଞାତ ଆୟ ଉତ୍ସ ସହିତ ତୁଳନାରେ ଅନେକ ଅସମାନତା ଜଣାପଡ଼ିଥିଲା । ବୀମା କଭରେଜ ମୃତ୍ୟୁର ପ୍ରକୃତ କାରଣ ଉପରେ ସନ୍ଦେହ ସୃଷ୍ଟି କରିଥିଲା । ତଦନ୍ତରୁ ଶେଷରେ ଜଣାପଡ଼ିଲା ଯେ ମୃତକଙ୍କ ଦୁଇ ପୁଅ, ମୋହନରାଜ ଏବଂ ହରିହରନ, ବୀମା ଅର୍ଥ ଦାବି କରିବା ଉଦ୍ଦେଶ୍ୟରେ ସେମାନଙ୍କ ପିତାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ ।ପୋଲିସ କହିଛି ଯେ ଏହି ଷଡ଼ଯନ୍ତ୍ରରେ ସେମାନଙ୍କୁ ମାନଭୁରର ଜି.ବାଲାଜୀ, ବି.ପ୍ରଶାନ୍ତ, ଏସ.ଦିନାକରଣ ଏବଂ ଜି. ନବୀନ କୁମାରଙ୍କ ସହ ସହଯୋଗ କରିଥିଲେ । ସେମାନେ ଗୋଟିଏ ନାଗ ସାପ ବ୍ୟବସ୍ଥା କରି ଦୁର୍ଘଟଣାଜନିତ ସାପ କାମୁଡ଼ା ଘଟଣା କରିବାକୁ ଷଡ଼ଯନ୍ତ୍ର କରିଥିଲେ । ତଦନ୍ତ ସମୟରେ ଏହା ମଧ୍ୟ ଜଣାପଡ଼ିଥିଲା ଯେ ପ୍ରାୟ ଗୋଟିଏ ସପ୍ତାହ ପୂର୍ବରୁ ଦିନାକରଣଙ୍କ ମାଧ୍ୟମରେ ଏକ ସାପ ବ୍ୟବସ୍ଥା କରି ହତ୍ୟା ପାଇଁ ଚେଷ୍ଟା କରାଯାଇଥିଲା । ମୃତକଙ୍କ ଗୋଡ଼କୁ କାମୁଡ଼ିବା ପାଇଁ ବ୍ୟବସ୍ଥା କରାଯାଇଥିଲା, କିନ୍ତୁ ଏଥିରେ ତାଙ୍କର ମୃତ୍ୟୁ ହୋଇନଥିଲା ।ଥିରୁଭଲ୍ଲୁର ଏସପି ବିବେକାନନ୍ଦ ଶୁକ୍ଲା କହିଛନ୍ତି ଯେ ତଦନ୍ତରୁ ଜଣାପଡିଛି ଯେ ଘଟଣାର ଦିନ ଏକ କ୍ରେଟ୍ ସାପ ଜାଣିଶୁଣି ଘରକୁ ଆଣି ମୃତକଙ୍କ ବେକରେ କାମୁଡ଼ା ଯାଇଥିଲା । ସାପ କାମୁଡ଼ିବା ପରେ, ବାଲାଜୀ ଏବଂ ପ୍ରଶାନ୍ତ ଘର ଭିତରେ ସାପକୁ ମାରିଥିଲେ । ଏହାପରେ ସାପ କାମୁଡ଼ିବାର ରୂପ ଦିଆଯାଇଥିଲା । ହରିହରନ୍, ମୋହନରାଜ, ବାଲାଜୀ, ପ୍ରଶାନ୍ତ, ନବୀନ କୁମାର ଏବଂ ଦିନାକରନଙ୍କୁ ଗିରଫ କରାଯାଇଛି ।

ଟି-୨୦ ବିଶ୍ୱକପ

# ଭାରତୀୟ ଦଳ ଘୋଷଣା: ସୂର୍ଯ୍ୟ ଧରିବେ ମଙ୍ଗ



## ବାଦ ପଡିଲେ ଗିଲ୍

## ଫେରିଲେ ଈଶାନ

ନୂଆଦିଲ୍ଲୀ,୨୦ । ୧୨(ଏଜେନ୍ସି): ୨୦୨୬ ଟି-୨୦ ବିଶ୍ୱକପ୍ ପାଇଁ ୧୫ ଜଣିଆ ଭାରତୀୟ ଦଳ ଘୋଷଣା ହୋଇଛି । ସୂର୍ଯ୍ୟ କୁମାର ଯାଦବ ଦଳର ନେତୃତ୍ୱ ନେବାକୁ ଥିବା ବେଳେ ଏଥିରେ ସ୍ଥାନ ପାଇ ନାହାନ୍ତି ଭାରତୀୟ ଦିନିକିଆ ଓ ଟେଷ୍ଟ ଅଧିନାୟକ ଶୁବମନ ଗିଲ। ଖରାପ ପ୍ରଦର୍ଶନ ଯୋଗୁ ତାଙ୍କୁ ବାଦ୍ ଦିଆଯାଇଛି। ଅକ୍ଷର ପଟେଲଙ୍କୁ ଦଳର ଉପ-ଅଧିନାୟକ କରାଯାଇଛି। ଟିମ୍‌କୁ




ଫେରିଛନ୍ତି ଈଶାନ କିଶନ ଓ ରିଙ୍କୁ ସିଂହ। ସୟଦ ମୁସ୍ତାକ ଅଲୀ ଟ୍ରଫିରେ ପ୍ରଭାବଶାଳୀ ପ୍ରଦର୍ଶନ ପରେ ସେମାନଙ୍କୁ ୨୦୨୬ ଟି-୨୦ ବିଶ୍ୱକପ୍ ଟିମ୍‌ରେ ସାମିଲ କରାଯାଇଛି। ଈଶାନ କିଶନଙ୍କୁ ଦ୍ୱିତୀୟ ୱିକେଟ୍ କିପର ଭାବେ ସାଞ୍ଜୁ ସାମସନଙ୍କ ସହିତ ଟିମ୍‌ରେ ସାମିଲ କରାଯାଇଛି। ଶେଷଥର ପାଇଁ ଈଶାନ କିଶନ ୨୦୨୩ ନଭେମ୍ବରରେ ଅଷ୍ଟ୍ରେଲିଆ ବିପକ୍ଷରେ ଏକ ଟି-୨୦ ମ୍ୟାଚ୍ ଖେଳିଥିଲେ। ସେହିପରି ୨୦୨୩ଠାରୁ ସେ ଦିନିକିଆ ଓ ଟେଷ୍ଟ ଟିମ୍‌ରେ ବି ସାମିଲ ହୋଇନାହାନ୍ତି। ସୟଦ ମୁସ୍ତାକ ଅଲୀ ଟ୍ରଫିରେ ଈଶାନ ୧୦ଟି ଇନିଂସରୁ ୫୧୭ ରନ୍ କରିବା ପରେ ତାଙ୍କୁ ଟି-୨୦ ବିଶ୍ୱକପ୍ ପାଇଁ ଟିମ୍‌ରେ ନିଆଯାଇଛି। ସୟଦ ମୁସ୍ତାକ ଅଲୀ ଟ୍ରଫି ଫାଇନାଲ ମ୍ୟାଚ୍‌ରେ ସେ ୪୯ଟି ବଲ୍‌ରୁ ୧୦୧ ରନ୍ କରିଥିଲେ। ଫଳରେ ଝାରଖଣ୍ଡ ୬୯ ରନ୍‌ରେ ହରିୟାଣାକୁ ହରାଇ ପ୍ରଥମ ଥର ପାଇଁ ଟାଇଟଲ ହାତେଇ ଥିଲା। ଜିତେଶ ଶର୍ମା ନିରାଶ ହୋଇଛନ୍ତି।୨୦୨୬ ବିଶ୍ୱକପ୍ ପାଇଁ ଘୋଷଣା ହୋଇଥିବା ଟିମ୍‌ରେ ତାଙ୍କ ନାଁ ନାହିଁ। ନିକଟରେ ଶେଷ ହୋଇଥିବା ଦ.ଆଫ୍ରିକା ବିପକ୍ଷ ଟି-୨୦ ସିରିଜ୍‌ରେ କଟକରେ ଖେଳା ଯାଇଥିବା ମ୍ୟାଚ୍‌ରେ ସେ ଅପରାଜିତ ୧୦ ରନ୍ କରିଥିବା ବେଳେ ନ୍ୟୁ ଚଣ୍ଡିଗଡ଼ରେ ୨୭ ରନ୍ କରିଥିଲେ।

ଟି-୨୦ରେ ଶୁବମନ ଗିଲଙ୍କ ପ୍ରଦର୍ଶନ ଭଲ ରହୁ ନଥିବା ଯୋଗୁ ସେ ଚୟନକର୍ତ୍ତାମାନଙ୍କ ଆସ୍ଥାଭାଜନ ହୋଇପାରିନାହାନ୍ତି। ଚଳିତ ବର୍ଷ ତାଙ୍କର ପ୍ରଦର୍ଶନ ପାଇଁ ସେ ସମାଲୋଚିତ ହୋଇଛନ୍ତି। ୧୫ଟି ମ୍ୟାଚ୍‌ରୁ ସେ ୨୪.୨୫ ହାରରେ ମାତ୍ର ୨୯୧ ରନ୍ କରିଛନ୍ତି। ତା' ମଧ୍ୟରେ ଗୋଟିଏ ଅର୍ଦ୍ଧଶତକ ନାହିଁ। ନିକଟରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳା ଯାଇଥିବା ଟି-୨୦ ଶୃଙ୍ଖଳାରେ ୫ଟି ମ୍ୟାଚ୍‌ରୁ ଗିଲ୍ ୩ଟିରେ ଖେଳି ଥିଲେ । ପାଦରେ ଆଘାତ ଯୋଗୁ ଶେଷ ଦୁଇଟି ମ୍ୟାଚ୍‌ରେ ସେ ଟିମ୍‌ରେ ନଥିଲେ। ଖେଳିଥିବା ୩ଟି ମ୍ୟାଚ୍‌ରେ ସେ ୩୨ ରନ୍ କରିଥିଲେ। ଟେଷ୍ଟ ଓ ଦିନିକିଆରେ ଗିଲ୍‌ଙ୍କ ପ୍ରଦର୍ଶନ ଭଲ ଥିବା ବେଳେ ଟି-୨୦ ଫର୍ମାଟରେ ସେ ସଂଘର୍ଷ କରୁଥିବା ଦେଖିବାକୁ ମିଳିଛି। ଟିମ୍‌ରେ ଅଭିଷେକ ଶର୍ମା ଅଛନ୍ତି। ଭାରତ ପାଇଁ ସେ ପ୍ରଥମ ଥର ବିଶ୍ୱକପ୍ ଖେଳିବାକୁ ଯାଉଛନ୍ତି।

୨୦୨୩ରେ ଟି୨୦ ଫର୍ମାଟରେ ଗିଲ ଆନ୍ତର୍ଜାତୀୟ ପଦାର୍ପଣ କରିଥିଲେ । ସେ ଓଭରାଲ ୩୬ ମ୍ୟାଚରେ ୨୮.୦୩ ଆଭରେଜରେ ୮୬୯ ରନ କରିଛନ୍ତି । ଗିଲ ଆକ୍ରମଣାତ୍ମକ ବ୍ୟାଟିଂ ପ୍ରଦର୍ଶନ କରିବା ସହ ଆବଶ୍ୟକ ପଡିଲେ ଡିଫେନ୍ସିଭ ମଧ୍ୟ ଖେଳିବା ଦକ୍ଷତା ରଖିଥାନ୍ତି । ଭାରତୀୟ ଦଳରେ ଏବେ ସମସ୍ତେ ବିସ୍ଫୋରକ ବ୍ୟାଟ୍ସମ୍ୟାନ ରହିଥିବାରୁ ବ୍ୟାଟିଂ ବିପର୍ଯ୍ୟୟ ବେଳେ ଗିଲଙ୍କ ଅଭାବ ପରିଲକ୍ଷିତ ହୋଇପାରେ

ଭାରତତୀୟ ବିଶ୍ୱକପ ଦଳ: ସୂର୍ଯ୍ୟ କୁମାର ଯାଦବ(ଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ (ୱିକେଟ କିପର), ତିଳକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା,ଶିବମ ଦୁବେ, ଅକ୍ଷର ପଟେଲ (ଉପ-ଅଧିନାୟକ), ରିଙ୍କୁ ସିଂହ, ଯଶପ୍ରୀତ ବୁମରା, ଅର୍ଶଦୀପ ସିଂହ, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ, ୱାଶିଂଟନ ସୁନ୍ଦର ଓ ଈଶାନ କିଶନ (ୱିକେଟ କିପର) ।

## ଦଳ ଘୋଷଣା ନେଇ କ'ଣ କହିଲେ ଅଗରକର୍



ଅଗରକର୍ କହିଛନ୍ତି, "ଏହା ସ୍ପଷ୍ଟ ଯେ, ଗିଲ୍ ରନ୍ କରୁନଥିଲେ ଏବଂ ତାଙ୍କୁ ଚୟନ କରାଯାଇ ନଥିବାରୁ ଆମକୁ ଜଣେ ଉପ-ଅଧିନାୟକଙ୍କ ଆବଶ୍ୟକତା ଥିଲା । ଏହା ପୂର୍ବରୁ ଯେତେବେଳେ ଶୁଭମନ ଟି-୨୦ ଖେଳୁନଥିଲେ ଏବଂ ଟି-୨୦ ଟେଷ୍ଟ କ୍ରିକେଟ୍ ସହିତ ସଂଘର୍ଷ କରୁଥିଲେ, ସେତେବେଳେ ଅକ୍ଷର ଉପ-ଅଧିନାୟକ ଥିଲେ । ସ୍ଥିରତା ଦୃଷ୍ଟିରୁ, ମୁଁ ଭାବୁଛି ଆପଣ ବର୍ତ୍ତମାନ କମ୍ବିନେସନକୁ ଦେଖୁଛନ୍ତି ।"

ଯଦି ୱିକେଟ୍ କିପର ଉପରେ ବ୍ୟାଟିଂ କରିବାକୁ ଆସନ୍ତି, ତେବେ ଆମର ଚିନ୍ତାଧାରା ଥିଲା ଯେ ଅନ୍ୟ ଜଣେ କିପର ରହିବ, ଯିଏ ଅସୁବିଧା ସମୟରେ କାମରେ ଆସିପାରିବ । ଏବେ ଜିତେଶ ସେହି ସ୍ଥାନରେ ଥିଲେ । ସେ କିଛି ଭୁଲ କରିନାହାନ୍ତି । ମୁଁ ଭାବୁଛି ଆମେ ସମସ୍ତେ ଜାଣୁ ଯେ ଶୁଭମନ କେତେ ଭଲ ଖେଳାଳି । ହୁଏତ ସେ କିଛି ରନ୍ କମ୍ ସ୍କୋର କରିଛନ୍ତି । ବାଦ ପଡ଼ିବା ଦୁର୍ଭାଗ୍ୟଜନକ । ଗତ ବିଶ୍ୱକପରେ ମଧ୍ୟ ବାଦ୍ ପଡ଼ିଥିଲେ କାରଣ ଭିନ୍ନ ଭିନ୍ନ କମ୍ବିନେସନ ପ୍ରୟାସ କରାଯାଇଥିଲା ।

ଅଗରକର କହିଛନ୍ତି, "ତୁମର ମତାମତ ମୋ ଠାରୁ ଭିନ୍ନ ହୋଇପାରେ । ଯେତେବେଳେ ଖେଳାଳିମାନଙ୍କୁ ଚୟନ କରୁଛୁ, ଅନ୍ୟମାନଙ୍କ ମତାମତ ବିଚାର କରିବା ଟିକେ କଷ୍ଟକର । ଆମେ ଏବେ ବି ଭାବୁଛୁ ଯେ ସେ ଜଣେ ଭଲ ଖେଳାଳି । ଫର୍ମରେ ଉତ୍ଥାନ-ପତନ ଥାଏ । ତେବେ କମ୍ବିନେସନ ସହିତ ଏହାର ଅଧିକ ସମ୍ପର୍କ ଅଛି ।

ଅଗରକର କହିଛନ୍ତି, "ଆମେ ଅନୁଭବ କରିଥିଲୁ ଯେ ଟପ୍ ଅର୍ଡରରେ ଜଣେ କିପର ରହିବା ଦ୍ୱାରା ଦଳର ଅନ୍ୟ ସ୍ଥାନଗୁଡ଼ିକ ମଜଭୁତ ହେବ । ଏହା ଆମକୁ ବିଭିନ୍ନ କମ୍ବିନେସନ ସହିତ ଖେଳିବାର ସୁଯୋଗ ଦେବ । ମୁଁ ଯେପରି କହିଥିଲି, କେବଳ ୧୫ ଜଣ ଖେଳାଳିଙ୍କୁ ଚୟନ କରାଯାଇପାରିବ । କାହାକୁ ବାହାରେ ବସିବାକୁ ପଡିବ । ଏହା ଏଥିପାଇଁ ନୁହେଁ ଯେ ସେମାନେ ଭଲ ଖେଳାଳି ନୁହନ୍ତି । ଏହି କମ୍ବିନେସନକୁ ଟିମ୍ ମ୍ୟାନେଜମେଣ୍ଟ ଦେଖୁଛି । ସୌଭାଗ୍ୟବଶତଃ, ଭାରତୀୟ କ୍ରିକେଟରେ ଆମ ପାଖରେ ଅନେକ ବିକଳ୍ପ ଅଛି ।



## ମୋ ଉପରେ ବିଶ୍ୱାସ ରଖନ୍ତୁ : ସୂର୍ଯ୍ୟ

ଟି-୨୦ ବିଶ୍ୱକପ ପାଇଁ ଭାରତୀୟ ଦଳର ଘୋଷଣା ହୋଇଛି। ସୂର୍ଯ୍ୟକୁମାରଙ୍କ ଅଧିନାୟକ ଦକ୍ଷତା ବଳରେ ଭାରତ କ୍ରମାଗତ ସିରିଜ ବିଜୟ ହାସଲ କରୁଥିଲେ ମଧ୍ୟ ତାଙ୍କ ବ୍ୟାଟିଂ ଫର୍ମ ଚିନ୍ତାର କାରଣ ସାଜିଛି । ଚୟନ କମିଟି ତାଙ୍କ ପ୍ରଦର୍ଶନ ଉପରେ ଭରଷା ରଖି ପୂନର୍ବାର ଅଧିନାୟକ ଦାୟିତ୍ୱ ପ୍ରଦାନ କରିଛି । ଖରାପ ଫର୍ମ ସମ୍ପର୍କରେ ତାଙ୍କୁ ପଚରାଯିବାରୁ ସେ କହିଥିଲେ, ମୋ କ୍ୟାରିୟରରେ ପ୍ରଥମ ଥର ପାଇଁ ମୁଁ ଏ ଭଳି ପ୍ରଦର୍ଶନ କରୁଛି। ପ୍ରତ୍ୟେକ ଖେଳାଳିଙ୍କ ଜୀବନରେ ଏ ଭଳି ଖରାପ ସମୟ ଆସିଥାଏ। ମୁଁ ମୋ ତ୍ରୁଟି ସୁଧାରିବା ପାଇଁ ଯଥାସମ୍ଭବ ଉଦ୍ୟମ କରୁଛି। ଆପଣମାନେ ବିଶ୍ୱାସ ରଖନ୍ତୁ ଖୁବ ଶୀଘ୍ର ମୁଁ ଭଲ ପ୍ରଦର୍ଶନ କରବି । ଖୁବ ଶୀଘ୍ର ଆପଣମାନେ ସୂର୍ଯ୍ୟା ଦି ବ୍ୟାଟରଙ୍କୁ ଦେଖିବେ । ତିଳକ ବର୍ମା ଓ ମୁଁ ୩ ଏବଂ ୪ ନମ୍ବର ସ୍ଥାନରେ ବ୍ୟାଟିଂ କରିବୁ । ଆମେ ପୋଜିଶନ ନେଇ ଆଶ୍ୱସ୍ତ ଅଛୁ । ଏକ ଦକ୍ଷତା ସମ୍ପନ୍ନ ଓ ଶୃଙ୍ଖଳିତ ଦଳ ଚୟନ କରାଯାଇଥିବାରୁ ମନୋବଳ ଆହୁରି ବୃଦ୍ଧି ପାଇଛି । ପୂନର୍ବାର ଚାମ୍ପିଅନ ହେବା ଆମର ମୂଳ ଲକ୍ଷ୍ୟ ବୋଲି ସେ କହିଛନ୍ତି ।

## ଜାନକୀ ପାଢ଼ୀ ମେମୋରିଆଲ ଫୁଟବଲ

## ପାଇକ ତିଗିରିଆ ଚାମ୍ପିଅନ

ବୋଲଗଡ଼, ୨୦/୧୨(ସବ୍ୟୁ) : ୨୪ତମ ଜାନକୀ ପାଢ଼ୀ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ବୋଲଗଡ ଫ୍ରେଣ୍ଡସ କ୍ଲବ ଆନୁକୂଲ୍ୟରେ ତଥା ବୋଲଗଡ଼ ମହୋତ୍ସବର ପ୍ରାକ୍ କାର୍ଯ୍ୟକ୍ରମ ଅଂଶ ବିଶେଷଭାବେ ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଶନିବାର ଫାଇନାଲ ମ୍ୟାଚ୍ ଖୋର୍ଦ୍ଧା ଜିଲ୍ଲାର ପାଇକ ତିଗିରିଆ ଓ ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ଇଟାମାଟିର ଯଦୁମଣି କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା . । ଖେଳର ପ୍ରଥମାର୍ଦ୍ଧରେ ତିଆରିଆ ଦଳ ୨-୦ ଗୋଲରେ ଅଗ୍ରଣୀ ରହିଥିଲା । ୨ୟାର୍ଦ୍ଧରେ ଇଟାମାଟି ଦଳ ଗୋଟିଏଗୋଲ ପରିଶୋଧ କରିଥିଲାବେଳେ ପୁଣି ତିଗିରିଆଦଳ ଆଉ ଗୋଟିଏଗୋଲ ଦେଇ ଦଳକୁ ୩-୧ରେ ଅଗ୍ରଣୀ କରି




ବିଜୟ ଲାଭ କରିଥିଲା । ଚମ୍ପିଆନ ପାଇକ ତିଗିରିଆଦଳକୁ ଆୟୋଜକ ଅନୁଷ୍ଠାନ ପକ୍ଷରୁ ରନିଂକପ ଓ ନଗଦ ପାଞ୍ଚହଜାର ଟଙ୍କା , ରନର୍ସଅପ ଇଟାମାଟି ଯଦୁମଣି କ୍ଲବକୁ ରନିଂକପ୍ ଓ ନଗଦ ତିନି ହଜାର ଟଙ୍କା ମୁଖ୍ୟଅତିଥି ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟତମ ସମ୍ମାନୀୟ ଅତିଥି ଥିଲେ ସମବାୟ ବିତ ଲଲାଟେନ୍ଦୁ କେଶରୀ ସିଂ , ସଂସ୍କୃତିପ୍ରେମୀ ମନୋଜ କୁମାର ପଣ୍ଡା । ଖେଳକୁ ପରିଚାଳନା କରିଥିଲେ ମିର୍ଜା ସିରାଜୁଦ୍ଦିନ ବେଗ୍, ଚିତ୍ତରଞ୍ଜନ ପରିଡ଼ା , ସଞ୍ଜୟ ଫତେସିଂ , ବୈକୁଣ୍ଠ ମହାପାତ୍ର, ଫ୍ରେଣ୍ଡ୍ସ୍ କ୍ଲବର ସଭାପତି ଭଞ୍ଜ କିଶୋରଯତି , ଅଶ୍ୱିନି ପଟ୍ଟନାୟକ , ଜିତେନ୍ଦ୍ରମାର୍ଥା, ବୀରଦାସ ପ୍ରମୁଖ ଏହି ଟୁର୍ଣ୍ଣାମେଣ୍ଟକୁ ସଫଳତାର ସହ ଆୟୋଜନ କରିଥିଲେ। ଏହି ଅବସରରେ ଦିଶାଟ୍ରେଡ଼ର୍ସ ପକ୍ଷରୁ ଲଟେରୀ ଉଠାଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

### ପାଲଲହଡା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୨୦୨୫

## ଫାଇନାଲରେ ଜୁଭେନାଇଲ କଟକ, କେନ୍ଦୁଝର ଫେମସ କ୍ଲବ

ପାଲଲହଡା, (ସବ୍ୟୁ) : ଗତ ପନ୍ଦର ତାରିଖଠାରୁ ପାଲଲହଡା ଷ୍ଟାଡିଅମରେ ସ୍ଥାନୀୟ କବସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଛବିଶ ତମ ରାଜ୍ୟସ୍ତରୀୟ ପାଲଲହଡା କପ କ୍ରିକେଟ ଟୁର୍ନାମେଣ୍ଟର ଆସନ୍ତାକାଲି ଫାଇନାଲ ମ୍ୟାଚ କେନ୍ଦୁଝର ଫେମସ କ୍ଲବ ଓ କଟକ ଜୁଭେନାଇଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବା ସୁନିଶ୍ଚିତ ହୋଇଯାଇଛି ।

ପାଲଲହଡାକପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜି ପୁଲ ବି ର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ କଟକ ଜୁବେନାଇଲ ବନାମ ଢେଙ୍କାନାଳ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଢେଙ୍କାନାଳ ଏକାଦଶ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତି ନେଇ ନିର୍ଦ୍ଧାରିତ ୨୫ ଓଭରରେ ସମସ୍ତ ଉଇକେଟ ହରାଇ ୧୪୯ ରନ ସଂଗ୍ରହ କରିବାକୁ ସମର୍ଥ ହୋଇଥିଲା ବେଳେ ତାର ଜବାବରେ କଟକ ଜୁଭେନାଇଲ କ୍ଲବ ୫ ଉଇକେଟ ହରେଇ ୧୯ ଓଭର ୪ ବଲରେ ଆବଶ୍ୟକୀୟ ରନ ସଂଗ୍ରହ କରି ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ଫାଇନାଲକୁ ପ୍ରବେଶ କରିଛି । ଆଜିର ଖେଳରେ କଟକ ଜୁବେନାଇଲ କ୍ଲବର ଶାଶ୍ୱତ ମହାନ୍ତି ୪୨ ଟି ବଲରେ ୭୪ ରନକରି ଦ୍ୱିତୀୟ ସେମି ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଛନ୍ତି । ଆଜିର ଖେଳକୁ ପରିଚାଳନା କରିଥିଲେ ରଂଜିତ କୁମାର ସାମଲ ଓ ଅଭିଷେକ ସାହୁ । ସ୍କୋରର ଭାବରେ ଶିବପ୍ରସାଦ ସାମଲ ଓ ରାକେଶ ସାମଲ ଥିବା ବେଳେ ଆଜିର ଖେଳର ଧାରବିବରଣୀ ପ୍ରଦାନ କରିଥିଲେ ଅଭୟ କୁମାର ନାଏକ ଓ ସଂଜୟ କୁମାର ସାହୁ । ଆଜି ମ୍ୟାଚର ମୁଖ୍ୟ ଅତିଥିଭାବେ ଭାବେ ମାନସ ରଞ୍ଜନ ଦାଶ ଏବଂ ସତନ୍ତ୍ର ଅତିଥିଭାବେ ଆଇଡିବିଆ ବ୍ୟାଙ୍କ ଖେମଲା ଶାଖାର ଶାଖା ପରିଚାଳକ ପ୍ରୀତିରଞ୍ଜନ ସେଠି ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ଶ୍ରେଷ୍ଠ ଖେଳାଳି ପୁରସ୍କର ବିତରଣ କରିଥିଲେ । ଜୁଭେନାଇଲ କଟକ ବନାମ ଫେମସ କ୍ଲବ କେନ୍ଦୁଝର ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି ।

## ନୀଳଗିରି କ୍ରିକେଟ ଲିଗ୍ ସିଜନ-୫ର ଚତୁର୍ଥ ଦିବସ

ନୀଳଗିରି,୨୦/୧୨(ସବ୍ୟୁ): ନୀଳଗିରି କ୍ରିକେଟ ଲିଗ୍ ସିଜନ -୫ର ଚତୁର୍ଥ ଦିବସ କେସି ହାଇସ୍କୁଲ କ୍ରିକେଟ ଗ୍ରାଉଣ୍ଡ ଆରମ୍ଭ ହୋଇଥିବା ବେଳେ ଚତୁର୍ଥ ଦିବସର ମ୍ୟାଚକୁ ଯୁବ ସମାଜ ସେବୀ ତପନ କୁମାର ରାଉତ ଏବଂ ସୀମା ସୁରକ୍ଷାବଳର ଅବସରପ୍ରାପ୍ତ ଇନ୍ସପେକଟର ଯୋଗେଶ୍ୱର ବେହେରା ଫିତାକାଟି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ପ୍ରଥମ ମ୍ୟାଚ ଓମ୍ ସାଇ ଷ୍ଟାର ପାୱାର ଏବଂ ମହାବୀରୟୁନାଇଟେଡ୍ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଓମ୍‌ସାଇ ପ୍ରଥମେ ବ୍ୟାଟିଂ କରି ୧୧.୧ ଓଭରରେ ସମସ୍ତ ଓ୍ୱିକେଟ ହରାଇ ୮୩ରନ୍ ସଂଗ୍ରହ କରିଥିଲା ଯବାବରେ ମହାମୀରୟୁନାଇଟେଡ୍ ୨ ଓ୍ୱିକେଟ ବିନିମୟରେ ମ୍ୟାଚକୁ ସହଜରେ ଜିତି ନେଇଥିଲା । ମହାବୀରୟୁନାଇଟେଡର ସତ୍ୟନାରାୟଣ ମଲ୍ଲିକ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ । ଏହି ମ୍ୟାଚରେ ନୀଳଗିରି ଏନ୍‌ଏସିର ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ଅନୁରୂପ ଭାବେ ଦ୍ୱିତୀୟାର୍ଦ୍ଧ ମ୍ୟାଚ ୫ଏସ୍ ଫାଇଟର ଏବଂ ମୁକ୍ତି -୧୧ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଫାଇଟର ଦଳ ୧୨ ଓଭରରେ ୭ ୱିକେଟ ବିନିମୟରେ ୯୭ ରନ୍ ସଂଗ୍ରହ କରିଥିଲା ଜବାବରେ ମୁକ୍ତି -୧୧ ୯.୩ ଓଭରରେ ୩ଟି ୱିକେଟ ହରାଇ ନିର୍ଦ୍ଧାରିତ ରନ୍ ସଂଗ୍ରହ କରି ବିଜୟୀ ଲାଭ କରିଥିବା ବେଳେ । କାହ୍ନା ସିଂ ମେନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ ।

## ସାଇକ୍ଲିଂ ଜାତୀୟ କ୍ରୀଡ଼ାରେ ଏସଓବି-ଓଡିଶାର ସଫଳତା

ବୋକାରୋ, ୨୦୧୨ (ସବ୍ୟୁ) : ଝାରଖଣ୍ଡର ବୋକାରୋ ଷ୍ଟିଲ୍ ସିଟି ଠାରେ ଏଇ ମାସ ୧୬ ତାରିଖରୁ ଆରମ୍ଭ ହୋଇଥିବା ସ୍ପେସିଆଲ ଅଲିମ୍ପିକ୍ ଭାରତ ଜାତୀୟ ସାଇକେଲ ଚାଳନା ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିଯୋଗୀ ମାନେ ଖୁବ ସଫଳ ହୋଇ ଦୁଇଟି ସ୍ୱର୍ଣ୍ଣ, ତିନିଟି ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ହାସଲ କରି ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ରାମ ବରିହା ସିନିୟର୍ ବର୍ଗ ରେ ୨ କିମି ଓ ୫ କିମି ରୋଡ ରେସରେ ଭାଗ ନେଇ ଉଭୟରେ ସ୍ୱର୍ଣ୍ଣ ପଦକ କରାୟତ୍ତ କରିଛନ୍ତି । ସୀମା ପଟେଲ ଜୁନିଅର ବର୍ଗ ୧କିମି ରୋଡ୍ ରେସ୍ରେ ରୌପ୍ୟ, ଦୁର୍ଗା ସିଂହ ୨କିମି ରୋଡ୍ ରେସ୍ରେ କାଂସ୍ୟ, ସଗୁପ୍ତା ସହିନ ୧ କିମି ରୋଡ ରେସରେ ରୌପ୍ୟ ଓ ମାଧବ ମିଶ୍ର ୧ କିମି ରୋଡ ରେସ ରେ ରୌପ୍ୟ ପଦକ ହାସଲ କରିଛନ୍ତି। ସେମାନଙ୍କ ବ୍ୟତିତ ସିଦ୍ଧାର୍ଥ ମହାନ୍ତି ୨କିମି ରୋଡ୍ ରେସ୍ ରେ ୫ମ ଏବଂ ୧୦ କିମି ରୋଡ୍ ରେସ୍ ରେ ୪ର୍ଥ ସ୍ଥାନ ହାସଲ କରିଛନ୍ତି, ଦେବାଶିଷ ୫କିମିରେ ୫ମ, ଶୁଭଶ୍ରୀ ମଧ୍ୟ ୫ମ ସ୍ଥାନ ହାସଲ କରିଛନ୍ତି ଓ ଅମନ ପଟେଲ ୫୦୦ ମିଟର ଏବଂ ୧କିମି ଉଭୟରେ ଯଥାକ୍ରମେ ୬ଷ୍ଠ ଓ ୪ମ ଓ ଆଶୁତୋଷ ୧ କିମି ରୋଡ୍ ରେସରେ ୭ମ ସ୍ଥାନ ଅଧିକାର କରିଛନ୍ତି। ପ୍ରତିଯୋଗୀ ଏବଂ ପ୍ରଶିକ୍ଷକଙ୍କୁ ମିଶାଇ ଓଡ଼ିଶାର ୧୬ ଜଣିଆ ଦଳ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ମହିଳା ଦଳରେ ମମତା ମହାନ୍ତି ଓ ପ୍ରଭାତୀ ସାହୁ ପ୍ରଶିକ୍ଷକ ଥିଲେ ଓ ପୁରୁଷ ଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇ ଥିଲେ ଉମାକାନ୍ତ ଷଡ଼ଙ୍ଗୀ, ପାର୍ଥ ସାରଥୀ ମହାନ୍ତି ଓ ବୀରେନ ଜେନା। ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ରାଜ୍ୟ ସରକାରଙ୍କ କ୍ରୀଡା ବିଭାଗ ସମସ୍ତ ପ୍ରକାର ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ। ଏସଓବି ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରକାଶ ରଥ, ଅଧକ୍ଷା ସୁନିତା ମୁଣ୍ଡ, କ୍ରୀଡ଼ା ନିର୍ଦ୍ଦେଶକ ସସ୍ମିତା ମହାପାତ୍ର, ରାଜ୍ୟ କାର୍ଯ୍ୟକ୍ରମ ସଂଯୋଜକ ଅର୍ପିତା ମହାପାତ୍ର ଓ ଅନ୍ୟ ସମସ୍ତ ବୋର୍ଡ଼ ସଦସ୍ୟ ଉଭୟ ଦଳଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

### ସର୍ବଭାରତୀୟ ଗଣ୍ଡରପୁର ଫୁଟବଲ ଟୁର୍ଣ୍ଣାମେଣ୍ଟ

## ବାରଙ୍ଗ ବାୟାର- ତାଣ୍ଡି କଣା ଫାଇନାଲ



ବାରଙ୍ଗ, ୨୦।୧୨(ସବ୍ୟୁ) : ରାଜଧାନୀ ଉପକଣ୍ଠ ଗଣ୍ଡରପୁର ମିନି ଷ୍ଟାଡିୟମରେ ଚାଲିଥିବା ୨୩ତମ ସର୍ବ ଭାରତୀୟ ଗଣ୍ଡରପୁର ଫୁଟବଲ ଟୁର୍ଣ୍ଣାମେଣ୍ଟର ୭ମଦିବସ ସେମିଫାଇନାଲ ମ୍ୟାଚ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିନିମନ୍ତେ ଗ୍ରାମାଞ୍ଚଳର ପ୍ରଥମ ସେମିଫାଇନାଲ ମ୍ୟାଚ ବରଙ୍ଗ ବାୟାର ୬/୪ଟାଇବ୍ରେକରରେ ଜୟଦୁର୍ଗା କ୍ଲବ ଆମଣକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଏଥିରେ ସୁଜିତ୍ କୁମାର ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ କୃଷକବନ୍ଧୁ କ୍ଲବ୍ ତାଣ୍ଡିକଣା ୨/୦ ଗୋଲରେ କଟକ ସିଆରଆରଆଇକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ତୃତୀୟସେମି ଫାଇନାଲମ୍ୟାଚ ମା ମଙ୍ଗଳା କ୍ଲବ ଗୋଠପୁର ୧/୦ଗୋଲରେ ଜୟ ଜଗନ୍ନାଥ କ୍ଲବ୍ ମୁଣ୍ଡୁମାଣକୁ ହରାଇ ଫାଇନାଲରେ ପ୍ରବେଶ କରିଛି ।ଅନ୍ତର୍ଯ୍ୟାମୀ ନାୟକ ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ। ଚତୁର୍ଥ ସେମି ଫାଇନାଲମ୍ୟାଚ ପ୍ରତାପନଗରୀ ପ୍ରତାପ କ୍ଲବ୍ ୧/୦ଗୋଲରେ ସ୍ୱର୍ଣ୍ଣଦେବୀ କ୍ଲବ୍ ବାଉଳକୁଦକୁ ହରାଇ ଫାଇନାଲରେ ପ୍ରବେଶ କରିଛି ।ଏଥିରେ ନକୁଳ ରାଉତ ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ।

## ଗୁରଜୋତ ସିଂହ, ରାୟଜା ଧୀଲନଙ୍କୁ ଜାତୀୟ ସୁଟିଂରେ ସ୍ୱର୍ଣ୍ଣ

ନୂଆଦିଲ୍ଲୀ : ନୂଆଦିଲ୍ଲୀର ଡକ୍ଟର କର୍ଣ୍ଣି ସିଂ ସୁଟିଂ ରେଞ୍ଜରେ ଅନୁଷ୍ଠିତ ୬୮ତମ ଜାତୀୟ ସୁଟିଂ ସଟଗନ୍ ଚାମ୍ପିଅନସିପରେ ଜିନ୍ଦଲ ଷ୍ଟିଲ୍ ପ୍ରୋତ୍ସାହିତ ଖେଳାଳିମାନେ ଏକାଧିକ ପଦକ ବିଜୟୀ ହୋଇ ଐତିହାସିକ ସଫଳତା ଅର୍ଜନ କରିଛନ୍ତି । ଭିନ୍ନ ଭିନ୍ନ ବର୍ଗରେ ଗୁରଜୋତ ସିଂ ଖାଙ୍ଗୁରା ଓ ରାୟଜା ଧୀଲନଙ୍କୁ ସ୍ୱର୍ଣ୍ଣ ପଦକ ମିଳିଥିବା ବେଳେ, ମିରାଜ ଅହମ୍ମଦ ଖାନଙ୍କୁ

ଉଦୀୟମାନ ତାରକା ରାୟଜା ଧୀଲନ୍ ମହିଳା ବର୍ଗ ସ୍କିଟ୍ ସୁଟିଂରେ ସର୍ବୋତ୍ତମ ପ୍ରଦର୍ଶନକାରୀ ଭାବରେ ଉଭା ହୋଇଥିଲେ। ଧୀଲନ୍ ଉଭୟ ମହିଳା ଏବଂ ଜୁନିଅର ମହିଳା ସ୍କିଟ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ଅସାଧାରଣ ଦକ୍ଷତା ପ୍ରଦର୍ଶନ କରିଥିଲେ। ଦୁଇଟି ସ୍ୱର୍ଣ୍ଣ ପଦକ ଜିତି ସେ ଅନ୍ୟତମ ଯୁବ ପ୍ରତିଭା ଭାବରେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି ।

ଜଣେ ଅଭିଜ୍ଞ ଚାମ୍ପିଅନଙ୍କ



ଦୁଇଟି ରୌପ୍ୟ ପଦକ ମିଳିଛି।

ଏକ ରୋମାଞ୍ଚକର ପ୍ରଦର୍ଶନରେ, ଗୁରଜୋତ ସିଂହ ଖଙ୍ଗୁରା ପୁରୁଷ ସ୍କିଟ୍ ଇଭେଣ୍ଟରେ ୨୦୨୫ ଜାତୀୟ ଚାମ୍ପିଅନ୍ ଟାଇଟଲ ହାସଲ କରିଥିଲେ। ଏକ ନମ୍ବର ରାଙ୍କ ସହିତ ଖଙ୍ଗୁରା ଫାଇନାଲରେ ଉଚ୍ଚକୋଟିର ପ୍ରଦର୍ଶନ କରିଥିଲେ, ଯେଉଁଥିରେ ଅଭିଜ୍ଞ ଅଲିମ୍ପିଆନ୍ ମାନେ ମଧ୍ୟ ଭାଗ ନେଇଥିଲେ । ଶୃଙ୍ଖଳାକୁ ପ୍ରତିଫଳିତ କରି, ଅଲିମ୍ପିଆନ ମିରାଜ ଅହମ୍ମଦ ଖାନ ଚାମ୍ପିଅନସିପରେ ଦୁଇଟି ରୌପ୍ୟ ପଦକ ହାସଲ କରିଥିଲେ। ସର୍ବୋଚ୍ଚ ସ୍ତରରେ ତାଙ୍କର ସ୍ଥିର ପ୍ରଦର୍ଶନ ପରବର୍ତ୍ତୀ ପିଢ଼ିର ଶୁଟରମାନଙ୍କୁ ପ୍ରେରଣା ଯୋଗାଇ ଆସୁଛି, ଏବଂ ଜିନ୍ଦଲ ଷ୍ଟିଲ୍ ତାଙ୍କ ଏହି ଯାତ୍ରାରେ ଦୀର୍ଘ କାଳୀନ ପ୍ରୋତ୍ସାହନ ଜାରି ରଖି ଗର୍ବିତ।

ସୂଚନା

ସମୟ
BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି